## FOR SALE.

For the year 1905-06 about 10 to 12 thousand maunds Sabai or Ponasi grass of good quality in the Angul Reserved Forests, Orissa, within easy distance of the river Mahanady. Offers invited.

Address:—Forest Officer, Angul, Orissa.
9-11-05.

### ବିଜ୍ଞାପନ

ଦୁଇଜଣ ସ୍ଥାନର ଉପଯୁକ୍ତ କାର୍ଯ୍ୟ ନିମନ୍ତେ ଯୋଗ୍ୟତାନୁସାରେ ମାସିକ ଦରମା ଟ ୧୦ ଙ୍କା ଠାରୁ ଅଧିକ ଟ ୧୫ ଙ୍କା ବେତନରେ ଜ ୨ ଣ ଅମିନ ଆବଶ୍ୟକ । ଯେଉଁମାନେ ଗତ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଇଲାକାରେ ଯୋଗ୍ୟତା ସହିତ ସେଟେଲମେଣ୍ଟିକ୍ କମ୍ପାସ ଓ ପ୍ଲାନଟେବୁଲଦ୍ୱାରା କାର୍ଯ୍ୟ କରିଥିବେ ଓ ସେମାନେ ନିଜ ୨ ପ୍ରଶଂସାପତ୍ର ସହିତ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ଚଳିତ ଡିସେମ୍ବର ମାସ ତା ୨୫ ରିଖ ମଧ୍ୟରେ ଆପଣା ୨ ଆବେଦନପତ୍ର ପଠାଇବେ ।

Ram Lall Bagchi
ପୋ: ଅ: [illegible]
୧୦।୧୧।୦୫
ଶ୍ରୀ ରାମଲାଲ ବାଗଚି
ମ୍ୟାନେଜର

### ବାଲ୍ମୀକି ରାମାୟଣ-ସାତକାଣ୍ଡ ।

ସ୍ୱର୍ଗୀୟ ରାଜା ବୈଦ୍ୟନାଥ ପଣ୍ଡିତ ବାହାଦୁରଙ୍କ ଜ୍ୟେଷ୍ଠା କନ୍ୟା ଶ୍ରୀମତୀ— ଗୁଣ୍ଡିଚାଙ୍କଦ୍ୱାରା ଅନୁବାଦିତ ଓଡ଼ିଆ ପଦ୍ୟରେ ରଚିତ । ବର୍ତ୍ତମାନ ଅଯୋଧ୍ୟାକାଣ୍ଡ ଛପା ହେଉଅଛି । ଯେଉଁ ବ୍ୟକ୍ତି ନିମ୍ନ ଟିକଣାରେ ବର୍ତ୍ତମାନ ଟ ୨୧ ଙ୍କା ଅଗାମୀ ପଠାଇ ଗ୍ରାହକ ଶ୍ରେଣୀଭୁକ୍ତ ହେବେ । ଗ୍ରନ୍ଥ ଛପା ଶେଷ ହେଲେ ସମୁଦାୟ ଗ୍ରନ୍ଥର ଯେ ମୂଲ୍ୟ ସ୍ଥିର ହେବ ତହିଁରୁ (ଏହି ଅଗ୍ରିମ ଅଂଶ) କମ ମୂଲ୍ୟରେ ସେ ବ୍ୟକ୍ତି ସମୁଦାୟ ରାମାୟଣ ପାଇ ପାରିବେ । ଇତି ।

[illegible] କଟକ
୫।୧୧।୦୫
ପଣ୍ଡିତ ରାଜନାରାୟଣ ସ୍ୱର୍ଣ୍ଣ


# ଉତ୍କଳଦୀପିକା ।

ଗତ କଲିକତା ଗେଜେଟରେ ପ୍ରକାଶିତ ନୋଟିଫିକେସନରୁ ପ୍ରକାଶ ଯେ ଆମ୍ଭମାନଙ୍କର ନୂତନ ରାଜପ୍ରତିନିଧି ଲର୍ଡମିଣ୍ଟୋ ଗତ ତା ୧୩ ରିଖରେ ଅଡ଼େନରେ ପହୁଞ୍ଚିଥିବାର କଥା ଥିଲା ଓ ବୋମ୍ବାଇରେ ଗତ କାଲି ତା ୧୭ ରିଖ ଶୁକ୍ରବାର ପହୁଞ୍ଚି ଭାରତର ଶାସନ କର୍ତ୍ତା ଓ ପ୍ରତିନିଧି ଭାର ଗ୍ରହଣ କରିଥିବେ ।

ସିଭିଲ ସର୍ଭିସର ଶେଷ ପରୀକ୍ଷାରେ ବାବୁ ଗୁରୁସଦୟ ଦତ୍ତ ପ୍ରଥମ ସ୍ଥାନ ଅଧିକାର କରିଥିବା ସମ୍ବାଦ ଟେଲିଗ୍ରାମ ସମ୍ବାଦ ପତ୍ରିକାରେ ପ୍ରକାଶିତ ହୋଇଅଛି । ବାବୁ ଇନ୍ଦୁଭୂଷଣ ମଣ୍ଡଳ ବିଂଶ ସ୍ଥାନ ଅଧିକାର କରିଅଛନ୍ତି, ମାତ୍ର ଘୋଟକାରୋହଣ ପରୀକ୍ଷାରେ ଫେଲ ହୋଇଥିବାରୁ ଅନ୍ୟ ଏକଥର ଉକ୍ତ ପରୀକ୍ଷା ଦେବାର ଅନୁମତି ପାଇଅଛନ୍ତି । ବଙ୍ଗାଳୀ ବୁଦ୍ଧିଶାଳୀ ଓ ଅନ୍ୟାନ୍ୟ ଜାତି ସହିତ ପ୍ରତିଯୋଗିତାରେ ସମକକ୍ଷ ଓ ସମୟ୨ରେ ଅଧିକତର ବୁଦ୍ଧିମାନର ପରିଚୟ ମିଳଇ ।

ବନ୍ଦେମାତରଂ ଶବ୍ଦ କେବଳ ସହରରେ ଅବସ୍ଥାନ ନ କରି ମୋଫସଲରେ ଉପସ୍ଥିତ ହେବାରୁ ଲର୍ଡକର୍ଜନଙ୍କ ଶାସନ ସୀମାନ୍ତର୍ଗତ ସ୍ଥାନ ମଧ୍ୟରେ ବିରୋଧୀ ସର୍କ୍ୟୁଲର ଜାରି ହେବାରେ ବିଲମ୍ବ ନାହିଁ । ଲେଫ୍ଟେନାଣ୍ଟ ଫ୍ରେଜରଙ୍କ ଚିଫସେକ୍ରେଟେରୀ ମିଃ କାର୍ଲାଇଲ ଯେପରି ବାଳକମାନଙ୍କ ବିରୁଦ୍ଧେ ଜାରି କରି ସୁନାମ ଧନ୍ୟ କରିଅଛନ୍ତି ସେହିପରି ପୂର୍ବ ବଙ୍ଗ ଓ ଆସାମ ପ୍ରଦେଶର ଲେଫ୍ଟେନାଣ୍ଟ ମିଃ ଫୁଲରଙ୍କ ଚିଫସେକ୍ରେଟେରୀ ମିଃ ଲିଅନ ମଧ୍ୟ ତଦନୁରୂପ ସର୍କ୍ୟୁଲର ଜାରି କରିଅଛନ୍ତି ।

ଆମ୍ଭମାନଙ୍କର ନୂତନ କମିଶନର ଶ୍ରୀଯୁକ୍ତ [illegible] ଗତ ରବିବାର ସନ୍ଧ୍ୟା ମେଲ ଗାଡ଼ିରେ [illegible] ଗମନ କରିଅଛନ୍ତି ସେଠାରୁ [illegible], କେନ୍ଦୁଝର ଓ ପାଲଲହଡ଼ା ଗମନ କରିବେ । ପାଲଲହଡ଼ାରୁ କେଉଁ ଦିଗକୁ ଗମନ କରିବେ ଜଣା ଯାଇ ନାହିଁ । ଗଡ଼ଜାତର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମଚନ୍ଦ୍ର ନାୟକ କେନ୍ଦୁଝରଠାରେ ସାହେବ ମହୋଦୟଙ୍କୁ ଭେଟିବେ । ବାବୁ ମହୋଦୟ ଗତ କାଲି ଏ ନଗରରୁ ଯାତ୍ରା କରିଅଛନ୍ତି ।

ଏଠା ସରକାରୀ ଉକିଲ ରାୟ ହରିବଲ୍ଲଭ ବସୁଙ୍କ ମୃତ୍ୟୁ ହୋଇଥିବା ହେତୁ ଗତ ସୋମବାର ଦିନ ଏଠାର ସମସ୍ତ ଉକିଲମାନେ ଜଜ ସାହେବ ଓ ସବଜଜ ଏବଂ ମୁନସଫମାନଙ୍କୁ ଜଣାଇ ତାଙ୍କର ଆଦ୍ୟଶ୍ରାଦ୍ଧ ଦିନରେ କୌଣସି ମାମଲା ମୋକଦ୍ଦମା ନ କରି ଜରୁରୀ କାର୍ଯ୍ୟ ଥିଲେ କଚେରୀ ବନ୍ଦ କରିବା କାରଣ ଜଣାଇଁବାରୁ ଜଜସାହେବ ପ୍ରଭୃତି ହାକିମମାନେ ଗତ ମଙ୍ଗଳବାର ଦିନ ଦଶଘଣ୍ଟା ଇତ୍ୟାଦି କେଳ କୌଣସି ମାମଲା ନ କରି କଚେରୀ ବନ୍ଦ କରିଥିଲେ । ମୃତମହାତ୍ମାଙ୍କର ଆଦ୍ୟ ଶ୍ରାଦ୍ଧ କଲିକତାଠାରେ ହୋଇଅଛି ।

ବଙ୍ଗ ପ୍ରଦେଶରେ ଇନକମ ଟିକସର ଆୟ ସନ ୧୯୦୨ । ୦୩ ସାଲରେ ଟ ୫୮,୭୨,୭୮୭୯ ଙ୍କା ସନ ୧୯୦୩ । ୦୪ ସାଲରେ ଟ ୪୯,୭୯, ୮୨୩୯ଙ୍କା ଏବଂ ସନ ୧୯୦୪ । ୦୫ ସାଲରେ ଟ ୫୦,୩୭,୫୨୭୯ଙ୍କା ହୋଇଥିଲା । ସନ ୧୯୦୩ । ୦୪ ସାଲର ଆରମ୍ଭରୁ ବାର୍ଷିକ ଏକହଜାର ଟଙ୍କାର ନ୍ୟୂନ ଆୟ ଛାଡ଼ି ଯିବା ହେତୁ ସନ ୧୯୦୩ । ୦୪ ସାଲର ଆୟ ତହିଁ ପୂର୍ବବର୍ଷର ଆୟ ଅପେକ୍ଷା ଊଣା ପଡ଼ିଥିଲା ଏବଂ ତହିଁ ପର ବର୍ଷ ଅର୍ଥାତ୍ ସନ ୧୯୦୪ । ୦୫ ସାଲରେ ଯେ ଆୟ ବୃଦ୍ଧି ହୋଇଅଛି ରେଭିନ୍ୟୁ ବୋର୍ଡଙ୍କ ବିବେଚନାରେ ଅଧିକ ସାବଧାନ ସହ ଅନୁସନ୍ଧାନ, କାରବାର ସୁବିଧାଦ୍ୱାରା ବାଣିଜ୍ୟର ଅଧିକ ଉନ୍ନତି ଏବଂ ସମ୍ପଦ ବୃଦ୍ଧି ଦ୍ୱାରା ତାହା ଘଟିଅଛି ଯେଉଁମାନଙ୍କର ବାର୍ଷିକ ଆୟ ଟ ୫୦୦୯ଙ୍କାରୁ ଟ ୧୨୫୦୯ ଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଅଛି ସେହିମାନଙ୍କ ସଂଖ୍ୟାରେ ଅଧିକ ବୃଦ୍ଧି ଦେଖି ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସନ୍ଦେହ କରିଥିଲେ କି ଛାଡ଼ ପାଇବା ଯୋଗ୍ୟ ବ୍ୟକ୍ତିଙ୍କୁ ଟିକସରୁ ମୁକ୍ତି ଦେବାରେ ତ୍ରୁଟି ହୋଇଅଛି । ଏଥିକୁ ବୋର୍ଡ଼ ବୁଝାଇ ଦେଇଅଛନ୍ତି କି କେତେକ ସ୍ଥଳରେ ଆସେସରମାନେ ଟିକସ ବଢ଼ାଇବାରେ ଅତ୍ୟନ୍ତ ବ୍ୟଗ୍ରତା ଦେଖାଇଥିଲେହେଁ ଅଧିକାଂଶ ସ୍ଥଳରେ ଅଧିକ ସାବଧାନ ସହିତ ଅନୁସନ୍ଧାନ କରି ଛାଡ଼ ଦେବାରେ ସେପରି ଘଟିଅଛି । ଅବଶ୍ୟ ଏହି କୈଫିୟତରେ ଗବର୍ଣ୍ଣମେଣ୍ଟ ସନ୍ତୁଷ୍ଟ ହୋଇଅଛନ୍ତି । ମାତ୍ର ଆସେସରଙ୍କର ଅନ୍ୟାୟ ବନ୍ଦୋବସ୍ତ ହେତୁ କେତେ ଲୋକ କଷ୍ଟ ପାଉଅଛନ୍ତି ତାହା ଜନସାଧାରଣଙ୍କୁ ଜଣା । ଯେଉଁଠାରେ ଟିକସ ନେବାବାଲାମାନେ ବନ୍ଦୋବସ୍ତର କର୍ତ୍ତା ସେଠାରେ ନ୍ୟାୟ ବିଚାରର ଆଶା କରିବା ବିଡ଼ମ୍ବନା ।

ଗତ ପୁଲିସ ରିପୋର୍ଟର ସମାଲୋଚନାରେ ମାନ୍ୟବର ବଙ୍ଗେଶ୍ୱର କହିଅଛନ୍ତି କି ଚୌକିଦାରଙ୍କ ସଂଖ୍ୟା ଊଣା କରିବା କାରଣ ଗତ ଦୁଇବର୍ଷ ହେଲା ପୁନଃ ୨ ତାଗିଦ ହେଉଥିଲେହେଁ ଗତବର୍ଷ ଚୌକିଦାରଙ୍କ ସଂଖ୍ୟା ଅଦ୍ଭୁତ ୮୨୯ ବଢ଼ିଅଛି । ଏପରି ହେବା ଉଚିତ ନୁହେ । ବିଧିମତ ଅନୁସନ୍ଧାନରେ ଜଣା ଯାଉଅଛି ଯେ ଚୌକିଦାରଙ୍କ ସଂଖ୍ୟା ବୃଦ୍ଧି ହେବା ଅପେକ୍ଷା ବରଂ ଅନେକ ଊଣା ହେବା ଉଚିତ ହେଉଅଛି । ଜିଲା ହାକିମମାନେ ଏ ବିଷୟରେ ବିଶେଷ ଦୃଷ୍ଟି ରଖିବେ । ଦଫାଦାର ନିଯୋଗ ବିଷୟରେ ମାନ୍ୟବର ମହୋଦୟଙ୍କ ବିବେଚନାରେ ଯୋଗ୍ୟ ଏବଂ ବହୁଦର୍ଶୀ ଚୌକିଦାରଙ୍କୁ

Digitized by srujanika@gmail.com

ଦଣ୍ଡାଦାସ କାର୍ଯ୍ୟରେ ନିଯୁକ୍ତ ହେଲେ ଭଲ ହେବ । ଚୌକିଦାରମାନେ ଅନେକ ଜାଗିଲେନି, ବଲାବନ୍ତୀ ଇତ୍ୟାଦି ଗ୍ରାମବାସିଙ୍କଠାରୁ ନେଇ ସମୟରେ ସେମାନଙ୍କର ଘର ଓ କ୍ଷେତ ଜଗି ବୁଲୁଥିଲେ । ଏବେ ସେମାନେ ସରକାରଙ୍କର ଅପାର ଅନୁଗ୍ରହରେ ବନ୍ଧାବେତନ ଓ ପୋଷାକ ଇତ୍ୟାଦି ପାଇ ବାଦବେଲେ କହଲପଞ୍ଜଲ ହୋଇ ସମୟରେ ନିଶ୍ଚିନ୍ତ ହୋଇ ଘରେ ଶୋଉଅଛନ୍ତି । ଚୌକିଦାରର ପ୍ରଧାନ କାର୍ଯ୍ୟ ସମୟରେ ଜଗି ବୁଲିବାରୁ ସେମାନେ ରକ୍ଷା ପାଇଅଛନ୍ତି ଅଥଚ ସେମାନଙ୍କର ବେତନ ଲୋକଙ୍କର ଗଣ୍ଡି ଉପଟିକସ ସ୍ୱରୂପ ଆଦାୟ ହେଉଅଛି । ଲୋକେ ଆଗେ ଯେତେ ନେଇ ନ କାର୍ଯ୍ୟ ଯାଉଥିଲେ ଏବେ ଏତେ ଦେଲେ ହେଁ ନ ପାଉଅଛନ୍ତି ତାହା ବୁଝିବାର ଆବଶ୍ୟକ ନାହିଁ । ଯେବେ ବେତନଭୋଗୀ ଖୁଦର ହେଲେ ତେବେ ଉଚିତ ନ ପାଇବେ କାହିଁକି ? ଏହି ବିଷୟଟା ଅସ୍ପଷ୍ଟ ହୋଇଅଛି ।

—※—

ବରସାଇରେ ୫୦ ଜଣ ବୈଦିକ ସୋଲାଣ କର୍ତ୍ତୃତ୍ୱ ଓ ସେମାନଙ୍କର ଅଧିଭାଗୀୟ ସୋଲାଣର ଲେପ୍ଟନାଣ୍ଟ ଇନ୍ସପେକ୍ଟର ଜେନେରଲ ଛାତ୍ରାଙ୍କୁ ଉପସ୍ଥିତ ହୋଇଅଛନ୍ତି ଓ ଅନ୍ତର ଅସିବାର ଅଛି । ଏହା ଶୁଣି ଅମ୍ଭମାନଙ୍କ ଭମକ ଲାଗିଅଛି ମାଣ୍ଡ କୁଇକୋଟି ଘଟଣା ଉପସ୍ଥିତ । ଜଣ୍ଟ ମାଜିଷ୍ଟ୍ରେଟ ବଡାରଷ୍ଟର ସ୍କୁଲରେ ଲାଇବ୍ରେରି ସାହେବଙ୍କ ସ୍ୱଦେଶୀ ବହେଷ୍ଟା ପରିଚର୍ଯ୍ୟା ପ୍ରଭାବ ବୁଝାଇବା ନିମନ୍ତେ ଯାଇଥିଲେ । ସ୍ଥାନରେ ଉପସ୍ଥିତ ହୋଇ ଶୁଣିଲେ ଏକ ହୋଜାମା ସହରରେ ବଦେଶୀ ଦ୍ରବ୍ୟ ଆମଦାନୀ କରିବା ସମ୍ବନ୍ଧରେ କେତେକ ସ୍କୁଲଛାତ୍ର ବରଖା କରୁଥିଲେ । ମାଷ୍ଟରର ସାହେବ ସ୍କୁଲର ହେଡ଼ ମାଷ୍ଟରଙ୍କୁ ଉକ୍ତ ବିଷୟ ପଚାରିବାରେ ସେ ତନ୍ତୁ ଜାଣି ନ ଥିବାର କହିଲେ ତେଣୁ ମାଜିଷ୍ଟ୍ରେଟ ସ୍କୁଲକୁ ଯାଇ ଛଅଜଣ ଛାତ୍ର ଓ ଏକଜଣ ଶିକ୍ଷକ ବାହାର କରି ଦେବାର ଆଦେଶ ଦେଇଥିଲେ ମାଷ୍ଟର ସେଠାରୁ ଅନ୍ୟ ଗ୍ରାମର ସ୍କୁଲକୁ ଗମନ କଲାନ୍ତେ ବାଳକମାନେ ପରିଚର୍ଯ୍ୟା ପ୍ରଦର୍ଶନାର କରିବା ନିମନ୍ତେ ପ୍ରାର୍ଥନା କରିଥିଲେ । ମାଜିଷ୍ଟ୍ରେଟ ଫେରି ଆସି ଘୋଡ଼ାରେ ପହଞ୍ଚିବା ସମୟରେ କଥିତ ଛୁଏ ବାଳକମାନେ ମାଜିଷ୍ଟ୍ରେଟଙ୍କ ଘୋଡ଼ାପ୍ରତି ଢେଲା ନିକ୍ଷେପ କରିଥିଲେ ଏକଥା ଶୋଣିଏ କଥା । ମିଃ ହିଣ୍ଡଲ କହୋଦିବ୍ର ବର୍ମ୍ମଚ୍ୟୁତ ମାଣିକପାଣି ସାହେବର ବନ୍ଦେମାତରଂ ଶବ୍ଦରେ ବଲଲ୍ଲ ହୋଇ ହେଉନ୍ତ ଭାଇଙ୍କୁ ଶାସ୍ତି ଦେବାରେ ଅଲୋକ ଲୋକ ଉପସ୍ଥିତ ହୋଇ ବନ୍ଦେମାତରଂ ଚିତ୍କାର କରୁଥିଲେ । ଏ ଅନ୍ୟ ଏକ ଘଟଣା କଥିତ ଛୁଏ ପୂର୍ବ ବଙ୍ଗ ଆସାମର ଲେପ୍ଟନାଣ୍ଟ ଗଭର୍ଣ୍ଣର ଫୁଲର ସାହେବ ମଧ୍ୟ ବରିଶାଲକୁ ଯିବେ କରୁଅଛନ୍ତି । ଘଟନା ଯାହା ଉପରେ ହେଉକ ହେଉଥାଉ ସେଥିରେ ଯେ ଏତେ ଲଣ୍ଡଭଣ୍ଡ ଏଥିରେ ଅମ୍ଭମାନଙ୍କ ମତ ମାନିଲ ନାହିଁ ।

କେନ୍ଦ୍ରାପଡ଼ା ମାଜିଷ୍ଟ୍ରେଟଙ୍କ ନିକଟରେ ଥିବା ମୋକଦ୍ଦମା କାହିଁକି ଅନ୍ୟ ମାଜିଷ୍ଟ୍ରେଟଙ୍କ ଫାଇଲକୁ ସ୍ଥାନାନ୍ତରିତ ନ ହେବ ଏହି ମର୍ମରେ କଟକ ମାଜିଷ୍ଟ୍ରେଟଙ୍କ ଉପରେ ରୁଲ ଜାରି କରିବା ନିମନ୍ତେ ଢୋମାଲି ମହାନ୍ତି ନାମକ ଏକ ବ୍ୟକ୍ତି ହାଇକୋର୍ଟରେ ପ୍ରାର୍ଥନା କରିଥିଲା । ରୁଲ ପ୍ରାର୍ଥନା କରିବାରକାରଣ ଏହିକି ଯେ ପୂର୍ବବର୍ଷ ପୂର୍ବରେ ବାବୁ ବଲରାମ ଭ୍ରମରବରଙ୍କ ଏକ ଲକ୍ଷ୍ୟ ଟୋଟିଏ ସୁବର୍ଣ୍ଣହାର ଆଣି ଦରଖାସ୍ତକାରଙ୍କୁ ଋଣ ପ୍ରାର୍ଥନା କରିଥିଲା । ଦରଖାସ୍ତକାରୀ ଅନ୍ୟ ଏକ ବ୍ୟକ୍ତିଠାରୁ ଋଣ ନେବାର କଥା କହିଥିଲା ଓ ସେ ତାଙ୍କଠାରୁ ଋଣ ନେଇଥିଲା । ବହୁ କାଳ ଉତ୍ତାରେ ବାବୁ ବଲରାମ ଭ୍ରମରବର ଓ ଦରଖାସ୍ତକାରୀ ଦୁହିଙ୍କ ମଧ୍ୟରେ ମନାନ୍ତର ଘଟିଲା ଓ ଭ୍ରମରବର ତାଙ୍କ ଉଦ୍ୟୋଗ କାଳ ସମ୍ବନ୍ଧରେ ଦଣ୍ଡାସହାୟତା ଅପରାଧରେ ସବଡିଭିଜନାଲ ଉର୍ମ୍ମଚାରିଙ୍କ ନିକଟରେ ମୋକଦ୍ଦମା ଆଣିଥିଲେ ଓ ଲାଇବ୍ରେରି ବର୍ତ୍ତମାନ ଦଣ୍ଡବିଧି ଆଇନର ଧା ୪୦୬ ପ୍ରକାଶାର୍ଥୀ ପ୍ରାର୍ଥନାକାର ବଲୁକ୍ଷରେ ସମନ ବାହାରିଥିଲା ଏହା ବର୍ଣ୍ଣିତ ଯେ ସବଡିଭିଜନାଲ ଉର୍ମ୍ମଚାରୀ ଓ ବଲରାମ ବାବୁ ପରସ୍ପର ବନ୍ଧୁ ଅଟନ୍ତି ଓ ଏ ମୋକଦ୍ଦମାରେ ସବଡିଭିଜନାଲ ଉର୍ମ୍ମଚାରିଙ୍କ ସାକ୍ଷ୍ୟ ମାନିବାର ଆବଶ୍ୟକ ହେବ । ବିଚାରପତିମାନେ ଦରଖାସ୍ତର ସର୍ତ୍ତାନୁଯାୟୀ ରୁଲ ବାହାର କରିବାର ଆଦେଶ ଦେଇଅଛନ୍ତି ।

## ବୋମ୍ବାଇରେ ଯୁବରାଜ ।

ଯୁବରାଜ ମହୋଦୟ ସ୍ୱପତ୍ନୀ ସମଭିବ୍ୟାହାରରେ ଗତ ମାସ ତା ୯ ରିଖ ଅପରାହ୍ନକାଳରେ ପହଞ୍ଚିଥିବାର ଶୁଭବାର୍ତ୍ତା ମିଳିଅଛି । ଅମ୍ଭମାନଙ୍କର ବଡ଼ଲାଟ ଲର୍ଡ କର୍ଜନ ବାହାଦୁର ଅଗ୍ରନ୍ତୁ ବୋମ୍ବାଇକୁ ଯାଇଥିଲେ । ଯୁବରାଜଙ୍କ ରଣତରୀ ବୁଲବୁ ହେଣ୍ଟାରଲୁ ଲାଟ ମହୋଦୟ ରଣତରୀ ନିକଟକୁ ଯାଇ ଯୁବରାଜଙ୍କୁ ପାଛୋଟି ନେଇ ଆସିଲେ । ଅଳ୍ପକ୍ଷଣେ ବନ୍ଦରଠାରେ ଜନୈକ ସାମିସ୍ତାନ ଶଙ୍କା ହୋଇ ମାନ୍ୟଗଣ୍ୟ ଲୋକମାନେ ଯୁବରାଜଙ୍କୁ ଅଭ୍ୟର୍ଥନା କରିବା ଲାଗି ସମବେତ ହୋଇଥିଲେ ଏବଂ ବାହାରେ ଦେଶୀୟମାନଙ୍କ ଲୋକଙ୍କର ସୀମା ନ ଥିଲା । ଯୁବରାଜ ମହୋଦୟ ବୋମ୍ବାଇକୂଳରେ ପଦାର୍ପଣ କଲାନ୍ତେ ତୋପଧ୍ୱନି ସହିତ ଲୋକମାନଙ୍କ ଆନନ୍ଦ କୋଲାହଳରେ ଗଗନ ସ୍ପର୍ଶି ହୋଇଗଲା । ଗୋଲମାଲ ନିବାରଣ ହୁଅନ୍ତେ ଯୁବରାଜ ମହୋଦୟ ଉପସ୍ଥିତ ରାଜକର୍ମ୍ମଚାରୀ ଓ ରଜା, ମହାରଜା ଏବଂ ବହୁବ୍ୟକ୍ତିଙ୍କ ସହିତ ପରିଚିତ ହୋଇ କର ମର୍ଦ୍ଦନ କରି ଆସନ ଗ୍ରହଣ କରନ୍ତେ ମିଉନିସିପାଲିଟି ପକ୍ଷରୁ ଅଭିନନ୍ଦନପତ୍ର ପାଠ ହେଲା ଏବଂ ଯୁବରାଜ ମହୋଦୟ ତହିଁର ଉତ୍ତରରେ ସମୁଚିତ ଅଭ୍ୟର୍ଥନା ହେତୁ ଆନନ୍ଦ ପ୍ରକାଶ କଲେ । ତହିଁ ଆର ଦିନ ଗୋଟିଏ ସଭାରେ ଯୁବରାଜ ପତ୍ନୀଙ୍କ ସମାଗମ ସ୍ମରଣାର୍ଥ ପ୍ରିନ୍ସେସ ନାମରେ ଅଭିହିତ ହେବାର କିମ୍ବା ହୋଇଥିଲା ଓ ସେହିଦିନ ଯୁବରାଜ ମହୋଦୟ ବୋମ୍ବାଇରେ ନବ ପ୍ରତିଷ୍ଠିତ ଯାଦୁଘରର ଶୁଭ ଦେଲେ । ଅଭିନବ କିମ୍ବା ମଧ୍ୟରେ ଯୁବରାଜ ପତ୍ନୀ ମହୋଦୟାଙ୍କୁ ସେଠା ମହିଳାମାନେ ଅଭିନନ୍ଦନପତ୍ର ପ୍ରଦାନ କରିଥିଲେ । ବାସ୍ତବିକ ଯୁବରାଜ ଏଥର ପ୍ରଥମ ହୋଇ ସ୍ୱପତ୍ନୀ ସମଭିବ୍ୟାହାରରେ ଆସିଅଛନ୍ତି ଏବଂ ଏଥିରେ ରାଜଭକ୍ତ ଭାରତବାସିମାନେ ସ୍ୱଭାବରେ ଅଶାଗତ ଆନନ୍ଦ ଲାଭ କରିଅଛନ୍ତି । ଏରୂପ ଅବସ୍ଥାରେ ତାଙ୍କର ସହଧର୍ମ୍ମିଣୀଙ୍କି ପାଇ ମହିଳାମାନେ ଯେ ଅଶେଷ ଆନନ୍ଦିତା ହେବେ ଏଥିରେ ସନ୍ଦେହ ନାହିଁ । ଅମ୍ଭେମାନେ ସପତ୍ନୀକ ଯୁବରାଜ ମହୋଦୟଙ୍କୁ ଅନନ୍ତ ଭକ୍ତିଭାବରେ ଭକ୍ତିରେ ଅଭ୍ୟର୍ଥନା କରୁଅଛୁଁ ଏବଂ ଜଗଦୀଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ ଯେ ସେମାନେ କୁଶଳରେ ଭାରତ ସନ୍ଦର୍ଶନପୂର୍ବକ ସ୍ୱଦେଶକୁ ବାହୁଡି ଯାଆନ୍ତୁ ।

---

## ବୃଷ୍ଟି ଓ ଫସଲ ।

ବଙ୍ଗପ୍ରଦେଶରେ ଆଷାଢ଼ଠାରୁ ଆଶ୍ୱିନମାସ ପର୍ଯ୍ୟନ୍ତ ବର୍ଷାକାଳ । ଏହି ସମୟର ବୃଷ୍ଟି ଉପରେ ଫସଲର ଶୁଭାଶୁଭ ନିର୍ଭର କରେ ଏବଂ ତାହା ଜାଣିବା କାରଣ ସରକାର ମହକୁମାରେ ପ୍ରତ୍ୟେକ ଥାନା ଏବଂ ସବଡିଭିଜନର ସଦର ସ୍ଥାନରେ ବୃଷ୍ଟିମାନ ଯନ୍ତ୍ର ରହିଅଛି ବୃଷ୍ଟି ହେଲା ତହିଁର ହିସାବ ରଖାଯାଏ ଓ ତହିଁର ମାସିକ ଓ ସାମୟିକ ହିସାବ ପ୍ରସ୍ତୁତ ହୁଏ । ବର୍ଷାକାଳର ବୃଷ୍ଟିର ପରିମାଣ ଜୁନମାସ ତା ୧୬ ରିଖଠାରୁ ସେପ୍ଟେମ୍ବର ମାସ ତା ୩୦ ରିଖ ଗଣିବାର ନିୟମ ଅଛି ଏବଂ ଏହିବର୍ଷ ଉକ୍ତ ସମୟମଧ୍ୟରେ ଯେତେ ବୃଷ୍ଟି ହୋଇଅଛି ଏବଂ ଗତ ବ ୧୨ ବର୍ଷରେ ହାରାହାରି ଯେତେ ବାର୍ଷିକ

Digitized by srujanika@gmail.com

Split by PDF Splitter



ବୃଷ୍ଟି ହୋଇଥିଲା ସେହି ତାଲିକାରୁ ଓଡ଼ିଶାର କେତେକ ସ୍ଥାନର ବିବରଣ ନିମ୍ନେ ପ୍ରକାଶ କଲୁଁ । ଯଥା;—

| ସ୍ଥାନର ନାମ | ବୃଷ୍ଟି ଇଞ୍ଚ | ହାରାହାରି ଇଞ୍ଚ |
|---|---|---|
| କଟକ | ୨୯ | ୫୮ |
| ବାଙ୍କି | ୪୦ | ୫୫ |
| କେନ୍ଦ୍ରାପଡ଼ା | ୩୪ | ୫୭ |
| ଜାଜପୁର | ୩୬ | ୫୮ |
| ବାଲେଶ୍ୱର | ୩୮ | ୫୨ |
| ଭଦ୍ରଖ | ୨୭ | ୫୭ |
| ଶୁନବାଇ | ୨୯ | ୫୭ |
| ଅନୁଗୁଳ | ୩୨ | ୫୯ |
| ପୁରୀ | ୨୭ | ୫୯ |
| ଖୋରଧା | ୫୨ | ୫୮ |

ଉପରଲିଖିତ ତାଲିକାରୁ ପ୍ରକାଶ ଯେ କାର୍ତ୍ତିକ ହାରାହାରି ବୃଷ୍ଟିଠାରୁ ଏବର୍ଷ ଓଡ଼ିଶାର ସର୍ବତ୍ରେ ଅଳ୍ପ ଜଳ ବର୍ଷିଥିଲା ପୁଣି ଏହି କଟକ ନଗରରେ ନିତାନ୍ତ ଊଣା । ଗଡ଼ଜାତର ଅବସ୍ଥା ମଧ୍ୟ ଏଥିରୁ ଭିନ୍ନ ନୁହେଁ । ଅଧିକାଂଶ ଗଡ଼ଜାତରେ ଏଥର ଊଣା ବୃଷ୍ଟି ହୋଇଅଛି ; ମାତ୍ର ଊଣାର ପରିମାଣ କେବଳ ବଡ଼ମ୍ବା, ନରସିଂହପୁର, ନୟାଗଡ଼, କେଉଁଝର ଓ ମୟୂରଭଞ୍ଜ ଗଡ଼ରେ ସାମାନ୍ୟ ଅଟେ । ଅଳ୍ପ ବୃଷ୍ଟି ହେତୁ ଅନେକ ସ୍ଥାନରେ ପୋଖରୀ ଗଡ଼ିଆମାନ ଅଧା ପୂର୍ଣ୍ଣ ହୋଇ ନାହିଁ ଏବଂ ଫସଲର ଅବସ୍ଥା ଯେ ଅତ୍ୟନ୍ତ ଶୋଚନୀୟ ହୋଇଥିଲା ତାହା କହିବା ବାହୁଲ୍ୟ । କନ୍ୟାଳଧାନ ଅଠପଣରୁ ଅଧିକ ମାଡ଼ିଯାଇ ନ ଥିଲା ଏବଂ ଅନେକ ଖାଇବାର ବେଉସଣ ହୋଇ ନ ଥିଲା ଓ ଯାହା ବେଉସଣ ହୋଇଥିଲା ତାହା ମଧ୍ୟ ମରିଯାଉଥିଲା । ବାସ୍ତବରେ ଯେବେ କାର୍ତ୍ତିକ ମାସର ଆରମ୍ଭରେ ଭଲ ବୃଷ୍ଟି ହୋଇ ନ ଥାନ୍ତା ତେବେ ଦୁର୍ଭିକ୍ଷ ପଡ଼ିଥାନ୍ତା । ସେ ବିପଦ ଈଶ୍ୱରଙ୍କ ଅନୁଗ୍ରହରୁ କଟି ଯାଉଅଛି । ମାତ୍ର ଅଳ୍ପ ଫସଲ ହେତୁ ଦୁର୍ମୂଲ୍ୟତାର କଷ୍ଟ ଭୋଗ କରିବାକୁ ହେବ ।

---

## ପଞ୍ଚକ ଓ ବାଲିସାହି ।

ଏ ନଗରରେ ବଡ଼ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମସ୍ତ ସଂକୀର୍ତ୍ତନ ସମ୍ପ୍ରଦାୟମାନେ ସଂକୀର୍ତ୍ତନ ସହିତ ନଗରବୁଲିକୁ ଯାଇ ପ୍ରାତଃସ୍ନାନ କରି ନଗରକୀର୍ତ୍ତନ ପୂର୍ବକ ସ୍ଥାନେ ସ୍ଥାନେ ଦେବଦର୍ଶନାଦି କରି ବୁଲନ୍ତି । ପୂର୍ବେ ଏ ବିଷୟରେ କୌଣସିପ୍ରକାର ବିଘ୍ନ ଉପସ୍ଥିତ ହେଉ ନ ଥିଲା । ଅମ୍ଭେମାନେ ବହୁକାଳ ହେଲା ଏଠାରେ ଥାଇ ମସଜିଦ ନିକଟରେ ବିବାହ ଓ ସଙ୍କୀର୍ତ୍ତନୀୟ ବାଦ୍ୟାଦି ବାଜିବାର ଦେଖି ଆସୁଅଛୁଁ ମାତ୍ର ଗତ ସାତ ଆଠ ବର୍ଷ ହେଲା ମୁସଲମାନମାନେ ମସଜିଦ ନିକଟରେ ବାଜା ବାଜିବା ସମ୍ବନ୍ଧରେ ଆପତ୍ତି କରି ମାରପିଟର ଭୟ ଦେଖାଇବାରୁ ସଂକୀର୍ତ୍ତନ ସମ୍ପ୍ରଦାୟମାନେ ନିତାନ୍ତ କାତର ହୋଇଥିଲେ । ଅମ୍ଭେମାନେ ମୁସଲମାନଙ୍କର ଏ ଆପତ୍ତିର କିଛିମାତ୍ର ଅର୍ଥ ବୁଝିପାରୁ ନାହୁଁ ; ସେମାନଙ୍କ ମଧ୍ୟରୁ କେତେକ ଲୋକେ କହୁଅଛନ୍ତି ଯେ କୋରାନ ଅନୁଯାୟୀ ବାଜା ବାଜିବା ହରାମ ଅଟେ । ଯଦି ତାହା ହେଲା ତେବେ କଦମରସୁଲରେ କିପରି ସକାଳ ସନ୍ଧ୍ୟା ବାଜା ବାଜୁଅଛି ଏବଂ ମୁସଲମାନମାନେ ବିବାହ ଇତ୍ୟାଦି ଶୁଭକର୍ମରେ ଏବଂ ମହରମ ସମୟରେ ବାଜା ବଜାଇ କିପରି ଆମୋଦ ପ୍ରମୋଦ କରୁଅଛନ୍ତି ଅମ୍ଭେମାନେ ବୁଝିବାକୁ ଅକ୍ଷମ ଯେଉଁ ଧାର୍ମିକ ମୁସଲମାନ କଦମରସୁଲଙ୍କର ପ୍ରତିଷ୍ଠା କରିଥିଲେ ସେ ଯେ କୋରାନ ପଢ଼ି ନ ଥିଲେ ଏବଂ ମୁସଲମାନ ଧର୍ମଶାସ୍ତ୍ର ବିଷୟରେ ଅଜ୍ଞ ଥିଲେ ଏହା ଅମ୍ଭେମାନେ କହି ନ ପାରୁଁ ? ବର୍ତ୍ତମାନରୁ କେତେକ ବିଦେଶୀ ମୁସଲମାନ ଏ ନଗରକୁ ଆସି ଉପଦେଶ ଦେବାରୁ ଏପ୍ରକାର ମତାନ୍ତରର ସୃଷ୍ଟି ହୋଇଅଛି ? ଏବର୍ଷ ପଞ୍ଚକ ସମୟରେ ମୁସଲମାନମାନେ ସେହିପରି ମସଜିଦ ନିକଟରେ ବାଜା ବଜାଇବା ପକ୍ଷେ ଆପତ୍ତି କରିବାରୁ ସେ ସମ୍ବନ୍ଧରେ କ କର୍ତ୍ତବ୍ୟ ନିରୂପଣ କରିବା କାରଣ ବାବୁ ରାମଶଙ୍କର ରାୟଙ୍କ ଆବାସରେ ଗତମାସ ତା ୧୦ ରଖ ପ୍ରାତଃକାଳରେ କେତେକ ମୌଲବୀ ଓ ହିନ୍ଦୁ ଭଦ୍ରବ୍ୟକ୍ତିଙ୍କର ସଭା ହୋଇ ଉଭୟ ପକ୍ଷଙ୍କ ମଧ୍ୟରେ ଏହିପରି ସ୍ଥିର ହେଲା ଯେ ମୁସଲମାନମାନେ ହିନ୍ଦୁଙ୍କ ମନ୍ଦିର ସମ୍ମୁଖରେ ବାଜା ବଜାଇ ଯିବେ ନାହିଁ ବା ହିନ୍ଦୁମାନେ ମୁସଲମାନଙ୍କ ମସଜିଦ ସମ୍ମୁଖରେ ବାଜା ବଜାଇ ଯିବେ ନାହିଁ ଏବଂ ଏହା ଲଙ୍ଘନ କଲେ କମିଟି କର୍ତ୍ତୃକ ଦଣ୍ଡନୀୟ ହେବେ । ସେହିଦିନ ବାବୁ ରଜନୀକାନ୍ତ ପଣ୍ଡିତଙ୍କ ଅଫିସରୁ ସମସ୍ତ ସମ୍ପ୍ରଦାୟଙ୍କର ଯିବାର କଥା ଥିଲା । ମୁସଲମାନମାନେ ସମ୍ବାଦ ପାଇ ମସଜିଦ ନିକଟରେ ପଥର ଢେଲା ଇତ୍ୟାଦି ଜମା କରି ଲାଠି ଧରି ଜଗି ରହିଲେ । ସଂକୀର୍ତ୍ତନ ସମ୍ପ୍ରଦାୟମାନେ ଏଥିର ସମ୍ବାଦ ପାଇ ଅନ୍ୟ ବାଟରେ ରଜନୀକାନ୍ତ ବାବୁଙ୍କ ଘରକୁ ଗଲେ । ଶନିବାରଦିନ ହିନ୍ଦୁ ମୁସଲମାନଙ୍କର ସଭା ହୋଇ ଉଭୟପକ୍ଷରୁ ନ * ଣ ଲେଖାଏଁ କମିଟିର ମେମ୍ବର ସ୍ଥିର ହେବାର କଥା ଥିଲା ମାତ୍ର ଶୁକ୍ରବାରଦିନ ଜଣା ଗଲା ଯେ ମୁସଲମାନମାନେ ରାମଶଙ୍କର ବାବୁଙ୍କ ଘରଠାରେ ହୋଇଥିବା ନିର୍ଦ୍ଧାରଣକୁ ମାନିବାକୁ ଅନିଚ୍ଛୁକ । ବିପଦ ଦେଖି ପୁଲିସ ମାଜିଷ୍ଟ୍ରେଟଙ୍କୁ ସମସ୍ତ କଥା ଜଣାଇବାରୁ ମାଜିଷ୍ଟ୍ରେଟସାହେବ ଆପଣା କୋଟଠାରୁ ଉଭୟପକ୍ଷର ପ୍ରଧାନ ଲୋକମାନଙ୍କୁ ଡକାଇ ନେଇ ଖଣ୍ଡିଏ କାଗଜରେ ଦସ୍ତଖତ କରାଇ ନେଲେ ଓ କହିଲେ ଯେ ଉକ୍ତ କାଗଜରେ ଲେଖାଥିବା ମତେ ସମସ୍ତଙ୍କ ପାଶ ନେଇ ବାଜା ବଜାଇ ବାହାରିବାକୁ ହେବ ଏବଂ କେହି ଦଙ୍ଗା କଲେ ସେମାନଙ୍କୁ ପୁଲିସ କନେଷ୍ଟବଲ କରିଦିଆଯିବ । ସଂକୀର୍ତ୍ତନ ସମ୍ପ୍ରଦାୟ କେବେ ପାଶ କରନ୍ତି ନାହିଁ ଏବଂ ଏ ଆଦେଶ ତାଙ୍କପକ୍ଷେ ନିତାନ୍ତ କଠିନ ହେବାରୁ କେହି ପାଶ କଲେ ନାହିଁ । ଫଳରେ କୌଣସି ସମ୍ପ୍ରଦାୟ ସାହସ କରି ରାସ୍ତା ଘାଟରେ ନଗରକୀର୍ତ୍ତନ କଲେ ଏବଂ କେହି ଅବା ଭୟରେ ବାହାରିଲେ ନାହିଁ । ବାଲିସାହି ଜାମେମସଜିଦ ମଧ୍ୟରେ ନୁଥିଲ ଏବଂ ସେ ଦିଗ ଦେଇ ରଥବାର ପଡ଼ିବାର ଗିର୍ଜାମାନଙ୍କର ଉପାସନାର ବ୍ୟାଘାତ ହେବାର କାରଣ ଦର୍ଶାଇ ଜଏଣ୍ଟ ମାଜିଷ୍ଟ୍ରେଟ କେବଳ ପାଞ୍ଚଘଣ୍ଟାଠାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ସଂକୀର୍ତ୍ତନ ବନ୍ଦ କରିଦେଲେ । ଏହିରୂପେ ସଂକୀର୍ତ୍ତନ ଅସ୍ୱସ୍ତିରୁ ବାଲିସାହିଷ୍ଟ ଖଣ୍ଡିଆ ହୋଇଗଲା ଏବଂ ହିନ୍ଦୁମାନେ ଇଂରାଜରାଜଙ୍କ ଅମଳରେ ଧର୍ମସମ୍ବନ୍ଧୀୟ ବାଧା ପାଇ ଅତୀବ ଦୁଃଖିତ ହୋଇଅଛନ୍ତି । ଅମ୍ଭେମାନେ ମହରମ ଓ ଦୋଲ ଉତ୍ସବରେ ହିନ୍ଦୁ ମୁସଲମାନ ଏକତ୍ରରେ ଆମୋଦ ପ୍ରମୋଦ କରିବାର ଦେଖି ଏମାନଙ୍କର ଏକତାରେ ପରମ ଆନନ୍ଦ ଭୋଗ କରୁଥିଲୁ ମାତ୍ର ଏଣିକି ଏମାନଙ୍କ ମଧ୍ୟରେ ସାମାନ୍ୟ କାରଣ ହେତୁ ଅନୈକ୍ୟ ଜାତ ହେବାର ଦେଖି ଅତୀବ ଦୁଃଖିତ ହୋଇଅଛୁଁ । ପ୍ରତ୍ୟେକର ଧର୍ମ ତାହାକୁ ପ୍ରିୟ ମାତ୍ର ତାହା ବୋଲି ଏକ ଧର୍ମର ଲୋକ ଅନ୍ୟ ଧର୍ମର ଲୋକଙ୍କୁ ଅକାରଣ ବାଧା ଦେବା ଉଚିତ ନୁହେଁ । ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ନୀତି ମଧ୍ୟ ଅତି ଉଦାର ଅର୍ଥାତ୍ କାହାର ଧର୍ମରେ କେହି ହସ୍ତକ୍ଷେପ କରିବେ ନାହିଁ । ଚିରକାଳ ବାଦ୍ୟାଦ ବଜାଇ ହିନ୍ଦୁମାନେ ମସଜିଦ ନିକଟରେ ଯାଉଥିଲେ । ଲକ୍ଷ୍ନୌ, ଦିଲ୍ଲୀ, କଲିକତା ପ୍ରଭୃତି କୌଣସି ସ୍ଥାନରେ ମସଜିଦ ନିକଟରେ ବାଜା ବଜାଇ ଯିବାର ନିଷେଧ ନାହିଁ । ଏମନ୍ତ ସ୍ଥଳେ କଣ କେତେକ ମୁସଲମାନମାନେ ପ୍ରସଙ୍ଗ କରି ନୂତନ ଉତ୍ପାତ ଛାଡ଼ି ଦଙ୍ଗାହଙ୍ଗାମା କରିବାକୁ ଯାହା ପ୍ରବୃତ୍ତ ହୋଇଅଛନ୍ତି ତାହା ଅତୀବ ଅନ୍ୟାୟ । ଅମ୍ଭେମାନେ ଭରସା କରୁଁ

Digitized by srujanika@gmail.com

Split by PDF Splitter



ଏମାନେ ସ୍ତ୍ରୀ ଲ ବଡ଼ରେ ବର୍ଣ୍ଣନ ବର ହୁଦୁଙ୍କ ମନରେ ଭୁଲ ଜନ୍ମାଇବାରୁ କ୍ଷାନ୍ତ ହେବେ । ତେବେହିଁ ପରସ୍ପର ଅବିଚ୍ଛେଦ୍ୟ ଜାତ ହୋଇ ଅନେକ ଅନିଷ୍ଟ ଘଟିବ ।

ପ୍ରାପ୍ତ ।

## ଗ୍ରାମ୍ୟ ପଞ୍ଚାୟତ ।

ଚୌକିଦାର ଓ ପଞ୍ଚାୟତ ଏହି ଦୁଇଟି ଶବ୍ଦ ମାନଙ୍କର ଏ ଦେଶ ପ୍ରଚଳିତ ବ୍ୟବସ୍ଥା ଜ୍ଞାପକ ସତ୍ୟ ମାତ୍ର ବାସ୍ତବରେ ଅଧୁନାତନ ବ୍ୟବସ୍ଥା ପୂର୍ବଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଗ୍ରାମବାସିମାନଙ୍କ ସହିତ ଆଗେ ଚୌକିଦାରର ଯେପରି ସମ୍ପର୍କ ଥିଲା ଅଧୁନାଇ ସେପରି ହୋଇଅଛି ତାହା ଏଥି ପୂର୍ବେ ଉଲ୍ଲେଖ କରିଅଛୁଁ । ପଞ୍ଚାୟତ ସମ୍ବନ୍ଧେ କିଛି କହିବା ବର୍ତ୍ତମାନ ଆମ୍ଭର ଉଦ୍ଦେଶ୍ୟ ।

ଇଂରେଜମାନଙ୍କ ପୂର୍ବେ ଶାସନ ଦଣ୍ଡର ପ୍ରଭାବ ଦେଶବ୍ୟାପୀ ହୋଇ ନ ଥିଲା । ଲୋକମାନଙ୍କର ବୈଷୟିକ ଅଭାବ ସ୍ୱଗ୍ରାମ ସୀମା ମଧ୍ୟରେ ଆବଦ୍ଧ ଥିଲା । ଗମନାଗମନର ପଥ ସୁଗମ ନ ଥିବାରୁ ବାଣିଜ୍ୟ ବ୍ୟବସାୟ ଓ ଜନ୍ମଭୂମି ସଂଘର୍ଷଣ ଅତି ଅଳ୍ପ ପରିମାଣରେ ଘଟୁଥିଲା । ସୁତରାଂ ସ୍ୱଜନ-ପ୍ରତିଷ୍ଠିତ ଧର୍ମାଧିକରଣର ଅଭାବ ଲୋକେ ପ୍ରାୟ ଅନୁଭବ କରୁ ନ ଥିଲେ । ଧନରେ ହେଉ ପ୍ରାଣରେ ହେଉ ଗୁରୁତର ଅପରାଧ ବା ଅଭିଯୋଗ ଛଡ଼ା ଗ୍ରାମର ଚାଷଜମି ବିବାଦ ଗ୍ରାମର ସୀମା ଅତିକ୍ରମ କରି ଅଧିକ ଯାଉ ନ ଥିଲା । ଏ ସମସ୍ତ ବିଷୟର ବିଚାର ସ୍ଥଳ ଥିଲା ଗ୍ରାମ୍ୟ ପଞ୍ଚାୟତ । ଅଜଡାଇ ଅଦାଲତମାନଙ୍କର ଅପେକ୍ଷା ସ୍ୱଳ୍ପ ଥରେ ଲୋକେ ପଞ୍ଚାୟତଙ୍କ ନିଷ୍ପତ୍ତିକୁ ଶିରେ ଧାର୍ଯ୍ୟ କରୁଥିଲେ । ଦୈବାତ୍ ପଞ୍ଚାୟତମଣ୍ଡଳ କୌଣସି କାରଣବଶତଃ ନ୍ୟାୟ ବିଚାର କରି ନ ପାରିଲେ ଲୋକେ ତାହାଙ୍କୁ ଭର୍ତ୍ସନା ନ କରି "ପଞ୍ଚ ମାରିଲେ ନ ଗଣ୍ଡ ମାରେ" କହି ଭୁଲି ଦେଉଥିଲେ । ପଞ୍ଚାୟତଙ୍କ ନ୍ୟାୟପରତା ଉପରେ ଲୋକଙ୍କର ଦୃଢ଼ବିଶ୍ୱାସ ଥିଲା । ତାହାର କୌଣସି ବିବାଦ ଉପସ୍ଥିତ ହେଉଥିଲେ ସେ ଗ୍ରାମର ପ୍ରଧାନ ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଆଗରେ ଜଣାଉଥିଲା । ସେମାନେ କେତେକ ଗ୍ରାମବାସିଙ୍କ ସହିତ ବୈଠକ କରି ଉଭୟପକ୍ଷକୁ ଉଚିତ ବିଚାର କରୁଥିଲେ । ଯେଉଁମାନେ ବିଷୟଜ୍ଞାନ ସମ୍ପନ୍ନ ଏବଂ ଧର୍ମଭୀରୁ ଏବଂ ଯାହାଙ୍କ ପ୍ରତି କୌଣସି ପକ୍ଷର କିଛି ଆପତ୍ତି ନ ଥାଏ ସେହିପରି ଲୋକମାନେ ବୈଠକରେ ଆସନ ପାଉଥିଲେ । ଉଭୟ ସକାଶେ ତମା ତୁଳସୀ ହାତ ସକାଶେ କରିପାରୁ ଲୋକଙ୍କୁ ପଞ୍ଚାୟତଙ୍କ କହିବାର କ୍ଷମତା ଦଥ ଯାଉ ନ ଥିଲା । କାର୍ଯ୍ୟଗତିକେ ଯଦ୍ୟପି ଗ୍ରାମର ଜଣକେତେକ ବ୍ୟକ୍ତି ଜଣାପରେ ଅଗ୍ରାସନ ପାଉଥାନ୍ତି ତଥାପି ପ୍ରତ୍ୟେକ ଉପସ୍ଥିତ ଘଟଣାରେ ଉଭୟପକ୍ଷଙ୍କ ମତ ନେଇ ପଞ୍ଚାୟତ ବସି ହୋଇଥାନ୍ତି । ଏଥିରେ କୌଣସି ପକ୍ଷର କିଛି ଶଙ୍କା ହେଉ ନ ଥିଲା । ବିଚାର ପାଇବା ସକାଶେ ମୂଲ୍ୟ ଦେବାକୁ ପଡ଼ୁ ନ ଥିଲା । ପଞ୍ଚାୟତମାନଙ୍କ ନିଷ୍ପତ୍ତିକୁ ସମସ୍ତେ ନତ ମସ୍ତକରେ ଗ୍ରହଣ କରୁଥିଲେ । କୌଣସି ପକ୍ଷ ଅସନ୍ତୋଷ ପ୍ରକାଶ କରୁଥିଲେ ପଞ୍ଚାୟତଙ୍କ ନିଷ୍ପତ୍ତିକୁ ପ୍ରବଳ କରିବା ସକାଶେ ପ୍ରବୃତ୍ତ ରାଜଶକ୍ତିର ଆଶ୍ରୟ ନେବାକୁ ପଡ଼ୁ ନ ଥିଲା । ଜଣଙ୍କ ପାଣି ବନ୍ଦ, ଗାଈ ପାଳ ବନ୍ଦ ପ୍ରଭୃତି ଦ୍ୱାରା ଏକଘରିଆ କରି ଚରମ ଶାସ୍ତି ଥିଲା । ପୂର୍ବେ ଗ୍ରାମବାସିମାନେ ଏପରି ସମାଜବଦ୍ଧ ଥିଲେ ଯେ ଗ୍ରାମ ମଧ୍ୟରେ କୌଣସି ବ୍ୟକ୍ତି ସେପରି ହେଉଥିଲେ ଦଣ୍ଡ ସ୍ୱରୂପ ଚଳିବା ତାହା ପକ୍ଷରେ କଷ୍ଟକର ହେଉଥିଲା । ଅପରାଧର ଗୁରୁତ୍ୱ ଅନୁସାରେ ସମାଜଚ୍ୟୁତିର ସମୟ ନିର୍ଦ୍ଧାରିତ ହେଉଥିଲା । କୌଣସି ସମୟରେ କିଛି ଅର୍ଥଦଣ୍ଡ ହେଉଥିଲେ ଗ୍ରାମରେ ଅଧିଷ୍ଠିତ ଦେବ ଦେବୀଙ୍କ ପୂଜା କିମ୍ବା ସାଧାରଣ ଆମୋଦ ପ୍ରମୋଦରେ ତାହାକୁ ବ୍ୟୟ କରୁଥିଲେ । ଅନେକ ସମୟରେ ପଞ୍ଚାୟତମାନେ ନୂଆଗିରି କରି ପାଶକଥା କହି ବୋଲି କରି ଉଭୟ ପକ୍ଷଙ୍କ ବିବାଦ ଭଙ୍ଗି ଦେଉଥିଲେ । ଏହିପରି ପ୍ରତ୍ୟେକ ଗ୍ରାମ କେବଳ ଉଦ୍‌ଦେବା ଛଡ଼ା ଅନ୍ୟାନ୍ୟ ବିଷୟରେ ଅନେକ ପରିମାଣରେ ସ୍ୱଜନ-ଶାସନ ସହିତ ଅସଂଶ୍ଳିଷ୍ଟ ଥିଲା । ବର୍ତ୍ତମାନ ନାନାଦ କାରଣରୁ ଗ୍ରାମ୍ୟ ସମାଜବନ୍ଧନ ଶିଥିଳ ହୋଇଅଛି । କେବଳ ଯେଉଁସବୁ ସ୍ଥାନ ଅଦାଲତ ଓ ଉକିଲମାନଙ୍କଠାରୁ ବହୁ ଦୂରରେ ଅବସ୍ଥିତ ସେହି ସବୁ ସ୍ଥାନରେ ଏ ବନ୍ଧନ କେତେକ ପରିମାଣରେ ରହିଅଛି । ଏହା ହେଉଛି ପୂର୍ବତନ ପଞ୍ଚାୟତ ପ୍ରଥାର ସଂକ୍ଷିପ୍ତ ବିବରଣ । ଚୌକିଦାରୀ ବ୍ୟବସ୍ଥା ଦ୍ୱାରା ଏହା ବର୍ତ୍ତମାନ ଅଭିନବ ମୂର୍ତ୍ତି ଧାରଣ କରିଅଛି ।

କ୍ରମଶଃ

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ୍ ।

ବାବୁ ଗଣେଶ୍ ଚନ୍ଦ୍ର ଦତ୍ତ ଦେ ଶୋଷାଳବଶ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ବାବୁ ହରମୋହନ ପଟ୍ଟନାୟକ ଦେ ଓ ଜମଯକ୍ଷା ମାଜିଷ୍ଟ୍ରେଟର ବାବୁ ଗଗନଚନ୍ଦ୍ର ରାୟ ଦେ ଟେଷ୍ଟାମେଣ୍ଟ ସବଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ମୁର୍ଶିଦାବାଦର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ମି: ଏଚ୍, ଜି, ସାଇ କଟକର ଛକ୍କାଇ ଉପରକୁ ବଦଳି ହେଲେ ।

ବାବୁ ଭୁବନ୍ନାଥ ମହାନ୍ତି କାନୁନ୍‌ଗୋ ଅନୁଷ୍ଠାନର ଅଭିଜ୍ଞ ନବୋଦିତ ଧର୍ମ ସ୍ଥାନ ଓ ସର୍ବେ ବଚନର ଅଭିଜ୍ଞ ସୁପ୍ରିଣ୍ଟ ପଦରେ ନିଯୁକ୍ତ ହେଲେ ।

୨ୟ ଗ୍ରେଡ ଓଭରସିୟର ବାବୁ ଭବିକଲାଲ ଦ୍ୱାର ଓଡ଼ିଶା ବିଭାଗକୁ ବଦଳ ହେଲେ ।

ସୁଗ୍ର ଡାକ୍ତରଖାନାର ୩ୟ ଗ୍ରେଡ ଅଭିଜ୍ଞ ସର୍ଜନ ସଙ୍ଗୀତର, ବସ୍ତ୍ର ମୁଙ୍ଗେର ଡାକ୍ତରଖାନାକୁ ବଦଳ ହେଲେ ।

ନନ୍ଦପୁରର ମେଡିକାଲ ସ୍କୁଲ ସବଡ଼ାକ୍ତରର ୩ୟ ଗ୍ରେଡ ଅଣ୍ଟ ସ୍ଥାୟୀ ସର୍ଜନ ଅସ୍ଥାୟୀଭାବରେ ୨ୟ ଗ୍ରେଡ ନିଯୁକ୍ତ ହେଲେ ।

ପଞ୍ଚାମୃତେର ଦାତବ୍ୟ ଚିକିତ୍ସାଳୟର କାର୍ଯ୍ୟ ତଦାରଖ କମିଟିରେ ନିମ୍ନଲିଖିତ ବ୍ୟକ୍ତିମାନେ ସଭ୍ୟପଦରେ ନିଯୁକ୍ତ ହୋଇଅଛନ୍ତି ।

ବାବୁ ରମେଶଲ ବାଗଡ

" ଗୋବନ୍ଦ ପଣ୍ଡା

ପଞ୍ଚାମୃତେରର ଡାକ୍ତରଖାନାର ସବଓଭରସିୟର

ପଞ୍ଚାମୃତେର ଥାନାର ସବ୍ ଇନସ୍ପେକ୍ଟର

" ସ୍କୁଲର ହେଡମାଷ୍ଟର ବାବୁ ନାରାୟଣପ୍ରସାଦମହାନ୍ତି ।

## ସ୍ଥାନୀୟ ସମ୍ବାଦ ।

ଅସ୍ମାକଙ୍କର ଶ୍ରୀଯୁକ୍ତ ଜଜସାହେବ କାଟେଲଙ୍କର ବହୁସ ବନ୍ଦର ସକାଳେ ଚଡ଼ଉ ମାସ ତା ୧୯ ଦିନରେ ସାଙ୍ଗ କରିବେ, ତହିଁରାତିରୁ ଶେଷ ହେବା ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରିବେ ।

ଛୋଟଲାଟ ବାହାଦୂର ଇନସ୍ପେକ୍ଟର ଜେନେରଲ ଗତ ତା ୧୪ ଦିନରେ ଏଠାରେ ପରିଦର୍ଶନ ହୋଇ ଜେନେରଲ ହସପିଟାଲ ଓ ଜେଲଖାନା, ପାଗଲଖାନା ପ୍ରଭୃତି ପରିଦର୍ଶନ କରି ଗତ ତା ୧୬ ଦିନରେ ରେଳଗାଡ଼ି କଲିକତାକୁ ଯାତ୍ରା କରିଅଛନ୍ତି ।

ଏଠା ଜମ୍ବୁଦ୍ୱୀପର ଉଦାସୀ ଅମୃତଦାସ ନାମକ ଜଣେ ମାର୍କ ବାବୁ ଏଠାର ଉଦେମାନ ସାଙ୍ଗୀ ଉଦାସୀ ଅଖଡ଼ାର ଅନ୍ତ ଏବା ଦେମନ ନିକଟରୁ ୫୧୦୦ ଟଙ୍କା ମୂଲ୍ୟର ନୋଟ ଉଠାଇବାକୁ ଆଣି ଟଙ୍କା ଆପଣା ହସ୍ତଗତ କରି ପ୍ରେମାନନ୍ଦ ନାମକ ଜଣେ ବାବାଜୀ ସଙ୍ଗେ ରେଲଗାଡ଼ି ଦକ୍ଷିଣାଭିମୁଖେ ପଳାଇଯିବାର ଚେଷ୍ଟା କରିଥିଲା ଗଡ଼ଜାଟ ଷ୍ଟେସନରୁ ଧରା ପଡ଼ିଲା ଟଙ୍କା ପାଇଁ ଧରା ହୋଇ ସନ୍ଦେହ ହୋଇ ଯିବାରୁ ସେମାନେ ହାଜତରେ ପ୍ରେରିତ ହୋଇଅଛନ୍ତି ।

ସମ୍ବଲପୁର ଓ ଦେଓଗଡ଼ ଅଧିକା ଓଡ଼ିଶା ଅନ୍ତର୍ଗତ ନୂତନ ସଂଯୋଜିତ ସ୍ଥାନର ପୋଲିସ ଏଜେଣ୍ଟ ଶ୍ରୀଯୁକ୍ତ ବବେଲନ ସାହେବ ବହୁ ଦୁଃଖ ଦାଇ ଏ ଅଞ୍ଚଳରେ ଉପସ୍ଥିତ ହୋଇଥିଲେ । ସୁନାର ପୂର୍ବଦିନ ସେହି ସାହେବଙ୍କୁ ବର୍ତ୍ତମାନ ତାଙ୍କ ଘର ବ ଦପ୍ତ ମୁକ୍ତିପାଇ ନାହାନ୍ତି ।

### ଖଲ୍ଲିକୋଟର ସମ୍ବାଦ ।

କେଉଁକାଳ ବାଣୀ ଡେ: କଲେକ୍ଟର ଶ୍ରୀ ବାବୁ ହରେକୃଷ୍ଣ ମହାନ୍ତି, ବି, ଏ: ଶ୍ରୀବାବୁ ଗୋପାଳ ଚନ୍ଦ୍ର ପଟ୍ଟନାୟକ, ବି, ଏଲ୍: ସବ ଡେ: କଲେକ୍ଟର ମୌଲବୀ ସୈୟଦ ମହମ୍ମଦ ଅକବର, ବି, ଏ: ଓ ମୌଲବୀ ସୈୟଦ ମୋହନ ହକ୍, ବି, ଏ ପ୍ରଭୃତି ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏଠାର ସ୍ଥାପିତ 'ମଦ୍ରାସା' (ବିଦ୍ୟାଳୟ) ପ୍ରତି ଭୂୟସୀ ସହାନୁଭୂତି ପ୍ରକାଶ କରିଅଛନ୍ତି । କଟକ ସହରର ପ୍ରାଚୀନ ମୌଲବୀ ମହମ୍ମଦ ଅବଦୁଲ ମଜିଦ ସାହେବ ଏ 'ମଦ୍ରାସା'ର ସମ୍ପାଦକ ଅଛନ୍ତି ।

ଧୋଇଯାତ୍ରା ବୋଷ୍ଟୁ ଗଡ ଉତ୍ତର ଦିଗ ବେତୁଲୀ ଗ୍ରାମରେ ଅନେକ ଲୋକ ସମବେତ ହୋଇଥିଲେ । ଯାତ୍ରା କାର୍ଯ୍ୟ ଯଥାବିଧି ସମ୍ପନ୍ନ ହୋଇଥିଲା ।

ରାସଯାତ୍ରା ଉପଲକ୍ଷରେ ବଡ଼ପଡ଼ା ଗ୍ରାମରେ କାର୍ତ୍ତିକ ଶୁ ୮ ରୁ ପର୍ଯ୍ୟନ୍ତ ସମାରୋହ ସହ ହୋଇ ଯାତ୍ରା ଭବିବାର ଜନ ଦେଖା ହୋଇଅଛି ।

Digitized by srujanika@gmail.com

Split by PDF Splitter



ମହାଶୟ !

ଜଣାବନ୍ଧାରେ ସଭାଃସଭ

ଗତ ଅକ୍ଟୋବର ମାସର ତା ୯ ରଖ ଜଣାବନ୍ଧାର ସ୍ଥାନୀୟ ଜମିଦାର ମହୋଦୟଗଣଙ୍କ ଯତ୍ନ ଓ ଉଦ୍ଯୋଗରେ ଏଠାର ମି: ଇ: ସ୍କୁଲ ସନ୍ନିକଟସ୍ଥ ଆମୋଦଖାନାରେ ଏହି 'ସ୍ୱଦେଶୀ ଆନ୍ଦୋଳନ' ର ବିସ୍ତାର ଉଦ୍ଦେଶ୍ୟରେ ଏକ ମହତୀ ସଭାର ଅଧିବେଶନ ହୋଇଯାଇଅଛି । ଏହି ଗ୍ରାମର ଚତୁଃପାର୍ଶ୍ୱବର୍ତ୍ତୀ ପ୍ରାୟ ହଜାରେ ଏକ ଶତ ଗ୍ରାମର ଅନ୍ୟୂନ ପାଞ୍ଚଶତ ସମ୍ଭ୍ରାନ୍ତ ଭଦ୍ର ବ୍ୟକ୍ତି ଉକ୍ତ ସଭାରେ ଯୋଗଦାନ କରିଥିଲେ । ଏତଦ୍ଭିନ୍ନ ଉପସ୍ଥିତ ଶ୍ରମଜୀବୀମାନଙ୍କ ସଂଖ୍ୟା ଅଗଣିତ ହୋଇ ଉଠିଥିଲା । ସଭା-ମଣ୍ଡପ ମାତୃବନ୍ଦନାସୂଚକ ପୂର୍ଣ୍ଣଚନ୍ଦ୍ର-ଅଙ୍କିତ ପତାକା ଶ୍ରେଣୀରେ ସୁସଜ୍ଜିତ ହୋଇଥିଲା । ଅନୁଷ୍ଠାତୃଗଣ ସଭାର ମସ୍ତକୋପରି ଏଣ୍ଡିଏ ଏଣ୍ଡିଏ ଚନ୍ଦ୍ରାତପ ଧାରଣ କରି ଉତ୍ସାହ ଚିତ୍ତରେ ଶୋଭାନ୍ୱିତ ହେଉଥିଲେ । ସଭାର କାର୍ଯ୍ୟାବଳୀ ଅପରାହ୍ଣ ୩ ଟା ଠାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ ଟା ଠାରେ ଶେଷ ହୋଇଥିଲା । ସ୍ଥାନୀୟ ଜମିଦାର ଶ୍ରୀ ଚନ୍ଦ୍ରଧର ଗୌରାଙ୍ଗଚରଣ ପଟ୍ଟନାୟକ ସଭାପତି-ପଦରେ ବରିତ ହେଲେ । ସଭାପତି ଆସନ ଗ୍ରହଣ କରନ୍ତେ, ଅନ୍ଧ-ବାଳକ ସତ୍ୟ ବନ୍ଦୋଳାଇତ କଣ୍ଠରେ "ବନ୍ଦେ ମାତରମ୍" ଧ୍ୱନିରେ ସଭା ଧ୍ୱନିତ ହେଲା । ତତ୍ପରେ ଗୋଟିଏ ତୁଳସୀଦାସ ଜାତୀୟ ସଙ୍ଗୀତ ହେବେ ହେଲା ସଭ-ସ୍ଥ ଗୀତ ହେଲା ତତ୍ପରେ ସଭାପତି ମହୋଦୟ ସଭାଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ବିଷୟ ସଭାରେ ବୁଝାଇ ଦେଇ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଯଥାକ୍ରମେ ଉପସ୍ଥିତ କଲେ ।

୧ ମ ପ୍ରସ୍ତାବ ।—ମାନନୀୟ ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ ସି: ଆଇ: ଇ ଏହି ଶୁଭ କାର୍ଯ୍ୟର ଅଗ୍ରଣୀ ବୋଲି ତାହାଙ୍କୁ ଏ ସଭାରେ ଧନ୍ୟବାଦ ପ୍ରଦତ୍ତ ହେଉ ଓ ତାହାଙ୍କୁ ଏ ବିଷୟ ପତ୍ରଦ୍ୱାରା ଜଣାଇ ଦିଆଯାଉ ।

୨ ୟ ପ୍ରସ୍ତାବ :—ପ୍ରତ୍ୟେକ ଗ୍ରାମରେ ସ୍ୱଦେଶୀ ଜିନିଷ ବ୍ୟବହାର ସମ୍ବନ୍ଧେ ତତ୍ତ୍ୱ ନେବାପାଇଁ ଗୋଟିଏ ଲେଖାଏଁ କମିଟୀ ଗଠିତ ହେଉ ଏବଂ ଉକ୍ତ କମିଟୀରେ ଗ୍ରାମର ପ୍ରଧାନ ୬ ଜନ ଲୋକ ମେମ୍ବରସ୍ୱରୂପ ନିର୍ବାଚିତ ହୁଅନ୍ତୁ ।

୩ୟ ପ୍ରସ୍ତାବ :—ପ୍ରତ୍ୟେକ ଗ୍ରାମର ପ୍ରତ୍ୟେକ ପରିବାର ପ୍ରତିମାସରେ ଏକ ମୁଠା ଚାଉଳ ମୁଠାସ୍ୱରୂପ ଦାନ କରିବେ । ଉକ୍ତ ମୁଠା ସଂଗ୍ରହ କରିବାପାଇଁ ଦ୍ୱିତୀୟ ପ୍ରସ୍ତାବୋକ୍ତ ମେମ୍ବରମାନଙ୍କ ମଧ୍ୟରୁ ଜଣେ କୋଷାଧ୍ୟକ୍ଷ ପଦରେ ନିଯୁକ୍ତ ହେବେ ଏବଂ ତାହା ବିଦ୍ୟାଳୟ ଓ କୃଷକ ପ୍ରଭୃତି ଶ୍ରମଜୀବୀମାନଙ୍କର କାର୍ଯ୍ୟ-ସୌକର୍ଯ୍ୟାର୍ଥେ ଯଥାଯୋଗ୍ୟ ବ୍ୟୟିତ ହେବ ।

୪ର୍ଥ ପ୍ରସ୍ତାବ :—ପ୍ରତ୍ୟେକ ଗ୍ରାମର କୃଷକମାନେ କପା ଓ ଶଣପଟ ପ୍ରଭୃତି ଶସ୍ୟ ଯେପରି ବିଶେଷ ପରିମାଣରେ ଉତ୍ପନ୍ନ କରନ୍ତି, ତହିଁ ପ୍ରତି ଯଥୋଚିତ ମନୋଯୋଗୀ ହେବେ ଏବଂ ଉତ୍ପନ୍ନ ତୁଳା ଓ ଝୋଟ ପ୍ରଭୃତି ନିୟମିତରୂପେ ଦେଶୀୟ-ବସ୍ତ୍ର-ବୟନ କମିଟି ଯୋଗ୍ୟ ମୂଲ୍ୟରେ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି: ଆଇ: ଇଙ୍କ ନିକଟକୁ ପ୍ରେରିତ ହେବ ।

୫ମ ପ୍ରସ୍ତାବ :—ପ୍ରତ୍ୟେକ ଗ୍ରାମର ସ୍ୱ-କମିଟୀ ନିଜ ନିଜ କାର୍ଯ୍ୟ କଲେ ତାହା, ଜଣାବନ୍ଧାରେ ଦୁର୍ଗାପୂଜା ସମୟରେ ଉତ୍କଳ-ସମ୍ମିଳନୀ-ଶାଖା-ସମିତିର ଯେଉଁ ବାର୍ଷିକ ଅଧିବେଶନ ହେବ, ତହିଁରେ ଜଣାଇବେ ଏବଂ ଉକ୍ତ ଶାଖା-ସମିତିର ସମ୍ପାଦକ ତାହାର ସାର ବିବରଣ ସମସ୍ତ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି: ଆଇ: ଇଙ୍କୁ ଜଣାଇବେ ।

ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ କୃଷ୍ଣମୋହନ ପଟ୍ଟନାୟକ ଗୋଟିଏ ମାତୃଭକ୍ତି ରସାତ୍ମକ ଜାତୀୟ କବିତା ପାଠ କରିଥିଲେ । ତତ୍ପରେ ସଭାପତି ମହୋଦୟଙ୍କ ଆଦେଶାନୁସାରେ ଶ୍ରୀଯୁକ୍ତ ଉପେନ୍ଦ୍ରନାଥ ପଟ୍ଟନାୟକ, ରାମକୃଷ୍ଣ ପଟ୍ଟନାୟକ, ରାଜକିଶୋର ମହାନ୍ତି, ସର୍ବେଶ୍ୱର ପାଣିଗ୍ରାହୀ ପ୍ରଭୃତି ସଭ୍ୟ ମହୋଦୟମାନେ ଉକ୍ତ ପ୍ରସ୍ତାବମାନଙ୍କୁ ବକ୍ତୃତାଦ୍ୱାରା ଶ୍ରୋତାମାନଙ୍କୁ ଉତ୍ତମରୂପେ ବୁଝାଇ ଦେଇଥିଲେ । ଏତନ୍ମଧ୍ୟରୁ ଶ୍ରୀଯୁକ୍ତ ରାମକୃଷ୍ଣ ପଟ୍ଟନାୟକଙ୍କର ସ୍ୱାର୍ଥତ୍ୟାଗଗର୍ଭ ବକ୍ତୃତା ସମବେତ ଶ୍ରୋତୃମଣ୍ଡଳୀଙ୍କୁ ଉତ୍ତେଜିତ କରାଇଥିଲା ।

ସଭାପତିମହୋଦୟଙ୍କ 'ଟେବଲ୍' ଉପରେ ସ୍ଥାନୀୟ 'ନୀଳକଣ୍ଠ' ମହାଦେବଙ୍କର ବିଲ୍ୱଦଳ-ପାଦୋଦକ ପ୍ରତିଷ୍ଠିତ ଥିଲା । ତାହାକୁ ଛୁଇଁ ସମସ୍ତ ସଭ୍ୟମଣ୍ଡଳୀ ଏକବାକ୍ୟରେ ପ୍ରତିଜ୍ଞା କରିଥିଲେ ଯେ, "ଆମ୍ଭେମାନେ ଏହି ମୁହୂର୍ତ୍ତରୁ ଯଥାସାଧ୍ୟ 'ବିଦେଶୀ-ବର୍ଜନ ଓ ସ୍ୱଦେଶୀ-ଅବଲମ୍ବନ' ପାଇଁ ଦୃଢ଼ପରିକର ହେବା ।"

ତତ୍ପରେ ଶ୍ରୀଯୁକ୍ତ ସଭାପତି ମହୋଦୟ କୃଷି, ଶିଳ୍ପ, ବାଣିଜ୍ୟ ପ୍ରଭୃତି ସମ୍ବନ୍ଧରେ ଗୋଟିଏ ସାରବାନ୍ ସାର୍ଦ୍ଧ ବକ୍ତୃତା ପ୍ରଦାନ କରି ସମସ୍ତ ଶ୍ରୋତୃବର୍ଗଙ୍କୁ ବିମୋହିତ କରିଥିଲେ ।

ପରକ୍ଷଣରେ ସ୍ୱର୍ଗ-ଭୂଷଣ-କଣ୍ଠାର ଅବସାନ-ସୂଚକ ଗୋଟିଏ ଜାତୀୟ ସଙ୍ଗୀତ ଗୀତ ଓ ସଭାପତି ମହୋଦୟଙ୍କ ଅନୁରୋଧମତେ ସେହି ମହାମନ୍ତ୍ର-"ବନ୍ଦେମାତରମ୍" ସମସ୍ୱରରେ ତିନିବାର ଉଚ୍ଚାରିତ ହୋଇ ସଭା ଭଙ୍ଗ ହେଲା ।

ସଭାପତି ମହୋଦୟ ସ୍ୱହସ୍ତରେ 'ଉତ୍କଳ-ସାହିତ୍ୟ'-ପ୍ରେସରେ ମୁଦ୍ରିତ "ନିବେଦନ" ଉପସ୍ଥିତ ଭଦ୍ରମଣ୍ଡଳୀଙ୍କ ମଧ୍ୟରେ ବିତରଣ କରିଥିଲେ ।

ଅତୀବ ଆନନ୍ଦର ବିଷୟ ଯେ, ଏହି ସାଧୁ-ଉଦ୍ୟମର ସୁଫଳ ସ୍ୱରୂପ ଏହି ମହାସଭାରେ ଉପସ୍ଥିତ ଗ୍ରାମ-ମଣ୍ଡଳୀର ଅଧିବାସୀଗଣ ନିଜ ନିଜ ଗ୍ରାମରେ ଏହାର ଅନୁକରଣରେ ଏହାର ପ୍ରଶାଖା-ସମିତିମାନ ଗଠନ କରି ୩ୟ ପ୍ରସ୍ତାବ-ମତେ ମୁଠା ଅଦାୟର ବନ୍ଦୋବସ୍ତ କରୁଅଛନ୍ତି ଏବଂ ଜଣାବନ୍ଧାର ସ୍ଥାନୀୟ ... ଜମିଦାର ମହୋଦୟଗଣ ସେହି ...-ସମିତିମାନଙ୍କର ଅଧିବେଶନରେ ଆଗ୍ରହରେ ଯୋଗଦାନପୂର୍ବକ ଏହି 'ସ୍ୱଦେଶୀ-ଆନ୍ଦୋଳନ' ପ୍ରଚାର କରୁଅଛନ୍ତି ।

ବଶମ୍ବଦ

ଜଣାବନ୍ଧା ୨।୧୧।୦୫ } ଶ୍ରୀଲକ୍ଷ୍ମୀଧର ପଟ୍ଟନାୟକ ସମ୍ପାଦକ
ଜଣାବନ୍ଧା ଉତ୍କଳସମ୍ମିଳନୀ-ଶାଖାସମିତି

ମୂଲ୍ୟପ୍ରାପ୍ତି ।

ବାବୁ ଶ୍ରୀ ଦାମୋଦର ପଟ୍ଟନାୟକ ଦେଲଙ୍ଗାବଜାର ୫ ୧
" ଭଗବତପ୍ରସାଦ ସେଠ ବହୁବ୍ରତ ୫ ୯
" ନଳରତ୍ନପ୍ରସାଦ ମିଶ୍ର କଟକ ୫ ୨

## ବିଜ୍ଞାପନ ।

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ବଙ୍ଗଳା "ସତ୍ୟାର୍ଥ ପ୍ରକାଶ" ନାମକ ପ୍ରସିଦ୍ଧ ଗ୍ରନ୍ଥ ଆମ୍ଭ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଏହା ପଢ଼ିଲେ ବେଦ ଏବଂ ଧର୍ମ ସମ୍ବନ୍ଧରେ ବିଶଦ ଜ୍ଞାନ ଲାଭ ହେବ । ପ୍ରତି ଗ୍ରନ୍ଥର ମୂଲ୍ୟ ୧ ୯/ ଓ ମଫସଲକୁ ଡାକ ମାସୁଲ ୧୦ । ଲାଗିବ ।

ଶ୍ରୀ ରାମଶଙ୍କର ରାୟ କଟକ

ସ୍ୱଦେଶୀବସ୍ତ୍ର ! ସ୍ୱଦେଶୀବସ୍ତ୍ର !!
ସ୍ୱଦେଶୀୟ ବସ୍ତ୍ର !!!

ବୋମ୍ବେମିଲ ଓ ଅହମ୍ମଦାବାଦ ମିଲର ଧୋତି, ଗୁଦର, ଶାଢ଼ୀ, ବିଛଣାଚଦର, ଗେଞ୍ଜି ଓ ମୋଜା ପ୍ରଭୃତି, ସମସ୍ତ ବ୍ୟକ୍ତିଙ୍କର ବ୍ୟବହାରୋପଯୋଗୀ ବସ୍ତ୍ରମାନ ଆମ୍ଭେ ଆଣିଅଛୁଁ । କଲିକତା ଅପେକ୍ଷା ଏହାର ମୂଲ୍ୟ ଅଧିକ ନୁହେଁ । ସାଧାରଣଙ୍କ ଅନୁଗ୍ରହ, ଥରେ ଅମ୍ଭ ଦୋକାନକୁ ଆସି ନିଜ ନିଜର ଆବଶ୍ୟକୀୟ ବସ୍ତ୍ର କ୍ରୟ କରିବାଦ୍ୱାରା ଆମ୍ଭଙ୍କୁ ଉତ୍ସାହିତ କରିବେ । ମୋଫସଲକୁ ଭି, ପି, ଦ୍ୱାରା ପଠାଇବାପାଇଁ ପ୍ରସ୍ତୁତ ଅଛୁଁ । ଇତି

୨୭।୧୦।୦୫ } ଶ୍ରୀ ଶୁକଦେବ ରାମ
ନୂଆସଡ଼କ କଟକ

NOTICE.
CUTTACK JEWELLERY WORKS.

ଏତଦ୍ୱାରା ଆମ୍ଭେମାନେ ଜନସାଧାରଣଙ୍କ ସହିତ ଜଣାଉଅଛୁଁ କି ଯେ କଟକ ବକ୍ସିବଜାରଠାରେ ଆମ୍ଭେମାନେ ଦେଶୀୟ ଓ ବିଦେଶୀୟ ଫେସନ୍‌ର ଅଳଙ୍କାର ତିଆରି କରିବାର ଯେଉଁ ଗୋଟିଏ ନୂତନ କାରଖାନା ଖୋଲିଅଛୁ ତାହା ଅନେକ ପ୍ରାୟ ଦଶମାସ ହେବ ଖୁବ ସୁଖ୍ୟାତିର ସହିତ ଚଳିଆସୁଅଛି । ଏହି ଅଳ୍ପ ସମୟ ମଧ୍ୟରେ ଏହି କାରଖାନା ଯାହା ଉନ୍ନତି ଲାଭ କରିଅଛି ତାହା ତଳଲିଖିତ କତିପୟ ମହାଶୟଙ୍କ ସମସ୍ତେ ଅବ-

Digitized by srujanika@gmail.com

Split by PDF Splitter



ଗତ ହୋଇଯାଉଛି । ବର୍ତ୍ତମାନ ଆମ୍ଭେମାନେ ଉକ୍ତ କାରଖାନାକୁ ଗୋଟିଏ ବୃହତ୍ କମ୍ପାନୀ ସ୍ୱରୂପ ଗଠନ କରି ଯିନିଷମାନ ଅଳ୍ପର ଶସ୍ତା ମୂଲ୍ୟରେ ଦେବା ନିମନ୍ତେ ମଜୁତ କରୁଅଛୁ । ଉକ୍ତ କମ୍ପାନୀରେ ଯେଉଁମାନେ ଅଂଶୀଦାର ହେବାକୁ ଇଚ୍ଛା କରନ୍ତି ସେମାନେ ଆଗତ ଡିସେମ୍ବର ତା ୨୫ ରିଖ ମଧ୍ୟରେ ତଳଲିଖିତ ଠିକଣାକୁ ଲେଖି ପଠାଇଲେ ସମସ୍ତ ବିଷୟ ଜାଣି ପାରିବେ । ପ୍ରକାଶ ଥାଉକି ଉକ୍ତ କାରଖାନା ସହିତ ଅମ୍ଭେମାନେ ଘଡ଼ୀ ଓ ଚସମା ଇତ୍ୟାଦିର ଗୋଟିଏ ନୂତନ ଶାଖା ଖୋଲିଅଛୁ । ଅଶାକରୁ ଦେଶ ହିତୈଷୀ ଭଦ୍ର ବ୍ୟକ୍ତି ମାନେ ଥରେ ଆସି ଦେଖିବାଦ୍ୱାରା ଅମ୍ଭମାନଙ୍କୁ ଚିରବାଧିତ କରିବେ

କଟକ
୨୮।୧୦।୦୫ ଶ୍ରୀ ପରମାନନ୍ଦପ୍ରୁଷ୍ଟି ମେନେଜର
କଟକ ଯୁଏଲରି ୱର୍କ୍
ବକସିବଜାର କଟକ

Mr. F. N. FISCHER, the late Collector of Cuttack, who visited the above firm on the 9th October 1905, writes:—"Visited the Cuttack Jewellery works. The designs are neat and the work fine. I have ordered several things in filegree

Mr. W. TEUNON, I. C. S. the late Session Judge of Orissa who took some silver stoppers from the above writes in a letter from Bhagalpure; "Messrs G. C. Prusty & Co. of Buxibazar supplied me with two silver stoppers. They were of very neat workmanship."

Babu BIDHU BHUSAN CHAKERBRATTY, the late Sudjudge of Cuttack who was a great patron of the above firm and visited several times writes:—"Visited the Cuttack Jewellery Works of G. C. Prusty & Co. of Buxibazar Cuttack. I was satisfied with every thing I saw. The workmanship is nice and the prices charged are moderate. I wish the concern every success. It deserves public encouragement and patronage."

Babu SURJONARAYAN DAS, additional Subjudge of Cuttack writes:—"I have much pleasure to certify that the firm of G. C. Prusty & Co. of Buxibazar Cuttack are turning out Jewelries and filigree works of good design and choyce. Recently I bought some of them which in respect of design and workmanship were creditable to the good reputation of the firm and gave me entire satisfaction. I trust the public will patronize as the articles appear to be cheaper than many other similar firms."

Babu G. C. GANGUL, professor, Ravenshaw College, who visited the workshop on the 5th March 1905, writes:— The time has come when our arts and industries should be actively encouraged by our countrymen. The workmanship of the Art Wares I have seen is neat indeed, and I shall be glad to hear of the success of this business in the near future" Besides, these there are several others which can be seen in our Visitor's book.





ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ଲୋକବିଖ୍ୟାତ ଶ୍ରେଷ୍ଠ **ଇଲେକ୍ଟ୍ରୋ ସାଲସା** ଅଦ୍ଭୁତ ଓ ଅଲୌକିକ ଆଶ୍ଚର୍ଯ୍ୟଗୁଣ! ପ୍ରତ୍ୟକ୍ଷଫଳ

ଜଗତରେ ସୁଖ୍ୟାତିର ଅଧିଅଛି । ଏହା ରକ୍ତଦୁଷ୍ଟିର ବୃଦ୍ଧାନ୍ତ, ପାରଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗିର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ । କ୍ଷୁଧା ବୃଦ୍ଧି କରିବାକୁ, କୋଷ୍ଠ ପରିଷ୍କାର ରଖିବାକୁ, ଦେହ ହୃଷ୍ଟ ପୁଷ୍ଟ କରିବାକୁ ଶକ୍ତି ସମ୍ପନ୍ନ । ସ୍ୱପ୍ନଦୋଷ ନାଶ ହୁଏ, ଦୁର୍ବଳ ଇନ୍ଦ୍ରିୟ ସବଳ ହୁଏ, ରତିଶକ୍ତିର ସ୍ଫୂର୍ତ୍ତିବିକାଶ ହୁଏ ।

ଅଙ୍ଗଶୈଥିଲ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତା, ଅଲୌକିକତା ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ ଜ୍ୱଳନ୍ତ ସାକ୍ଷୀ ଦେଉଅଛି ତାହାର ୨।୩ ଖଣ୍ଡ ନିମ୍ନ ପ୍ରକାଶିତ ହେଲା ।

୧ । ମହାମାନ୍ୟ ମହାରାଜା ସାର ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ବାହାଦୁରଙ୍କୁ ଲେଖିଅଛନ୍ତି:—"***ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍ଟ୍ରୋ ସାଲସା" ଦୂଷିତରକ୍ତ ପରିଷ୍କାର କରିବା ଓ ରକ୍ତ, ଦୁଷ୍ଟ ଦେହ ହେତୁ ଜନିତ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ"।

୨ । ମହାମାନ୍ୟ ମହାରାଜା-ଗଜପତି ନାରାୟଣ ଦେଓ ଟେକ୍କାଲୀରୁ ଲେଖିଅଛନ୍ତି—"*** ରାଜ୍ୟପରିବାର ମଧ୍ୟରେ ଯେଉଁ ତ୍ୟାଗଜନିତ ଔଷଧ ମଗାଇଲି, ଉପକାର ଦେବା କୁଳେ ଥାଉ ଅପକାର ହେଲା ସେଥିରେ ପାର ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍ଟ୍ରୋ ସାଲସାର ଗୁଣ ମୁଁ ପ୍ରଶଂସା ପାରିବି ନାହିଁ । ମୋତେ ଅନ୍ତର ୩ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା-ବାହାଦୁର ସିଂହଜୀ ଦେଓ ଖଲକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ସାମର୍ଥ୍ୟ ବୃଦ୍ଧି କରିବାକୁ ଇଲେକ୍ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ" ।

ମୂଲ୍ୟ ପ୍ରତି ଶିଶି ୧୮୯ ୩।୨।୮ ଶିଶିକୁ ଯଥାକ୍ରମେ ୧୫୧ ୧୨।୦ ୧୨୬୯ ଡାକମାସୁଲ ସ୍ୱତନ୍ତ୍ର

ପ୍ରାପ୍ତିସ୍ଥାନ,—ଡବଲିଉ, ମେଜର ଏଣ୍ଡ କୋମ୍ପାନୀ, କଲିକତା


Digitized by srujanika@gmail.com

Split by PDF Splitter




ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ

ମହିଳାମାନଙ୍କର **ହେୟାର-ଲାଇନ** ସୌନ୍ଦର୍ଯ୍ୟ ସାମଗ୍ରୀ

କେଶର ପରିପୋଷଣ ସମ୍ବର୍ଦ୍ଧନ ଓ ସ୍ନାୟୁ ସବଳକାରୀ ମନୋହର କେଶ ତୈଳ । କେବଳାଦି-ରେଶକଦ୍ରବ୍ୟ ।ନ ସଦ୍ୟ ପ୍ରସ୍ଫୁଟିତ ସୁଗନ୍ଧିପୁଷ୍ପ, ଅନ୍ୟାନ୍ୟ ସୁଗନ୍ଧ ସାର, ବୈଜ୍ଞାନିକ ପ୍ରଣାଳୀରେ ଏକତ୍ରିତ କରି । ବିଶୁଦ୍ଧ କେଶ ପୋଷକ ତୈଳ ସଂଯୋଗରେ ଏହି ହେୟାର-ଲାଇନ ପ୍ରସ୍ତୁତ ହୋଇଅଛି । ଅତଏବ ଏ । ଲଗାଇବାକୁ ଆରମ୍ଭ କରନ୍ତୁ, ଅପୂର୍ବ ସୌରଭରେ ଗୃହ ଅତି ମଧୁର ପଡ଼ିବ । ମସ୍ତିଷ୍କ ସୁଶୀତଳ ହେବ । ଚକ୍ଷୁଃ ଶେଷକ ମନୋହର ସୁବାସରେ ମଗ୍ନ ହେବେ । ଅଣଷ୍ଟିକ ମନେ ହେବ ସେପରି ପ୍ରସ୍ଫୁଟିତ ସ୍ନିଗ୍ଧ ଭିତ୍ତାନର ଅଧିଷ୍ଠ ।

"ହେୟାର-ଲାଇନ" ଲଗାଇ କେଶ ବିନ୍ୟାସ କଲେ ୨୪ ଘଣ୍ଟାକାଳ ଗନ୍ଧ ସମ ରହେ ଥାଏ । ସ୍ନାନ ପରେ ୮ ଦଶ ଦିନ ପର୍ଯ୍ୟନ୍ତ ପଡ଼ିଲେ, ହେୟାର-ଲାଇନ ଗନ୍ଧ ଯେତେବେଳେ ବାହାରୁ ଥାଏ, ସେପରି ସୌରଭର ସ୍ମରଣ ହୋଇଥାଏ । ଅନ୍ୟ ମୂଲ୍ୟବାନ ଅତର ଓ କେଶଲୋମ ମ୍ୟାକେସାର ତୈଳ ତୁଳନା ଏହାର ସୌରଭ ଓ ଗୁଣ କେତେ ଉତ୍କୃଷ୍ଟ ।

"ହେୟାର-ଲାଇନ" ରଙ୍ଗ ଅତି ମନୋହର, ସ୍ୱଚ୍ଛ ଓ ସ୍ନିଗ୍ଧ । ଏହି ତୈଳ କେଶରେ ଜଟା ଧରେ ନାହିଁ, ଜଡ଼ ଧରେ ନାହିଁ, ଦୁର୍ଗନ୍ଧ ହୁଏ ନାହିଁ ।

"ହେୟାର-ଲାଇନ" କେବଳ ସୌଖିନ ଦ୍ରବ୍ୟ ନୁହେ ମସ୍ତିଷ୍କ ପୀଡ଼ା, ମସ୍ତକ ଘୂର୍ଣ୍ଣନ, ହିଷ୍ଟିରିଆ ପ୍ରଭୃତି ରୋଗର ମହୌଷଧ । ଚକ୍ଷୁ, ଯନ୍ତ୍ରଣା, ଗାତ୍ର ଦାହ, ଶିର ଘୂର୍ଣ୍ଣନ ହେବା, ସ୍ନାନରେ ଅବଶ ହେବା, ସ୍ୱପ୍ନଦୋଷ, ଦୌର୍ବଲ୍ୟ ଏବଂ ପଢ଼ିବା ପ୍ରାୟ ବୋଧ ହେବା, ଅନିଦ୍ରା, ରକ୍ତ ସଞ୍ଚାଳ ପ୍ରଭୃତି ଉପସର୍ଗ ଦୂରୀକରଣରେ ଏହା ତୁଲ୍ୟ କ୍ଷମତାପନ୍ନ ଔଷଧ ଆଉ ନାହିଁ । ଏହା ସୁବର୍ଣ୍ଣ—ଅଙ୍ଗର ଭୂଷଣ ।

"ହେୟାର-ଲାଇନ" ବ୍ୟବହାର କଲେ କେଶ ଘନ କୃଷ୍ଣ ହୁଏ, କୋମଳ ମସୃଣ ହୁଏ, କେଶ ଦୁର୍ବଳ ପରମାଣୁ ନଷ୍ଟ ହୁଏ ଏବଂ ଲମ୍ବା ଓ ଉଜ୍ଜ୍ୱଳ ହୁଏ, ମସ୍ତିଷ୍କ ଶୀତଳ ହୁଏ । ଅନେକଙ୍କ ବ୍ୟବହାର କଲେ ଅଙ୍ଗର ରୋଗ ନଷ୍ଟ ହୁଏ, ମୁଖର ବ୍ରଣ ପ୍ରଭୃତି ନଷ୍ଟ ହୁଏ; କେଶ ପକ୍ୱ ମିଳ ଓ ସୁଦୃଢ଼ ହୁଏ, ତେଜ ଦୁର୍ବଳ ଦୂର ହୁଏ, ଚର୍ମ କୋମଳ ଓ କାନ୍ତିଯୁକ୍ତ ହୁଏ, ମନର ସ୍ଫୂର୍ତ୍ତି ବଢ଼େ, ସ୍ମରଣ ଶକ୍ତି ବୃଦ୍ଧି ହୁଏ । ହେୟାର-ଲାଇନ ସମସ୍ତେ ବ୍ୟବହାର କରନ୍ତୁ । ଏହା ପ୍ରେମିକ ପ୍ରେମିକାର ଅଦର ସାମଗ୍ରୀ ।

ମୂଲ୍ୟ ପ୍ରତି ବଡ଼ ଶିଶି ୧ ( ୩,୬,୧୨ ଶିଶି କମିଶନ ୫୦, ୧୨୫, ୨୨୦ ପ୍ରତି ଓ ଡାକମାସୁଲ ସ୍ୱତନ୍ତ୍ର

ପ୍ରାପ୍ତିସ୍ଥାନ ଡବ୍ଲ୍ୟୁ ମେଜର ଏଣ୍ଡ କୋମ୍ପାନୀ—କଲିକତା








ଡାକ୍ତର ମେଜର ସାହେବଙ୍କର

ନୂତନ ଆବିଷ୍କାର ।

ଚକିତ୍ସା ଜଗତରେ—ଯୁଗାନ୍ତର !!

ଅଧିକ ଦେଖନ୍ତୁ—ସାଧ୍ୟ ଔଷଧ । !!

**ହାରକ୍ଷୋପନ-ଜନିକସାର**

ବା

କୋଷ ବୃଦ୍ଧିର ଅମୋଘ ଔଷଧ ।

ଏକ ବର୍ଷ ୪ ହଜାରରୁ ଅଧିକ ରୋଗୀ ଆରୋଗ୍ୟ ଲାଭ କରିଅଛନ୍ତି । ଅନ୍ୟମାନେ ବୃଥା ସନ୍ଦେହ କରୁଅଛନ୍ତି, ଏହି ପ୍ରଲେପ ଉପସ୍ଥିତ ରୂପେ କେତେକ ସପ୍ତାହ ବ୍ୟବହାର କଲେ ଏକଶିରା ବା କୋରଣ୍ଡ ଯେତେ ବଡ଼ ହୋଇ, ସେତେ ସୁଦ୍ଧା ଭଲ ହୋଇ ସମ୍ପୂର୍ଣ୍ଣ ଆରୋଗ୍ୟ ହେବ । ଯେଉଁମାନେ ଏହି କୁତ୍ସିତ ରୋଗ ଓ ତାହାର ଦୁଃସହ ଯନ୍ତ୍ରଣାଦାୟକ ଉପସର୍ଗ ଭୋଗ କରୁଅଛନ୍ତି ସେ ଯନ୍ତ୍ରଣାରେ ଅଥଚ ଗୋପନ ଦ୍ୱାରରେ ଅନେକ ଅର୍ଥ ନଷ୍ଟ କରନ୍ତି, ସେମାନେ ଅତିଶୀଘ୍ର ଏହି ପ୍ରଲେପ ବ୍ୟବହାର କରି ଦେଖନ୍ତୁ । ପ୍ରଥମ ଦିନ ବ୍ୟବହାରରେ ଏହାର ଅଦ୍ଭୁତ ଉପକାରିତା ଜଣାଯାଏ ଅର୍ଥାତ୍ କେବଳ ରାତ୍ରି କାଳରେ ଔଷଧ ଲେପନ କରି ଢାଙ୍କିଲେ ଜଡ଼ାଇ ରଖି ଶୋଇଲେ କୋଷ ମଧ୍ୟସ୍ଥ ସଞ୍ଚିତ ଜଳ, ମାଂସ ଗଳି ହୋଇ ବିନ୍ଦୁ ବିନ୍ଦୁରେ ସମସ୍ତ ଜଳ କ୍ରମେ ବାହାରିଯାଏ, ବାଢ଼ି ବଢ଼ିବା ବନ୍ଦ ହୋଇଯାଏ ଏବଂ କ୍ରମେ ଅଣ୍ଡ ଛୋଟ ଓ ସୁନ୍ଦର ହୋଇଯାଏ । ଯେଉଁମାନେ ଆରୋଗ୍ୟ ହେବା ଉପରେ ହତାଶ ହୋଇଅଛନ୍ତି, ସେମାନେ ଏହି ମହୌଷଧ ପ୍ରତି ସମ୍ପୂର୍ଣ୍ଣ ନିର୍ଭର କରନ୍ତୁ । ବ୍ୟବହାରରେ ଜାଲା ଯନ୍ତ୍ରଣା ବା କଷ୍ଟ ଉତ୍ପନ୍ନ ନ ହୁଏ, ଆହାର ବିହାର ସାଧାରଣ ଭଳି ।

ମୂଲ୍ୟ ପ୍ରତି ଶିଶି ୧ ୧୮ ଛୋଟ ଶିଶି ଏକତ୍ରରେ ୫ ୩ । ୭ ଶିଶି ୫ ୬ ଡା ଖର୍ଚ୍ଚ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ—ଡବ୍ଲ୍ୟୁ ମେଜର ଏଣ୍ଡ କୋମ୍ପାନୀ କଲିକତା



**ସଞ୍ଜୀବନୀବଟିକା ।**

ମାସୁଲାଦି ୫ ୦ ।୶

ରକ୍ତାମାଶୟର ମହୌଷଧ ସେବନରେ ପେଟକାମୁଡ଼ି ପେଟ ଫମ୍ପିବା, କଷ୍ଟ ଓ ଶୂଳ ଇତ୍ୟାଦି ପ୍ରବଳ ରକ୍ତାମାଶୟ ଶୀଘ୍ର ଆରୋଗ୍ୟ ହୁଏ ।

ଗନୋରିଆ ବା ପ୍ରମେହ । **ସୁଧାଇନ୍ଦୁ** ଅମୋଘ ଔଷଧ

ସେବନରେ ପୁଞ୍ଜ ରକ୍ତ ପ୍ରସ୍ରାବରେ ଜ୍ୱାଳା ଯନ୍ତ୍ରଣା ଆଦି ଉପଦ୍ରବ ଶାନ୍ତ ହୁଏ, ସ୍ତ୍ରୀ ପୁରୁଷଙ୍କ ଗନୋରିଆ ଓ ସକଳ ମେହ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ, ୭ ଦିନ ମଧ୍ୟରେ ଚମତ୍କାର ସୁଫଳ ଦେଖାଯାଏ ।

ମୂଲ୍ୟ ଏକପାତ୍ରକୁ ୫ ୧୪ ଡା ଉ, ପି, ୨ ୦ ।୶

**ସର୍ବ ଘତାନ୍ତ୍ରକମଲମ**

( ଯାବତୀୟ ଦୂଷିତ ବ୍ରଣ ଶୂନ୍ୟ )

ମୂଲ୍ୟ ଏକ କୌଟାକୁ ୨ ୧ ଡା ଉ, ପ ୨ ୦ ।୶

କଠିନ ଉପଦଂଶ ବ୍ରଣାଦିର ଓ ସର୍ବବିଧ ଦୁଃସାଧ୍ୟ ଘା ଶୀଘ୍ର ଆରୋଗ୍ୟ ହୁଏ ।

**କାମକଳ୍ପତରୁ ରସାୟନ ।**

ଏହା ସେବନରେ ଶରୀର ଇନ୍ଦ୍ରିୟ ସବଳ, ପୁରାତନ ମେହ ଶାନ୍ତ, ଶୁକ୍ରର ଗାଢ଼ତା ଓ ଧାରଣା ଶକ୍ତି ବୃଦ୍ଧି ହୁଏ କୃଶ ଦୁର୍ବଳ ଶରୀର ସ୍ଥୂଳ ( ମୋଟା ) ଓ ବଳିଷ୍ଠ ହୁଏ ସାୟଂକାଳରେ ସେବନ କଲେ ଅଲୌକିକ ସ୍ଫୂର୍ତ୍ତି ଓ ବଳାଧିକ୍ୟ ଭାବ ଅନୁଭବ ସୁଖ ଅନୁଭବ କରିବ ବିବିଧ ଔଷଧପୂର୍ଣ୍ଣ ଏକ କଉଟାର ମୂଲ୍ୟ ଭିଃ ପିଃ ମାସୁଲାଦି ସମେତ ୫ ୧ ୨ ଏଥିରେ ସ୍ୱର୍ଣ୍ଣ ଅବା ଅଫିମ ନାହିଁ ।

ଶ୍ରୀ ଭବାନୀପ୍ରସାଦ କବିରାଜ

ବୈଦ୍ୟ, ଗୋଦାବରୀ ୮ କାଶୀଧାମ



**ସାବିତ୍ରୀ ବାଲା ।**

ସୁନ୍ଦରଶ୍ରୀ ସାବିତ୍ରୀ ସତ୍ୟବାନ୍‌, କନ୍ୟା, ସୁଭଦ୍ରା ପ୍ରଭୃତିଙ୍କ ହସ୍ତେ ଏକ ଏକ ଯୋଡ଼ା ଏହି ସାବିତ୍ରୀ ବାଲା ଦିଆଯାଇ ଦେଖନ୍ତୁ । ଏହା ଦେଖିବାକୁ ଠିକ ଗିନି ସୁନାପରି, ଗଠନ ପ୍ରଣାଳୀ ଅତି ସୁନ୍ଦର ଓ ପରିଷ୍କାର, ଉଜ୍ଜ୍ୱଳ ପାଲିସ୍‌କରା ସର୍ବକାଳସ୍ଥାୟୀ ଓ ମଜବୁତ । ରଙ୍ଗ କେବେହେଁ ମଳିନ ହେବ ନାହିଁ । ବିବାହ, ଜନ୍ମୋତ୍ସବ, ଅନ୍ନପ୍ରାଶନ, ୯ ପୂଜା ପ୍ରଭୃତି ସମାରୋହ କାର୍ଯ୍ୟରେ ବନ୍ଧୁ ବାନ୍ଧବ ଏହି ବାଲା ହସ୍ତରେ ପିନ୍ଧି ଗଲେ ଧନଦେବଙ୍କର ପରିବାରବର୍ଗ ଏହାର ସୌନ୍ଦର୍ଯ୍ୟ ଓ ଗଠନପ୍ରଣାଳୀରେ ମୁଗ୍ଧ ହୋଇ ସୁନାଙ୍କର ମୂଲ୍ୟବାନ ଅଳଙ୍କାର ଭୁଲି କରି ଆଶ୍ଚର୍ଯ୍ୟ ହୋଇ ଏହି ବାଲା ଦେଖିବେ ଏବଂ ଏହାର ଏକ ଏକ ଯୋଡ଼ା ଖରିଦ କରିବାକୁ ଲାଳାୟିତ ହେବେ । ମୂଲ୍ୟ ପ୍ରମାଣ ୧ ଯୋଡ଼ା ୫ ୨ ଭିଃ ପିଃରେ ଡାକ ଟିକଟମାନଙ୍କର ୫ ୧ । ଅଣା ।

ମାସୁଲାଦି ସ୍ୱତନ୍ତ୍ର । ହସ୍ତର ମାପ ପଠାଇବା କର୍ତ୍ତବ୍ୟ ।

**ଉପହାର !! ଉପହାର !!!**

ଯେଉଁମାନେ ଏକତ୍ରରେ ୬ ଯୋଡ଼ା ସାବିତ୍ରୀ ବାଲା ନେବେ ତାହାଙ୍କୁ ଉପହାର "ରଖା" ନାମକ ସୁନାର ରଙ୍ଗ ଏକ ଯୋଡ଼ି, ଏକ ଶିଶି "ଲ୍ୟାଭେଣ୍ଡର" ଏବଂ ଶିଶି କୁନ୍ତଳକାନ୍ତି ତୈଳ, ତଥା "ରୋଜ ସୋପ" ୬ ଯୋଡ଼ା ନେଲେ ସେହି ଛଅ ଏକଶିଶି ଓ ସେହି ତୈଳ ଏକଶିଶି ଉପହାର ଦିଆଯିବ ।

ପ୍ରାପ୍ତିସ୍ଥାନ

ମେସାର୍ସ, ମିତ୍ର, ଏଣ୍ଡ କମ୍ପାନୀ

୪ ନଂ ମିର୍ଜାପୁର ଷ୍ଟ୍ରିଟ

କଲିକତା


Digitized by srujanika@gmail.com

Split by PDF Splitter




## IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says:—That it is asafe and reliable remedy.

Batliwalla & Co's Cholerol, specific for cholera and Batliwalla's Ague Mixture or Pills, may be had of DR H. L. BATLIWALLA's, Worli—Dadar Bombay and everywhere.

At Re. 1 per bottle Discount to the Trade.

## ନୂତନ ପୁସ୍ତକ ।

ନିମ୍ନଲିଖିତ ପୁସ୍ତକମାନ ନୂତନ ଛପାହୋଇ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

| | | |
|---|---|---|
| କାର୍ତ୍ତିକମାହାତ୍ମ୍ୟ | ନୂତନସଂସ୍କରଣ | ଟ ୦ ୵ |
| ଉଦ୍ଧାହରଣ ଶ୍ଳୋକ ( ଅର୍ଥସହିତ ) | | ଟ ୦ ୵୨ |
| ଶ୍ରୀଭାଗବତ ଦଶମ ଗୋପଲୀଳା ନୂତନ ସଂ | | ଟ ୦ ୵ |
| ମନ୍ତ୍ରମଣ୍ଡଳଗୀତା | | ଟ ୦॥ |
| ଧର୍ମପୁରାଣ | | ଟ ୦। |
| କଳଙ୍କୀଗ୍ରାମାୟଣ | ନୂତନ ସଂସ୍କରଣ | ଟ ୧ ୯ |
| କୃଷ୍ଣ ଲୀଳା | | ଟ ୦॥ |
| ବୈଶାଖମାହାତ୍ମ୍ୟ | ନୂତନସଂସ୍କରଣ | ଟ ୦ ।୵ |
| ଅଗତଭଞ୍ଜନ | ” | ଟ ୦ ୯୬ |
| ଘୃଟଶାଳୀ ପାଠ | ” | ଟ ୦ ।୨ |
| ଜାମରଭଗୀତା ୧ମ ଭାଗ | ” | ଟ ୦। |
| ” ୨ୟ ଭାଗ | ” | ଟ ୦। |
| କବଚ୍ଚିତ୍ରାମଣି | ” | ଟ ୨୵ |
| ଗୋବିନ୍ଦାଶ୍ରୀମାନସଲ | ” | ଟ ୦ ୵ |
| ଲାବଣ୍ୟବତୀ | | ଟ ୧ ୯ |
| ଗୋପାଳପୂଜା ପଦ୍ଧତି | | ଟ ୦॥ |
| ଚଢ଼ୁଘଣ୍ଟା ଚନ୍ଦ୍ର | | ଟ ୦ । |
| ବୈଦ୍ୟଜୀବନ ଶ୍ଳୋକ ଓ ଅର୍ଥ | | ଟ ୦ ।୵ |

ନୂତନ ପୁସ୍ତକ, ନୂତନ ପୁସ୍ତକ, ନୂତନ ପୁସ୍ତକ

## ଆରବ୍ୟକୁସୁମ ।

ବା

ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ

୨ୟ ଖଣ୍ଡ

ପୃ ୫୫—୧୧୦ ଖ୍ରୀ

ଏଥିରେ ବାଦ୍ୟ ଉପଜୀବିର ଗଳ୍ପମାନଙ୍କ କଥା ( ଧୀବର ଓ ଦୈତ୍ୟର ଅବଶିଷ୍ଟାଂଶ ) ଓ ସିନ୍ଦବାଦ ନାବିକର ବାଣିଜ୍ୟ ଯାତ୍ରାର ସାତଗୋଟି ଅତି ଅଦ୍ଭୁତ ବର୍ଣ୍ଣନା ସନ୍ନିବେଶିତ ହୋଇଅଛି ।

ମୂଲ୍ୟ ଟ ୦ ୵ ଡାଃ ମାଃ ଟ ୦ ୯ ୨

ପ୍ରଥମ ଖଣ୍ଡର ଅତି ଅଳ୍ପସଂଖ୍ୟକ ମାତ୍ର ଅବଶିଷ୍ଟ ଅଛି ।

ମୂଲ୍ୟ ଟ ୦ । ଡାଃ ମାଃ ଟ ୦ ୯ ୨

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଓ ଜଗନ୍ନାଥ ପ୍ରେସରେ ପ୍ରାପ୍ତବ୍ୟ ।

# ହରିବଂଶ

## ମହାଭାରତାନ୍ତର୍ଗତ ଖିଲ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ମୂଲ୍ୟ ପ୍ରତିଖଣ୍ଡ ୧ ଙ୍କା

## ଉପନିଷତ୍‌ସଂଗ୍ରହ ।

ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ଫକୀରମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦ ୵

କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଅସ୍ମ ପ୍ରଣୀତ ଓ ପ୍ରକାଶିତ ନିମ୍ନଲିଖିତ ପୁସ୍ତକମାନ କଟକ ବର୍ଦ୍ଧିବଜାର ପ୍ରିଣ୍ଟିଂକମ୍ପାନୀଙ୍କ ଓ ବୁକ ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଏବଂ ଚୌଦ୍ଧାବାଜ଼ାର ଗଡ଼ଗଡ଼ିଆ ପଣ୍ଡିତ ଶ୍ରୀ ଗଣେଶ୍ୱର ମିଶ୍ରଙ୍କ ପୁସ୍ତକ ଦୋକାନରେ ଅତ୍ୟନ୍ତ ସୁଲଭ ଅଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି । ଡାକରେ କି ଭେଲ୍ୟୁପେବଲର ପାର୍ସଲରେ ବହି ନେଲେ ତାଙ୍କ ନିକଟକୁ ଲେଖିବାକୁ ହେବ ।

| | |
|---|---|
| ଜୀବନଚରିତ୍ର (ପରିବର୍ଦ୍ଧିତ ସଂସ୍କରଣ) | ଟ ୦ । |
| ସଙ୍ଗୀତସାଗରର ପ୍ରଥମ ତରଙ୍ଗ | ଟ ୦ ॥୨ |
| ଏତନ ଦ୍ୱିତୀୟ ତରଙ୍ଗ | ଟ ୦ ॥ |
| ଏତନ ତୃତୀୟ ତରଙ୍ଗ | ଟ ୦ ॥ |
| ଏତନ ଚତୁର୍ଥ ତରଙ୍ଗ | ଟ ୦ ॥ |
| ଏତନ ପଞ୍ଚମ ତରଙ୍ଗ | ଟ ୦ ॥ |
| ଏତନ ଷଷ୍ଠ ତରଙ୍ଗ | ଟ ୦ ॥ |
| ସଙ୍ଗୀତ ସର୍ବସ୍ୱ | ଟ ୦ ॥ |
| ରମ୍ଭଲେଖା ( ଉପେନ୍ଦ୍ରଭଞ୍ଜ କୃତ ) | ଟ ୦ ॥ |
| ପାରିଜାତମାଳା (ଶ୍ରୀମତୀ ! ଲକ୍ଷ୍ମଣା ଦେବୀ କୃତ | ଟ ୦ । |
| ଜାତୀୟ ସଙ୍ଗୀତ | ଟ ୦ ॥ |
| କଙ୍କାଳ ବର୍ଣ୍ଣନା | ଟ ୦ ୯ ୯ |
| ସମରତରଙ୍ଗ | ଟ ୦ ॥ |
| ବାଲ୍ୟସାକ୍ଷୀ | ଟ ୦ । |

ଶ୍ରୀ ଦାମୋଦର ପଟ୍ଟନାୟକ

## ଦେଖନ୍ତୁ ! ଦେଖନ୍ତୁ !! ଦେଖନ୍ତୁ !!!

ଇଂରାଜୀ ଓଷ୍ଟାଚ ଅନାବୃତ ମୁଣ୍ଡ; ମୂଲ୍ୟ: ଟ ୭ ଙ୍କା ଇସ୍ପାତର ଓଷ୍ଟାଚ ଟ ୩୵; ରେଲଓ୍ୱେ ରେଗୁଲେଟର ଓଷ୍ଟାଚ ଟ ୪; ହୋରଲିଙ୍ଗ କୋଂ ଓଷ୍ଟାଚ ଟ ୧୨ ରୁ ଟ ୪୦ ଙ୍କା ପର୍ଯ୍ୟନ୍ତ; ବାଜା ହାରମନିଏ ( ଘଣ୍ଟା ଓ ଘଣ୍ଟା ବାଜେ ) ଟ ୫ ଙ୍କା । ପ୍ରତ୍ୟେକ ଘଣ୍ଟାର ଗେରେଣ୍ଟି ବନ୍ଦୋବସ୍ତ ଓ ମାସୁଲ ସ୍ୱତନ୍ତ୍ର ଲାଗେ ।

ଅତି ଅପରୂପର ପ୍ରୟୋଜନ; — ସମ୍ପୂର୍ଣ୍ଣ ଲକ୍ଷ୍ମୀଦ୍ରବ୍ୟ ( ଡୋବା ) ମୂଲ୍ୟ ଅଟଣ୍ଟ ୨ଟି ଟ ୧୩; ୧୨ଟି ଟ ୨୵; ବୈଷ୍ଣବଙ୍କ ହାରକ ଷ୍ଟାକୁ ଗୋଟିକୁ ଟ ୦ ।୵, ଡଜନ ଟ ୯ ଙ୍କା, ଟାଇପ୍ରକାର ଦ୍ରବ୍ୟଯୁକ୍ତ ବାକ୍ସ ଗୋଟିକୁ ଟ ୨୵ ହାଓ୍ୱାର ବନ୍ଧୁକ ( ପାସ ଲାଗେ ନାହିଁ ) ଟ ୩୵; ପକେଟ ଷ୍ଟୋଭ ସଙ୍ଗେ ୨ ଓ ୭; ଚଷମା ( ଏବଂ ୧୦ x ୨) ଟ ୦ ।୵; ସୁନ୍ଦର ସୁନ୍ଦର ଖେଳନା ଟ ୦ । ଅଣା ଠାରୁ ଟ ୧୦ ଙ୍କା ପର୍ଯ୍ୟନ୍ତ; ମ୍ୟାଜିକ ଲଣ୍ଠନ ଟ ୧୮ ଠାରୁ ଟ ୧୦ ଙ୍କା ପର୍ଯ୍ୟନ୍ତ ମାସୁଲ ସ୍ୱତନ୍ତ୍ର । ଏହାବ୍ୟତୀତ ନାନା ପ୍ରକାରର ବସ୍ତ୍ର ଓ ଅନ୍ୟାନ୍ୟ ଦ୍ରବ୍ୟାଦି ମିଳେ । ଚିଠି ଇଂରାଜୀ, ବଙ୍ଗଳା ବା ଓଡ଼ିଆ ଭାଷାରେ ନାମ ଲେଖି ମୂଲ୍ୟ ଜାଣନ୍ତୁ ।

ମେଲ ସପ୍ଲାଇ କୋଂ, ନଂ ୧୯ ବଲରାମ ଘୋଷ ଷ୍ଟ୍ରିଟ ଶ୍ୟାମବଜାର କଲିକତା ।

## Mitra Sarsa.

## ମିତ୍ର ସାଲସା ।

ରକ୍ତ ପରିଷ୍କାର କରିବାର ଏହା ଅଦ୍ୱିତୀୟ ଔଷଧ ।

ଏହା ପାରଦବର୍ଜିତ ଏବଂ ଉତ୍କୃଷ୍ଟ ଜେମାଇକା ସାଲସାରୁ ପ୍ରସ୍ତୁତ ।

କୌଣସିପ୍ରକାର ବାତ, ପାରଦଦୋଷ ଓ ଉପଦଂଶ ବିଷ ହରଣ କରିବାକୁ ଏହା ଅଦ୍ୱିତୀୟ !

ମୂଲ୍ୟ ପ୍ରତି ଶିଶି ସାଲସା ଟ ୧୯

## ମିତ୍ର ବଟିକା ।

ମ୍ୟାଲେରିଆ ଜ୍ୱରର ମହୌଷଧ ।

ପରୀକ୍ଷାଦ୍ୱାରା ପ୍ରତିପନ୍ନ ହୋଇଅଛି, ମ୍ୟାଲେରିଆ ଜନିତ ସର୍ବପ୍ରକାର ନୂତନ ପୁରାତନ ଜ୍ୱରରୋଗ ନିବାରଣ ଏମନ୍ତ ଉତ୍କୃଷ୍ଟ ମହୌଷଧ ଆଉ ଦ୍ୱିତୀୟ ନାହିଁ ।

ଏହା ନିୟମିତରୂପେ ବ୍ୟବହାର କରି ଶତସହସ୍ର ସ୍ତ୍ରୀ ପୁରୁଷ ଓ ଦୀର୍ଘସ୍ଥାୟୀ ଜ୍ୱରାକ୍ରାନ୍ତ ରୋଗୀ ଏକାଥରକେ ନିର୍ଦ୍ଦୋଷରୂପରେ ଆରୋଗ୍ୟ ଲାଭ କରିଅଛନ୍ତି ।

ମ୍ୟାଲେରିଆ ପ୍ରପୀଡ଼ିତ ଦେଶ ପକ୍ଷରେ ଏହି ' ମିତ୍ର ବଟିକା ' ର ଅନନ୍ତଗୁଣ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ ।

ଏହାର ବ୍ୟବହାର କରି ସମସ୍ତେ ଏହି ବଟିକାର ଗୁଣରେ ମୁଗ୍ଧ ହୋଇଅଛନ୍ତି ।

ଏହାର ଗୋଟିଏ ମହତ୍ତ୍ୱଗୁଣ ଏହି ଯେ ଏହା ସେବନ କରିବାରେ ପଥ୍ୟ ସେବନ କରିଯାଏ । ଏପରି କି ଜ୍ୱରକାଳର ଉପକ୍ରମ, ଚକ୍ଷୁ ଓ ହସ୍ତ ପଦ ଜ୍ୱାଳା, ଶୀତ, ତୃଷ୍ଣା, ଗାତ୍ର ବେଦନା ହେବା, କ୍ଷୁଧାମାନ୍ଦ୍ୟ ଓ କୋଷ୍ଠବଦ୍ଧ, ଇତ୍ୟାଦି ଅବସ୍ଥାରେ ଏହା ପ୍ରତିଦିନ ବ୍ୟବହାର କରିବାକୁ ଆରମ୍ଭ କଲେ ମ୍ୟାଲେରିଆର ଜ୍ୱର ଭୟ ଦୂର ହୁଏ ।

ମୂଲ୍ୟ ।

| | |
|---|---|
| ୧ କୌଟା ୨୪ ବଟିକା | ଟ ୦ ୵ |
| ୧ ” ୫୦ ” | ଟ ୧ ୯ |

ଡାକଦ୍ୱାରା ପଠାଇଲେ ଟ ୦ ୵ ଡାକମାସୁଲ ଲାଗିବ ଏବଂ ଭି, ପି, ରେ ପଠାଇଲେ ଅତିରିକ୍ତ ଟ ୦ ୵ କମିଶନ ଲାଗିବ ।

## N. N. Mitras Ringworm ointment.

## ଏନ୍ ଏନ୍ ମିତ୍ରଙ୍କର ଦାଉଦ ମଲମ ।

ଏଥିରେ ପାରଦ ସଂଯୁକ୍ତ କୌଣସି ଦ୍ରବ୍ୟାଦି ନାହିଁ । ଏହା ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ନାହିଁ ।

ଯେ କୌଣସିପ୍ରକାର ଦୂଷିତ ଦାଦ ହେଉନା କାହିଁକି, ଏହି ଔଷଧ ଦୁଇ ତିନିଦିନ ବ୍ୟବହାର କଲା ମାତ୍ରେ ତାହା ଆରାମ ହେବ । ଅନେକ ବ୍ୟକ୍ତି ୮।୧୦ ବର୍ଷର ଯାତନାରେ ଅସମାନରେ ଏହି ଔଷଧ ଏକ କୌଟା ବ୍ୟବହାର କରି ଏକବାରକେ ଆରୋଗ୍ୟ ଲାଭ କରିଅଛନ୍ତି ।

| | |
|---|---|
| ମୂଲ୍ୟ ଏକ କୌଟାକୁ | ଟ ୦ । |
| ଡାକଖର୍ଚ୍ଚ | ଟ ୦ ୵ |
| ଭି, ପି, | ଟ ୦ ୵ |
| ଏକ ଡଜନକୁ | ଟ ୨୵ |

ଡାକଖର୍ଚ୍ଚ ସ୍ୱତନ୍ତ୍ର


Digitized by srujanika@gmail.com

REGISTERED No. C 81.

529

ସାପ୍ତାହିକ ସମ୍ବାଦ ପତ୍ରିକା ।

# THE UTKAL DIPIKA.

୪୦ ଭାଗ
୪୭ ସଂଖ୍ୟା

CUTTACK, SATURDAY THE 25th November 1905.
ଉ ୧୧ ଦ ମାର୍ଗଶିର ସନ ୧୩୧୩ ସାଲ ଶନିବାର
ସହର କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନି ଲିମିଟେଡର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଅଗ୍ରୀମ ଟ ୩୷
ପଶ୍ଚାଦେୟ ଟ ୬୷

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—
ପ୍ରଥମବାର ସକାଶେ ଧାଡ଼ିପ୍ରତି ୲୦ ଓ ଅର୍ଦ୍ଧସ୍ତମ୍ଭକୁ ଟ ୨୮ ପୂର୍ଣ୍ଣଏକ ସ୍ତମ୍ଭକୁ ଟ୪୲ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଶସ୍ତା ୲୦ ଟଙ୍କାରୁ ଊଣା ହେବ ନାହିଁ ଦ୍ବିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତୀ ପ୍ରଥମ ଥରର ଅର୍ଦ୍ଧେକ ଓ ତୃତୀୟରୁ ଅଧିକ ସକାଶେ ହେବ । ଅଧିକ ଦିନ ସକାଶେ ସ୍ବତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

---

ବିଜ୍ଞାପନ

ଆଗାମୀ ମାସ ମଧ୍ୟରେ "ଉତ୍କଳବାସୀ" ନାମରେ ଏକ ନୂତନ ସାପ୍ତାହିକ ଓଡ଼ିଆ ସମ୍ବାଦ ପତ୍ର କଲିକତାରୁ ପ୍ରତି ଗୁରୁବାର ଦିନ ପ୍ରକାଶ ହେବ; ନିଃସ୍ବାର୍ଥ ଅକୃତ୍ରିମ ଉତ୍କଳୀୟ ଏହାଦ୍ବାରା ମହତ୍ କାର୍ଯ୍ୟ ସାଧନ ହେବାଦ୍ବାରା ଗୌରବ ବୃଦ୍ଧି ହେବ, ବୁଦ୍ଧିମାନ୍ ଓ ଜ୍ଞାନୀ ମାନେ ବୁଝି ପାରିବେ, ଏ ବିଜ୍ଞାପନ ପ୍ରକାଶ ସଙ୍ଗେ ୨ ନୂତନ ୨ ଗ୍ରାହକମାନଙ୍କର କି ସୁବିଧା ଦେଖନ୍ତୁ !!

ବାର୍ଷିକ ମୂଲ୍ୟ ଦୁଇଟଙ୍କା ମାତ୍ର

କିନ୍ତୁ ସୁବିଧା ଏହି

ଯେଉଁମାନେ ଡିସେମ୍ବର ତା ୧ ରଖ । ମୁ । ମାର୍ଗଶିର ବ ୨୪ ଦ ଭିତରେ ଗ୍ରାହକ ହେବେ ସେମାନେ ଦେଢ଼ ଟଙ୍କା ଦେବେ । ସହୃଦୟ ପାଠକଗଣ ଶୀଘ୍ର କମ୍ପାନୀର କ ଙ୍କଠାରୁ ଟଙ୍କା ପଠାଇ ଉତ୍ସାହ ବର୍ଦ୍ଧନ ପ୍ରାର୍ଥନୀୟ ।

ଏ. କେ. ଘୋଷ
୬୮ ବେନିଆପୁକୁର
ରୋଡ୍
କଲିକତା

A, K, Ghose.
68 Beniapukur
Road
Calcutta.
9-11-05

---

ବିଜ୍ଞାପନ ।

ଉପଯୁକ୍ତ ଯୋଗ୍ୟତା ପ୍ରାପ୍ତ କମ୍ପାଉଣ୍ଡର ଡ୍ରେସରପଣ୍ଡ (ଗର୍ଭ) ଅନୁଯାୟୀ ଔଷଧ ତିଆରି କରିବା ନିମନ୍ତେ ଏବଂ ନୂତନ ଉତ୍ତମ ଔଷଧ ଯୋଗାଇ ପାରିବାର ଗୋଟିଏ ଭଲ ଔଷଧାଳୟର ଅଭାବ ଯାହା ସର୍ବଦା ଅନୁଭୂତ ହୋଇ ଆସୁଅଛି ତାହା ଦୂର କରିବା ନିମନ୍ତେ ଏବଂ ସେଣ୍ଟ୍ରେଲ ମାଳକର ଜେଲୁହୁଲ ଆସିଷ୍ଟାଣ୍ଟସର୍ଜନ ଅଣାଇ ଚେଗିଲ ଚିକିତ୍ସା କରାଇବା ସଙ୍ଗେ ନାହିଁ ସେମାନଙ୍କ ପକ୍ଷରେ ଉପଯୁକ୍ତ ଚିକିତ୍ସକର ବ୍ୟବସ୍ଥା କମ ମୂଲ୍ୟରେ ବନ୍ଦୋବସ୍ତ କରାଇବା ନିମନ୍ତେ ନିମ୍ନସ୍ବାକ୍ଷରକାରୀ ଗତ ଜୁନ୍‌ମାସ ତା ୨୮ ରିଖରୁ ବେଣ୍ଟଲମେଣ୍ଟ ମାର୍କେଟ ନିକଟରେ ହାଜିକାସିମଙ୍କ ଗୃହରେ ଗୋଟିଏ ନୂତନ ଔଷଧ ଦୋକାନ ଖୋଲିଅଛନ୍ତି ଏଠାରେ ନୂତନ, ଉତ୍କୃଷ୍ଟ ଭଲ ଔଷଧ ମିଳେ ଏହାର ନାମ "ଏଡ଼ୱାର୍ଡ ମେଡ଼ିକେଲ ହଲ" ଡାକ୍ତର ଏ, ବି, ଶ୍ୟାମଳାନନ୍ଦ ଜଣେ କଟକର ଏକ୍ସିଷ୍ଟାଣ୍ଟ ଆସିଷ୍ଟାଣ୍ଟ ସର୍ଜନ ଉକ୍ତ ଔଷଧାଳୟରେ ପ୍ରତ୍ୟହ ସକାଳ ୮ ଟାରୁ ୧୦ ଟା ପର୍ଯ୍ୟନ୍ତ ବ୍ୟବସ୍ଥା ଦେବା ନିମିତ୍ତରେ ସେ ବେଳୁ ମିଳିପାରିବେ । ଏହି ଔଷଧାଳୟ ସମ୍ବନ୍ଧରେ ଅନେକ ପରୀକ୍ଷା କରି ଦେଖିବା ନିମନ୍ତେ ସର୍ବସାଧାରଣଙ୍କୁ ସବିନୟ ଅନୁରୋଧ କରୁଅଛୁଁ । ଔଷଧମାନ ଭେଲ୍ୟୁପେବଲରେ ମଧ୍ୟ ପଠାଯାଇପାରେ—କଟକର ସିଭିଲସର୍ଜନ ଡାକ୍ତର ସ୍ଟି, ଅର ଷ୍ଟିଭେନ୍‌ସ ଔଷଧାଳୟ ପରିଦର୍ଶନ କରି ଯାହା ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତାହା ନିମ୍ନରେ ପ୍ରକାଶିତ ହେଲା ।

ଶ୍ରୀ ଜଗଦାନନ୍ଦ ନାଥ
ପ୍ରୋପ୍ରାଇଟର
ଏଡ଼ୱାର୍ଡ଼ ମେଡ଼ିକାଲ ହଲ
କଟକ

Copy of the remarks recorded by the Civil Surgeon Captain C.R. Stevens M. D. F, K, C. S. major I. M. S. of Cuttack

"Inspected the Edward Medical Hall this morning. It has been opened for last 4 months. I find the premises neat and clear. The shop is equipped with a well selected stock of drugs." 7-10-05

ଅଦ୍ୟ ପ୍ରାତଃକାଳରେ ଏଡ଼ୱାର୍ଡ ମେଡ଼ିକେଲହଲ ପରିଦର୍ଶନ କଲୁଁ । ମାସେ ହେଲା ଏହା ଖୋଲାଯାଇଛି, ଔଷଧାଳୟର ଗୃହଟି ପରିଷ୍କାର ପରିଚ୍ଛନ୍ନ ଥିବାର ଦେଖିଲୁଁ । ଏହି ଦୋକାନରେ ଉତ୍ତମରୂପେ ନିର୍ବାଚିତ ବହୁପରିମାଣ ଔଷଧ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

ବିଜ୍ଞାପନ ।

ଶ୍ରୀ ଭଗବାନ ସାଆନ୍ତଙ୍କ ଶିଶୁଶାସନ ପୁସ୍ତକ ପଣ୍ଡିତ ଅଯୋଧ୍ୟାସ୍ତ୍ରଙ୍କ ପାଠ କରି ପ୍ରୀତ ଲଭିଅଛୁ ।
ଏହି ପୁସ୍ତକ ଶୈଶବ ଅବସ୍ଥାର ଉପଯୋଗୀ ବୟସରେ ପ୍ରଣେତାଙ୍କର ବର୍ଣ୍ଣନା ଯତ୍ନର ଉପଲବ୍ଧି ହୁଏ ।

ଶ୍ରୀ ଜାଗ୍ରତ୍ତ ଚନ୍ଦ୍ର ମାନଧାତା,
ରଜା,
ନୟାଗଡ଼ ।

୧୬।୧୧।୧୯୦୫
କଟକ

---

ନୂତନ ସାପ୍ତାହିକ ସମ୍ବାଦ ପତ୍ରିକା ।

"ମନୋରମା"

ଏହି ପତ୍ରିକା ମୟୂରଭଞ୍ଜ ରାଜଧାନୀ ବାରିପଦାରେ ପ୍ରକାଶିତ ହେଉଅଛି । ସର୍ବସାଧାରଣଙ୍କ ନିମିତ୍ତ ଅଗ୍ରୀମ ବାର୍ଷିକ ମୂଲ୍ୟ ଦୁଇଟଙ୍କା ଏବଂ ଛାତ୍ରମାନଙ୍କ ନିମିତ୍ତ ଅଗ୍ରୀମ ବାର୍ଷିକ ମୂଲ୍ୟ ଏକ ଟଙ୍କା ଛଅଅଣା ମାତ୍ର । ଗ୍ରାହକମାନେ ନମୁନା ଦେଖିବାକୁ ଅଗ୍ରୀମ ମୂଲ୍ୟ ପଠାଇ ପତ୍ର ଲେଖିଲେ ପତ୍ରିକା ପାଇ ପାରିବେ ।

ବାରିପଦା
ମନୋରମା ଅଫିସ

ଶ୍ରୀ ବୈଦ୍ୟନାଥ ଦାସ,
ସମ୍ପାଦକ
ବାରିପଦା ମୟୂରଭଞ୍ଜଷ୍ଟେଟ୍।

Digitized by srujanika@gmail.com

Split by PDF Splitter



### ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଅତ୍ର ଢେଙ୍କାନାଳ ଷ୍ଟେଟ୍‌ରୁ ରପ୍ତାନି ସକାଶ (୧) କାଉଁଶ (୨) ଡାଲଣୀକାଠ ଓ (୩) ଜେଉଲ ବିକ୍ରି କରାଯିବ ଏବଂ ଏ ଷ୍ଟେଟ୍‌ର ଅନ୍ୟାନ୍ୟ ଜଙ୍ଗଲରୁ ସର୍ବପ୍ରକାର ଅନାଗ୍ରହ୍ୟ କାଷ୍ଠ ଓ ଜାଙ୍ଗୋ ଓ ଅନାଗ୍ରହ୍ୟ କୃଷିଯ କାଠ ମଧ୍ୟ ବିକ୍ରୀ କରାଯିବ । ଅବେଦନକାରୀମାନେ ଉପସ୍ଥିତ ହୋଇ ଦରଖାସ୍ତଦ୍ୱାରା ଅବେଦନ କରିବେ ।

Manager's office, Dhenkanal 18-11-1905 — Siram Chunder bose, *Manager*

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ୩ ୟ ସେମସ୍ତର ଟିକସ ଜମିବନ୍ଦି ବର୍ତ୍ତମାନ ପ୍ରସ୍ତୁତ ହୋଇ ନୋଟିସ ଜାରି ହୋଇଅଛି ତହିଁ ଲିଖିତ ସମସ୍ତ ମଧ୍ୟରେ ଟିକସ ଦାତାମାନେ ଅପଣା ଦେୟ ଟିକସ କଟକ ମିଉନିସିପାଲ ଅଫିସରେ ଜମା ଟିକସ ଅଫିସର ସରକାରଙ୍କ ନିକଟରେ ଦାଖଲ କରିବେ ଉକ୍ତ ମିଆଦ ଅତୀତ ହୋଇ ଗଲେ ସେମାନେ ଓ୍ୟାରେଣ୍ଟ ଫିସ ଦେବାକୁ ବାଧ୍ୟ ହେବେ ।

Cuttack Municipality, The 23rd of November 1905 — Ram Sankar Roy, *Chairman*

---

ଗଭର୍ଣ୍ଣମେଣ୍ଟ ମେଡ଼ିକଲ ଡିପ୍ଲୋମା ପ୍ରାପ୍ତ ଶ୍ରୀଯୁକ୍ତ ଡାକ୍ତର ନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, ନବାବିଷ୍କୃତ ଓ ଆଶୁଫଳପ୍ରଦ ଔଷଧର ସଂକ୍ଷିପ୍ତ ବିବରଣ

## କେଶରଞ୍ଜନ ତୈଳ ।

ଏହି ତେଲ ବ୍ୟବହାର କଲେ କେଶ ବୃଦ୍ଧି, ଉଡ଼ଖାଇ ଏବଂ ସ୍ୱଭାବ ହୁଏ, କେଶ କାଳ ପରିମାଣରେ ବଢ଼େ କେଶ ଝଡ଼ିବା ବନ୍ଦ ହୁଏ, ମସ୍ତକର ରୁକ୍ଷ ନାଶ ହୁଏ, ଓ କେଶ, ପାକ ନାହିଁ ହୁଏ । ଟାକ, ମସ୍ତିଷ୍କ ଜୋରେଇବା ସ୍ୱସ୍ଥ ସୁଗନ୍ଧ ଭଳିତ ମୁଣ୍ଡ ଘର, ଦୁର୍ବଳ ହେବା, ବୃଦ୍ଧି ଶୈତ୍ୟ ଏ ସାଇର ବେଦନା ଅବେଶ ହୁଏ ।

ଏକ ଶିଶିର ମୂଲ୍ୟ ୧ ଟଙ୍କା ଓ ଡାକମାସୁଲ ୦ ।୵

## ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିଆର ମହୌଷଧ । କନକେନ୍ଦ୍ରିୟ, ମୂତ୍ର ଦାହ ଯନ୍ତ୍ରଣା ସହ ବେଦନା, ପ୍ରମେହ, ଅନ୍ୟାନ୍ୟ ପ୍ରଭୃତି ଏବଂ ସର୍ବ ରୋଗର ପ୍ରଧାନ ଔଷଧ । ରୋଗୀ ଯେବେ ବିଧି ଅନୁସାରେ କରି ଅଳ୍ପଦିନ ମଧ୍ୟରେ ଆରୋଗ୍ୟ ହୁଏ । ରୋଗର ସବିଶେଷ ବିବରଣ ଲେଖିଲେ ପରୀକ୍ଷା କରି ଉପଯୁକ୍ତ ଔଷଧ ପଠାଯାଏ ।

ପ୍ରତି ଶିଶି ଓ ଏକ ବୋତଲ ବଟିକାର ମୂଲ୍ୟ ୧ଟଙ୍କା ଡାକମାସୁଲ ୦ ।୵

## ଅର୍ଶୋକାରିଷ୍ଟ ।

ସର୍ବ ପ୍ରକାର ଅର୍ଶ ରୋଗର ମହୌଷଧ । ଉର୍ଦ୍ଧ୍ୱ, ଅନ୍ତର୍ଗତ ବେଦନା, ରକ୍ତସ୍ରାବର ଅକ୍ଷମତା, ଦୁର୍ବଳତାରେ ରୋଗୀର ଅବସ୍ଥା ଉନ୍ନତ କରେ ।

ଏକ ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ୧ଟଙ୍କା ଡାକ ମାସୁଲ ୦ ।୵

---

### ଅମୃତ ବଲ୍ଲୀ କଷାୟ ।

ପାରଦଘଟିତ, ଜାରଜ ଓ ଉପଦଂଶର ଫଳଦାୟକ ମହୌଷଧ ଦୁଇ ଶିଶିର ମୂଲ୍ୟ ୧ଟଙ୍କା ଡାକମାସୁଲ ୦ ।୵

### ଶୋଣିତ ଶୋଧକ ।

ଜାତ ରକ୍ତ ଓ ଦୂଷିତ ରକ୍ତର ଏକ ଦ୍ରବ୍ୟଭାବିକ ଅବ୍ୟର୍ଥ ମହୌଷଧ । ଏହା ସ୍ୱାଦ ବ୍ୟବହାରୋପଯୋଗୀ ଔଷଧର ମୂଲ୍ୟ ୧ଟଙ୍କା ଡାକମାସୁଲ ୧ଟଙ୍କା

## ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅନିୟମିତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚାଞ୍ଚଲ୍ୟ ବଶତଃ କୁତ୍ସିତ ଅପରିମିତ ସହବାସ ହେତୁ ସ୍ନାୟୁ ଦୁର୍ବଳ ହେବା ପ୍ରକୃତି ଦେହର ସାର, ଶୋଣିତର ସାର, ଶୁକ୍ରର ଅପଚୟ ପୁନଃ ପ୍ରଦାନ କରେ ।

ଏକ ଶିଶି ତୈଳ ଓ ଗୁଳି କୌଟା ବଟିକା ୨ଟଙ୍କା ଡାକମାସୁଲ ପ୍ରଭୃତି ୦ ।୵

## ପୁନର୍ନବାସବ ।

ଶୋଥ ଓ ଉଦରୀ ମହୌଷଧ ଏକ ବୋତଲ ମୂଲ୍ୟ ୧ଟଙ୍କା ଡାକମାସୁଲ ୦ ।୵

### ପ୍ରାପ୍ତି ସ୍ଥାନ

କବିରାଜ ଶାରଦା ପ୍ରସାଦ ଦାସ ଗୁପ୍ତ କଟକର ଏକମାତ୍ର ଏଜେଣ୍ଟ:

କାଳୁବଜାର, ତାବତଗୋଲି, କଟକ ଅଥବା ନଗେନ୍ଦ୍ରନାଥ ସେନ କବିରାଜ ୧୮।୧ ଓ ୧୯ ଲୋୟରଚିତପୁର ରୋଡ କଲିକତା

---

## ବିପଦବନ୍ଧୁ ଔଷଧାଳୟ ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରୀ ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନ୍ୟବର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନହେ ଏପରି ଔଷଧ ଏଠାରେ ରଖା ଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ଉତ୍ତର ପାଇବା ପାଇଁ ଜବାବୀ ରିପ୍ଲାଇ ପୋଷ୍ଟକାର୍ଡ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍ ମାସୁଲ ଦିଆ ହୋଇଥିବା ପତ୍ର ସ୍ୱୀକୃତ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଡିପୋରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା ଇତ୍ୟାଦି ମେନେଜରଙ୍କ ନାମରେ ପଠାଇବେ ।

ବିପଦବନ୍ଧୁ ଔଷଧାଳୟ, ଚଉଧୁରୀବଜାର, କଟକ ୫ ।୧୧।୧୯୦୫ — ଶ୍ରୀ ବାଳକୃଷ୍ଣଦାସ କବିରାଜ, ଶ୍ରୀ ... ମାନେଜର

---

# NERVE-VIGOR

## ସ୍ନାୟୁଶକ୍ତି ବର୍ଦ୍ଧକ

ଡାକ୍ତର ହାରଗ୍ରିଭ ସାହେବଙ୍କର ଆବିଷ୍କୃତ ଏହି




ଅତ୍ୟାଶ୍ଚର୍ଯ୍ୟ ଔଷଧ ଗତ କୋଡ଼ିଏ ବର୍ଷ ହେଲା ସ୍ନାୟୁବିକ ରୋଗର ଅତ୍ୟନ୍ତ ଫଳୋତ୍ପାଦକ ବୋଲି ସୁନାମ ସହ ମହୌଷଧରୂପେ ଭାରତ ସର୍ବତ୍ର ବ୍ୟବହୃତ ହେଉଅଛି;— ସ୍ନାୟୁବିକ ରୋଗମାନଙ୍କର ନାମ ଯଥା;—

୧ ଅତ୍ୟଧିକ ଧାତୁକ୍ଷୟଜନିତ ମାନସିକ ଅବସାଦ ସ୍ୱାସ୍ଥ୍ୟର ଭଙ୍ଗ ବା ଧୂମ୍ର ରୋଗ, ଅତ୍ୟାଚାର ବା ଯୌବନଜନିତ ଦୋଷ ହେତୁ ସ୍ନାୟୁ ଦୁର୍ବଳତା, ସ୍ମରଣ ଶକ୍ତି ହ୍ରାସ, ମାଥା ଘୂରା, ମାନସିକ ଅବସାଦ, ମସ୍ତିଷ୍କ ଦୁର୍ବଳତା, ସ୍ମରଣ ଶକ୍ତିର ହ୍ରାସ, ମାନସିକ ଦୌର୍ବଲ୍ୟ, ଭୟକର ସ୍ୱପ୍ନ, ଅନିଦ୍ରା, ବୃଦ୍ଧି ଶକ୍ତିହ୍ରାସ, ହିଷ୍ଟିରିଆ, ଅଧସ୍ମୃତି କୌଣସି କାର୍ଯ୍ୟ କରିବାରେ ଅକ୍ଷମତା, ମାଂସପେଶି ଏବଂ ଅଙ୍ଗ ପ୍ରତ୍ୟଙ୍ଗର ଶିଥିଳତା, ଅବସନ୍ନତା, ଜୀବନୀ ଶକ୍ତିର କ୍ଷୀଣତା, ଧାତୁଗତ ଦୌର୍ବଲ୍ୟ—ସ୍ନାୟବିକ ଦୌର୍ବଲ୍ୟ ଆଦି ସ୍ନାୟବିକ ରୋଗମାନଙ୍କ ଉପରେ ଏହି ଔଷଧ ଗୁଣକାରୀ ଔଷଧ ଅଟେ ବିଶ୍ୱାସୀ ଏବଂ ପରୀକ୍ଷିତ ଫଳପ୍ରଦ;

ସେବନ ସମସ୍ତ ଉପରୋକ୍ତ ଲକ୍ଷଣମାନ ଅଚିରେ ଅନ୍ତର୍ହିତ ହୁଏ ଏହା ଜୀବନୀଶକ୍ତି ସ୍ନାୟୁ ଏବଂ ମସ୍ତିଷ୍କରେ ନୂତନ ଶକ୍ତି ପ୍ରଦାନ କରେ । ଏପରି କି ଏକମାତ୍ର ବ୍ୟବହାର ପରେ ଶାରୀରିକ ସ୍ୱଚ୍ଛନ୍ଦତା, ବଳ ବୀର୍ଯ୍ୟ ଶକ୍ତି, ସତେଜ ସ୍ନାୟୁ ଏବଂ ମାନସିକ ଶକ୍ତିର ବୃଦ୍ଧି ଯାହା କି ରୋଗୀ କେବଳ ଅନୁଭବ କରି ନ ପାରି ତାହା ତତ୍କାଳ ଅନୁଭବ କରେ ।

ନୃତ୍ତନ ବଡ଼ ବୋତଲର ମୂଲ୍ୟ ୧ଟଙ୍କା ଡାକମାସୁଲ ସ୍ୱତନ୍ତ୍ର, ଭି:ପି ଦ୍ୱାରା ପଠାଯାଏ । ଡାକଖର୍ଚ୍ଚ ସ୍ୱତନ୍ତ୍ର ବୋତଲ ଦେବାକୁ ଅଧିକ ନାମ ଏବଂ ଠିକଣା ସ୍ପଷ୍ଟ ହୋଇଥିବା ଦରକାର ଉଚିତ । ଔଷଧ ପାଇବା ଠିକଣା—ଇ: ପି: ଏଣ୍ଡ କୋ: ୱାର୍କସ୍, ଇଣ୍ଟାଲି କଲିକତା,

The E. P. & C. Works, Intally CALCUTTA.

Digitized by srujanika@gmail.com

# ବିଜ୍ଞାପନ ।

ଆମ୍ଭର ଜମିଦାରୀ ସକାଶେ ଏକଜଣ ମେନେଜର ଆବଶ୍ୟକ । ମାସିକ ବେତନ ଟ ୪୦ ଙ୍କା ଓ ଘରଭଡ଼ା ଟ ୧୦ଙ୍କା, ଏରୂପ ଦଅଯିବ । ତାହାଙ୍କ ନଗଦ ଦୁଇହଜାର ଟଙ୍କା ଜାମିନ ଦେବା ଆବଶ୍ୟକ । ଓଡ଼ିଆ, ଇଂରାଜୀ ଓ ଜମିଦାରୀ କାର୍ଯ୍ୟରେ ଜ୍ଞାନ ଥିବା ଏବଂ ମକଦମା ଆଦି ଚଳାଇବାରେ ବିଶେଷ ଦକ୍ଷତା ଥିବାର ଆବଶ୍ୟକ । କାର୍ଯ୍ୟପ୍ରାର୍ଥୀମାନେ ନିମ୍ନଲିଖିତ ଠିକଣାରେ ତା ୩୦ ଋଖ ଡିସେମ୍ବର ମଧ୍ୟରେ ଆବେଦନ ପଠାଇବେ ।

ଶ୍ରୀ ବହାଲଲାଲ ପଣ୍ଡିତ
ଗୁଜରାଟିଟୋଲ, କଟକ
୨୨।୧୧।୦୫

ଅସ୍ମ ଅଫିସ ସକାଶେ ଏକଜଣ ହେଡ଼ ମୋହରର ଆବଶ୍ୟକ । କାର୍ଯ୍ୟ ପ୍ରାର୍ଥୀଙ୍କର ଓଡ଼ିଆ ଓ ଇଂରାଜୀ ଲେଖା ଜାଣିଥିବା ଏବଂ ଅଦାଲତରେ ମକଦମା ଚଳାଇବାର ଦକ୍ଷତା ଥିବା ଆବଶ୍ୟକ । କାର୍ଯ୍ୟଦକ୍ଷତା ଅନୁସାରେ ମାସିକ ବେତନ ଟ ୧୦ ଙ୍କା ଠାରୁ ଟ ୧୫ ଙ୍କା ପର୍ଯ୍ୟନ୍ତ ହୋଇପାରେ । ପ୍ରାର୍ଥୀ ନିମ୍ନ ଠିକଣାରେ ଆବେଦନ ପତ୍ର ତା ୩୦ ଋଖ ଡିସେମ୍ବର ୧୯୦୫ ସାଲ ପର୍ଯ୍ୟନ୍ତ ପଠାଇ ପାରିବେ ।

ଶ୍ରୀ ବହାଲଲାଲ ପଣ୍ଡିତ
ଗୁଜରାଟିଟୋଲ, କଟକ ।
୨୨।୧୧।୦୫

ଆୟୁର୍ବେଦ ପ୍ରକୃତି ବା ପୁସ୍ତକର ଦେଉଣ ପ୍ରାୟ ଶେଷ ହୋଇଅଛି । ମାତ୍ର ଏ ପୁସ୍ତକ ପାଇବାକୁ ଅନେକବ୍ୟକ୍ତିଙ୍କର ଆଗ୍ରହ ଥିବାର ଦେଖି ଏହାର ଦ୍ୱିତୀୟ ସଂସ୍କରଣ ମୁଦ୍ରଣ କରିବାକୁ ମନସ୍ଥ କରଅଛୁଁ । ପ୍ରାର୍ଥନା ଏହି ଯେ ଦେଶର କବିରାଜ ଓ ଚିକିତ୍ସକ ମହାଶୟମାନେ ଏହି ଦ୍ୱିତୀୟ ସଂସ୍କରଣରେ ସନ୍ନିବେଶିତ କରିବା ଯୋଗ୍ୟ ଯେ କୌଣସି ବିଷୟ ଦେଶର ମଙ୍ଗଳାକାଂକ୍ଷୀ ମହାଶୟମାନେ ଅନୁଗ୍ରହପୂର୍ବକ ଅସ୍ମ ନିକଟକୁ ଲେଖି ପଠାଇଲେ ସେ ସବୁ ମନୋନୀତ ହେଲେ ଦ୍ୱିତୀୟ ସଂସ୍କରଣରେ ସନ୍ନିବେଶିତ କରିବାକୁ ଚେଷ୍ଟିତ ରହିବୁଁ । ଅନେକଙ୍କ ନିକଟରେ ଯେଉଁ ମାନଙ୍କର ଜଣା ଘରୋଇ ମୁଷ୍ଟିଯୋଗ ଔଷଧ ଥାଏ— ସେ ସମସ୍ତର ବ୍ୟବହାର ବିଧି ଓ ଯେଉଁ ୨ ରୋଗରେ ପ୍ରଯୁଜ୍ୟ ଏ ସମସ୍ତ ବିଷୟ ସବୁ ଅସ୍ମନିକଟକୁ ଲେଖିପଠାଇଲେ ଏହି ଦ୍ୱିତୀୟ ସଂସ୍କରଣରେ ସେ ସମସ୍ତ ଉଲ୍ଲେଖ କରାଯିବ ଓ ଏହାଦ୍ୱାରା ଅସ୍ମେ ବାଧିତ ହେବୁଁ ଓ ଦେଶର ମଙ୍ଗଳ ହେବ । ଆଗାମୀ ଜାନୁଆରୀ ମାସରେ ଛପା ଆରମ୍ଭ ହେବ । ଅତଏବ ଯେଉଁମାନେ କୌଣସି ବିଷୟରେ ସାହାଯ୍ୟ କରିବାକୁ ଇଚ୍ଛା କରିବେ ସେ ଶୀଘ୍ର ପଠାଇବେ ।

ଶ୍ରୀ ବହାଲଲାଲ ପଣ୍ଡିତ ।
ଗୁଜରାଟିଟୋଲ ।
କଟକ ।
୨୨ । ୧୧ । ୦୫
B. L. Pandit

# ଉତ୍କଳଦୀପିକା ।

ଯୁବରାଜ ପ୍ରିନ୍ସ ଅଫ୍ ୱେଲସ ସସ୍ତ୍ରୀକ ବୋମ୍ବାଇ ପରିତ୍ୟାଗ କରି ଇନ୍ଦୋର, ଉଦୟପୁର ପରିଦର୍ଶନ କରି ଗତ ତା ୨୧ ଋଖରେ ଜୟପୁରରେ ଉପନୀତ ହୋଇଅଛନ୍ତି । ସମସ୍ତ ସ୍ଥାନରେ ଯଥୋଚିତ ସମ୍ମାନ ପ୍ରଦର୍ଶନାର୍ଥେ ବହୁଳ ଆୟୋଜନ ହୋଇଥିଲା । ଅସ୍ମେମାନେ ପାଠକମାନଙ୍କୁ ତାଙ୍କର ଓ ତାଙ୍କ ପତ୍ନୀଙ୍କ ପ୍ରତିମୂର୍ତ୍ତି ପତ୍ରିକା ସହ ଉପହାର ସ୍ୱରୂପ ପ୍ରଦାନ କରୁଁ ।

---

ପାଲ ଲହଡ଼ାର ରାଜା ସଚ୍ଚିତ ଗତ ବୁଧବାର ସ୍ୱଦେଶକୁ ଗମନ କଲେ, ରାଜାମହୋଦୟ ଶାସନ କାର୍ଯ୍ୟ ଶିକ୍ଷାଲାଭ କରିବା ନିମନ୍ତେ ପ୍ରାୟ ଦୁଇବର୍ଷ କାଳ ଏ ନଗରରେ ଅବସ୍ଥାନ କରୁଥିଲେ ଓ ସେ ଇତିମଧ୍ୟରେ କଟକ ସଦର ବେଞ୍ଚର ଅବୈତନିକ ମାଜିଷ୍ଟ୍ରେଟ କାର୍ଯ୍ୟ କିଛିକାଳ କରି ବିଚାର କାର୍ଯ୍ୟ ଶିକ୍ଷା ମଧ୍ୟ ଲାଭ କରିଅଛନ୍ତି । ତାଙ୍କର ତତ୍ତ୍ୱାବଧାରକ ଓ ଶିକ୍ଷକ ବାବୁ ନୀଲମଣି ଗୁହ ହେ ବି ଏ ସଙ୍ଗରେ ଗମନ କରିଅଛନ୍ତି । ଅସ୍ମେମାନେ ଆଶା କରୁଁ ରାଜା ମହୋଦୟ ଶୀଘ୍ର ସ୍ୱରାଜ୍ୟ ଶାସନଭାର ଗ୍ରହଣ କରି ସୁଶିକ୍ଷାର ପରିଚୟ ପ୍ରଦାନ କରିବେ ।

---

ଗତ ମାସ ତା ୪ ଋଖରେ ଶେଷ ହେବା ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ଭାରତରେ ପ୍ଲେଗରୋଗ ଦ୍ୱାରା ୩,୯୦ ମୃତ୍ୟୁ ଘଟିଥିଲା ତହିଁ ପୂର୍ବ ସପ୍ତାହରେ ମୃତ୍ୟୁ ୨,୨୧୩ ଘଟିଥିଲା ସେ ନବର୍ତ୍ତିତ ସପ୍ତାହରେ ୩୨୨ ବଢ଼ିଅଛି । ବୋମ୍ବାଇ ପ୍ରଦେଶରେ ୧୨୮୫ ମାନ୍ଦ୍ରାଜ ପ୍ରେସିଡେନ୍ସିରେ ୭ ବଙ୍ଗପ୍ରଦେଶରେ ୨୦୨ ମଧ୍ୟପ୍ରଦେଶରେ ୪୪୨୦ ଯୁକ୍ତ ପ୍ରଦେଶରେ ୧୨୬ ପଞ୍ଜାବରେ ୪୦ ମହୀଶୂରରେ ୧୨୯ ହାଇଦରାବାଦରେ ୪୨ ମଧ୍ୟଭାରତରେ ୯୬ ରାଜପୁତାନାରେ ୧୫ କାଶ୍ମୀରରେ ୨ ମୃତ୍ୟୁ ଘଟିଥିଲା । ବୋମ୍ବାଇ ଓ ମଧ୍ୟପ୍ରଦେଶରେ ରୋଗର ପ୍ରକୋପ ବେଶୀ ଥିବାର ଦେଖାଯାଉଅଛି ।

---

ଅସ୍ମମାନଙ୍କର ମାନନୀୟ କମିଶନର ଓ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟ ଗତ ତା ୧୬ ଋଖରେ ରେଲଯୋଗେ ମୟୂରଭଞ୍ଜରେ ପ୍ରବେଶ ହୋଇଥିଲେ । ସମ୍ବାଦଯୋଗୀ 'ମହାରାଜଙ୍କଠାରୁ ଅବଗତ ହେଲୁଁ ସାହେବମହୋଦୟ ସେଠାରେ ୧୭, ୧୮, ୧୯ ଓ ୨୦ ତାରିଖ ଅବସ୍ଥାନ କରି ପ୍ରଥମ ଦିନରେ ଅଫିସ ସବୁ ପରିଦର୍ଶନ କରିଥିଲେ । ତା ୨୦ ଋଖ ଦିନ ମିଉନିସିପାଲିଟୀର ଅଭିନନ୍ଦନ ପତ୍ର ଗ୍ରହଣ କରି ଓ ଉକ୍ତ ଇଂସ୍କୁଲ ପରିଦର୍ଶନ କରି ଗତ ତା ୨୧ ଋଖ କରଞ୍ଜିଆଭିମୁଖେ ଗମନ କରିବେ । କରଞ୍ଜିଆଠାରେ ଅଦ୍ୟ ପହଞ୍ଚିବେ ଓ ସେଠାରୁ ଆଗାମୀ କାଲି ବାର ତା୨୭ ଋଖ ସୋମବାରରେ ପହଞ୍ଚିବେ । ଶୁଣିବାରେ ସେଠାରେ ଗୁରୁବାର ଅବସ୍ଥାନ କରି ଆଗାମୀ ତା ୧ ଋଖରେ ପାଲଲହଡ଼ା ଦିଗକୁ ଗମନ କରିବେ, ସେଠାରେ ତା ୩ ଋଖରେ ପହଞ୍ଚିବେ । ସାହେବ ମହୋଦୟ ସେଠାରୁ କେଉଁ ଦିଗକୁ ଗମନ କରିବେ ଜଣାପଡ଼ି ନାହିଁ ।

---

ବଙ୍ଗ ପ୍ରଦେଶରେ ଇନକମ ଟିକସର ଆୟ ସନ ୧୯୦୨ । ୦୩ ସାଲରେ ଟ ୪୮,୨୨,୭୮୯ ଙ୍କା ସନ ୧୯୦୩ । ୦୪ ସାଲରେ ଟ ୩୯,୬୧,୮୨୨ଙ୍କା ଏବଂ ସନ ୧୯୦୪ । ୦୫ ସାଲରେ ଟ ୫୦,୩୭,୫୨୯ଙ୍କା ହୋଇଥିଲା । ସନ ୧୯୦୩ ସାଲର ଆରମ୍ଭରୁ ବାର୍ଷିକ ଏକହଜାର ଟଙ୍କାର ନ୍ୟୁନ ଆୟ ମୁକ୍ତି ଦିଆ ହେବାରୁ ସନ ୧୯୦୩ । ୦୪ ସାଲର ଆୟ ତହିଁ ପୂର୍ବବର୍ଷର ଆୟ ଅପେକ୍ଷା ଊଣା ପଡ଼ିଥିଲା ଏବଂ ତହିଁ ପରବର୍ଷ ଅର୍ଥାତ୍ ସନ ୧୯୦୪ । ୦୫ ସାଲରେ ଯେ ଆୟ ବୃଦ୍ଧି ହୋଇଅଛି ରେଭିନ୍ୟୁ ବୋର୍ଡ଼ଙ୍କ ମତରେ ଅଧିକ ସାବଧାନ ପୂର୍ବକ ଅନୁସନ୍ଧାନ, ବାହାର ସୁବିଧାଦ୍ୱାରା ବାଣିଜ୍ୟର ଅଧିକ ଉନ୍ନତି ଏବଂ ସମ୍ପଦ ବୃଦ୍ଧିଦ୍ୱାରା ତାହା ଘଟିଅଛି । ଯେଉଁମାନଙ୍କର ବାର୍ଷିକ ଆୟ ଟ ୧୦୦୦ ଙ୍କାରୁ ଟ ୧୨୫୦ ଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା ସେହିମାନଙ୍କ ସଂଖ୍ୟାରେ ଅଧିକ ବୃଦ୍ଧି ଦେଖି ଲେପ୍ଟିନାଣ୍ଟ ଗବର୍ଣ୍ଣମେଣ୍ଟ ସନ୍ଦେହ କରୁଥିଲେ କି ଛାଡ଼ି ପାଇବା ଯୋଗ୍ୟ ବ୍ୟକ୍ତିଙ୍କୁ ଟିକସରୁ ମୁକ୍ତି ଦେବାରେ ତ୍ରୁଟି ହୋଇଅଛି । ଏଥିକୁ ବୋର୍ଡ଼ ବୁଝାଇ ଦେଉଅଛନ୍ତି କି କେତେକ ସ୍ଥାନରେ ଆସେସରମାନେ ଟିକସ ବଢ଼ାଇବାରେ ଅଧିକ ବ୍ୟଗ୍ରତା ଦେଖାଇଥିଲେହେଁ ଅଧିକାଂଶ ସ୍ଥଳରେ ଅଧିକ ସାବଧାନ ସହିତ ଅନୁସନ୍ଧାନ କରି ଛାଡ଼ ଦେବାରେ ସେପରି ଘଟିଅଛି । ଅନେକ ଏହି କୈଫିୟତରେ ଗବର୍ଣ୍ଣମେଣ୍ଟ ସନ୍ତୁଷ୍ଟ ହୋଇଅଛନ୍ତି । ମାତ୍ର ଆସେସରଙ୍କର ଅନ୍ୟାୟ ବନ୍ଦୋବସ୍ତ ହେତୁରୁ ଯେତେ ଲୋକ କଷ୍ଟ ପାଉଅଛନ୍ତି ତାହା ଜନସାଧାରଣଙ୍କୁ ଜଣା । ଯେଉଁଠାରେ ଟିକସ ନେବାବାଲାମାନେ ବନ୍ଦୋବସ୍ତର କର୍ତ୍ତା ସେଠାରେ ନ୍ୟାୟ ବିଚାରର ଆଶା କରିବା ବିଡ଼ମ୍ବନା ।

---

ଲର୍ଡ଼କର୍ଜନ, ଲେଡ଼ିକର୍ଜନ ସହ ଗତ ତା ୧୮ ଋଖ ଶନିବାର ପ୍ରାତଃ ଘ ୮ ଟା ସମୟରେ ଭାରତ ତ୍ୟାଗ କଲେ । ସେମାନଙ୍କ ବିଦାୟ ହେବା କାରଣ ମାନ୍ଦ୍ରାଜ ଓ ବୋମ୍ବାଇର ଶାସନକର୍ତ୍ତା ଦ୍ୱୟ ଓ ନୂତନ ରାଜପ୍ରତିନିଧି ଲର୍ଡ ମିଣ୍ଟୋ ଓ ଲେଡ଼ି ମିଣ୍ଟୋ ଓ କନ୍ୟାମାନେ ତାଙ୍କଙ୍କୁ ପାଖେଟି ଯାଇଥିଲେ । ଭାରତଶାସନ ଭାରରୁ ମୁକ୍ତି ଲାଭ କରି ଲର୍ଡ଼କର୍ଜନ ସ୍ୱଦେଶାଭିମୁଖେ ଯାତ୍ରା କଲେ । ସନ ୧୮୯୯ ପ୍ରାରମ୍ଭରୁ ୧୯୦୫ସାଲର ଶେଷ ପର୍ଯ୍ୟନ୍ତ ପ୍ରାୟ ସାତବର୍ଷକାଳ

Split by PDF Splitter
Digitized by srujanika@gmail.com

ଭାରତ ଶାସନ ଭାର ଯେଉଁ ମହାତ୍ମା ଅଗଷ୍ଟ ମାସ ପରଠାରୁ ଗ୍ରହଣ କରିଥିଲେ ଅନ୍ତ ସେ ମହାନ୍ ଶାସନ ଭାର ଅନ୍ୟଙ୍କୁ ଦେଇ ବିଦାୟ ଗ୍ରହଣ କରିବାକୁ ବାଧ୍ୟ ହେଲେ, ଏହା କହୁଥିଲ ଠିକ୍ ନୁହେ କି ? ଜଳ ଥିଲେ ମୃତ୍ୟୁ ଅଛି ଏବଂ ତାଙ୍କ ସ୍ୱଦେଶ ବ୍ୟକ୍ତିମାନେ ତାଙ୍କ ଅନୁଷ୍ଠାନରେ ମତ ଦେଲେ । ଲର୍ଡ଼କର୍ଜନ ଅସମୟ ପ୍ରାରମ୍ଭରେ ବାଗାଡ଼ମ୍ବରପ୍ରିୟ ଯେରୂପ ଉଚ୍ଚର ଉଦ୍ଦେଶ୍ୟ କାର୍ଯ୍ୟର ଫଳ ଅନୁସାରେ ସ୍ଥଗିତ ହେବାର ଲକ୍ଷଣ ପ୍ରକାଶ କରିଥିଲେ ତାହା ପ୍ରତ୍ୟକ୍ଷରେ ଅନୁଭୂତ ହେଲା । ଏହାଙ୍କର ପୂର୍ବ ଶାସନକର୍ତ୍ତାଙ୍କ ଅମଳରେ ଯେରୂପ କୌଣସି ଶାସନ କାର୍ଯ୍ୟରେ ହସ୍ତକ୍ଷେପ ନ ହୋଇ ନିସ୍ତବ୍ଧ ଓ ପ୍ରଶାନ୍ତ ଭାବରେ ଶାସନ କାର୍ଯ୍ୟ ଚାଲୁଥିଲା ଲର୍ଡ଼କର୍ଜନଙ୍କ ଅମଳରେ ତଦ୍ ବିପରୀତ ଘଟିଲା । ଏରୂପ କୌଣସି ଶାସନ ବିଭାଗ ନ ଥିଲା ଯହିଁରେ ଲର୍ଡ଼କର୍ଜନ ହସ୍ତକ୍ଷେପ କରି ନାହାନ୍ତି ମାତ୍ର ଫଳ ଯାହା ହେଲା ତାହା ଆଉ ଅମ୍ଭମାନଙ୍କୁ କହିବାକୁ ହେବ ନାହିଁ ।

"ପ୍ରାଚୀର କଲମର ବାଣୀ
ମରଣ ଜାଣେ ତାହା ଜାଣି"

ଯା ହାଉ ହେଉ କୌଣସି ଭାରତ ଶାସନକର୍ତ୍ତାଙ୍କ ଅମଳରେ ଏପରି ବିଶୃଙ୍ଖଳ ବ୍ୟାପାର ଘଟି ନ ଥିଲା । ଅମ୍ଭେମାନେ ଆଶା କରୁଁ ନୂତନ ରାଜପ୍ରତିନିଧି ଲର୍ଡ଼ ମିଣ୍ଟୋଙ୍କ ଶାସନ ସମୟରେ ଶାନ୍ତି ବିରାଜିତ ହେବ ଓ ଅମ୍ଭେମାନେ ଈଶ୍ୱରଙ୍କ ନିକଟରେ ସେହି ପ୍ରାର୍ଥନା କରୁଅଛୁଁ ।

---

ଓଡ଼ିଶା ବିଭାଗର ପୋଷ୍ଟା ଡିଭିଶନର ଓ ଉତ୍କଳ-ଜାତ ମାହାଲର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଜ, ଏଫ, ଗ୍ଲାଡ୍‌ସ ଅଭ ଇନ୍‌ସପେକ୍ଟରଙ୍କ ନାହାନ୍ତି; ଏହି ଦୁଃସମ୍ବାଦ ଗତ ୮ ଶନିବାର ଦିନ ପ୍ରାତଃକାଳରେ ଏ ନଗରରେ ବ୍ୟାପିବା ମାତ୍ରେ ତାଙ୍କ ସମ୍ମାନାର୍ଥେ ସରକାରୀ କଚେରୀ ସମସ୍ତ ଅର୍ଥାତ୍ କମିଶନରୀ କଲେକ୍ଟରୀ ଓ ଅଦାଲତ ଓ ସରକାରୀ ସ୍କୁଲ ଓ ମିଉନିସିପାଲିଟୀ କଚେରୀ ମଧ୍ୟ ବନ୍ଦ ହୋଇଥିଲା । ସାହେବ ମହୋଦୟ ଏ ନଗରରେ ବହୁକାଳ କଲେକ୍ଟରୀ କାର୍ଯ୍ୟ କରିଥିବାରୁ ବିଶେଷ ପରିଚିତ ଥିଲେ ଓ ବହୁକାଳରୁ କମିଶନର ହୋଇ ଶାସନ କରିଥିବାରୁ ଓଡ଼ିଶାରେ ତାଙ୍କ ନାମ ଓ ଖ୍ୟାତି ସର୍ବତ୍ର ବ୍ୟାପିଥିଲା । ରେଭେନ୍‌ସା ବାହାଦୁରଙ୍କ ପରଠାରୁ ସମ୍ବଲପୁରରୁ ଓଡ଼ିଶା ଶାସନାଧୀନରେ ଆସିବା ନିମନ୍ତେ ଗମନ ଚାଲିଥିବା ସମୟରେ ସେଠାରେ ସେ ବିଶେଷରୂପେ ଚେଷ୍ଟିତ ହୋଇଥିଲେ । ଇନ ତା ୧୪ ଖ ଅପରାହ୍ନରେ ଦିବା ନିମନ୍ତେ ସମସ୍ତ ସ୍ଥିର ହୋଇଥିଲା କିନ୍ତୁ ହଠାତ୍ ସମ୍ବାଦ ଆସିଲା ସାହେବ ମହୋଦୟ ହଠାତ୍ ଗମନ କଲେ । ବାଙ୍କୁଡ଼ାରେ ତାଙ୍କର ମୃତ୍ୟୁ ଘଟିଲା । ଅମ୍ଭେମାନେ ହଠାତ୍ ଏହି ଦୁଃସମ୍ବାଦ ପ୍ରାପ୍ତ ହୋଇ ଯଥେଷ୍ଟ ଦୁଃଖିତ ହୋଇଅଛୁଁ । ସାହେବ ମହୋଦୟ ନିଷ୍ଠାବାନ୍, ପରୋପକାରୀ ଓ ଦେଶମଙ୍ଗଳାକାଂକ୍ଷୀ ଥିଲେ । ତାଙ୍କ ଶାସନରେ ସମସ୍ତ ପ୍ରଜା ସମାନ ଭାବରେ ପାଳିତ ହେଉଥିଲେ—ଧର୍ମ ବା ବର୍ଣ୍ଣ ପ୍ରଭେଦ ନ ଥିଲା । ଡେପୁଟୀ ଓ ସବ୍‌ଡେପୁଟୀର ମନୋନୟନ ପ୍ରଥାରେ ଯେପରି ନ୍ୟାୟପରାୟଣ ହୋଇ କାର୍ଯ୍ୟ କରିଅଛନ୍ତି ତାହା ତାଙ୍କ ଚରିତ୍ରର ଶୀଘ୍ର ଜଣାଇବ ସନ୍ଦେହ ନାହିଁ । ଓଡ଼ିଶାରେ ଓଡ଼ିଆ ଓ ବହୁ କାଳରୁ ବାସୀ ବଙ୍ଗାଳୀଙ୍କ ମଧ୍ୟରେ ଯେଉଁ ଗୋଳମାଳ ଥିବାର ପ୍ରକାଶ ପାଉଥିଲା ତାହା ୬/ଗ୍ଲାଡ୍‌ସ ସାହେବ ଲୋପ କରିଥିଲେ । ବାସ୍ତବ ସେ ୯୦ ବଙ୍ଗାଳୀଙ୍କ ଦୁଃଖ ମୋଚନ କରିବା ନିମନ୍ତେ ପ୍ରୟାସ ପାଉଥିବାର ଦେଖା ଯାଉଥିଲା । ଏ ନଗରର ମ୍ୟୁନିସିପାଲିଟୀକାର୍ଯ୍ୟ ପ୍ରତି ମଧ୍ୟ ତାଙ୍କର ଶୁଭ ଦୃଷ୍ଟି ପତିତ ହୋଇଥିଲା । ଗତ ସୋମବାରର ଅଧିବେଶନରେ ମ୍ୟୁନିସିପାଲ କମିଶନରମାନେ ଦୁଃଖ ପ୍ରକାଶ କରିବାର ଗୋଟିଏ ପ୍ରସ୍ତାବ ଧାର୍ଯ୍ୟ କରିଅଛନ୍ତି । ଅମ୍ଭେମାନେ ପରମେଶ୍ୱରଙ୍କ ନିକଟରେ ତାଙ୍କର ଆତ୍ମାର କୁଶଳ ପ୍ରାର୍ଥନା କରୁଅଛୁଁ ।

---

ନୂତନ ପୂର୍ବ ବଙ୍ଗ ଓ ଆସାମ ପ୍ରଦେଶରେ ସ୍ୱଦେଶୀ ଅନୁଷ୍ଠାନର ଘୋର ଆନ୍ଦୋଳନ ଦେଖି ନୂତନ ଲେପ୍ଟେନାଣ୍ଟ ଶ୍ରୀଯୁକ୍ତ ଫୁଲରଙ୍କ, ବଂଗବିଦ୍ୱେଷ୍ୟ ନମନ ହୋଇ କାର୍ଯ୍ୟ କଲା ପ୍ରାୟ ଜଣାଯାଉଅଛି । ସ୍କୁଲ ଛାତ୍ରମାନେ 'ବନ୍ଦେ ମାତରଂ' ଉଚ୍ଚାରଣ କଲେ ସେମାନେ ଶାସ୍ତି ଯୋଗ୍ୟ ହେଉଛନ୍ତି । ବରିଶାଲରେ ସାମାନ୍ୟ ଘଟଣା ନିମନ୍ତେ ଯେଉଁଠି ପୋଲିସର ପ୍ରେରଣାର ଅବଶ୍ୟକ ପଡ଼ିଲା । ରଙ୍ଗପୁରରେ ବନ୍ଦେ ମାତରଂ ଶବ୍ଦ ଉଚ୍ଚାରଣ କରିଥିବାରୁ ଦେଢ଼ଶତ ଛାତ୍ର ପାଞ୍ଚଟଙ୍କା ଲେଖାଏଁ ଜରିମାନାର ଦଣ୍ଡାଜ୍ଞା ପ୍ରାପ୍ତ ହୋଇଥିଲେ । ଜରିମାନା କ୍ଷମା ଦେବା ସହାୟେ ଛାତ୍ରମାନଙ୍କର ମୁରବିଙ୍କୁ ଆଉ ସ୍ୱଦେଶୀ ଆନ୍ଦୋଳନରେ ଯୋଗ ନ ଦେବାର ପ୍ରତିଜ୍ଞା ପତ୍ରରେ ସ୍ୱାକ୍ଷର କରିବାକୁ କହିବାରେ ସେମାନେ ଅସ୍ୱୀକୃତ ହେଲେ ସୁତରାଂ ରଙ୍ଗପୁରରେ ଜାତୀୟ ରଙ୍ଗର ଅଣ୍ଡଳା ଉଠିଲା । ମାଜିଷ୍ଟ୍ରେଟ ମିଃ ଇମର୍ସନଙ୍କ ଆଦେଶ ମତେ ଓକିଲ ମୋକ୍ତାର, ଜମିଦାର ପ୍ରଜା, ହିନ୍ଦୁ ମୁସଲମାନ, ବୃଦ୍ଧ ଯୁବକ, ଏରୂପ ନ ୨୫ ଣ ବିଶେଷ କନଷ୍ଟେବଲ ପଦରେ ନିଯୁକ୍ତ ହେଲେ । ସେମାନଙ୍କ ମଧ୍ୟରୁ ଯେଉଁମାନେ ଆଦେଶ ପାଳନ କରି ନାହାନ୍ତି ସେମାନଙ୍କ ପ୍ରତି ଫୌଜଦାରି ସୁପର୍ଦ୍ଦ ହେବାର ଆଦେଶ ହୋଇଅଛି ଓ ସେମାନେ ବନ୍ଦୁଗ୍ରାହୀ ସୁତରାଂ ଅମ୍ଭମାନଙ୍କର ଅଛି ବକ୍ତବ୍ୟ ନାହିଁ । ରଙ୍ଗପୁରର ବାର୍ତ୍ତାବହ ପତ୍ରିକାର ସମ୍ପାଦକ ବିଶେଷ କନଷ୍ଟେବଲ ହୋଇଥିଲେ ତାଙ୍କୁ ସେକ୍ସନ ସାହେବ ପାରେଡ଼ ଇତ୍ୟାଦି ବେଆଇନୀ କାର୍ଯ୍ୟ କରିବାର ଆଦେଶ ଦେଇଥିବାରୁ ପୋଲିସ ସାହେବଙ୍କ ବିରୁଦ୍ଧରେ ଦଶ ସହସ୍ର ଟଙ୍କାର ଦାବୀରେ ମାନହାନିର ଅଭିଯୋଗ ଆଣିବା ନିମନ୍ତେ ନୋଟିସ ଦେଇଅଛନ୍ତି । ଲେଫ୍‌ଟେଲଟ ମିଃ ଫୁଲର ବରିଶାଲରେ ପହୁଞ୍ଚି କୌଣସି ଅଭ୍ୟର୍ଥନା ପ୍ରାପ୍ତ ନ ହେବାରେ ନେତୃଗଣ ଭଦ୍ର ଲୋକଙ୍କୁ ଭୟ ଦେଖାଇଅଛନ୍ତି । ଫରିଦପୁରରେ ମଧ୍ୟ କୌଣସି ପ୍ରକାର ଅଭ୍ୟର୍ଥନା ପାଇ ନାହାନ୍ତି । ଏଥିରୁ ଅନେକେ ପ୍ରଶ୍ନ କରି ପାରନ୍ତି ଲୋକମାନଙ୍କ ଏରୂପ ବ୍ୟବହାର କି ରାଜଭକ୍ତିର ଚିହ୍ନ ? ମାତ୍ର ସେଥିର ଉତ୍ତର ଏହିରୂପ ପ୍ରକାଶ ପାଉଅଛି ଯେ ବଙ୍ଗ ପ୍ରଦେଶ ଦ୍ୱିଖଣ୍ଡିତ ହେବାରୁ ବଙ୍ଗ ସନ୍ତାନମାନେ ଦୁଃଖ ଶୋକ ଧାରଣ କରିଥିବା ସ୍ଥଳରେ ସୁଖର ଅଭ୍ୟାଗତରେ ଯୋଗ ଦେବାକୁ ଅକ୍ଷମ । ଶ୍ରୀଯୁକ୍ତ ଫୁଲର ସାହେବ ମଧ୍ୟ ପ୍ରକାଶ କରି କହିଛନ୍ତି ସେ ସେ ନିଜେ ସ୍ୱଦେଶୀ ଆନ୍ଦୋଳନର ପକ୍ଷପାତୀ ଓ ସେ କାହାର ଅନିଷ୍ଟ କରି ନାହାନ୍ତି ଏପରି ସ୍ଥଳେ ତାଙ୍କ ପ୍ରତି ବିରାଗର କାରଣ ଯୁକ୍ତି ଦେଉଅଛି କି ? ନୂତନ ବଙ୍ଗପ୍ରଦେଶରେ ନୂଆ ନୂଆ ଭାବ ଉଠୁଅଛି ଓ ଇଂରେଜ ଶାସନ ଶାଖାର ବ୍ୟତିକ୍ରମ ବିଶେଷ ରୂପେ ପରିଲକ୍ଷିତ ହେଉଅଛି ।

---

ମୟୂରଭଞ୍ଜରେ ଶିଳ୍ପବିଦ୍ୟାଳୟ ଓ ଦାତବ୍ୟଖାନା ସ୍ଥାପନ ବିଷୟକ ଗୋଟିଏ ଅନୁଷ୍ଠାନ ପତ୍ର ଅମ୍ଭେମାନେ ପ୍ରାପ୍ତ ହୋଇଅଛୁଁ । ମହାରାଜା ମୟୂରଭଞ୍ଜଙ୍କ ଦୁଲାଳ ପର୍ଶୋନାଲ ଆସିଷ୍ଟାଣ୍ଟ ବାବୁ ଯୋଗେନ୍ଦ୍ର ବସୁ ଓ କଲକତାର ବାବୁ ଅମୃତଲାଲ ବସୁ ଏହି ସଦନୁଷ୍ଠାନରେ ବ୍ରତୀ ହୋଇ ଅନୁଷ୍ଠାନ ପତ୍ର ବାହାର କରିଅଛନ୍ତି । ଉକ୍ତ ପତ୍ରର ମର୍ମ ନିମ୍ନେ ପ୍ରକାଶିତ ହେଲା ମୟୂରଭଞ୍ଜର ରାଜଧାନୀ ବାରିପଦାରେ ୧୦ ମାଣ ଜମି ମହାରାଜାଙ୍କଠାରୁ ଦସ୍ତାବିଜ ହୋଇଥିରେ ଲୁଗା ବୁଣିବା ଓ ଦଉଡ଼ି ଓ ବଢ଼େଇ କାର୍ଯ୍ୟ ପ୍ରଭୃତିର କାରଖାନା ସହିତ ଗୋଟିଏ ସ୍କୁଲ ଗୃହ ନିର୍ମାଣ ହେବ । ଯେଉଁ ଛାତ୍ରମାନେ ସେଠାରେ କାର୍ଯ୍ୟ କରିବେ ସେମାନେ ଗୋଠା ପ୍ରାତ୍ୟହିକ ପ୍ରାୟୋଜନୀୟ କି ଅବା ଏତଦର୍ଥେ ଲେଖାଏଁ ପାଇବେ । ଏହିପରି ୫୦ ଗୋଟି ଛାତ୍ର ନିଜ ଅଛନ୍ତି

Split by PDF Splitter



ବର୍ଜି ବଜ୍ରଗ ସହାଶେ ଶସ୍ତ୍ରାଦଲରେ ପୋଷାକର ଲୁଗା ପାଇବା ସହାଶେ କଲର ମାଟେଲ-କଲ ଓ ଅନ୍ୟାନ୍ୟ ବ୍ୟବସାୟୀ ସମ୍ପ୍ରତିରେ ଲେଖା-ଲେଖି ଚାଲିଛି । ସେହିପରି ବଙ୍ଗଳର କାର୍ଯ୍ୟ ସହାଶେ ମହାରାଜାଙ୍କଠାରୁ ଅଳ୍ପ ମୂଲ୍ୟରେ କାଠପାଇବାର ଭରସା ରଖନ୍ତି । ବର୍ତ୍ତମାନ କାରଖାନା ସହିତ ସ୍କୁଲଟି ଚଳାଇବା ନିମନ୍ତେ ମାସିକ ଏକଶହ ଟଙ୍କା ଖରଚ ପଡ଼ିବ । କାର୍ଯ୍ୟା-ରମ୍ଭ କରିବା ନିମନ୍ତେ ଦୋଛଅ ହଜାର ଟଙ୍କା ଆବଶ୍ୟକ । ଏହି ମଧ୍ୟରୁ ଦଶ ହଜାର ଟଙ୍କା ଏକକାଳୀନ ଚାନ୍ଦାଙ୍କ ଆଦାୟ ହେବାର ସମ୍ଭବ ମଧ୍ୟ ମାସିକ ଖର୍ଚ୍ଚ ହିଁ ୫୦୧ ଙ୍କା ଲେଖାଏଁ ଚାନ୍ଦା-ଙ୍କାଗ ମିଳିପାରେ । ଯଦ୍ୟପି ତାହାଁ ସୁଗ୍ଧଭୁକୁପେ ଚଳେ ମହାରାଜା ମଞ୍ଜୁର ଅଛି ଏହାକେ ସମ୍ଭା-ହାୟ ଓଇରର ଅନ୍ତର୍କ୍ଷିତ ଅର୍ଥାତ୍ ଓଇକର ସଥାଶ ଟଙ୍କା ହିସାବରେ ଦେବେ । ଅନୁଷ୍ଠାନ କର୍ତ୍ତାମାନେ ବର୍ତ୍ତମାନ ସର୍ବସାଧାରଣଙ୍କ ସାହାଯ୍ୟ ଲୋଡ଼ୁଅଛନ୍ତି । ଅମ୍ଭମାନଙ୍କର ଶ୍ରଦ୍ଧାସ୍ପଦ ବାବୁ ମଧୁସୂଦନ ଦାସ ଏହି ମହତ ସଦନୁଷ୍ଠାନରେ ଯଥାସାଧ୍ୟ ଦାନ କରିବା ନିମନ୍ତେ ସର୍ବସାଧା-ରଣଙ୍କୁ ପ୍ରାର୍ଥନା କରୁଅଛନ୍ତି । ତାଙ୍କର ଇଂରାଜୀ ଭାଷାରେ ଲିଖିତ ପତ୍ରଟି ସ୍ଥାନାନ୍ତରରେ ପ୍ରକାଶିତ ହେଲା । କୁଜଙ୍ଗଧାରର ମହାରାଜା ଭକ୍ତ ଅନୁଷ୍ଠାନ ପ୍ରତି ସହାନୁଭୂତି ପ୍ରକାଶ କରି ଅଛନ୍ତି ଓ କୁଚବିହାରର ମହାରାଣୀ ତିନିଶତ ଟଙ୍କା ଚାନ୍ଦା ସ୍ୱାକ୍ଷର କରୁଅଛନ୍ତି । ବାବୁ ଯୋଗେଶ ଚନ୍ଦ୍ର ରାୟ ଚାନ୍ଦାଦାନ ନିମନ୍ତେ ବାହାର ଅଛନ୍ତି । ଗତ ସପ୍ତାହ ଏ ନଗରରେ ଉପସ୍ଥିତ ହୋଇ କେତେକ ଚାନ୍ଦା ସ୍ୱାକ୍ଷର କରାଉଅଛନ୍ତି । ଇତି ମଧ୍ୟରେ ଯେଉଁ ଯାହା ଚାନ୍ଦା ପାଇବାର ଅଙ୍ଗୀକାର ପାଇଛନ୍ତି ସେଥିର ତାଲିକା ଅମ୍ଭ-ମାନଙ୍କୁ ଏହିକ୍ଷଣ ଦେଇଅଛନ୍ତି । ଅମ୍ଭେମାନେ ତାଙ୍କର ଅନୁରୋଧ ମତେ ଚାନ୍ଦା ସ୍ୱାକ୍ଷରକାରୀଙ୍କ ନାମ ନିମ୍ନେ ପ୍ରକାଶ କଲୁଁ ।

| | |
|---|---|
| ରାଜା ବୈକୁଣ୍ଠନାଥ ଦେ ବାହାଦୁର ବାଲେଶ୍ୱର | ଟ୧୦୦୦ |
| ହଟହର ଜମିଦାରବନ୍ଧୁ | ଟ୧୦୦୦ |
| ରାଜା ସାହେବ ତାଳଚେର | ଟ୧୦୦୦ |
| ବାବୁ ଜାନକୀନାଥ ବୋଷ ସରକାରୀ ଉକିଲ କଟକ | ଟ ୨୫୦ |
| ,, କୃଷ୍ଣଚନ୍ଦ୍ର ଧାଲେଶ | ଟ ୨୦୦ |
| ,, ଗୋପାଳଚନ୍ଦ୍ର ପ୍ରହରାଜ ବି ଏଲ ଦର୍ପଣ ଷ୍ଟେସନର ଉକିଲ | ଟ ୨୦୦ |
| କଟକେର ବନ୍ଧୁ | ଟ ୨୦୦ |
| ବାବୁ ହରନାଥ ସିଂହ ବି ଏଲ | ଟ ୧୦୦ |
| ଜଣେକ ମୋସଲମାନ | ଟ ୧୦୦ |
| ରାଜା ଧରାକୋଟ | ଟ୧୦୦୦ |
| | ଟ୬୫୦୦ |

ଏଥିମଧ୍ୟରୁ ଟ୧୬୦୦ଙ୍କା ଆଦାୟ ହୋଇ-ଅଛି । ବାବୁ ଯୋଗେଶଚନ୍ଦ୍ର ଗତ ବୁଧ-ବାର ଗଞ୍ଜାମ ଗମନ କଲେ । ଅମ୍ଭେମାନେ ଆଶାକରୁଁ ଏହି ମଙ୍ଗଳକର କାର୍ଯ୍ୟରେ ଦେଶ ହିତୈଷୀ ମାନେ ଯଥାସାଧ୍ୟ ସାହାଯ୍ୟ କରି-ବାରେ କୁଣ୍ଠିତ ହେବେ ନାହିଁ ।

### ନୂତନ ବଡ଼ଲାଟ ।

ନୂତନ ରାଜପ୍ରତିନିଧି ଲର୍ଡମିଣ୍ଟୋ ସସ୍ତ୍ରୀକ ଓ ଭୃତ ଗୋଷ୍ଠୀ କନ୍ୟାସହ ଗତ ତା୧୭ରିଖ ଶୁକ୍ରବାର ବୋମ୍ବାଇ ନଗରରେ ପଦାର୍ପଣ କଲେ । ଲର୍ଡ କର୍ଜନ ସସ୍ତ୍ରୀକ ତା ୧୮ ରିଖ ପ୍ରାତଃ ବୋମ୍ବାଇ ପରିତ୍ୟାଗ କଲେ । ଲର୍ଡ ମିଣ୍ଟୋ ଲର୍ଡ କର୍ଜ-ନଙ୍କ ପାରେଷ୍ଟି ହେଲ ମିଉନିସିପାଲିଟି ଅଭି-ନନ୍ଦନ ପତ୍ର ଗ୍ରହଣ କରି ଥିଲେ । ଗତ ତା ୨୨-ରିଖ ବୁଧବାର ପ୍ରାତଃ ଘ ୯ ଟା ସମୟରେ ବଡ଼ଲାଟ ରେଲଗାଡ଼ିଯୋଗେ ହାବଡ଼ାଠାରେ ପହଞ୍ଚିଲେ । ହାବୁଡ଼ା ରେଲ ଷ୍ଟେସନଠାରେ ବର୍ଦ୍ଧମାନର କମିଶନର, କଲିକତା ମିଉନିସି-ପାଲିଟିର ଚେୟାରମାନ, କଲିକତା ପୋଲିସର କମିସନର, ହାବୁଡ଼ାର ମାଜିଷ୍ଟ୍ରେଟ ପ୍ରଭୃତି ଅନେକ ଗୁଡ଼ାଏ ବଡ଼ ୨ ରାଜକର୍ମଚାରୀ ତାଙ୍କର ଅଭ୍ୟର୍ଥନା ନିମନ୍ତେ ଉପସ୍ଥିତ ଥିଲେ । ରେଲ ଷ୍ଟେସନରେ ଭଲଣ୍ଟିୟର ଦଳ ଓ ଷ୍ଟେସନର ବାହାରରେ ଦେଶୀୟ ସୈନ୍ୟମାନେ ସୁସଜ୍ଜିତ ହୋଇ ଦଣ୍ଡାୟମାନ ହୋଇଥିଲେ । ଅନେକ ରାଜକର୍ମଚାରୀ ଓ ରାଜନ୍ୟବର୍ଗ ସମ୍ମାନାର୍ଥେ ଉପ-ସ୍ଥିତ ଥିଲେ । ବଡ଼ଲାଟ ସାହେବ ରେଳଗାଡ଼ିରୁ ବାହାରି ହାବଡ଼ାପୋଲ ଷ୍ଟ୍ରାଣ୍ଡରୋଡ଼, ଏସ୍ପ୍ଲାନ-ଡେଇସ, ଡେଲହାଉସି ସ୍କ୍ୱାୟାର ଓ ଓଲଡକୋର୍ଟ ହାଉସ୍ଷ୍ଟ୍ରିଟ ବାଟେ ତାଙ୍କର ରାଜପ୍ରାସାଦର ଉତ୍ତରଦ୍ୱାର ଦେଇ ସ୍ୱହାବ୍ୟନ୍ତରରେ ପ୍ରବେଶ କରିଥିଲେ । ରାସ୍ତାର ଦୁଇପାର୍ଶ୍ୱରେ ସୈନ୍ୟ-ମାନେ ଦଣ୍ଡାୟମାନ ହୋଇଥିଲେ । ବଡ଼ଲାଟଙ୍କ ସମ୍ବର୍ଦ୍ଧନାରେ ବହୁଲୋକ ଓ କଲିକତାର ଅଧିକାଂଶ ସୈନ୍ୟଦଳ ଥିଲେ । ଲାଟଭବନରେ ଛୋଟଲାଟ ସାର ଆଣ୍ଡ୍ରୁ ଫ୍ରେଜର, ଭାରତ ସେନାପତି ଲର୍ଡକିଚନାର ଓ ହାଇକୋର୍ଟର ପ୍ରଧାନ ବିଚାରପତି ପ୍ରଭୃତି ଉପସ୍ଥିତ ଥିଲେ । ବଡ଼ଲାଟ ରାଜପ୍ରାସାଦରେ ପ୍ରବେଶ ହେଲା ମାତ୍ରେକେ ସମ୍ମାନ ସୂଚକ ତୋପ ଧ୍ୱନି ଓ ବ୍ୟାଣ୍ଡ ବାଦ୍ୟ ବାଜି ଉଠିଲା । ଆଜି ନବାଗତ ପ୍ରତିନିଧିଙ୍କ ପାଇ କଲିକତାସ୍ଥ ଲୋକେ ଅବଶ୍ୟ ପ୍ରଫୁଲ୍ଲିତ ହୋ-ଇଥିବେ ମାତ୍ର ଲର୍ଡମିଣ୍ଟୋ ଦେଶରେ ଅଶାନ୍ତି ଓ ଅସନ୍ତୋଷ ଜାଗୁଥିବା ସମୟରେ ଶାସନଦଣ୍ଡ ଗ୍ରହଣ କରୁଅଛନ୍ତି । ଅମ୍ଭେମାନେ ଆଶାକରୁଁ ସେ ନିଜ ବୁଦ୍ଧି ଶକ୍ତି ବଳରେ ଅଶାନ୍ତି ଓ ଅସନ୍ତୋଷ ଦୂର କରି ଦେଇ ଦେଶରେ ଶୀଘ୍ର ଶାନ୍ତିବାୟୁ ସେବନ କରିବାକୁ ସକ୍ଷମ ହେବେ ।

### ପୂର୍ବ ପ୍ରକାଶିତ ଉତ୍ତର

ଆଗେ ପଞ୍ଚାୟତର ଗଠନ, ପ୍ରକୃତି, ଓ କାର୍ଯ୍ୟ ବିଷୟ ଆମ୍ଭେ ପୂର୍ବରେ ଲେଖିଲୁଁ । ଗ୍ରାମରେ ରହିବାରୁ ଗଲେ ସେମାନେ ଗ୍ରାମର ମୁରବି ଥିଲେ ଏବଂ ସାଧାରଣଙ୍କଠାରୁ ସମ୍ମାନ ଓ ଶ୍ରଦ୍ଧା ପାଉଥିଲେ । ସେମାନେ ପାଶବବଳରେ ବଳୀୟାନ ନଥିଲେ ମାତ୍ର ଲୋକମାନଙ୍କ ଉପରେ ସେମାନ-ଙ୍କର ନୈତିକପ୍ରଭାବ ଯଥେଷ୍ଟ ଥିଲା । ଆଜିକାଲି ପଞ୍ଚାୟତ ନିର୍ବାଚନ ଭାର ଜିଲା ମାଜିଷ୍ଟ୍ରେଟ ଓ ତାହାଙ୍କଠାରୁ କ୍ଷମତା ପ୍ରାପ୍ତ ଉଚ୍ଚ କର୍ମଚାରୀଙ୍କ ଉପରେ ଅଛି । ଗ୍ରାମବାସିଙ୍କୁ ଏହି ଭାର ଦେ-ବାର ନିୟମରେ କଥା ରହିଅଛି ସତ୍ୟ ମାତ୍ର ଲୋକେ ସେ ଅଧିକାର ପାଇବା ପ୍ରକାଶ ନାହା-ଯୁଁତ କରନ୍ତି । କାରଣ ସେମାନେ ଦେଖି ପାରୁ-ଅଛନ୍ତି ସେ ପଞ୍ଚାୟତଙ୍କର ପଦ ଗୌରବ କମ୍ପା ସେମାନଙ୍କର ଅପ୍ରୀତି ବଡ଼ ଶରେ କାର୍ଯ୍ୟ ବସ୍ତୁ କହେ ପଞ୍ଚାୟତମାନେ ଅବିବେଚନା ରେ ଚାହିଁଲେ ପୁଣି ମନୋମତ ହୋଇ ଅସମ୍ମତି ପ୍ରକାଶ କଲେ ଅର୍ଥଦଣ୍ଡ ଦେବାକୁ ହୁଏ । ଏହାଛଡ଼ା ପୁଲିସ କନଷ୍ଟେବଲଠାରୁ ଡିଷ୍ଟ୍ରିକ୍ଟସୁପରିଣ୍ଟେଣ୍ଡେଣ୍ଟ ଓ ଜିଲା ମାଜିଷ୍ଟ୍ରେଟଙ୍କ ପର୍ଯ୍ୟନ୍ତ ସମସ୍ତେ ଡାକନ ବିଶେଷତଃ ପୁଲିସ କର୍ମଚାରୀମାନଙ୍କଠାରୁ ପଞ୍ଚା-ୟତଙ୍କୁ ସମୟରେ ଯେଉଁ କ୍ଲେଶ ତଥା ଓ ଶିଷ୍ଟାଗୁର ପାଇବାକୁ ହୁଏ ତାହାତ ଅକୁଣ୍ଠ ସୁଖକର । ଏ ସବୁ ଉପରେ ସରକାରମଧ୍ୟରେ ଟିକସ ବାକି ପଡ଼ିବାରୁ ଚୌକିଦାର ମାନେ ଦରମା ପାଇ ନ ପାରି ତାଡ଼ା ହେଲେ ପଞ୍ଚା-ୟତଙ୍କ ଘର ନିଲାମ ହୋଇ ଟଙ୍କା ଆଦାୟ ହୁଏ । ଏହି ସବୁ କାରଣରୁ ଗ୍ରାମର ବିଶ୍ୱାସୀ ଶିକ୍ଷିତ ଭଦ୍ରଲୋକମାନେ ପଞ୍ଚାୟତର ମେମ୍ବର ହେବାକୁ ଆଗ୍ରହାନ୍ୱିତ ନ ହୋଇ କୌଣସି ପ୍ରକାର ଖସି ଯିବାକୁ ଚେଷ୍ଟା କରନ୍ତି । ସାଧା ରଣତଃ ବଦେଶୀ ନିତ୍ୟ ଅର୍ଥଗୃଧ୍ନୁ ଗ୍ରାମ୍ୟ 'ମାମ-ଲତକାର' ମାନେ ପୁଲିସ ସହିତ ସମ୍ପର୍କ ରଖିବା ଲାଭଜନକ ମନେ କରି ପଞ୍ଚାୟତ ବିଶେଷତଃ ତହସିଲ ପଞ୍ଚାୟତ ହେବାକୁ ଆଗ-ଭର ହୁଅନ୍ତି । ଅଧିକାଂଶ ସ୍ଥଳରେ ଉପଯୁକ୍ତ ଶିକ୍ଷିତ ଲୋକ ଅଭାବରେ ନାମକୁ ଶଙ୍କର ଲୋକ ମାନେ ପଞ୍ଚାୟତରେ ସ୍ଥାନ ପାଇଥାନ୍ତି ମାତ୍ର ସେମାନଙ୍କର କର୍ତ୍ତବ୍ୟ କଣ ତାହା ସେମାନେ ଲେଶମାତ୍ର ଜାଣନ୍ତି ନାହିଁ । ଗ୍ରାମବାସିଙ୍କର ଦୃଷ୍ଟିରେ ଏମାନେ କେତେ ସମ୍ମାନାର୍ହ ତାହା ସହଜରେ ଅନୁମେୟ । ସମ୍ମାନ ବା କିପରି କଥିବ ? ଯେଉଁ ଲୋକ ଲୁଣ ଖାଇବାକୁ ଦୁଇଟା ପଇସା ପାଉ ନାହିଁ ତାହାଠାରୁ ଟିକସ ଆଦାୟ କରିବେ । ଫଳରେ ଆଦାୟ କରି ନ ପାରିଲେ

Digitized by srujanika@gmail.com

ଯେପରି ନିଠୋରତା ଅବଲମ୍ବନ କରିବାକୁ ପଡ଼େ ଅନେକାନୁମୋଦର ବୋଲି ତାହା ମାର୍ଜନୀୟ ହୋଇପାରେ ମାତ୍ର ଲୋକମାନଙ୍କର ହୃଦୟରେ ଆଘାତ କରିବ ନିଶ୍ଚୟ । ଗୋଟିଏ ଦୃଷ୍ଟାନ୍ତ ଶୁଣିଅଛୁ ତହିଁରୁ ପଞ୍ଚାୟତଙ୍କ ପ୍ରତି ଲୋକଙ୍କର କିପରି ଆସ୍ଥା ହୋଇପାରେ ଅନୁମାନ କରି ହୋଇପାରିବ । ଖୋଜି ବସିଲେ ଏପରି ଦୃଷ୍ଟାନ୍ତ ଅନେକ ମିଳିବ । ଗୋଟିଏ ବିଧବା ସ୍ତ୍ରୀ ଲୋକ ଶର୍ଷ ସାଉଟି, ଧାନ କୁଟି ନିଜର ପେଟ ପୋଷେ । ଅବସ୍ଥା ଦୃଷ୍ଟିରେ ତାହାକୁ ଟିକସରୁ ମୁକ୍ତି ଦିଆ ହୋଇଥିଲା । କେବେଠାରୁ ତହସିଲ ପଞ୍ଚାୟତ ଶୁଣି ପାରିଲେ ସେ ମହାଜନୀ କରୁଅଛି । ମହାଜନୀ କଣ ନା ବହୁକଷ୍ଟ ସଞ୍ଚିତ ଗୁଡ଼ ପାଞ୍ଚୋଟି ଟଙ୍କାକୁ ସେ ଅଣାକଥି ସୁଦରେ ପଡ଼ୋଶୀ ମଧ୍ୟରେ କାହାକୁ ଲଗାଇ ଦେଇ ଅଛି । ତହସିଲ ପଞ୍ଚାୟତ ଦେଖିଲେ ଖାଲିରେ ସିନା ତାହା ପରକୁ ଫେରି ଯିବ ନାହିଁ ସୁତରାଂ ଚୌକିଦାର ଥିବା ନ ଥିବା ତା ପକ୍ଷରେ ସମାନ ଥିବା ହେତୁ ତାକୁ ଟିକସ ମାଫ ଦିଆଯାଇଥିଲା, ମାତ୍ର ଯେତେବେଳେ ସେ ମାସକୁ ମାସ ପାଞ୍ଚ ଅଣା ପଇସା ସୁଦରେ ଉଷୁଲ କରେ ସେତେବେଳେ ସେବକ ଶ୍ରେଣୀଠାରୁ ରକ୍ଷା କରିବା ସକାଶେ ଦୁଇ ପଇସା ତାହାର ଦେବା ନ୍ୟାୟସଙ୍ଗତ, ସ୍ତ୍ରୀ ଲୋକ କନ୍ଦାକଟା କରି ଓଜର କରୁ ଥିଲି ହୁଏତ ଘର ପାଇପାରେ ମାତ୍ର ଯେଉଁ ପଞ୍ଚାୟତଙ୍କର ଏତେଦୂର ନିକୃଷ୍ଟ ସେମାନେ କେବେ ସମ୍ମାନ ଭାଜନ ହୋଇ ପାରନ୍ତି ନାହିଁ । ଟିକସ ଧାର୍ଯ୍ୟ କରିବା, ଟିକସ ଦେଇ ନ ପାରିବା ହେତୁ କାହାର ଘର ନିଲାମ ହେଲେ ନିଲାମ ସମୟରେ ଉପସ୍ଥିତ ହେବା ପ୍ରଭୃତି ଅପ୍ରୀତିକର କାର୍ଯ୍ୟଗୁଡ଼ା କୌଣସି ହିତକର କାର୍ଯ୍ୟରେ କେହି ପଞ୍ଚାୟତଙ୍କ ଅସ୍ତିତ୍ୱ ଅନୁଭବ କରନ୍ତି ନାହାନ୍ତି । ଫଳରେ ଅନେ ପଞ୍ଚାୟତମାନେ ଲଜ୍ଜା ଏବଂ ସମ୍ମାନର ପାତ୍ର ଥିଲେ ଅନ୍ଧକାର ଅଶ୍ରଦ୍ଧାର ପାତ୍ର ।

କେହି କହିଲେ ପଞ୍ଚାୟତ ମଧ୍ୟ ନିଜ ସର୍କାରଙ୍କୁ ଝଣ୍ଡେ ଚୌକିଦାର ସ୍ୱରୂପ ମନେ କରନ୍ତି । ସାଧାରଣତଃ ଏ ପ୍ରଦେଶର ଜମିଦାରମାନେ ଯେପରି ବେଠି କରାଇଆନ୍ତି, ସ୍ଥଳବିଶେଷରେ ସେମାନେ ମଧ୍ୟ ତଦ୍ରୂପ କରାଇବାକୁ ଛାଡ଼ନ୍ତି ନାହିଁ । ଜମିଦାର ଯାହା ଖାନ୍ତି ଖାଉଦାର ତାହା ମାରନ୍ତି ୨୫ ରୁ ଅଧିକ ନୁହେଁ । ଏହି ସାମାନ୍ୟ ଆୟ ହଜାର ଶଗ ବର୍ଷରେ ତୁଲି ଅସୂଲ କରିବା ଅପେକ୍ଷା ତାହା ଦାତାମାନଙ୍କୁ ନୈବେଦ୍ୟ ଦ୍ୱାରା ତାଙ୍କ ହାତରୁ ନେଇ କର ଅଶଣ୍ଡ । ସେ ଲୋକଟି ହାତ ନେଇ ଅନେ ସେ ଯେବେ ଶ୍ରମ-

କାମ ହୋଇଥାଏ ତାହା ହେଲେ ତାହା ହାତେ କିଛି ଗୋଟାଏ କାମ କରାଇନେବାରେ ତ୍ରୁଟି କରନ୍ତି ନାହିଁ । ନ କଲେ ହୁଏତ ପାଉଣ ଦେବେ ନାହିଁ । ତଲବରେ ନ ଆସିଲେ ହୁଏତ ଜବଲ କର ଆଦାୟ କରିବେ । ଯେଉଁ ସର୍କଲରେ ଯେତେ ଶିକ୍ଷିତ ସମ୍ଭ୍ରାନ୍ତ ଲୋକଙ୍କର ଅଭାବ ସେ ସର୍କଲରେ ତହସିଲ ପଞ୍ଚାୟତଙ୍କର ସେତେ ପ୍ରତାପ । ଏହା ଛଡ଼ା ତାଙ୍କର ଯେତେ ଗୋରୁ ଗାଈ ଥାନ୍ତି ତାହା ହେଲେ ସେ ଗୁଡ଼ିକୁ ଉଦାମଗଣ୍ଡ । କେହି କାହିଁହାଉସକୁ ନେବାକୁ ସାହାସ କରନ୍ତି ନାହିଁ ତାଲେ ଜବଲ ଟାକ୍ସ ପଡ଼ିବ ଜମା ପଇବର୍ଷକୁ ଟାକ୍ସ ବୃଦ୍ଧି ହେବ । କର୍ତ୍ତୃପକ୍ଷଙ୍କଠାରେ ଗୁହାରି କଲେ ଏହାର ପ୍ରତିକାର ଅଛି ସତ୍ୟ ମାତ୍ର ଯେଉଁମାନଙ୍କ ଉପରେ ଅତ୍ୟାଚାର ହୁଏ ସେ ପ୍ରତିକାର ଲୋଡ଼ିବାରେ ଅସମର୍ଥ ଏବଂ ଗ୍ରାମ ମଧ୍ୟରେ ପ୍ରାୟ ଶତକଡ଼ା ୮୦ ଜଣ ଏହି ଶ୍ରେଣୀର । ଗରିବ, ଅଶିକ୍ଷିତ, ପ୍ରଜାହାରକରଙ୍କ ଗ୍ରାମ୍ୟ ଲୋକମାନଙ୍କ ମଧ୍ୟରେ କବେକଷ୍ଟୁଡ଼ି ମାମଲତକାରମାନଙ୍କ ଅଇନ ବଳରେ ବଳ-ଯୁକ୍ତ କର ଛାଡ଼ଦେଲେ ଯାହା ହେବାର ସାଧାରଣ ତାହା ହୋଇଥାଏ । ଅଶିକ୍ଷିତାବସ୍ଥାରେ ଅଇନର ଜଟିଳତା ଯେତେ ବଢ଼ିବ ସେତେ ସେମାନଙ୍କର ଜୀବନ ଅଶାନ୍ତିମୟ ହୋଇ ଉଠିବ ।

ବର୍ତ୍ତମାନ ପଞ୍ଚାୟତଙ୍କ ସମ୍ବନ୍ଧେ ଅଧିକ କହିବା ଅନାବଶ୍ୟକ । ସେମାନେ ମାଜିଷ୍ଟ୍ରେଟ କ୍ଷମତା ପାଇଲେ ଲୋକମାନଙ୍କର ସ୍ୱାସ୍ଥ୍ୟହାନତା କିପରି ବଢ଼ିବ ଏ ସମ୍ବନ୍ଧେ କିଛି କହି ଏ ପ୍ରବନ୍ଧ ଶେଷ କରିବୁଁ ।

ପ୍ରସ୍ତାବିତ ବ୍ୟବସ୍ଥା କରୁଣରେ କିଛି କହିବାକୁ ଯିବା ଉଦ୍ଦେଶ୍ୟଟା ପର ବୋଧ ହୋଇପାରେ କାରଣ ପ୍ରସ୍ତାବ ଯେ କାର୍ଯ୍ୟରେ ପରିଣତ ହେବ ଏଥିରେ କିଛି ସନ୍ଦେହ ନାହିଁ । ତଥାପି ଗଭର୍ଣ୍ଣମେଣ୍ଟ ଅମ୍ଭମାନଙ୍କର ସ୍ୱାସ୍ଥ୍ୟ-ହତା ସକାଶେ ଏଥି ବ୍ୟବସ୍ଥା କରୁଅଛନ୍ତି । ତହିଁରେ ଅମ୍ଭମାନଙ୍କର ସୁଖ ବୃଦ୍ଧି ହେବ ଏହା ଯେତେବେଳେ ଗଭର୍ଣ୍ଣମେଣ୍ଟଙ୍କର ଉଦ୍ଦେଶ୍ୟ ସେତେବେଳେ ଯେଉଁଠାରେ ଅମ୍ଭମାନଙ୍କର କଷ୍ଟ ହେବ ତାହା ଦୂରସ୍ଥ ଜଣେଇବା ଅମ୍ଭମାନଙ୍କର କର୍ତ୍ତବ୍ୟ ।

ମୋଫସଲରୁ ଲୋକେ ଦୂରରୁ ଆସି ବାର ପାଞ୍ଚକୋଶ ଦଶକୋଶ ଯାଇ ମାମଲା କରୁ-ଅଛନ୍ତି; ନୂତନ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେଲେ ଉକ୍ତ ବାଧାର ଦୂର ହେବ ଜଣାଇବେ । ସମସ୍ତରେ କଣେ ହାକମଙ୍କ ହାତରେ ପଡ଼ନ୍ତି ଯାହାଙ୍କ କଥା ମୋଫସଲୀ ଲୋକ ବୁଝି ପାରେ ନାହିଁ ଅଥବା ସେ ତାହାର କଥା ବୁଝି ପାରନ୍ତି ନାହିଁ । ନୂତନ ପ୍ରଣାଳିରେ ଆପଣାର ପ୍ରତିବେଶିମାନେ ବିଚାର କରିବେ । ଅଣ-ଉଚିତ ସ୍ଥାନରେ ପଞ୍ଚାୟତ ଅନେକ ସମୟରେ ଫରିଆଦୀମାନଙ୍କଦ୍ୱାରା ପ୍ରତାରିତ ହେବାକୁ ହୁଏ । ଏଥିରେ ଯେପରି ସନ୍ଦେହ ଅବଶ୍ୟ ହେବ ନାହିଁ । ଏହିପରି ଅନେକ ସୁବିଧା ସୂଚିତ ଅଛି । ମାତ୍ର ଥିଲେ ବି ହେବ ପ୍ରସ୍ତାବିତ ସ୍ୱତନ୍ତ୍ରରେ ମୋଫସଲରେ ଫୌଜଦାରି ଅଦାଲତ ସ୍ଥାପିତ ହେବା ବାଞ୍ଛନୀୟ ନୁହେ । ଯେଉଁମାନଙ୍କଠାରେ ବିଚାର ଭାର ଅର୍ପିତ ହେବ ସେମାନେ ଅନେକେ ଅଣଦେଖା, ଯାହାଙ୍କୁ ସାଧାରଣତଃ ଯଥାର୍ଥରୂପେ 'ଅଜାହାରୀ' ବୋଲି କହୁଥାନ୍ତି ଏମାନଙ୍କ ସମ୍ବନ୍ଧେ ଏତିକି କହିଲେ ଯଥେଷ୍ଟ ହେବ ଯେ "ବୁଭୁକ୍ଷିତଃ କିଂ ନ କରୋତି ପାପଂ" ସ୍ୱୟଂ କ୍ଷଣସ୍ଥ କାର୍ଯ୍ୟ ସମ୍ପନ୍ନ କରି ସ୍ୱାର୍ଥଶୂନ୍ୟ ହୋଇ ଗଭର୍ଣ୍ଣମେଣ୍ଟଙ୍କ ସାହାଯ୍ୟ କରିବା ପ୍ରବୃତ୍ତିର ଦୃଷ୍ଟାନ୍ତ ବିରଳ ହୋଇ ନ ପାରେ ମାତ୍ର ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ମୋଫସଲରେ ବିଶେଷତଃ ଓଡ଼ିଶାର ମୋଫସଲରେ ଏପରି ଉନ୍ନତ କର୍ତ୍ତବ୍ୟ ଜ୍ଞାନବିଶିଷ୍ଟ ଲୋକଙ୍କ ସଂଖ୍ୟା ଅତିଶୟ ବିରଳ । ଏ କଥା ସ୍ୱୀକାର କରି ଅମ୍ଭମାନଙ୍କର ଭରସ ସମ୍ବନ୍ଧେ ବଡ଼ ଶ୍ଲାଘାର ବିଷୟ ହୋଇ ନ ପାରେ ମାତ୍ର ଏହା ଅସ୍ୱୀକାର କରି ବସିବା ଅନ୍ୟାୟକର । ଅମ୍ଭମାନଙ୍କର ଭରସ ତରଜାଲ ଏପରି ଥିଲା ଏହା ଆମ୍ଭେ କହୁ ନାହୁଁ ମାତ୍ର ବର୍ତ୍ତମାନ ଘୋର ପରିବର୍ତ୍ତନର ଯୁଗ ଉପସ୍ଥିତ ହୋଇଅଛି । ପୂର୍ବକାଳୀନ ସମାଜବନ୍ଧ ଓ ଧର୍ମବନ୍ଧ ଶିଥିଳ ହୋଇଯାଉଅଛି । ଇଂରେଜର ଜୀବନସଂଗ୍ରାମ ଓ ଭଲ ସହିତ ଅର୍ଥାଗମୋପ-ଯୋଗୀ ବ୍ୟବସାୟମାନଙ୍କର ଅଭାବ ହେତୁ ଦେଶର ଦରିଦ୍ରତା ବୃଦ୍ଧି ସଙ୍ଗେ ସଙ୍ଗେ ଜାତୀୟ ଚରିତ୍ରର ଅବନତି ଘଟିବାରୁ ଲୋକେ ନାନା ଅପକୃଷ୍ଟ ଉପାୟଦ୍ୱାରା ଅର୍ଥୋପାର୍ଜନ କରିବାରେ କ୍ରମଶଃ ନିଃସଙ୍କୋଚ ହୋଇ ଉଠୁଅଛନ୍ତି । ମୋଫସଲରେ ଯେଉଁମାନେ ସାମାନ୍ୟ ଭାବରେ ଶିକ୍ଷା ପାଇଅଛନ୍ତି ସେମାନେ ନାନାଦ ଉପାୟ-ଦ୍ୱାରା ଅଜ୍ଞାନ ଅଶିକ୍ଷିତ ଲୋକମାନଙ୍କୁ ପ୍ରତାରଣା କରି ଲାଭବାନ୍ ହୋଇପାରିଲେ ନିଜର ବୈଷୟିକ ବୁଦ୍ଧିରେ ଲଜ୍ଜିତ ନ ହୋଇ ଆତ୍ମପ୍ର-ସାଦ ଲାଭ କରୁଅଛନ୍ତି; ବର୍ତ୍ତମାନ୍ ସମ-ୟରେ—ଲୋକମାନେ ଉପଯୁକ୍ତରୂପେ ଶିକ୍ଷିତ ହୋଇ ଅଇନ ଅଦାଲତର କ୍ରିୟାକାଣ୍ଡ ବୁଝିବା ପୂର୍ବରୁ, ସେମାନଙ୍କ ଦ୍ୱାର ଆଗରେ ଆଇନ ଦେଖାଦେଲେ ଶାନ୍ତିମୟ ଗ୍ରାମ୍ୟ ଜୀବନରେ

Digitized by srujanika@gmail.com

ଅଶାନ୍ତିର ଉପାଦାନ ଯୋଗାଇ ଦେବ। ଲୋକେ ଶିକ୍ଷିତ ଥିଲେ ଅଧିକାର ପ୍ରାପ୍ତ ବ୍ୟକ୍ତିମାନେ ସାଧାରଣଙ୍କର ମତ ପ୍ରତି ଯେପରି ଶ୍ରଦ୍ଧା ରଖି ସ୍ୱୀୟ ଶକ୍ତି ପରିଚାଳନ କରନ୍ତି ଅଶିକ୍ଷିତାବସ୍ଥାରେ ଲୋକଙ୍କୁ ଦେଖିଲେ ସେପରି କରନ୍ତି ନାହିଁ । ଅଶିକ୍ଷିତ ଲୋକମାନଙ୍କ ମଧ୍ୟରେ ଅନେକ କୈତବ ବ୍ୟକ୍ତିର ନିସର୍ଗସୁଲଭ ଉଚ୍ଛୃଙ୍ଖଳ ପ୍ରବୃତ୍ତି ସଂଘଶକ୍ତିର ସାହଚର୍ଯ୍ୟରେ ଅଧିକତର ଉଚ୍ଛୃଙ୍ଖଳ ଭାବରେ କାର୍ଯ୍ୟ କରିବାକୁ ସୁବିଧା ପାଏ। ସୁତରାଂ ଆମ୍ଭ ପ୍ରଦେଶର ଲୋକମାନେ ଏହି ପରିବର୍ତ୍ତନର ସମସ୍ତଙ୍କୁ ଅତିକ୍ରମ ପୂର୍ବକ ଉନ୍ନତ ସାମାଜିକ ଓ ନୈତିକ ଆଦର୍ଶକୁ ହୃଦୟଙ୍ଗମ ନ କରୁଣୁ ଆଇନ ଆଦାଲତର ଜଟିଳ ଆଇନ-ଶାସ୍ତ୍ରଦ୍ୱାରା ନିର୍ଣ୍ଣୀତ ଲୋକଙ୍କ ସ୍ୱତ୍ୱ ଯଦି ଅଶିକ୍ଷିତ ପ୍ରଜାମଣ୍ଡଳ ମଧ୍ୟରେ ଛାଡ଼ିଦେଲେ ନିଶ୍ଚୟ ବିଷମୟ ଫଳ ଉତ୍ପାଦନ କରିବ । ବର୍ତ୍ତମାନ ଆମ୍ଭମାନଙ୍କ ଦେଶର କେହି ଲୋକ ଗୋଟାଏ ଅଧିକାର ପାଇଲେ ନିଜର ସ୍ୱାର୍ଥ ବନ୍ଧୁ, ପତ୍ନୀ ପରିବାରମାନଙ୍କ ଉପରେ ତାହାର ପ୍ରଭାବ ଦେଖାଇବାକୁ ଯେତେ ଉତ୍କଣ୍ଠିତ, ପ୍ରାପ୍ତ କ୍ଷମତାର ଉପଯୁକ୍ତ ସଦ୍ବ୍ୟବହାର କରିବାକୁ ସେପରି ନୁହନ୍ତି । ମୋଫସଲର ଅସଂପୂର୍ଣ୍ଣ ଶିକ୍ଷିତ ଲୋକମାନଙ୍କ କଥା ଛାଡ଼ ଦେଉନ୍ତୁ । ଆଜି ଉଚ୍ଚ ଶିକ୍ଷିତ ଲୋକମାନେ ଉଚ୍ଚାସନରେ ବସି ସମଷ୍ଟିରେ କ୍ଷମତାର ଯେଉଁ ଅପବ୍ୟବହାର କରୁଅଛନ୍ତି ତାହା ଦେଖିଲେ ଦୁଃଖିତ ହେବାକୁ ହୁଏ। ଏହାର କାରଣ ଆଉ କହୁ ନାହିଁ। କ୍ଷମତାର ସଦ୍ବ୍ୟବହାର ଓ ଉନ୍ନତର ଆସ୍ଥା ତୃପ୍ତି ଏ ଦେଶରେ ବହୁକାଳରୁ ଲୋପ ପାଇଥିଲା । ଶକ୍ତିର ସହିତର ହୋଇଥିଲା ବିଳାସ ଓ ଉଚ୍ଛୃଙ୍ଖଳତା । ଅଧୁନାତନ ଶିକ୍ଷା ଓ ଆମର ମାତୃଭାଷା ଆମ୍ଭମାନଙ୍କର ଚକ୍ଷୁ ଉନ୍ମୀଳନ କରୁଅଛି ସତ୍ୟ ମାତ୍ର ତାହା ଆଗରେ ଆଇନ ଅଦାଲତର ସଦ୍ବ୍ୟବହାର କରିବାକୁ ଆମ୍ଭେ ମୋଫସଲର ଲୋକମାନେ ଉପଯୁକ୍ତ ହୋଇ ନାହୁଁ । ଆଗେ ଶିକ୍ଷାଦ୍ୱାରା ଜନସାଧାରଣଙ୍କର ମାନସିକ ଉନ୍ନତି ସାଧନ ନ କରି ଉଚ୍ଚଧରଣର ଶାସନପ୍ରଣାଳୀ ସେମାନଙ୍କ ମଧ୍ୟରେ ପ୍ରଚଳନ କଲେ ସୁଫଳ ନ ଫଳି କୁଫଳ ଉତ୍ପନ୍ନ କରିବ । ଲୋକମାନଙ୍କ ଅଶିକ୍ଷିତାବସ୍ଥାରେ ଆଇନ-ଅଦାଲତ ଏକପ୍ରକାର ମାଦକ ଦ୍ରବ୍ୟର ଦୋକାନ ଅର୍ଥାତ୍—ଯେତେ ଦୂରରେ ଥିବ ସେତେ ମଙ୍ଗଳ । ମୋଫସଲରେ ଜଣେ ଲୋକକୁ ଗୋଟାଏ ମାଇଲେ ବା ପଦେ ଗାଳି ଦେଲା । ନାଲିଶ କରିବାର ସୁବିଧା ପାଖରେ ନ ଥିବାରୁ ତୁରନ୍ତ ସାଲିସ ଦ୍ୱାରା ମୀମାଂସା ହୋଇଗଲା କିମ୍ବା ସ୍ଥାନର ଭଲ ଜଣ ମିଶି ମେଣ୍ଟ କରିଦେଲେ । ଯେବେ ସେ ପଞ୍ଚାୟତ ମାଜିଷ୍ଟ୍ରେଟଙ୍କୁ ପାଖରେ ପାନ୍ତି ତାହା ହେଲେ ତହିଁରୁ ମାମଲାଟିଏ ଦାଏର କରିଦେବ; ମାମଲାଟି ନିଷ୍ପତ୍ତି ପାଇଁ ଆଉ ବହୁ ଖର୍ଚ୍ଚାନ୍ତ ହେବ ଶେଷରେ କେବଳ ତାହାର ନାଶକୁ ବହୁ ହଇରାଣ ହୋଇଯିବ। ଏଥିରେ ଉଭୟଙ୍କର ଅର୍ଥକ୍ଷୟ ଓ ବହୁକାଳ ସ୍ଥାୟୀ ଗୋଟିଏ ଶତ୍ରୁତା ଲଗିବ। ଏହାପର ଅନେକ କ୍ଷୁଦ୍ର ଅପରାଧ ଅଛି ଯାହାକୁ ଏ ଦେଶରେ ଲୋକେ ବନ୍ଧୁସ୍ଥଳେ ପରେ କ୍ଷମା ଦେଇ ଥାନ୍ତି । ମାତ୍ର ଅଦାଲତଟି ପାଖରେ ପାଇଲେ ଅଦାଲତର ଲୁପ୍ତୋଷ୍ୟ କେହୁ ଟୋକି ନିଜର ଲାଭ ଆଶାରେ ତାହାର ପକ୍ଷ ନେଇ ମାମଲା ଚଳାଇବାକୁ ଯିବ ଏବଂ ଦୁଇଜଣଙ୍କୁ ଲଗାଇଦେଇ ସର୍ବସ୍ୱାନ୍ତ କରିବ । ନଷ୍ଟ ହେବାର ଗୋଟିଏ ଉପାୟ ଦେଖୁଅଛୁ ମାମଲା ଦଶ ବର୍ଷରେ ଯୁକ୍ତି ଫୌଜଦାରୀ ମାମଲା ଅଣ୍ଟୁ କମ୍ପାଇର । ଆଇନ ଅଦାଲତ ଧନ ପ୍ରାଣରକ୍ଷାର ଏକମାତ୍ର ଅଧିକରଣ ସତ୍ୟ ମାତ୍ର ତାହାର ବିସ୍ତାର ଜନସାଧାରଣଙ୍କର ମାନସିକ ଓ ନୈତିକ ଉନ୍ନତି ସହିତ ସମାନ୍ତର ଭାବରେ ଗଢ଼ିବା ବାଞ୍ଛନୀୟ । ବର୍ତ୍ତମାନ ଏ ପ୍ରଦେଶ ମାନସିକ ଉନ୍ନତିର ନିମ୍ନତମ ସୋପାନରେ ପଡ଼ି ରହିଅଛି । ନୈତିକ ଉନ୍ନତି ମଧ୍ୟ ତଦ୍ରୂପ । ଏପରି ଅବସ୍ଥାରେ ଘର ପାଖରେ ଅଦାଲତ ପାଇଲେ ଲୋକେ ସହଜ ପ୍ରଲୋଭନର ବଶବର୍ତ୍ତୀ ହୋଇ ଅକାରଣରେ ବହୁ ମଧ୍ୟ ମାମଲା କରିବାକୁ ଯିବେ । ଗବର୍ଣ୍ଣମେଣ୍ଟଙ୍କର ସଦିଚ୍ଛାପ୍ରତି ଆମ୍ଭମାନଙ୍କର ତିଳେମାତ୍ର ଅବିଶ୍ୱାସ ନାହିଁ, ମାତ୍ର ସେମାନେ ଯେବେ ସ୍ୱଚକ୍ଷୁରେ ଅଶିକ୍ଷିତ ମୋଫସଲର ଲୋକମାନଙ୍କ ସ୍ଥିତି ଆଉ ଦେଖୁଥାନ୍ତେ ତାହା ହେଲେ ଆମ୍ଭ ଉକ୍ତିର ସତ୍ୟାସତ୍ୟ ବୁଝି ପାରନ୍ତେ । ଯେଉଁ କର୍ମଚାରୀମାନେ ଦେଖୁଅଛନ୍ତି ସେମାନେ ଗବର୍ଣ୍ଣମେଣ୍ଟଙ୍କୁ ପ୍ରକୃତଭାବ ଜଣାଇବାରେ ଉଦାସୀନ ଥିବା ସ୍ଥିର । ବାହାରେ କହୁଥାନ୍ତି ଗବର୍ଣ୍ଣମେଣ୍ଟଙ୍କର 'hobby'

ମଧୁପୁର }
୨୫ । ୧୦ । ୦୫ } ଶ୍ରୀ ପାରେଶ୍ୱର ମହାନ୍ତି ।

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ହରେକୃଷ୍ଣ ମହାନ୍ତି କଟକ ଜିଲ୍ଲାର ସଦର ମହକୁମାରେ କାର୍ଯ୍ୟ କରିବା ନିମନ୍ତେ ଅବସ୍ଥାପିତ ହେଲେ ।

ଭାଗଲପୁରର ସିଭିଲ ସର୍ଜନ କାପ୍ତାନ ଏ, ଏଚ, ଫିଲିପ୍ସ ଅନ୍ୟ ଆଦେଶ ପର୍ଯ୍ୟନ୍ତ କଟକର ସିଭିଲ ସର୍ଜନ ପଦରେ ନିଯୁକ୍ତ ହେଲେ ।

ମେଜର ଏ, ଏଚ, ଓଲଡହାମ ପାଟନାର ସିଭିଲ ସର୍ଜନ ପଦରେ ନିଯୁକ୍ତ ହେଲେ ।

ବାଲେଶ୍ୱରର ସବ୍ ଡେପୁଟୀ କଲେକ୍ଟର ବାବୁ ମୋହନ ମୋହନ ସେନାପତି ସମ୍ବଲପୁର ଜିଲ୍ଲାର ସଦର ମହକୁମାକୁ ବଦଳି ହେଲେ ।

ପରୀକ୍ଷା ଉତ୍ତୀର୍ଣ୍ଣ ସବ୍ ଡେପୁଟୀ କଲେକ୍ଟର ବାବୁ ହରମୋହନ ପଟ୍ଟନାୟକ ଓଡ଼ିଶାରେ ସ୍ଥାୟୀ ଅବସ୍ଥାପିତ ହେଲେ ।

ଓକିଲମାନଙ୍କର ଆଗାମୀ ସର୍ବେ ପରୀକ୍ଷା ୧୯୦୬ ସାଲ ଫେବ୍ରୁଆରି ମାସ ୧୯ । ୨୦ । ୨୪ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ହେବ ।

### ସ୍ଥାନୀୟ ସମ୍ବାଦ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଟାଇଟ ମହାରାଜା ଟାଇଟ, ଓ ମିଃ ବାବୁ ମଧୁସୂଦନ ଦାସ ଅନନ୍ତପୁରକୁ ଗତ ତା ୧୮ ରିଖରେ ବର୍ଷା ହେଉଥିବାରୁ ନୂଆଗାଁରୁ କେନ୍ଦୁଝରକୁ ଶୁଭାଗମନ କରିଥିଲେ । ତା ୨୪ ରିଖରେ କେନ୍ଦୁଝର ମୁକାମରେ ପ୍ରତ୍ୟାଗମନ କରିଅଛନ୍ତି । ପ୍ରଦେଶ ପ୍ରେମିକ ନୃପତି ମହାରାଜା ଗୋପୀନାଥ ଭଞ୍ଜ ଦେବ ସେମାନଙ୍କ ପାଇଁ ଟ ରୁ ସ୍ୱାଗତ ତାହାଙ୍କ କନିଷ୍ଠ ଭ୍ରାତୃଙ୍କୁ ଅନନ୍ତପୁର ମୁକାମକୁ ପ୍ରେରଣ କରିଥିଲେ ।

ଶ୍ରୀଯୁତ ଜଜ ସାହେବ ବାଲେଶ୍ୱରର ତଦନ୍ତ କାର୍ଯ୍ୟ ଶେଷ କରି ଚଳିତମାସ ତା ୨୧ ରିଖରେ କଟକକୁ ଫେରି ଆସିଲେ ।

ଶ୍ରୀଯୁକ୍ତ କଲେକ୍ଟର ସାହେବ ଗତ ଶୁକ୍ରବାର ସନ୍ଧ୍ୟାରେ ତୃତୀୟ ଓ ଜଗତସିଂହପୁର ପରିଦର୍ଶନ କରିବା କାରଣ ଯାଇଥିଲେ ଆଗାମୀ କାଲ୍ୟ ଫେରିଆସିବେ ।

ଏଠା ଜଗନ୍ନାଥ ସଭା କଟକର ଖାନ୍ତୁ ଶ୍ରୀ ପ୍ରାଣକୃଷ୍ଣ କରିଥିବାର ଷୋଡ଼ଶୋପଚାର ଲକ୍ଷଣ ସ୍ୱ ଠାକୁରଙ୍କ ଯାତ୍ରା କରିଥିବାରୁ ପ୍ରଜାଙ୍କ ସେଠାରେ ନିଜ ଶ୍ରୀନ ଥିବାରୁ ଜଗନ୍ନାଥଙ୍କର ମନ୍ଦିରରେ ଏହି ଶ୍ରୀ କେମାର ହୋଇ ନ ରହିଥିବାର ପ୍ରମାଣ ଦେବାକୁ ବଣ୍ଡଧାରୀଙ୍କର ତା୧୮।୨ ରିଖ ମତେ ଲକ୍ଷଣ ସ୍ଥାନ ଠାରୁ ଜାମିନ ନେଇଥିବାର ମୋକଦ୍ଦମା ବିଚାର ହେଉଅଛି ।

ଏଠାର ବଜାରଘରମାନଙ୍କର ଛକ ଚୌଦ୍ଧ ମନୋହର ଦୋକାନକୁ ଗତ ମଙ୍ଗଳବାର ରାତ୍ରରେ ଚୋର ଭାଙ୍ଗି ଦୋକାନର ବାକ୍ସ ଖଣ୍ଡି ଭାଙ୍ଗି ଶୁଦ୍ଧ ଲୋକମାନଙ୍କଠାରୁ ନେଇ ଯାଇଥିବାର ନଗଦ ଟଙ୍କା ନୋଟ ଓ ଜଣେ ଲୋକରୂପ ଟ ୭° ଙ୍କା ଦାମର ଗହଣା ଆଣେ ଟଙ୍କା ନୋଟ କାଢ଼ି ନେଇ ଯାଇଛନ୍ତି । ଏଠାରେ ଚୋରଙ୍କ ଉପଦ୍ରବରେ ପଡ଼ାର ଲୋକମାନେ ଭୟରେ ଅଛନ୍ତି ଜଣେ ଚୌକିଦାର ପହରା କରିବା ସ୍ଥଳେ ସେ ୭ ଟା ରାତ୍ରି ପର୍ଯ୍ୟନ୍ତ ମାତ୍ର ସେମାନେ ବସନ୍ତି ବଡ଼ ଆଶ୍ଚର୍ଯ୍ୟର କଥା । ପୋଲିସ ପ୍ରହରୀ ଗୋଟିଏ ଅବଶ୍ୟ ରଖନ୍ତୁ ?

ଜଣେ ସହବାସର ଏଠାର ନସ୍ତାପୋଷଣ ଚକଟ ଜଣେ ବାଦ ସଙ୍ଗେ ଦଶା ବନ୍ଧି ଉଭୟ ଅନାୟାସ ଦଣ୍ଡ ଦେବା କାରଣ ଯାଇଥିଲେ ସେଠାରେ ସଭାସମସ୍ତେ ଦେଖିଲେ ତାହାଙ୍କ ଦଶାରେ ବାକ୍ସମଧ୍ୟରେ ଥିବା ନଗଦ ଟ ୧୫୦ ଙ୍କା ରାତ୍ର ଚୋର ନେଇ ଯାଇଥିବାରୁ ଟୋକାଣୀ ଉତ୍ତରରେ ସେଠାର ଜଣେ ଚାଷୀ ଛାନବ ନୂଆଲମାନ ସ୍ତ୍ରୀ ସନ୍ଦେହ ହେବାରୁ ପୁଲିସ ତାକୁ ଅଟକାଇ ତଦନ୍ତ କରୁଅଛନ୍ତି ।

ତଡନ୍ତ ସପ୍ତାହରେ ଅଧିକ ନେସାଲର ହୋଇଅଛି ମାତ୍ର କାନ୍ଦପଡ଼ିକ ଏ ପର୍ଯ୍ୟନ୍ତ ହୋଇ ନାହିଁ । ଶୀତଋତୁ ରବିଫସଲ ପକ୍ଷରେ ବୃଷ୍ଟିର ଆବଶ୍ୟକ ।

ଏଠା ଉଲ୍ଟାରଥ ଗଲାରେ ଶ୍ରୀଦେବୀଙ୍କ ଯାତ୍ରା ଗତ ଶନିବାର ହେବାରୁ ତାଙ୍କର ଛାଉଣୀ ଗଡ଼ ବୁଧବାର ହୋଇଥିଲା ତାଙ୍କ ପୂଜ୍ୟ ସ୍ୱଦେଶ ବର୍ଣ୍ଣିତ ସାମାନ୍ୟ ହେଲେହେଁ ୧୬୦୦ ଲୋକଙ୍କ ସନ୍ଦେଶ ଭେଜିତ ଦେଇ ଜଗନ୍ନାଥଙ୍କ ବସିଥିଲେ ।

ଏଠା ବାଣସ୍ୱର୍ଣ୍ଣ ରସିକା ବାଲୁବା ମୁକାମରେ ଜଣେ ସ୍ତ୍ରୀଲୋକ ବନ୍ଧୁ ଗୋଟିଏ ସପ୍ତାହ ବଳଦ ଗତ ମଙ୍ଗଳବାର

Digitized by srujanika@gmail.com

Split by PDF Splitter



ବାବୁ ବ୍ରଜସୁନ୍ଦର ନାୟକ    ଦଶାର୍ଦ୍ଧା    ସ୍କୁଲ    ଟ ୩
„ ଲକ୍ଷ୍ମୀନାରାୟଣ ନାୟକ  ରେଲ ହେଡ଼ ଧୂରଗି  ଟ ୧।
ଶ୍ରୀଯୁକ୍ତ ମହନ୍ତ ଅଭିଦ୍ଭ    କଟକ    ଟ ୩
ବାବୁ ବଂଶୀଧର ମହାନ୍ତି ସବ ଓଭରସିୟର ,    ଟ ୨
„ ଦାମୋଦର ଦାସ    ଜଲଙ୍ଗା    ସ୍କୁଲ    ଟ ୨
„ ବଂଶୀଧର ପଟ୍ଟନାୟକ  ସଃ ଓଭରସିୟର
ଗୋବିନ୍ଦପୁର    ଟ ୩
„ ଦାଶରଥି ପଟ୍ଟନାୟକ ହରିପୁର, ସୁକିନ୍ଦା    ଟ ୧
„ ଈଶ୍ୱର ବାବୁ  ଉତ୍ତରାସାହେଣା    ଟ ୩
„ ଗୋପୀନାଥ ବ୍ରହ୍ମା    ଜେରଙ୍ଗ ସ୍କୁଲ    ଟ ୧୮

# ବିଜ୍ଞାପନ ।

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ବଙ୍ଗଳ "ସତ୍ୟାର୍ଥ ପ୍ରକାଶ" ନାମକ ପ୍ରଚଣ୍ଡ ଗ୍ରନ୍ଥ ଆମ୍ଭ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଏହା ପଢ଼ିଲେ ବେଦ ଏବଂ ଧର୍ମ ସମ୍ବନ୍ଧରେ ବିଶେଷ ଜ୍ଞାନ ଲାଭ ହେବ । ପ୍ରତି ଖଣ୍ଡର ମୂଲ୍ୟ ଟ ୧୮ ଓ ମଫସଲକୁ ଡାକ ମାସୁଲ ଟ ୦ । ଲିଖିତ
ଶ୍ରୀ ଭୀମସେନଙ୍କର ଉଗ୍ର କଟକ

## FOR SALE.

For the year 1905-06 about 10 to 12 thousand maunds Sabai or Ponasi grass of good quality in the Angul Reserved Forests, Orissa, within easy distance of the river Mahanady. Offers invited.

Address:—Forest Officer, Angul,
9-11-05.    Orissa.

# ସାବିତ୍ରୀ ବାଲା ।

ସୁଲକ୍ଷ୍ମୀ ସାବିତ୍ରୀ ସ୍ୱରୂପା ସ୍ତ୍ରୀ, କନ୍ୟା, ପୁତ୍ରବଧୂ ପ୍ରଭୃତିଙ୍କ ନିମନ୍ତେ ଏକ ଏକ ଯୋଡ଼ା ଏହି ସାବିତ୍ରୀ ବାଲା କିଣନ୍ତୁ । ଏହା ଦେଖିବାକୁ ଠିକ ଗିନି ସୁନାପରି, ଗଠନ ପ୍ରଣାଳୀ ଅତି ସୁନ୍ଦର ଓ ପରିପାଟି, ଉଜ୍ଜ୍ୱଳ ପାଲିସକର ସର୍ବକାଳସ୍ଥାୟୀ ଓ ମଜବୁତ । ଏହା କେବେହେଁ ଖରାପ ହେବ ନାହିଁ । ବିବାହ, ଉପନୟନ, ଅନ୍ନପ୍ରାଶନ, ଓ ପୂଜା ପ୍ରଭୃତି ସମାରୋହ କାର୍ଯ୍ୟରେ ବ୍ୟବହାର କଲେ ଏହି ବାଲା ହସ୍ତରେ ପିନ୍ଧି ଗଲେ ଧନୀଲୋକଙ୍କ ଘରେ ବାଳକର୍ଗ ଏହାର ସୌନ୍ଦର୍ଯ୍ୟ ଓ ଗଠନପ୍ରଣାଳୀରେ ମୁଗ୍ଧ ହୋଇ ସେମାନଙ୍କର ନୂତନତ୍ୱ ଅଲଙ୍କାର ଭୁଲ କରି ଅଗ୍ରହସହିତ ଏହି ବାଲା ଦେଖିବେ ଏବଂ ଏହାର ଏକ ଏକ ଯୋଡ଼ା ହବା ପିନ୍ଧିବାକୁ ଇଚ୍ଛା କରିବେ । ମୂଲ୍ୟ ପ୍ରମାଣ ୧ ଯୋଡ଼ା ଟ ୨। ସେହିପରି ଖାଡ଼ି ହିଅମାନଙ୍କର ଟ ୧। ଅଣା ।

ମାପୁଲଙ୍କ ହିସାବ । ହସ୍ତର ମାପ ପଠାଇବା କର୍ତ୍ତବ୍ୟ ।

## ଉପହାର !! ଉପହାର !!!

ଯେ ଏକତ୍ରରେ ୧୨ ଯୋଡ଼ା ସାବିତ୍ରୀ ବାଲା ନେବେ ତାହାଙ୍କୁ ଉକ୍ତିକି ଉତ୍ତମଙ୍କର "ଉଷା" ନାମକ ସୁନ୍ଦର ହାତ ଘଣ୍ଟା, ଏକ ଶିଶି "ଦାଲସୋଜ" ଏକ ଶିଶି କୁନ୍ତଳକାନ୍ତି ତୈଳ, ଅଧିକ "ବେଜ ସୋପ" ୬ ଯୋଡ଼ା ନେଲେ ସେହି ହାତ ଘଣ୍ଟା ଓ ସେହି ତୈଳ ଏକଟି ଉପହାର ଦିଆଯିବ ।

ପ୍ରାପ୍ତିସ୍ଥାନ
ମେସର୍ସ, ମଲ୍ଲିକ, ଏଣ୍ଡ କମ୍ପାନି
୭୦।୭ ହ୍ୟାରିସନ ରୋଡ଼
କଲିକତା




ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ଭୁବନବିଖ୍ୟାତ ଔଷଧ **ଇଲେକ୍ଟ୍ରୋ ସାଲସା** ଅତି ଅଦ୍ଭୁତ ଅଲୌକିକ ଗୁଣ ! ପ୍ରତ୍ୟକ୍ଷଫଳ ଜଗତ୍ୱାନଗରରେ ସୁନାମ ଅର୍ଜିଅଛି । ଏହା ରକ୍ତଦୁଷ୍ଟିର ବୃଦ୍ଧାଷ୍ଟ, ପାରଦଦୋଷ ନାଶ କରିବାକୁ ଅମୋଘ, ବାତରକ୍ତ ରୋଗର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ । କ୍ଷୁଧା ବୃଦ୍ଧି କରିବାକୁ, କୋଷ୍ଠ ପରିଷ୍କାର ରଖିବାକୁ, ଦେହ ହୃଷ୍ଟ ପୁଷ୍ଟ କରିବାକୁ ଶକ୍ତି ସମ୍ପନ୍ନ । ସ୍ୱପ୍ନଦୋଷ ନାଶ ହୁଏ, ଦୁର୍ବଳ ଇନ୍ଦ୍ରିୟ ସବଳ ହୁଏ, ରତିଶକ୍ତିର ପୂର୍ଣ୍ଣବିକାଶ ହୁଏ ।

ଅଶ୍ଚର୍ଯ୍ୟ, ଅସାଧାରଣ ସୁଖାସ୍ୱାଦନ ଅବ୍ୟର୍ଥତା, ଅଲୌକିକତା ଅଭୂତପୂର୍ବ ନରପତିମାନଙ୍କ ପ୍ରମାଣ ଭୂରି ଭୂରି ସାକ୍ଷୀ ଦେଉଅଛନ୍ତି ତାହାର ୨।୩ ଖଣ୍ଡ ମାତ୍ର ପ୍ରକାଶିତ ହେଲା ।

୧ । ମହାମାନ୍ୟ ମହାରାଜା ସାର ଯତୀନ୍ଦ୍ରମୋହନ ଠାକୁରଙ୍କୁ ଲେଖିଅଛନ୍ତି:—"✻✻✻ମୁଁ ଆଶା କରେ ଯେ ସାଧାରଣରେ "ଇଲେକ୍ଟ୍ରୋ ସାଲସା" ଦୂଷିତ ରକ୍ତ ପରିଷ୍କାର କରିବା ଓ ରକ୍ତ ବୃଦ୍ଧି କରି ଦେହକୁ ସୁସ୍ଥ ଓ ବଳ ଅଧିକ କରିବା ପକ୍ଷରେ ସର୍ବୋତ୍କୃଷ୍ଟ ।"

୨ । ମହାମାନ୍ୟ ମହାରାଜା ରାଜଧରଙ୍କ ଦେଓ ଢେଙ୍କାନାଳରୁ ଲେଖିଅଛନ୍ତି—"✻✻✻ ବିଜ୍ଞାପନର ମୋହରେ ପଡ଼ି ଅନେକ ଔଷଧ ମଗାଇଲି, ଉପକାର ହେବା ଦୂରେଇ ଥାଉ ଅପକାର ହେଲା ସେଥିରେ ପାପ ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍ଟ୍ରୋ ସାଲସାର ଗୁଣ ମୁଁ କହି ପାରିବି ନାହିଁ । ମୋତେ ଆଉରି "ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା ହରିହର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍ଟ୍ରୋ ସାଲସାର ସମାନ ଔଷଧି ଅଛି" ।

ମୂଲ୍ୟ ପ୍ରତି ଶିଶି ଟ ୬୦ ଡାକ ମାସୁଲ ଶିଶିକୁ ଯଥାକ୍ରମେ ଟ ୨୦ ଟ ୧୦ ଟ ୬ ଡାକମାସୁଲ ସ୍ୱତନ୍ତ୍ର

ପ୍ରାପ୍ତିସ୍ଥାନ—ଡବଲିଉ, ମେଜର ଏଣ୍ଡ କୋମ୍ପାନୀ, କଲିକତା

Digitized by srujanika@gmail.com

Split by PDF Splitter




ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ

## ମହିଳାମାନଙ୍କର ହେୟାର-ଲାଇନ ସୌନ୍ଦର୍ଯ୍ୟ ସାମଗ୍ରୀ

କେତେ ପରିପୋଷକ, ସଉନ୍ଦର୍ଯ୍ୟ ଓ ଶ୍ରୀବୃଦ୍ଧି କରିବାର ମନୋହର କେଶ ତୈଳ । କେବଳ ହେୟାରଲାଇନ




ସତ୍ୟ ସତ୍ୟ ହିଁ ସୁନ୍ଦରସୁଗନ୍ଧ, ଅନ୍ୟାନ୍ୟ ସୁଗନ୍ଧ ସାର, କେଶର ପୁଷ୍ଟିକର ଏବଂ ଉଦ୍ଭିଦ ଜାତ ଔଷଧ କେଶ ପୋଷକ ଦ୍ରବ୍ୟ ସମସ୍ତ ମିଳନରେ ଏହି ହେୟାର-ଲାଇନ ପ୍ରସ୍ତୁତ ହୋଇଅଛି । ଅତଏବ ଏ । ଲାଇନର ଅସଂଖ୍ୟ ଗୁଣ, ଅପୂର୍ବ ସୌରଭରେ ମନ ଅତି ପ୍ରଫୁଲ୍ଲ । ମସ୍ତିଷ୍କ ସୁଶୀତଳ ହେବ । ନିଦ୍ରା ଭୋଗ ମନୋହର ସ୍ୱପ୍ନରେ ମଗ୍ନ ହେବେ । ଅନେକ ମାନେ ଦେଖ ଯେପରି ପ୍ରଶଂସାପତ୍ର ସ୍ୱଚ୍ଛ ପଠାଇ ଅଛନ୍ତି ।

"ହେୟାର-ଲାଇନ" ଲଗାଇ କେଶ ଧୋଇଲେ କେଶ ଖୋଳା ଶୀଘ୍ର ଦୂର ହୁଏ । ଏହା ପରେ ମୁଣ୍ଡ ଶୀତଳ ହେବା ସଙ୍ଗେ, ହେୟାର-ଲାଇନ ଯେତେ ଦିନ ଲାଗୁଥିବ, ସେପରି ସୌରଭର ସ୍ଥାୟୀ ହୋଇଥାଏ । ଅନ୍ୟ ମୂଲ୍ୟବାନ ଅତର ଓ ବିଦେଶୀୟ ସ୍ନୋ ପ୍ରଭୃତି ପ୍ରସ୍ତୁତ ହୋଇଥିବା ସୌରଭ ଓ ଗୁଣ ଏଥିରେ ରହିଛି ।

"ହେୟାର-ଲାଇନ" ରଙ୍ଗ ଅତି ମନୋହର, ସ୍ୱଭାବତଃ ପରିଷ୍କାର ଓ ସ୍ୱଚ୍ଛ । ଏ ତେଲରେ କେଶରେ ଅଠା ଧରେ ନାହିଁ, ଗନ୍ଧ ଥରେ ନାହିଁ, ଦୁର୍ଗନ୍ଧ ହୁଏ ନାହିଁ ।

ହେୟାର-ଲାଇନ" କେବଳ ସୌଖିନ ଜିନିଷ ନୁହେ ମୁଣ୍ଡବ୍ୟଥା, ମଣ୍ଡ ଘୁରା, ମସ୍ତିଷ୍କ ପ୍ରଭୃତି ଶିର ରୋଗର ମହୌଷଧ ଚକ୍ଷୁ, ପଚିବା ଝାଳ, ଗାତ୍ର ଦାହ, ଉଠ ଶୀଘ୍ର ଗର ହେବା, ସ୍ନାନର ଅଳସ କଳେ, ସ୍ୱସ୍ଥ୍ୟ ଶରୀରକୁ ସବୁ ପଢ଼ିବା ପ୍ରାୟ ବୋଧ ହେବା, ଅନିଦ୍ରା, ଚର୍ମ ରୁକ୍ଷ ପ୍ରଭୃତି ଉପଦ୍ରବ ଦୂରକରିବାରେ ଏହା ତୁଲ୍ୟ କ୍ଷମତାଶାଳୀ ଔଷଧ ଆଉ ନାହିଁ । ଏହା ସୁବର୍ଣ୍ଣ—ଅଙ୍ଗର ଭୂଷଣ ।

"ହେୟାର-ଲାଇନ" ବ୍ୟବହାର-କାଳ କେଶ ଲମ୍ବିବା ବଡ଼ ହୁଏ, କେଶର ମୂଳ ଶକ୍ତ ହୁଏ, କେଶ ଚିକ୍କଣ ପରିମାଣରେ ବଢ଼େ ଏବଂ କଳା ଓ ଚିକ୍କଣ ହୁଏ, ମସ୍ତିଷ୍କ ଶୀତଳ ରହେ । ଅତଏବ ନିତ୍ୟ ବ୍ୟବହାର କଲେ ଶୀଘ୍ର କେଶ ଲମ୍ବ ହୁଏ, ମସ୍ତକ ଦୃଷ୍ଟି ପ୍ରଭୃତି ଶକ୍ତ ହୁଏ, କେଶ ସବୁ ମଳିନ ଓ ସୁନ୍ଦର ହୁଏ, ଚଞ୍ଚଳ ଦୂର ହୁଏ, ଚର୍ମ କୋମଳ ଓ କାନ୍ତିଯୁକ୍ତ ହୁଏ, ମନର ସ୍ଥିରତା ସ୍ଥୈର୍ଯ୍ୟ ବଢ଼େ ଓ ଶକ୍ତି ବୃଦ୍ଧି ହୁଏ । ହେୟାର-ଲାଇନ ସମସ୍ତେ ବ୍ୟବହାର କରନ୍ତୁ । ଏହା ପ୍ରେମିକ ପ୍ରେମିକାର ଆଦର ସାମଗ୍ରୀ ।

ମୂଲ୍ୟ ପ୍ରତି ବୋତଲ ଶିଶି ଟ ୧ ( ୩,୬,୧୨ ଶିଶି କମଯୁକ୍ତ ଟ ୫, ଟ ୧୦, ଟ୨୦ ଡାକ ଓ ଡାକମାସୁଲ ସ୍ୱତନ୍ତ୍ର

ପ୍ରାପ୍ତି ସ୍ଥାନ ଡବଲଉ ମେଜର ଏଣ୍ଡ କୋମ୍ପାନୀ — କଲିକତା





ଡାକ୍ତର ମେଜର ସାହେବଙ୍କର

ନୂତନ ଆବିଷ୍କାର !

ଚକ୍ଷୁ ରୋଗରେ—ଯୁଗାନ୍ତର !!

ଅସାଧ୍ୟ ରୋଗର—ସାଧ୍ୟ ଔଷଧ !!!



## ହାଇଡ୍ରୋସିଲ-ଇଲିକସାର

ବା

### କୋଷ ବୃଦ୍ଧିର ଅମୋଘ ଔଷଧ ।

ଗତ ବର୍ଷ ୪ ହଜାରରୁ ଅଧିକ ରୋଗୀ ଆରୋଗ୍ୟ ଲାଭ କରିଅଛନ୍ତି । ଆମ୍ଭମାନେ ଦୃଢ଼ତା ସହିତ କହୁପାରୁଁ, ଏହି ପ୍ରଲେପ ଚାରିମିନିଟ୍ ପରେ କେତେକ ସମ୍ବାଦ ବ୍ୟବହାର କଲେ ଏକଶିରା ବା କୋରଣ୍ଡ ରୋଗ ବନ୍ଦ ହେବ, ରୋଗ ସ୍ୱଚ୍ଛନ୍ଦ ହୋଇ ଯନ୍ତ୍ରଣା ଦୂରହେବ ହେବ । ଯେଉଁମାନେ ଏହି ବୃଦ୍ଧିର ରୋଗ ଓ ତାହାର ଦୁଃଖ ଯନ୍ତ୍ରଣାଦାୟକ ଅସ୍ତ୍ରଚିକିତ୍ସା କରିବାକୁ ଓ ଜୋ ଯନ୍ତ୍ରଣାରେ ଅଧିକ ରୋଗଗ୍ରସ୍ତଙ୍କରେ ଅନେକ ଲୋକ ସମୟ ନଷ୍ଟ କରନ୍ତି, ସେମାନେ ଅତେ ଏହି ଔଷଧ ବ୍ୟବହାର କରି ଦେଖନ୍ତୁ । ପ୍ରଥମ ଥର ବ୍ୟବହାର କଲେ ଏହାର ଅଦ୍ଭୁତ ଉପକାର ଦେଖା ଯାଇପାରେ ଅର୍ଥାତ୍ କେବଳ ତିନି ଦିନରେ ଔଷଧ ଲେପନ କରି ବାନ୍ଧିଲେ କୋଷ ମଧ୍ୟ ସ୍ଥିତ ଜଳ, ମାଂସ ଗଳି ହୋଇ ବାହାରିଯିବ ସମସ୍ତ ଜଳ କ୍ରମେ ଶୁଖି ଯିବ, କାହାରି ଚିହ୍ନ ହୋଇବ ଏ ସବୁ କ୍ରମେ ଅଦୃଶ୍ୟ ଓ ସୁସ୍ଥ ହୋଇବା । ସେ ମାନେ ଅରୋଗ୍ୟ ହେବା ଦେଖି ହର୍ଷ ଉଲ୍ଲାସ ହୋଇଅଛନ୍ତି, ସେମାନେ ଏହି ମହୌଷଧର ସମ୍ପୂର୍ଣ୍ଣ ଗର୍ବ କରନ୍ତି । ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ବା କଷ୍ଟ ଉତ୍ପନ୍ନ ନାହିଁ, ଆହାର ବିହାର ସ୍ୱାଭାବିକରୂପ ।

ମୂଲ୍ୟ ପ୍ରତିଶିଶି ଟ ୧॥ ତିନି ଶିଶି ଏକାଥରେ ଟ ୪। ଡାକ ଓ ଭି ଡି ଟ ୬୦ ଭା ଭ କମିସନ ସ୍ୱତନ୍ତ୍ର ।

ପ୍ରାପ୍ତବ୍ୟ—ଡବଲଉ ମେଜର ଏଣ୍ଡ କୋମ୍ପାନୀ କଲିକତା



ରଣପୁର ନିବାସୀ ଦରବାରର ଶ୍ରୀ ଲକ୍ଷ୍ମଣଦେଶ ମହାପାତ୍ରଙ୍କର ବାତଜ୍ୱର ପ୍ରତି ଏକମାତ୍ର ଅବ୍ୟର୍ଥ ମହୌଷଧ ।

ବହୁକାଳ ଓ ବହୁ ସନ୍ଧରେ ବାତଜ୍ୱରର ଏକମାତ୍ର ମହୌଷଧ ଶ୍ରିତ୍ତୋଦ୍ଧ କହିବା ଅଙ୍ଗୀକାର କରିଅଛି । ଏ ଔଷଧ ସେବନର ଏବ ଅତ୍ୟନ୍ତ ଉଗ୍ରରେ ଅଣୁ ବାତଜ୍ୱର ହେବ ନାହିଁ । ଏବାରକ୍ରମେ ଛମାସ ଔଷଧ ସେବନ ଦ୍ୱାରା ଏକାବେଳକେ ରୋଗରୁ ମୁକ୍ତି ଲଭିବାକୁ ହେବ । ଅନେକ ବାତଜ୍ୱରରୋଗୀ ଏହି ଔଷଧ ସେବନ କରି ଆଶାତୀତ ଫଳଲାଭ କରିଅଛନ୍ତି । ତାହାର ପ୍ରମାଣ ସ୍ୱରୂପ ବହୁଳାଂଶ ପ୍ରସିଦ୍ଧ ଭଦ୍ରସ୍ଥ ବ୍ୟକ୍ତିମାନଙ୍କର ପ୍ରଶଂସାପତ୍ର ସାଧାରଣଙ୍କ ବିଶ୍ୱାସପାଇଁ ନିମ୍ନରେ ପ୍ରକାଶିତ ହେଲା । ଔଷଧ ସେବନର ନିୟମାବଳୀ ଔଷଧ ସଙ୍ଗେପ୍ରାପ୍ତବ୍ୟ

ଔଷଧର ମୂଲ୍ୟ

୧ ଡବା ରୋ ୩୦ ଟି ବଟିକାର ମୂଲ୍ୟ ଟ ୨ ( ଙ୍କା

ଡାଃ ମାଃ ଟ ୦ ।୵

୬ ଡବାର ମୂଲ୍ୟ ଟ ୧୦ ( ଙ୍କା

ପ୍ରାପ୍ତିସ୍ଥାନ—ଦରବାର ଶ୍ରୀ ଲକ୍ଷ୍ମଣଦେଶମହାପାତ୍ର

ଅସ୍ତ୍ରଦେବ ଦେଶ ଶାରଦ ।

ପିତୃଙ୍ଗଡ଼ାଲ, କଟକ ।

ପ୍ରଶଂସାପତ୍ର ସାଙ୍କ୍ରମ

ମୋର ବାତଜ୍ୱର ହୋଇଥିଲା ଏମନ୍ତ କି ଚଳିବାର ପ୍ରାୟ ଦୁଇମାସ ପର୍ଯ୍ୟନ୍ତ କଷ୍ଟଭୋଗ କରିବାକୁ ହୋଇଥିଲା । ଦରବାର ଲକ୍ଷ୍ମଣଦେଶ ମହାପାତ୍ରମୋତେ ଶିତ୍ତୋଦ୍ଧ ବଟିକା ଦେଲେ ତାହା ମୁଁ ଦୁଇମାସରୁ ଅଧିକକାଳ ସେବନ କରିଥିଲି ତାହାରୁ ବିଶେଷ ଉପକାର ପାଇଅଛି । ମୋହର ବାତଜ୍ୱର ଆଉ ହୋଇ ନାହିଁ । ଶୀତର ଋତୁ ପରୀକ୍ଷା କରି ମଧ୍ୟ ବାତଜ୍ୱରର ଲକ୍ଷଣ ବା ଚିହ୍ନ ପାଇଲି ନାହିଁ । ଦରବାରଙ୍କର ଔଷଧରେ ଉପକାର ହୋଇଥିବାର ମୋର ସମ୍ପୂର୍ଣ୍ଣ ବିଶ୍ୱାସ ।

Sd Sudam Chunder Naik

୧୧ । ୧୧ । ୦୫ *Asst Supdt of tributary mahals*

ରଣପୁର ନିବାସୀ ପ୍ରସିଦ୍ଧ ଦରବାର ଶ୍ରୀ ଲକ୍ଷ୍ମଣଦେଶ ମହାପାତ୍ରଙ୍କର ଶିତ୍ତୋଦ୍ଧ ବଟିକା ସେବନଦ୍ୱାରା ଅନେକ ରୋଗୀ ଅଶୀତ୍ ବିଶେଷ ଫଳଲାଭ କରିଅଛନ୍ତି । ଆଶା ଏହି ସାଧାରଣଙ୍କ ବାତଜ୍ୱରର ଏହି ଉତ୍ତମ ଔଷଧ ହୋଇ ମୁକ୍ତ କଣ୍ଠରେ କହୁପାରୁଁ ।

କଟକ ୮ । ୧୧ । ୦୫ } ଶ୍ରୀ ଅଭିମନ୍ୟୁପ୍ରସାଦ ଦାସ ଡେପୁଟି କଲେକ୍ଟର

ଅସ୍ମଦ୍ ବାତଜ୍ୱର ହୋଇ ଏକମାସ ମଧ୍ୟରେ ସୁସ୍ଥଥିଲା ପର୍ଯ୍ୟନ୍ତ ଆରୋଗ୍ୟ କରିଥିଲ । ଶ୍ରୀଯୁକ୍ତ ଲକ୍ଷ୍ମଣଦେଶ ମହାପାତ୍ରଙ୍କର ଶିତ୍ତୋଦ୍ଧ ବଟିକା ବ୍ୟବହାର କରିବାଦିନୁ ଆଉ ହୋଇ ନାହିଁ । ବାତଜ୍ୱରର ଔଷଧ ନ ଥିବାର ସାଧାରଣର ବିଶ୍ୱାସ ଥିଲା ମହାପାତ୍ର ମହାଶୟ ଏହି ଔଷଧ ଆବିଷ୍କାର କରି ଜନସାଧାରଣଙ୍କର ବିଶେଷ ଉପକାର କରିଅଛନ୍ତି ଓ ଏହି ରୋଗାକ୍ରାନ୍ତ ଲୋକମାନଙ୍କର ଏହି ବଟିକାର ବ୍ୟବହାର କରି ଉତ୍ତମ ଫଳ ହେଉଅଛି ତାହା ଦେଖା କରିବାକୁ ଆମ୍ଭେ ପ୍ରାର୍ଥନା କରୁଅଛୁଁ ।

ତା ୧୨ ଖ ଜେନେରର ସନ ୧୯୦୫ ମସୀହା } ଶ୍ରୀ ମାଗୁଣିରାମ ଦାସ ଓକିଲ

ଦରବାର ଲକ୍ଷ୍ମଣଦେଶ ମହାପାତ୍ରଙ୍କ ଶିତ୍ତୋଦ୍ଧ ବଟିକା ମୁଁ ଓ ମୋହର ପରିବାର କରି ବ୍ୟବହାର କରି ଆଶାତୀତ ଫଳ ଲାଭ କରିଅଛୁଁ । ଏ ଔଷଧ ସେବନ କଲେ ବାତଜ୍ୱର ଆଉ ହେବ ନାହିଁ ମୋହର ସମ୍ପୂର୍ଣ୍ଣ ବିଶ୍ୱାସ । ଉକ୍ତ ରୋଗାକ୍ରାନ୍ତ ବ୍ୟକ୍ତି ମାତ୍ରେ ବିଶ୍ୱାସରେ ଔଷଧ ବ୍ୟବହାର କରିବାକୁ ମୁଁ ସାନୁନୟ ଅନୁରୋଧ କରୁଅଛି ।

Sd. Gourshyam Mahanti

17-11-05 Govt Agent of Nayagarh


Digitized by srujanika@gmail.com

IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jaykar says:—That it is a safe and reliable remedy.

Batliwalla & Co's Cholerol, specific for cholera and Batliwalla's Ague Mixture or Pills, may be had of DR H. L. BATLIWALLA'S, Worli—Dadar Bombay and everywhere.

At Re, 1 per bottle Discount to the Trade

# ନୂତନ ପୁସ୍ତକ ।

ନିମ୍ନଲିଖିତ ପୁସ୍ତକମାନ ନୂତନ ଛପାହୋଇ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

| | | |
|---|---|---|
| କାର୍ତ୍ତିକମହାତ୍ମ୍ୟ | ନୂତନସଂସ୍କରଣ | ଟ ୦ ୵ |
| ଉଦାହରଣ ଶ୍ଳୋକ ( ଅର୍ଥସହିତ ) | | ଟ ୦ ୶୬ |
| ଭାଗବତ ଦଶମ ନୋ.ପଲ୍ଲୀ ନୂତନ ସଂ | | ଟ ୦ ୳ |
| ମଣ୍ଡଳଗୀତା | | ଟ ୦୷ |
| ଧର୍ମପୁରାଣ | | ଟ ୦୵ |
| ଜଗନ୍ନାଥ ମାହାତ୍ମ୍ୟ | ନୂତନ ସଂସ୍କରଣ | ଟ ୧ ୨ |
| ବନ୍ଧୁ ଲୀଳା | | ଟ ୦୷ |
| ବୈଶାଖମହାତ୍ମ୍ୟ ନୂତନସଂସ୍କରଣ | | ଟ ୦ ୲ |
| ଅଗସ୍ତ୍ୟ ଚରିତ୍ର | ” | ଟ ୦୨୬ |
| ଭକ୍ତିକଳ୍ପ ପାଠ | ” | ଟ ୦ ୵୬ |
| ଜ୍ଞାନ ଭକ୍ତି ଗୀତା ୧ମ ଭାଗ | ” | ଟ ୦୵ |
| ” ୨ୟ ଭାଗ | ” | ଟ ୦୲ |
| ବଡଶୁକ୍ତି ଚିନ୍ତାମଣି | ” | ଟ ୧୳ |
| ଗୌଡିହାଟି ମାନସର | ” | ଟ ୦ ୳ |
| ଲକ୍ଷ୍ମୀ ଲୀଳା | | ଟ ୧ ୨ |
| ଗୋପାଳପୂଜା ପଦ୍ଧତି | | ଟ ୦ ୷ |
| ଭକ୍ତି ପଞ୍ଚାଙ୍ଗ | | ଟ ୦ ୲ |
| ହରିବଂଶାବଳୀ ଶ୍ଳୋକ ଓ ଅର୍ଥ | | ଟ ୦ ୳ |

ନୂତନ ପୁସ୍ତକ, ନୂତନ ପୁସ୍ତକ, ନୂତନ ପୁସ୍ତକ

# ଆରବ୍ୟକୁସୁମ ।

ବା

ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ

୨ୟ ଖଣ୍ଡ

ପୃ ୫୬—୧୧୦ ଖଣ୍ଡ

ଏଥିରେ କଲ୍ୟ ଉପନ୍ୟାସର ଏକସ୍ତମ୍ଭ କଥା ( ଶୀକର ଓ ନୈମିତ୍ତିକ ଅବଶିଷ୍ଟାଂଶ) ଓ ସିନ୍ଦବାଦ ନାବିକର ବାଣିଜ୍ୟ ଯାତ୍ରାର ସାତଗୋଟି ଅତି ଅଦ୍ଭୁତ ବିବରଣ ସନ୍ନିବେଶିତ ହୋଇଅଛି ।

ମୂଲ୍ୟ ଟ ୦ ୷ ଡାଃ ମାଃ ଟ ୦ ୧ ୬

ପ୍ରଥମ ଖଣ୍ଡର ଅତି ଅଳ୍ପସଂଖ୍ୟକ ମାତ୍ର ଅବଶିଷ୍ଟ ଅଛି ।

ମୂଲ୍ୟ ଟ ୦ । ଡାଃ ମାଃ ଟ ୦ ୧ ୬

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ଓ ଗ୍ରନ୍ଥକାରଙ୍କ ନିକଟରେ ପ୍ରାପ୍ତବ୍ୟ ।

# ହରିବଂଶ

# ମହାଭାରତାନ୍ତର୍ଗତ ଖିଲ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ମୂଲ୍ୟ ପ୍ରତି ଖଣ୍ଡ ୧ ଟା

# ଉପନିଷତ୍ସଂଗ୍ରହ ।

ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ଗଙ୍ଗାଧରମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦ ୳

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଅମ୍ଭ ପ୍ରଣୀତ ଓ ପ୍ରକାଶିତ ନିମ୍ନଲିଖିତ ପୁସ୍ତକ ମାନ କଟକ ଦର୍ଗାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ଓ ଚୂଡ଼ଙ୍ଗ ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଏବଂ ଢେଙ୍କାନାଳ ଗଡ଼ସ୍ଥ ପଣ୍ଡିତ ଶ୍ରୀ ଗଣେଶ୍ୱର ମିଶ୍ରଙ୍କ ପୁସ୍ତକ ଦୋକାନରେ କମିଶନ ସହାୟ ଅଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି । ଡାକରେ ଭି ପେଲ୍ୟୁପେବଲର ପାର୍ଶ୍ୱଲରେ ବହି ନେଲେ ତାଙ୍କ ନିକଟକୁ ଲେଖିବାକୁ ହେବ ।

| | |
|---|---|
| ଜୀବନଚମ୍ପୂ (ପରିବର୍ଦ୍ଧିତ ସଂସ୍କରଣ) | ଟ ୦ ୲ |
| କ୍ଷୀରସାଗର ପ୍ରଥମ ତରଙ୍ଗ | ଟ ୦ ୷୬ |
| ଏକନ ଦ୍ୱିତୀୟ ତରଙ୍ଗ | ଟ ୦ ୷ |
| ଏକନ ତୃତୀୟ ତରଙ୍ଗ | ଟ ୦ ୷ |
| ଏକନ ଚତୁର୍ଥ ତରଙ୍ଗ | ଟ ୦ ୷ |
| ଏକନ ପଞ୍ଚମ ତରଙ୍ଗ | ଟ ୦ ୷ |
| ଏକନ ଷଷ୍ଠ ତରଙ୍ଗ | ଟ ୦ ୷ |
| ସଙ୍ଗୀତ ସର୍ବସାର | ଟ ୦ ୷ |
| ରମଲେଖା ( ଉପେନ୍ଦ୍ରଭଞ୍ଜ କୃତ ) | ଟ ୦ ୷ |
| ପାରିଜାତମାଳା (ଶ୍ରୀମତୀ ଲକ୍ଷ୍ମୀ ଦେବୀ କୃତ | ଟ ୦ । |
| ଜାତୀୟ ସଙ୍ଗୀତ | ଟ ୦ ୶ |
| ବଷାଲ ବର୍ଣ୍ଣନା | ଟ ୦ ୧ ୯ |
| ସମରତରଙ୍ଗ | ଟ ୦ ୶ |
| ବାଲ୍ୟଯାତ୍ରା | ଟ ୦ ୵ |

ଶ୍ରୀ ଦାମୋଦର ପଟ୍ଟନାୟକ

# ଦେଖନ୍ତୁ ! ଦେଖନ୍ତୁ !! ଦେଖନ୍ତୁ !!!

ଜଗର ଓପ୍ଟିକ ଅନାଥର ମୂଲ୍ୟ; ସିନେଲସନ; ଟ ୩ ଟା ଉପାଦାନ ଓପ୍ଟିକ ଟ ୩୲; ରେଲଓୟେ ରେଗୁଲେଟର ଓପ୍ଟିକ ଟ ୪; ବୋରଷଇସାର ଜୋ ଓପ୍ଟିକ ଟ ୧୨ରୁ ଟ ୪୦ ଟା ପର୍ଯ୍ୟନ୍ତ; ଜାଲା ଆଲମନିୟମ ( ଘଣ୍ଟା ଓ ଘଣ୍ଟା ବାଜେ ) ଟ ୪ ଟା । ପ୍ରତ୍ୟେକ ଘଡ଼ିର ଗ୍ୟାରେଣ୍ଟି ତିନିବର୍ଷ ଓ ମାସୁଲ ଭିନ୍ନ ଲାଗେ ।

ଅନ୍ୟ ଅନ୍ୟଜରର ପ୍ରୟୋଜନ; — ସଙ୍ଗୀତ ଗଳ୍ପଚକ୍ର ( ଚୌକା ) ନୂଆ ଅଦସ୍ୱର ୨୫ ଟ ୧୨; ୧୨୫ ଓ ୨୨;

ଦେଶଷ୍ଟହାରଙ୍କ ଷ୍ଟାର ଗୋଷ୍ଟିକୁ ଟ ୦ ୲, ପକେଟବୁ ଟ ୧ ଟା, ଗାଲଗ୍ରହାର ତୃତୀୟ ଗୁପ୍ତ ଗୋଟିକୁ ଟ ୨୪ ହାର୍ମୋନ ବକ୍ସ ( ପାସ ଲଗେ ନାହିଁ ) ଟ ୩; ପକେଟ ଷ୍ଟୋଭ ସଞ୍ଚ ୨୯ ୩; ଲଣ୍ଠନ ( ଏକଶ୍ରେ ୧୦ x ୨

ଟ ୧ । ୦ ।୵ ; ସୁନାର ସୁନାର ଟୋପନା ଟ ୦ ୧ ଅଣା ଠାରୁ ଟ ୧୦ ଟା ପର୍ଯ୍ୟନ୍ତ; ନାଲିକି ଲଣ୍ଠନ ଟ ୧୨ ଠାରୁ ଟ ୧୦ ଟା ପର୍ଯ୍ୟନ୍ତ ଜାମୁଲାକ ପୁରନ୍ତୁ । ଏହାବ୍ୟତୀତ ଅନେକ ପ୍ରକାରର ଘଡ଼ି ଓ ଅନ୍ୟାନ୍ୟ ଦ୍ରବ୍ୟାଦି ମିଳେ । ଫ୍ରି ଦର ଇଂରାଜୀ, ବଙ୍ଗଳା ବା ଓଡ଼ିଆ ଭାଷାରେ ନାମାଦି ଲେଖି ମଗାଇ ଜାଣନ୍ତୁ ।

ମେଲ ଷ୍ଟୋର କୋଂ, ନ ୧୯ କଲସମ ଗୋଷ ଷ୍ଟ୍ରିଟ ଶ୍ୟାମବଜାର କଲିକତା ।

# Mitra Sarsa.

# ମିତ୍ର ସାଲସା ।

ରକ୍ତ ପରିଷ୍କାର କରିବାର ଏହା ଅଦ୍ୱିତୀୟ ଔଷଧ ।

ଏହା ପାରଦଦର୍ଜିତ ଏବଂ ଉତ୍କୃଷ୍ଟ ହେମ୍ପଳତା ସାଲସାରୁ ତିଆରି ।

କୌଣସିପ୍ରକାର ବାତ, ପାରଦଦୋଷ ଓ ଉପଦଂଶ ରୋଗ ହରଣ କରିବାରୁ ଏହା ଅଦ୍ୱିତୀୟ ।

ମୂଲ୍ୟ ପ୍ରତି ଶିଶି ସାଲସା ଟ ୧ ୮

# ମିତ୍ର ବଟିକା ।

ମ୍ୟାଲେରିଆ ଜ୍ୱରର ମହୌଷଧ ।

ପରୀକ୍ଷାଦ୍ୱାରା ସ୍ଥିରୀକୃତ ହୋଇଅଛି, ମ୍ୟାଲେରିଆ ଜନିତ ସର୍ବପ୍ରକାର ପୁରାତନ ପ୍ଲୀହା ଯକୃତ ଜ୍ୱରରୋଗ ନାଶର ଏମନ୍ତ ଉତ୍କୃଷ୍ଟ ମହୌଷଧ ଆଉ ଦ୍ୱିତୀୟ ନାହିଁ ।

ଏହା ନିୟମିତରୂପେ ବ୍ୟବହାର କଲେ ଶତସହସ୍ର ଦୁର୍ବଳ ଓ ପ୍ଲୀହାଗ୍ରସ୍ତ ଜ୍ୱରକାନ୍ତ ରୋଗୀ ଏକାଥରକେ ନିର୍ଦ୍ଦୋଷରୂପରେ ଆରୋଗ୍ୟ ଲାଭ କରିଅଛନ୍ତି ।

ମ୍ୟାଲେରିଆ ପ୍ରପୀଡ଼ିତ ଦେଶ ପକ୍ଷରେ ଏହି 'ମିତ୍ର ବଟିକା' ଯଥାଗ୍ୟ କହିଲେ କୁଆଡ଼େ ଅତ୍ୟୁକ୍ତି ହେବ ନାହିଁ । ଏହାର ବ୍ୟବହାର କରି ସମସ୍ତେ ଏହାର ବିଶେଷ ଗୁଣରେ ମୁଗ୍ଧ ହୋଇଅଛନ୍ତି ।

ଏହାର ଗୋଟିଏ ମହତ୍ତ୍ୱଗୁଣ ଏହି ଯେ ଏହା ଜ୍ୱରର ଶରୀରରେ ମଧ୍ୟ ସେବନ କରାଯାଏ । ଏପରି କୁଇନାଇନର ଉପକ୍ରମ, ଚକ୍ଷୁ ଓ ହସ୍ତ ପଦ ଜ୍ୱାଳା, ଶୋଥ, ହସ୍ତ, ପଦ ଫୁଲିବା ହେବା, କ୍ଷୁଧାମାନ୍ଦ୍ୟ ଓ କୋଷ୍ଠବଦ୍ଧ, ଏହିପରି ଅବସ୍ଥାରେ ଏହା ପୁନଃପୁନ ବ୍ୟବହାର କରିବାକୁ ଅନେକ ହେଲେ ମ୍ୟାଲେରିଆରୁ ନିଷ୍କୃତି ପାଇ ଥିବେ ।

ମୂଲ୍ୟ ।

| | | |
|---|---|---|
| ୧ କୌଟା ୨୫ ବଟିକା | | ଟ ୦ ୳ |
| ୧ ” ୫୦ ” | | ଟ ୧ ୮ |

ଡାକଦ୍ୱାରା ପଠାଇଲେ ଟ ୦ ୷ ଡାକମାସୁଲ ଲାଗିବ ଏବଂ ଭି, ପି, ରେ ପଠାଇଲେ ଅଧିକନ୍ତୁ ଟ ୦ ୷ କମିଶନ ଲାଗିବି ।

N. N. Mitras Ringworm ointment.

# ଏନ୍ ଏନ୍ ମିତ୍ରଙ୍କର ଦାଉର ମଲମ ।

ଏଥିରେ ପାରଦ ସଂଯୁକ୍ତ କୌଣସି ଦ୍ରବ୍ୟାଦି ନାହିଁ । ଏହା ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ନାହିଁ ।

ଯେ କୌଣସି ପ୍ରକାର ଦୂଷିତ ଘାଆ ହେଉନା କାହିଁକି, ଏହି ଔଷଧ ଦୁଇ ତିନିଦିନ ବ୍ୟବହାର କଲେ ମାତ୍ରେ ଘାଆ ଆରାମ ହେବ । ଅନେକ ଡାକ୍ତର ୩୦ ବର୍ଷର ସାହେବର ଅନ୍ୟମାନଙ୍କର ଏହି ଔଷଧ ଏକ ଦେଶୀ ବ୍ୟବହାର କରି ଏଡ଼ାଇଲେ ଅଦ୍ୱିତୀୟ ଗୁଣ କରିଅଛନ୍ତି ।

| | |
|---|---|
| ମୂଲ୍ୟ ଏକ କୌଟାକୁ | ଟ ୦ ୲ |
| ଡାକଖର୍ଚ୍ଚ | ଟ ୦ ୶ |
| ଭି, ପି, | ଟ ୦ ୶ |
| ଏକ ଉଇନବ | ଟ ୨୷ |

ଭାରତବର୍ଷୀ ପୁତ୍ର

Split by PDF Splitter
Digitized by srujanika@gmail.com

REGISTERED No. C 81

541

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

ଖଣ୍ଡ ୪୦ ଶ | ସଂଖ୍ୟା ୪୬

CUTTACK, SATURDAY THE 2nd December 1905.

୧୯ ଏ ମାର୍ଗଶିର ସନ ୧୩୧୩ ସାଲ ଶନିବାର

ସହର କଟକ ଉତ୍କଳଦୀପିକା ପ୍ରିଣ୍ଟିଂ ଅଫିସରେ ମୁଦ୍ରିତ ଓ ପ୍ରକାଶିତ

ଅଗ୍ରୀମ ଟ ୩ । ପଶ୍ଚାଦେୟ ଟ ୩।୦

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;— ପ୍ରଥମବାର ସକାଶେ ଆଠଧାଡ଼ି ଟ ୦।୵ ଓ ଅର୍ଦ୍ଧସ୍ତମ୍ଭକୁ ଟ ୬। ଏବଂ ସ୍ତମ୍ଭକୁ ଟ ୧୦ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଦର ଟ ୦।୵ ରୁ ଊଣା ହେବ ନାହିଁ ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ବାରଣା ଓ ଅଷ୍ଟମାଂଶ ଯଥାକ୍ରମେ ହେବ । ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସହିତ ପଠାଇବାକୁ ହେବ ।

## NOTICE.

WANTED as tutor to the minor chief of a native State an Uriya speaking Graduate. Consideration will be given, besides personal character, to social position and special proficiency in English. Salary to commence at Rs. 150.

Application to be made to the Commissioner of Orissa Cuttack, before December 15th.

Wanted three unpaid apprentices for the Balasore Collectorate. None need apply who has not passed the Entrance Examination and does not know Uriya.

Applications with testimonials to be received by the Collector of Balasore till 15th December 1905 inclusive.

Balasore Collectorate, 24—11—05 } A. SALEM for Collector.

Wanted a suitable candidate for the Third Teachership of the Cuttack P. M. Academy, vice Babu Troylokya Nath Bose deceased, on a salary of Rs. 30 per mensem. Preference will be given to an experienced teacher strong in Mathematics.

Applications with testimonials will be received by the undersigned up to the 15th instant.

Cuttack, 2-12-05 } Baikuntha Nath Dutta *Secretary*

WANTED three Foresters for sleeper and timber works at Gurjats. The men must be hard-working, faithful and of good character. Pay Rs. 20 to 25 according to qualification.

Apply personally to the undersigned. Preference will be given to those who know English, Bengali and Oriya.

CUTTACK 28—11—05 } B. Borooah & Co. Buxi Bazar, CUTTACK

### ବିଜ୍ଞାପନ ।

ଗଡ଼ଜାତମାନଙ୍କରେ କାଠ ଓ ସ୍ଲିପର୍ କାର୍ଯ୍ୟ ନିମନ୍ତେ ୩ ଜଣ ଫରେଷ୍ଟର ଆବଶ୍ୟକ । ସେଉଁମାନେ ପରିଶ୍ରମୀ, ବିଶ୍ୱାସୀ ଓ ସୁଚରିତ୍ରଲୋକ ଥିବେ ଅଥଚ ଇଂରାଜୀ, ଓଡ଼ିଆ ଏବଂ ବଙ୍ଗଳା ଭାଷା ଜାଣିଥିବେ ସେମାନଙ୍କୁ ମନୋନୀତ କରାଯିବ । ଯୋଗ୍ୟତାନୁସାରେ ମାସିକ ବେତନ ୨୦ ଟା ଠାରୁ ୨୫ ଟା ପର୍ଯ୍ୟନ୍ତ । ଦରଖାସ୍ତକାରୀମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ସ୍ୱୟଂ ଉପସ୍ଥିତ ହୋଇ ଦରଖାସ୍ତ କରିବେ ।

କଟକ ୨୮।୧୧।୦୫ } ବି, ବେରୁଆ ଏଣ୍ଡ କୋମ୍ପାନୀ ବକ୍ସିବଜାର କଟକ ।

### ବିଜ୍ଞାପନ ।

ଉପଯୁକ୍ତ ଯୋଗ୍ୟତା ପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରେସ୍କ୍ରିପ୍‌ସନ (ବ୍ୟବସ୍ଥା) ଅନୁଯାୟୀ ଔଷଧ ପ୍ରସ୍ତୁତ କରିବା ନିମନ୍ତେ ଏବଂ ନୂତନ ଉତ୍ତମ ଔଷଧ ସୋଗାଇ ପାଇବା ନିମନ୍ତେ ଲୋକଙ୍କ ଔଷଧାଳୟର ଅଭାବ ଯାହା ବହୁକାଳରୁ ଅନୁଭୂତ ହୋଇ ଆସୁଅଛି ତାହା ଦୂର କରିବା ନିମନ୍ତେ ଏବଂ ସେହିଁ ରେଳ-ମାନଙ୍କର ଜନସ୍ୱାସ୍ଥ୍ୟ ଅଭିବୃଦ୍ଧିକରଣ ଅଥବା ରୋଗୀଙ୍କ ଚିକିତ୍ସା କରିବା ସକାଶେ ମୋହର ଅଭାବ ଆହୁରି ସୁଲଭ ମୂଲ୍ୟରେ ଯୋଗାଇବା ନିମନ୍ତେ ଉତ୍ସାହପ୍ରଣୋଦିତ ହୋଇ ଗତ ଜୁଲାଇ ମାସ ୨୧ ତାରିଖ ଠାରୁ କେଣ୍ଟେନମେଣ୍ଟ ମାର୍କେଟ ନିକଟରେ ଡାକ୍ତରଖାନାର ସମ୍ମୁଖରେ ସୋଡ଼ିଏ ନୂତନ ଔଷଧ ଦୋକାନ ଖୋଲାଯାଇଅଛି ଏଠାରେ ନୂତନ, ଉତ୍ତମ ଓ ଖାଣ୍ଟି ଔଷଧ ମିଳେ ଏହାର ନାମ "ଏଡ଼ୱାର୍ଡ଼ ମେଡ଼ିକେଲ ହଲ" ଡାକ୍ତର ଏ, ବି, ଗାଙ୍ଗୁଲି ନାମକ ଜଣେ ଡକ୍ତର ଏଥିର ପରିଚାଳନା ଭାର ଗ୍ରହଣ କରିଅଛନ୍ତି ଔଷଧାଳୟରେ ପ୍ରତ୍ୟହ ସକାଳ ୬ ଟା ରୁ ୧୦ ଟା ପର୍ଯ୍ୟନ୍ତ ବ୍ୟବସ୍ଥା ଦେବା ନିମନ୍ତେ ସେ ଦେଖିପାରିବେ । ଏହି ଔଷଧାଳୟ ସମ୍ବନ୍ଧରେ ଥରେ ପରୀକ୍ଷା କରି ଦେଖିବା ନିମନ୍ତେ ସର୍ବସାଧାରଣଙ୍କୁ ସ୍ୱିନୟ ଅନୁରୋଧ କରୁଅଛୁଁ । ଔଷଧ ନାନ ଭେଲ୍ୟୁପେବଲରେ ମଧ୍ୟ ପଠାଯାଏ—କଟକର ସିଭିଲସର୍ଜନ ଡାକ୍ତର ୍, ଅର ଷ୍ଟିଭେନ୍‌ସ ଔଷଧାଳୟ ପରିଦର୍ଶନ କରି ଯାହା ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତାହା ନିମ୍ନରେ ପ୍ରକାଶିତ ହେଲା ।

ଶ୍ରୀ ଉପେନ୍ଦ୍ରନାଥ ଗଙ୍ଗୋପାଧ୍ୟାୟ
ପ୍ରୋପ୍ରାଇଟର
ଏଡ଼ୱାର୍ଡ଼ ମେଡ଼ିକଲ ହଲ
କଟକ

Copy of the remarks recorded by the Civil Surgeon Captain C. R. Stevens M. D. F. K. C. S. major I. M. S. of Cuttack

"Inspected the Edward Medical Hall this morning. It has been opened for last 4 months. I find the premises neat and clean. The shop is equipped with a well selected stock of drugs." 7-10-05

ଅଦ୍ୟ ପ୍ରାତଃକାଳରେ ଏଡ଼ୱାର୍ଡ଼ ମେଡ଼ିକେଲହଲ ପରିଦର୍ଶନ କଲି । ୪.୫ ମାସ ହେଲା ଏହା ଖୋଲାଯାଇଅଛି, ଔଷଧ ଘର ସୁନ୍ଦର ପରିଷ୍କାର ପରିଚ୍ଛନ୍ନ ଅବସ୍ଥାରେ ଦେଖିଲି । ଏହି ଦୋକାନରେ ଉତ୍ତମରୂପେ ବଛାହୋଇ ବହୁପରିମାଣ ଔଷଧ ସଂଗୃହୀତ ହୋଇଅଛି ।

Digitized by srujanika@gmail.com

Split by PDF Splitter



ଦୂତନ ସାପ୍ତାହିକ ସମ୍ବାଦ ପତ୍ରିକା

# "ମନୋରମା"

ଏହି ପତ୍ରିକା ମୟୂରଭଞ୍ଜ ରାଜଧାନୀ ବାରିପଦାରେ ପ୍ରକାଶିତ ହେଉଅଛି । ସର୍ବସାଧାରଣଙ୍କ ନିମିତ୍ତ ଅଗ୍ରୀମ ବାର୍ଷିକ ମୂଲ୍ୟ ଦୁଇଟଙ୍କା ଏବଂ ଛାତ୍ରମାନଙ୍କ ନିମନ୍ତେ ଅଗ୍ରୀମ ବାର୍ଷିକ ମୂଲ୍ୟ ଏକ ଟଙ୍କା ଚାରିଅଣା ମାତ୍ର । ଗ୍ରାହକମାନେ ଚିଠି ଲେଖିଲେ ନମୁନା ପଠାଯାଇପାରେ ଅଗ୍ରୀମ ମୂଲ୍ୟ ପଠାଇ ପତ୍ର ଲେଖିଲେ ପତ୍ରିକା ପାଇ ପାରିବେ ।

ବାରିପଦା } ଶ୍ରୀ ବୈଦ୍ୟନାଥ ଦାଶ,
ମନୋରମା ଅଫିସ } ସମ୍ପାଦକ
ବାରିପଦା ମୟୂରଭଞ୍ଜ ଷ୍ଟେଟ

ଭିଣପୁର ନିବାସୀ ଡାକ୍ତର ଶ୍ରୀ ଲକ୍ଷ୍ମଣ ମହାପାତ୍ରଙ୍କର ଝାଡ଼ାନ୍ତର ପ୍ରୁଫ ଏକମାତ୍ର

# ଅବ୍ୟର୍ଥ ମହୌଷଧ ।

ନୂତନ ଓ ପୁରୁଣା ସବୁରେ ବାତଜ୍ୱରର ଏକମାତ୍ର ମହୌଷଧ ବୋଲି କହିବା ଅତ୍ୟୁକ୍ତି ନୁହେ । ଏ ଔଷଧ ସେବନର ଏକ ସପ୍ତାହ ଭିତରେ ଆଉ ବାତଜ୍ୱର ହେବ ନାହିଁ । ଏକାଧିକବାର ଔଷଧ ସେବନ ଫଳ ଏବଂ ତୁରନ୍ତେ ସେବନ ... କରିବାକୁ ହେବ । ଅନେକ ବାତଜ୍ୱରରୋଗୀ ଏହି ଔଷଧ ସେବନ କରି ଆଶାତୀତ ଫଳଲାଭ କରିଅଛନ୍ତି । ତାହାର ପ୍ରମାଣ ସ୍ୱରୂପ ଉତ୍କଳ ପ୍ରସିଦ୍ଧ କତେକ ବ୍ୟକ୍ତିମାନଙ୍କର ପ୍ରଶଂସାପତ୍ର ସାଧାରଣଙ୍କ ବିଶ୍ୱାସପାଇଁ ନିମ୍ନରେ ପ୍ରକାଶିତ ହେଲା ଔଷଧ ସେବନର ନିୟମାବଳି ଔଷଧ ପ୍ରତ୍ୟେକ ଶିଶିରେ ଦିଆଯିବ ।

ଔଷଧର ମୂଲ୍ୟ

୧ ଭରି ଶିଶି ୪୦ ଟି ବଟିକାର ମୂଲ୍ୟ ଟ ୨ ( ଟଙ୍କା
ଡାକ ମାଶୁଲ ଟ ୦ ।୵
ଐ ୫ ବାର ମୂଲ୍ୟ ଟ ୧୦ ( ଟଙ୍କା

ପ୍ରାପ୍ତିସ୍ଥାନ— କବିରାଜ ଶ୍ରୀ ଲକ୍ଷ୍ମଣ ମହାପାତ୍ର
ଆୟୁର୍ବେଦ ଭଣ୍ଡାର ।
ପିରିଙ୍ଗିବଜାର, କଟକ ।

ପ୍ରଶଂସାପତ୍ର ଯଥାକ୍ରମେ

ମୋର ବାତଜ୍ୱର ହୋଇଥିଲା ଏପରି କି ଛଅମାସ ପରେ ଜ୍ୱର ଛାଡ଼ିଲେ ହେଁ ପ୍ରାୟ ଦୁଇମାସ ପର୍ଯ୍ୟନ୍ତ ବିଷମ ଜ୍ୱରରେ କଷ୍ଟ ଭୋଗିବାକୁ ହୋଇଥିଲା । କବିରାଜ ଲକ୍ଷ୍ମଣ ମହାପାତ୍ର ମୋତେ ଔଷଧ ବଟିକା ଦେଲେ ତାହା ମୁଁ ଦୁଇମାସରୁ ଅଧିକକାଳ ସେବନ କରିଥିଲି ତହିଁରୁ ବିଶେଷ ଉପକାର ପାଇଅଛି । ମୋହର ବାତଜ୍ୱର ଆଉ ହୋଇ ନାହିଁ । ଏଥିର ଦୁଇ ବର୍ଷ ମଧ୍ୟ ବାତଜ୍ୱରର ଲକ୍ଷଣ ବା ଚିହ୍ନ ପାଇଲେ ନାହିଁ । କବିରାଜଙ୍କ ଔଷଧରେ ଉପକାର ହୋଇଥିବାର ମୋର ସମ୍ପୂର୍ଣ୍ଣ ବିଶ୍ୱାସ ।

Sd Sudam Chunder Naik
୧୧ । ୧୧ । ୦୫ *Asst Supdt of tributary mahals*

ଉତ୍କଳ ଦିବାକର ପ୍ରସିଦ୍ଧ କବିରାଜ ଶ୍ରୀ ଲକ୍ଷ୍ମଣ ମହାପାତ୍ରଙ୍କର ଚିକିତ୍ସାରୁ ବହୁତ ଲୋକ ବାତଜ୍ୱରରୁ ଆରୋଗ୍ୟ ଲାଭ କରିଅଛନ୍ତି । ଅତଏବ ସର୍ବସାଧାରଣଙ୍କୁ ବାତଜ୍ୱରର ଏକ ଉତ୍ତମ ଔଷଧ ବୋଲି ମୁଁ ବିଶ୍ୱାସ କରୁଅଛି ।

କଟକ } ଶ୍ରୀ ଅଭିମନ୍ୟୁଦାସ ଦାସ
୧ । ୧୧ । ୦୫ } ଡେପୁଟି କଲେକ୍ଟର

ଅନେକ ବାତଜ୍ୱର ହୋଇ ଏକମାସ ମଧ୍ୟରେ ସୁସ୍ଥ ହେବାର ଅନେକ ଦେଖିଅଛି । ଶ୍ରୀଯୁକ୍ତ ଲକ୍ଷ୍ମଣ ମହାପାତ୍ରଙ୍କ ଚିକିତ୍ସା, ବାତଜ୍ୱର ଚିକିତ୍ସାରେ ସେ ଭଲ ...

ହୋଇ ନାହିଁ । ବାତଜ୍ୱରର ଔଷଧ ନ ଥିବାର ସାଧାରଣଙ୍କ ଜଣାଇ ଉକ୍ତ ମହାପାତ୍ର ମହାଶୟ ଉକ୍ତ ଔଷଧ ଅଦ୍ୟାବଧି ବିକ୍ରି ଜନସାଧାରଣଙ୍କର ବିଶେଷ ଉପକାର କରି ଥିବା ଉକ୍ତ ରୋଗାକ୍ରାନ୍ତ ଲୋକମାନଙ୍କର, ଉକ୍ତ ବଟିକାରୁ ବ୍ୟବହାର କରି ଉତ୍ତମ ନ ପାଇଁ ହୋଇଅଛି ତାହା ଚେଷ୍ଟା କରିବାକୁ ଅନେକ ପ୍ରାର୍ଥନା କରୁଅଛୁ ।

ତା ୧୨ ଣ ନଭେମ୍ବର } ଶ୍ରୀ ମାଧବ ଦାସ
ସନ ୧୯୦୫ ମସୀହା } ଓକିଲ

କବିରାଜ ଲକ୍ଷ୍ମଣ ମହାପାତ୍ରଙ୍କ ବାତଜ୍ୱର ବଟିକା ମୁଁ ଓ ମୋହର କେତେକ ଜଣ ବ୍ୟବହାର କରି ଆଶାତୀତ ଫଳ ଲାଭ କରିଅଛୁ । ଏ ଔଷଧ ସେବନରେ ବାତଜ୍ୱର ଆଉ ହେବ ନାହିଁ ମୋହର ସ୍ପର୍ଶ ବିଶ୍ୱାସ । ଉକ୍ତ ରୋଗାକ୍ରାନ୍ତ ବ୍ୟକ୍ତିମାନେ ନିଃସନ୍ଦେହରେ ଔଷଧ ବ୍ୟବହାର କରିବାକୁ ମୁଁ ସାଧାରଣ ଅନୁରୋଧ କରୁଅଛି ।

Sd. Gourshyam Mahanti
17-11-05 Govt Agent
of Nayagarh

ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଅତ୍ର ଷ୍ଟେଟ ଜିଲାସ ରେଞ୍ଜରୁ ଷ୍ଟ୍ରାମ୍ପ ସହାଯ (୧) ବାଉଁଶ (୨) ଚାଲଣୀକାଠ ଓ (୩) ଜୋଇଲ ବିକ୍ରି କରାଯିବ ଏବଂ ଏ ଷ୍ଟେଟ୍ର ଅଧ୍ୟାତ୍ମ ଜଙ୍ଗଲରୁ ସ୍ୱତନ୍ତ୍ର ଅନ୍ୟାନ୍ୟ କାଷ୍ଠ ଓ ନାଡ଼ିସ୍ତା ଓ ଅଳାଜସ୍ତା ଶୁଖିଲା କାଠ ମଧ୍ୟ ବିକ୍ରୀ କରାଯିବ । ଆବେଦନକାରୀମାନେ ଉପସ୍ଥିତ ହୋଇ ଦରଖାସ୍ତଦ୍ୱାରା ଆବେଦନ କରିବେ ।

Manager's office, } Siram Chunder bose
Dhenkanal }
18-11-1905 } *Manager*

# ବିପଦଭଞ୍ଜନ
# ଔଷଧାଳୟ ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରୀ ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନ୍ୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଆଣ୍ଟିବିଷ୍ଟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖା ଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଟଙ୍କା ବା ଔଷଧର ମୂଲ୍ୟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ ପତ୍ରରେ ସ୍ପଷ୍ଟ ଭାବରେ ଲେଖିବା ପାଇଁ ଡାକ ଟିକେଟ ନ ଦେଲେ ଉତ୍ତର ପାଇବା କାରଣ ଜୁଆପଇସିଆ କାର୍ଡ଼ କିମ୍ବା ଟିକେଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା ଜୁମ୍ମାସୂଲ ଦିଆ ହୋଇଥିବା ପତ୍ର ଗ୍ରହଣ କରାଯାଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା କଉଡ଼ି ମେନେଜରଙ୍କ ନାମରେ ପଠାଇବେ ।

ବିପଦଭଞ୍ଜନ ଔଷଧାଳୟ } ଶ୍ରୀ ବାଳକୃଷ୍ଣ ଦାସ
ଚଉଧୁରୀବଜାର,କଟକ } କବିରାଜ
୩୦।୧୧।୧୯୦୫ } ଶ୍ରୀ ରାମକୃଷ୍ଣ ମିଶ୍ର
ମାନେଜର

# NERVE-VIGOR

# ସ୍ନାୟୁଶକ୍ତି ବର୍ଦ୍ଧନ

ଡାକ୍ତର ହାରଲିଂର ସାହେବଙ୍କର ଆବିଷ୍କୃତ ଏହି




ଅତ୍ୟାଶ୍ଚର୍ଯ୍ୟ ଔଷଧ ଗତ କୋଡ଼ିଏ ବର୍ଷ ହେଲା ସ୍ନାୟୁସମ୍ବନ୍ଧୀୟ ରୋଗର ଅତ୍ୟନ୍ତ ନିର୍ଦ୍ଦୋଷ ଏବଂ ବିଶେଷ ଗୁଣକର ମହୌଷଧରୂପେ ତାହାର ଗୁଣାନୁବାଦ ଜଗତ ବିସ୍ତାର କରୁଅଛି;— ସ୍ନାୟବୀୟ ରୋଗମାନଙ୍କର ନାମ ଯଥା;—

୧ ଅତିରିକ୍ତ ପରିଶ୍ରମଜନିତ ମାନସିକ ଅବସାଦ ଅସ୍ୱାସ୍ଥ୍ୟକର ଜଳବାୟୁ, ଋତୁ ପ୍ରଭାବ, ଅତ୍ୟାଚାର ବା ଶୌକିନଜନିତ ରୋଗ ହେତୁ ସ୍ନାୟବୀୟ ଦୁର୍ବଳତା, ଶରୀର ଭଙ୍ଗିବ ହାତ, ଗୋଡ଼, ମାଂସ ବା ଶାରୀରିକ ଦୌର୍ବଲ୍ୟ, ମସ୍ତକଘୂର୍ଣ୍ଣନ, ସ୍ମରଣ ଶକ୍ତିର ହ୍ରାସ, ମାନସିକ ବୈଲକ୍ଷଣ୍ୟ, ରକ୍ତର ଦୋଷ, ଅନିଦ୍ରା, ଦୃଷ୍ଟିଶକ୍ତି ହ୍ରାସ, ମେଦୋରୋଗ, ଅଧିକ ବା କୌଣସି କାର୍ଯ୍ୟ ସକାଶେ ଅକ୍ଷମତା, ମାଂସପେଶୀ ଏବଂ ଅଙ୍ଗ ପ୍ରତ୍ୟଙ୍ଗର ଶୈଥିଲ୍ୟ, ଅଜୀର୍ଣ୍ଣ, ଜୀବନୀ ଶକ୍ତିର କ୍ଷୀଣତା, ଧାତୁଗତ ଦୌର୍ବଲ୍ୟ— ସ୍ନାୟବୀୟ ଦୌର୍ବଲ୍ୟ ବା ତତ୍ସମ୍ବନ୍ଧୀୟ ରୋଗମାନଙ୍କ ଉପରେ ଏହି ବିଶେଷ ଗୁଣସମ୍ପନ୍ନ ଔଷଧ ଅତି କ୍ଷିପ୍ରକାରୀ ଏବଂ ଚିରସ୍ଥାୟୀ ଫଳପ୍ରଦ;

ସେବନର ସମସ୍ତ ଦୁଷ୍ଟପ୍ରଦ ଲକ୍ଷଣମାନ ଅବିଳମ୍ବେ ଅନ୍ତର୍ହିତ ହୁଏ ଏହା ବାସ୍ତବରେ ସ୍ନାୟୁ ଏବଂ ମସ୍ତିଷ୍କରେ ନୂତନ ଶକ୍ତି ସଞ୍ଚାର କରେ । ଏପରି କି ଏହାର ବ୍ୟବହାର ପରେ ଶାରୀରିକ ସ୍ଫୂର୍ତ୍ତତା, ବଳ ଏବଂ ଶକ୍ତିର ସହିତ ସ୍ନାୟବୀୟ ଏବଂ ମାନସିକ ଶକ୍ତିର ବୃଦ୍ଧି ଯାହା କି ରୋଗୀ ଅନୁଭବ କରି ନ ପାରେ ତାହା ତଥାପି ଅନୁଭବ କରେ ।

ଡବଲସ୍ପ୍ରାଉ ବ୍ୟବହାର୍ଯ୍ୟ ଏକବୋତଲର ମୂଲ୍ୟ ଟ ୧୲

ଡାକମାସୁଲ ପୃଥକ ... ନିମନ୍ତେ ପ୍ରତ୍ୟେକ ବୋତଲ ଦେବାରେ ଅମର ନାମ ଏବଂ ଠିକଣା ଛପା ହୋଇଥିବା ଦେଖିନେବା ଉଚିତ । ଔଷଧ ଡାକରେ ମଗାନ୍ତୁ ।

ଠିକଣା—ଇ; ପି; ଏଣ୍ଡ ସୋଂ ୱାର୍କସ୍, ଇଣ୍ଟାଲି କଲିକତା

The E. P. & C. Works,
Intally CALCUTTA.

Digitized by srujanika@gmail.com

Split by PDF Splitter



# NOTICE.

## District Board, Cuttack

Tenders are hereby invited for the execution of the undermentioned works and intending Contractors can obtain information respecting them from the office of the District Engineer. The tenders are for rates only without regard to quantity.

| No | Name of work. | |
|---|---|---|
| 1 | Sinking a Pucka well at Vyas Sorobar | Rs. 1165 |
| 2 | " at Gorapur. | ,, 100 |
| 3 | Collection of metal on the following metalled roads | |
| | (1) Taldanda Loop road | Rs. 195 |
| | (2) Jobra pilgrim road | Rs. 375 |
| | (3) Cuttack Taldanda road | Rs. 3856 |
| | (4) Kandalpur Machgam | Rs. 1155 |
| | (5) Cuttack Chandbally road | Rs. 1807 |
| | (6) Do. Sonepur road | Rs. 330 |
| | (7) Tanghi Haripur road | Rs. 402 |
| | (8) Kendrapara Indupur road | Rs. 150 |
| | (9) Dharmsalla Kaema road | Rs 107 |
| | (10) Canttia Mahanga road | Rs. 160 |
| | (11) Jenapur Station road | Rs. 170 |
| | (12) Jajpur Station road | Rs. 193 |
| | (13 Cuttack main road | Rs. 65 |
| | (14) Cuttack Goods road | Rs. 181 |
| | (15 Taldanda cross road | Rs. 241 |
| | (16) Dhanmandal Station road | Rs. 150 |
| | (17) Barchanna Genguti road | Rs. 175 |
| | (18) Taldanda Canal bank road | Rs. 255 |

### RULES.

1 All tenders which must be on Form No. 1 obtainable at this office (price 0-8-0 each) for items 1 and 2 and rest in form No. 2 at 0-1-0 each must be enclosed in sealed covers and on the outside the name of the work legibly written.

2 All tenders must specify the rates at which the intending contractor will execute the work.

3 Tenders will be received up to 15th December 1905.

4 Tenders not in the proper Form above mentioned will be rejected.

5 The undersigned does not bind himself to accept the lowest or any tender.

CUTTACK } 28-11-1905 }    N. N. MITTRA, *District Engineer*, CUTTACK

ଜଟଣି ମୁନ୍ସଫି ୨ୟ ମୁନସଫଙ୍କ ଅଦାଲତର ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି କି ପ୍ଲଃ ଇଃ ଷାଟଲିସ୍ଥିତ । ସ୍ତ । ବିବମୂଲ । ମୌ । ମଧ୍ୟକଛ ନିବାସ ଜିମ୍ମୁଥିଲ ଭକ୍ତି ମହଜାର ଦ୍ୱାଲ ବନ୍ଦୋବସ୍ତୀ ଖେବତାର ୮ ଖା ୫୨ ମୂର । ବା । ୧୦——୦ ୧୨ ରସ ମଧ୍ୟ ଜମ ସରକାରୀ ରାସ୍ତା ଓ ଥାଇ ଆଦାଇ ଖଇବାକୁ । ବ୍ୟ । ଥାଣି ଜମି ସ୍ୱାବର ସଭ୍ୟାବ୍ୟସ୍ତ ଓ ଦଖଲ ବାବଦ ପ୍ରାର୍ଥନାରେ ଜଟଣି ମୁନ୍ସିଫି ଦ୍ୱିତୀୟ ମୁନସଫଙ୍କ ଅଦାଲତରେ ଉପରୋକ୍ତ ସମସ୍ତ ଗ୍ରାମବାସୀଙ୍କ ପ୍ରତିନିଧି ସ୍ୱରୂପ ଦଂସ ସ୍ଥଅର୍ଟ ଓଗେର ଜ ୪ ଣଙ୍କ ନାମରେ ମୋକଦମା ଦାଏର ହଉବାକୁ ତାହା ସନ ୧୯୦୫ ମସିହା ର ୨୦୪୩ ମୂର ସରେଣ ରେ ଦାଏର ହୋଇ ସନ ୧୯୦୫ ମସିହ ଡିସେମ୍ବର ମାସ ତା ୧୬ ରିଖ ଧାର୍ଯ୍ୟ ହୋଇଅଛି ।

# ବିଜ୍ଞାପନ ।

ସନ ୧୮୮୪ ସାଲ ବଙ୍ଗୀୟ ୪ ଆ ଆଇନ ର ୨୧୩ ଧା ।

ଏତଦ୍ଦ୍ୱାରା ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉ ଯେ ଚଳିତ ଡିସେମ୍ବର ମାସ ତା ୧ ରିଖଠାରୁ ଲଗାଏତ ତା ୩୧ ରିଖ ପର୍ଯ୍ୟନ୍ତ ଏହି ନଗରର କୂଳ କୁକୁରମାନ ମାରିବାକୁ ଆଦେଶ ହୋଇଅଛି ଯଦ୍ୟପି କେହି କୁକୁର ପୋଷିଥାନ୍ତି ତେବେ ସେମାନେ ଆପଣା ଆପଣା କୁକୁରମାନଙ୍କୁ ଅବଶ୍ୟ ନଗର ଭିତ୍ତିରେ ନଦ୍ରତନୁ ତାଲବଦ୍ଧ ପିତ୍ତଳପଟ୍ଟ ଚର୍ମ୍ମର ବନ୍ଧନୀ ଲଗାଇ ପଟି ବେକରେ ଦେଇ ରଖିବେ ଏତଦ୍ଭିନ୍ନ ଦିନ ଓ ରାତ୍ରି ଯଦି କୌଣସି ଅନଧିକାର ଚଉମାନ ଦେଇ ଯିବେ ଉକ୍ତ କୁକୁର ପୋଷା ବୋଲି ଜ୍ଞାନ କରି ନ ଯାଇ ମାରି ଦିଆ ଯିବ । ତା ୨୨।୧୧।୦୫

CUTTACK } Mmnicipality }    Ram Sankar Roy, *Chairman*

# ଉତ୍କଳଦୀପିକା ।

ଗତ ନଭେମ୍ବରମାସ ତା ୧୧ ରିଖରେ ଶେଷ ହେବା ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ଭାରତରେ ପ୍ଲେଗଦ୍ୱାରା ୨୨୬୦ ମୃତ୍ୟୁ ଘଟିଥିଲା ତହିଁ ପୂର୍ବ ସପ୍ତାହରେ ୩୦୯୦ ମୃତ୍ୟୁ ଘଟିଥିଲା ସୁତରାଂ ବର୍ତ୍ତିତ ସପ୍ତାହରେ ମୃତ୍ୟୁ ୮୩୦ କମ ହୋଇଅଛି । କେବଳ ମୋଟ ମୃତ୍ୟୁସଂଖ୍ୟାରୁ ବୋମ୍ବାଇ ପ୍ରଦେଶରେ ୧୪୪୮ ମୃତ୍ୟୁ ଘଟିଥିଲା ।

ଟିଃ ଏ, ସି, ବାନୁର୍ଜି ଜଳନ୍ଧର ଏକଜଣ ପ୍ରଧାନ ବାରିଷ୍ଟର । ସ୍ୱଦେଶୀ ଆନ୍ଦୋଳନରେ ତାଙ୍କର ଯୋଗ ଅଛି । ସମ୍ବାଦପତ୍ର ସମୂହରୁ ପ୍ରକାଶ ଯେ ଜଣେ ସାର୍ଜେଣ୍ଟ ଓ ଦୁଇ ଜଣ ଦେଶୀ କନଷ୍ଟବଲ ତାଙ୍କର ପଛେ ଅଛନ୍ତି । ସେ ଯେଉଁଆଡ଼କୁ ଯାଉଅଛନ୍ତି ପୋଲିସ ତାଙ୍କ ସଙ୍ଗରେ ଯାଉଅଛନ୍ତି । ଇଂରେଜ ଶାସନ ପ୍ରଣାଳୀର ଏହା ଗୋଟିଏ ପ୍ରକାର ଦଣ୍ଡ ଅଟେ କି ?

ମେଲ ସପ୍ଲାଇ କୋଂ ନାନାପ୍ରକାର ଉତ୍ତମ ବନ୍ଧୁକ, ଛୁରୀ, କେଶ ସଂସ୍କାରକ ସାବୁନ, କଲ ଘଡ଼ି, ଖେଳନା, ଲଣ୍ଠନ ପ୍ରଭୃତି ଜିନିଷମାନ ଅତି ସୁଲଭ ମୂଲ୍ୟରେ ବିକ୍ରୟ କରୁଅଛନ୍ତି ଉପରୋକ୍ତ କମ୍ପାନୀର କଲିକତା ଶ୍ୟାମବଜାର ୦ ୧୯ ମୁଳ ... ବିଜ୍ଞାପନ ପ୍ରତି ... ପାଠକ

ହୋକାନରେ ଉକ୍ତ ଜିନିଷ ମିଳିବ । ସ୍ଥାନାନ୍ତରରେ ପ୍ରକାଶିତ ତାଙ୍କର ବିଜ୍ଞାପନ ପ୍ରତି ସାଧାରଣଙ୍କ ମନୋଯୋଗ ଆକର୍ଷଣ କରୁଅଛୁଁ ।

ଓଡ଼ିଶାରେ ସ୍ୱଦେଶୀ ଆନ୍ଦୋଳନ ଖଡ଼ି ନାହିଁ ଏବଂ ସ୍ୱାର୍ଥପର ଲୋକଙ୍କଦ୍ୱାରା ବ୍ୟାଘାତ ମଧ୍ୟ ହେଉଅଛି । ଯାଜପୁରରୁ ସମ୍ବାଦ ପାଇଅଛୁଁ ଯେ ପ୍ରଥମାଷ୍ଟମୀ ଦିବସ ପ୍ରାପ୍ତ ହେବାରେ ନୂତନ ବସ୍ତ୍ରର ଆବଶ୍ୟକ ହେବାରୁ ଦେଶୀ ବସ୍ତ୍ରର ମୂଲ୍ୟ କିଛି ଚଡ଼ା ହୋଇଥିଲା । ଏହି ସୁବିଧା ଦେଖି ସେଠାର କେତେକ ବଙ୍ଗାଳି ଓ ଲୁଗା ଦୋକାନ ଖୋଲିବାରୁ ଅନେକ ବିଲାତି ଲୁଗା ଆଣି କିଛି ଦର ବୃଦ୍ଧି ପଇସା ରୋଜଗାର କରିନେଲେ । ଅର୍ଥ ଅନର୍ଥର ମୂଳ । ସ୍ୱାର୍ଥତ୍ୟାଗ ବିନା ଦେଶର ବା ଜାତିର ଉନ୍ନତି ଆଶା କରିବା ବୃଥା । ଏକଯୋଗ ହୋଇ କାର୍ଯ୍ୟ ନ କଲେ ଭୂଚ୍ଛା ସ୍ୱଦେଶୀ ଚିତ୍କାରରେ କିଛି ଫଳ ହେବ ନାହିଁ ।

ଗତ ମାସର ତା ୧୮ ରିଖର ଶେଷ ହେବା ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ବଙ୍ଗଳାର କେତେକ ସ୍ଥାନରେ ଚାଉଳର ମୂଲ୍ୟ ବଢ଼ିଛି; ଯୁକ୍ତପ୍ରଦେଶରେ ଦୁର୍ଭିକ୍ଷ ପ୍ରପୀଡ଼ିତ ବ୍ୟକ୍ତିଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ହେଉଅଛି । ଦୁଇଟି ଜିଲାର ଛଡ଼ ଓ ମୂଲତବି ଘୋଷଣା ଦିଆଯାଇ ଅଛି । ରାଜପୁତାନା, ବରୋଦା ଓ ବୋମ୍ବାଇରେ ସାହାଯ୍ୟ କାର୍ଯ୍ୟ ଲାଗିଅଛି । ବର୍ତ୍ତିତ ସପ୍ତାହରେ ରାଜପୁତାନାର ୧୨,୭୩୦ ଣ ସାହାଯ୍ୟ କାର୍ଯ୍ୟରେ ଓ ୨୦୮୩ ଜଣ ଭିକ୍ଷା ସ୍ୱରୂପ କାର୍ଯ୍ୟରେ ଜୟପୁର ବିଶେଷ ରାଜ୍ୟରେ ୧୫୪୩ ଣ ଓ ବିନା କାର୍ଯ୍ୟରେ ୧୮୨ ସାହାଯ୍ୟ ପାଉଅଛନ୍ତି । ଏପରି ସର୍ବସୁଦ୍ଧା ଦୁର୍ଭିକ୍ଷ ପ୍ରପୀଡ଼ିତ ୫୨୨୭ ଜଣ ସାହାଯ୍ୟ ପାଉଥିଲେ । ଗତ ସପ୍ତାହ ଅପେକ୍ଷା ୫୬୨୦ ବୃଦ୍ଧି ହୋଇଥିଲା । ବରୋଦାରେ ସର୍ବସୁଦ୍ଧା ୪୦୯୨ ଜଣ ସାହାଯ୍ୟ ପାଉଥିଲେ, ଏମାନଙ୍କ ମଧ୍ୟରୁ ୩୨୪୪ କାର୍ଯ୍ୟ କରୁଅଛନ୍ତି ଓ ୩୪୮ ଜଣ ବିନା କାର୍ଯ୍ୟରେ ସାହାଯ୍ୟ ପାଉଅଛନ୍ତି । ବୋମ୍ବାଇରେ ୨୪୯୫ ଜଣ ବିନା କାର୍ଯ୍ୟରେ ସାହାଯ୍ୟ ପାଉଥିଲେ ।

ଆମ୍ଭମାନଙ୍କ ଚିରସହଯୋଗୀ ମନୋରଞ୍ଜନଙ୍କ ଠାରୁ ଅବଗତ ହେଲୁଁ ଯେ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଏଫ, ଡବଲିଉ, ଡିଉକ ମୟୂରଭଞ୍ଜରେ ଅବସ୍ଥାନକାଳରେ ଗତ ତା ୧୯ ରିଖରେ ରାଜବାଟୀରେ ଅଭ୍ୟର୍ଥିତ ହୋଇ ନବୁଝାଇ, ସାହାବ ନାଚ ପ୍ରଭୃତି ଦେଖି

Digitized by srujanika@gmail.com

Split by PDF Splitter

544



ଅଭିଷେକ୍ତ ସନ୍ତୁଷ୍ଟ ହୋଇଥିଲେ । ତା ୨୦ ରିଖ ହିନ୍ଦୁ ହାଇସ୍କୁଲରେ ପୁରସ୍କାର ବିତରଣ କରି ସ୍କୁଲ ସଂଲଗ୍ନ ଛାତ୍ରାବାସର ବିଶେଷ ପ୍ରଶଂସା କରିଥିଲେ, ତା ୨୧ ରିଖ ଦିବସ ମିଉନିସିପାଲିଟିର ଅଭିନନ୍ଦନପତ୍ର ଗ୍ରହଣ କରିଥିଲେ । ତଦୁତ୍ତରରେ କହିଥିଲେ ଯେ ବୋଧହୁଏ ଏହା ସ୍ଥାପନଦ୍ୱାରା ପ୍ରଜାଙ୍କ ଦ୍ୱାରା ପ୍ରତିପାଳିତ କରିବା ମହାରାଜାଙ୍କ ଅଭିପ୍ରାୟ ନୁହେଁ କିନ୍ତୁ ଏହିଦ୍ୱାରା ସହରବାସିଙ୍କୁ ଆତ୍ମଶାସନ ଶିକ୍ଷା ଦେବା । ସେହି ଦିବସ ବାଳିକାସ୍କୁଲରେ ପୁରସ୍କାର ବିତରଣ କରିଥିଲେ । ନରସିଂହପୁରର ରାଜା ଦଶଜଣ ବାଳିକାଙ୍କୁ ଦଶଟୋଟି ବାସନ ବାଣ୍ଟିବାକୁ ଦେଇଥିଲେ ।

---

ଆଜିର ଲୁଡପୁଙ୍କ ରାଜା ପୀତାମ୍ବର ଦେବଙ୍କ ଦୁଃଖଜନକ ମୃତ୍ୟୁ ହେବାରୁ ତାଙ୍କର କନିଷ୍ଠ ଭ୍ରାତା ଶ୍ରୀମାନ୍ ବ୍ରଜସୁନ୍ଦର ଦେବ ଗାଦିରେ ବସିଥିଲେ । ବର୍ତ୍ତମାନ ଜଣାଯାଏ ପ୍ରକାଶ ପାଇଲା ପୂର୍ବ ରାଜାଙ୍କ ରାଣୀ ଗର୍ଭବତୀ ହୋଇଥିଲେ । ରାଣୀଙ୍କ ଗର୍ଭରୁ ପୁତ୍ର ଜାତ ହେଲେ ସେହି ପୁତ୍ରଟି ଅଲ ଗଦି ପାଇ ପାରିବ । ମାତ୍ର ରାଣୀଙ୍କ ଦେବରଙ୍କ ରାଜ୍ୟ ଲୋଭ ହେବ ନାହିଁ ଏଣୁ କରି ଦେବରଙ୍କ ନିକଟରେ ଥିଲେ ଭୟ ସମ୍ଭାବନା ଜାଣିକରି ରାଣୀମହୋଦୟାଙ୍କ ତାହାଙ୍କର ଭ୍ରାତା ବର୍ତ୍ତମାନ ବଣେଇର ରାଜା ଆପଣା ନିକଟରେ ଘରଠାରେ ରଖିଥିଲେ । ଇତି ମଧ୍ୟରେ ବର୍ତ୍ତମାନ ଅନୁଗ୍ରହ ଗଭାରେ ତାଙ୍କର ନାମ ଦଲିଲ କରିବା ନିମନ୍ତେ ଏଠା କଲେକ୍ଟରରେ ଦାଖଲଖାରଜ ଦରଖାସ୍ତ କରିଥିଲେ; କର୍ତ୍ତା ଡେପୁଟୀ କଲେକ୍ଟର ମହୋଦୟ ଦରଖାସ୍ତ ନାମଞ୍ଜୁର କଲେ । କଟକ କଲେକ୍ଟର ସାହେବ ମଧ୍ୟ ଅପିଲ ନାମଞ୍ଜୁର କରି ଜଣେ ରିସିଭର ନିଯୋଗ କରିବାର ଆଦେଶ ଦେଲେ । ଶ୍ରୀଯୁକ୍ତ କମିଶନର ଇ, ଏଫ, ଗ୍ରାଉସଙ୍କ ନିକଟରେ ଅପିଲ ଦାଏର ହେବାରୁ ରାଣୀଙ୍କ ପ୍ରସବ ସମୟ ସନ୍ନିକଟ ଥିବା ହେତୁ ରିସିଭର ନିଯୋଗ ବିଷୟ ସ୍ଥଗିତ ରଖିବାର ଆଦେଶ ଦେଇଥିଲେ । ଗତ ପୂର୍ବ ଶୁକ୍ରବାର ତାର ଯୋଗେ ସମ୍ବାଦ ଆସିଲା ଯେ ରାଣୀଙ୍କର ଏକ କନ୍ୟା ଜାତ ହୋଇଅଛି ଓ ଏ ସମ୍ବାଦ ଅମ୍ଭେମାନେ ଗତ ସପ୍ତାହରେ ପ୍ରକାଶ କରିଅଛୁଁ । ଏକପକ୍ଷର ସୁଖ ଆଶା ଭଗ୍ନ ହେଲା ଓ ଅନ୍ୟ ପକ୍ଷର ଭୟ ଦୂର ହେଲା । ବର୍ତ୍ତମାନ ଦୁଇ ପକ୍ଷ ଦୁଃଖ ହର୍ଷ ମଧ୍ୟରେ ଅବସ୍ଥିତ । ଯାହାହେଉ ସନ୍ଦେହ ଭାଙ୍ଗିଗଲା । ବର୍ତ୍ତମାନ ଅନୁଗ୍ରହ ଅର୍ଦ୍ଧକ୍ଲେଶରେ ରାଜଭୋଗ କରିବେ ଓ ଏହାଙ୍କର ଗୋଟିଏ ପୁତ୍ର ଜନ୍ମ ହୋଇଥିବାରୁ ଅନେକ ଧୂମଧାମ ଗତ ମୁକାମରେ ଲାଗିଥିଲା ତହିଁ ସଙ୍ଗେ ଏ ସୁଖକର ଘଟଣା ମଧ୍ୟ ଉପସ୍ଥିତ ହୋଇଅଛି । ଅମ୍ଭେମାନେ ରାଜା ମହୋଦୟଙ୍କ ସୁଖରେ ସହାନୁଭୂତି ପ୍ରଦାନ କରି ପ୍ରାର୍ଥନା କରୁଅଛୁଁ ଯେପରି ନିଜର ସୁଖ ଦେଖି ସେହିପରି ପ୍ରଜାମାନଙ୍କୁ ସୁଖରେ ପାଳନ କରନ୍ତୁ ।

---

ପୂର୍ବତନ ବଙ୍ଗଦେଶ ଅପେକ୍ଷା ନୂତନ ପୂର୍ବବଙ୍ଗଦେଶରେ ବନ୍ଦେମାତରଂ ଧ୍ୱନି ଓ ସ୍ୱଦେଶୀ ଆନ୍ଦୋଳନ ସ୍ଥଗିତ କରିବା ପକ୍ଷରେ ସେଠା ନୂତନ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କର ବିଶେଷତର ଚେଷ୍ଟା । ପୁଣି ଚେଷ୍ଟାମଧ୍ୟରେ ବରିଶାଲ ଓ ରଙ୍ଗପୁରରେ ଅତ୍ୟାଚାର ବିଶେଷରୂପେ ହୋଇଅଛି । ରଙ୍ଗପୁରର ଭଦ୍ରବ୍ୟକ୍ତିମାନେ ବିଶେଷ କନଷ୍ଟବଲରୁ ମୁକ୍ତିଲାଭ କରିଅଛନ୍ତି । ମାତ୍ର ବରିଶାଲ ଗୋରଖାସେନାଙ୍କ ଅତ୍ୟାଚାରରୁ ରକ୍ଷା ପାଇ ନାହାନ୍ତି ଶୁଣି ଇଂରେଜବାହାଦୁରଙ୍କ ଅମଳରେ ଏପ୍ରକାର ଅତ୍ୟାଚାର ଘଟିବା ଅସମ୍ଭବ ମନେକରି ଅବିଶ୍ୱାସ ଆମ୍ଭମାନଙ୍କ ହୃଦୟରେ ଉଦୟ ହେଉଅଛି । କିନ୍ତୁ ସମ୍ବାଦ ପତ୍ରିକାମାନରେ ଘଟଣାସବୁ ବର୍ଣ୍ଣିତ ହେଉଥିବା ସ୍ଥଳେ ଅସମ୍ଭବକୁ ସମ୍ଭବ ନ ମଣିବାର କାରଣ ନାହିଁ । ବର୍ତ୍ତମାନ ଗୋରଖାମାନେ ଦୋକାନ ଓ ଗୃହମାନରେ ଲଗ୍ନହୋଇଥିବା ବନ୍ଦେମାତରଂ ଓ ସ୍ୱଦେଶୀ ଘୋଷଣାପତ୍ର ସବୁକୁ ବାହାର କରିଦେଇ ଛିନ୍ନ କରିଦେଉଅଛନ୍ତି । ଏକ ଗୃହସ୍ଥଦୋକାନ ଘରଭିତରେ ପ୍ରବେଶ କରି ଗୃହାଭ୍ୟନ୍ତରର ଲୋକମାନଙ୍କପ୍ରତି ଅତ୍ୟାଚାର କରାହୋଇଅଛି ଓ ସେମାନଙ୍କୁ ପୋଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ଧରିନେଇଅଛନ୍ତି । ପୋଲିସ ବିଲାତୀ ବସ୍ତ୍ର କ୍ରୟକରିବାନିମନ୍ତେ ଗ୍ରାମବାସଙ୍କୁ ବଳାତ୍କାର କରୁଅଛନ୍ତି । ଦୁଇଜଣ ୭/୮ ବର୍ଷର ବାଳକ ବନ୍ଦେମାତରଂ କହୁଥିଲେ ବୋଲି ପୋଲିସ ଗ୍ରେପ୍ତାର କରିଥିଲେ ଓ ଜଣେ ଛାତ୍ର ରାଜି ପଢ଼ିଥିବାରୁ ପୋଲିସସାହେବଙ୍କଦ୍ୱାରା ଲାଲପଟା ପାଇଥିଲା । ବରିଶାଲର ମାଜିଷ୍ଟ୍ରେଟଙ୍କର ତା ୨୫ ରିଖସନ୍ଧ୍ୟା ସମୟରେ ରାସ୍ତାରେ ଆକ୍ରମଣ କରିବାର ଗୋରଖାମାନଙ୍କୁ ଆଦେଶ ଦେଇଥିଲେ । ଗୋରଖାମାନେ ଅନେକଲୋକଙ୍କୁ କ୍ଷତ ବିକ୍ଷତ କରିଅଛନ୍ତି । ଓକିଲବାବୁ ଶ୍ୟାମଚରଣଦତ୍ତଙ୍କ ମସ୍ତକରେ ବିଶେଷରୂପେ ଆଘାତ ଲାଗିଥିଲା ସେ ଡାକ୍ତରଖାନାକୁ ନୀତ ହୋଇଥିଲେ । ଡାକ୍ତର ଲକ୍ଷ୍ମୀକାନ୍ତବୋଷ ତାଙ୍କ ଡାକ୍ତରଖାନା ନିକଟରେ ଦଣ୍ଡାୟମାନ ହେବା ସମୟରେ ଏକ ଯଷ୍ଟିର ଆଘାତ ପାଇଥିଲେ । ଗୃହାଭ୍ୟନ୍ତରରେ ବନ୍ଦେମାତରଂ ଶବ୍ଦ ହେଉଥିବାରୁ ଗୋରଖାମାନେ ଏପ୍ରକାର କରିଥିଲେ ବୋଲି ହୋଇଥିବହୁଏ ।

---

ବନାରସର କଂଗ୍ରେସ ସଂଲଗ୍ନ ପ୍ରଦର୍ଶନୀ ନିମନ୍ତେ ରେଲବାଇ କମ୍ପାନୀ ଅନୁଗ୍ରହ ଟିକଟ ପ୍ରଦାନ କରିବାର ସ୍ଥିର କରି ବିଜ୍ଞାପନ ଦେଇଅଛନ୍ତି । ପ୍ରଦର୍ଶନୀକୁ ଯେଉଁମାନେ ଜିନିଷ ପ୍ରେରଣ କରିବେ ସେମାନେ ରେଲବାଇ ରେଟରୁ ବହୁତ କମ ପାଇବେ । ଇଷ୍ଟ ରେଲବାଇ ସକାଶେ ରେଟ ଭିନ୍ନ ସ୍ଥିର ହୋଇଅଛି । ମାନ୍ଦ୍ରାଜ ରେଲବାଇର ଗନ୍ତାବ୍ୟ ଷ୍ଟେସନ ନିମ୍ନଲିଖିତ ରୂପରେ ସ୍ଥିରୀକୃତ ହୋଇଅଛି । ସୁନା ରୂପା ଛଡ଼ା ଅନ୍ୟ ଜିନିଷରୁ ଉପରେ ଅନୁଗ୍ରହ ରେଟ ନିଆଯିବ । ପୂର୍ଣ୍ଣ ଏକଗାଡ଼ି ମାଲ ସକାଶେ ପି ମାଇଲକୁ ଚଉଥଣା ହିସାବ ରେଟ ପଡ଼ିବ । ପ୍ରଦର୍ଶନୀ ସକାଶେ ପ୍ରେରିତ ମାଲ ନିମନ୍ତେ ପ୍ରଦର୍ଶନୀ କମିଟିର ସେକ୍ରେଟରୀଙ୍କଠାରୁ ସାର୍ଟିଫିକେଟ ହାସିଲ କରି ପଠାଇବାକୁ ହେବ । ମାଲ ପ୍ରେରଣକାରୀର ଦାୟିତ୍ୱରେ ମାଲ ସବୁ ପଠାଯିବ । ମାଲସବୁ ପ୍ରଦର୍ଶନୀରେ ବିକ୍ରୟ ନ ହୋଇ ଫେରତ ଆସିଲେ ଉକ୍ତରୂପ ଅନୁଗ୍ରହ ଦେଖାଇବେ । ମାତ୍ର ମାଲସବୁ ବିକ୍ରୟ ନ ହୋଇଥିବାର ସାର୍ଟିଫିକେଟ ଦେବାକୁ ପଡ଼ିବ । ଉପରୋକ୍ତ ନିୟମ ଗତମାସ ତା ୧୫ ରିଖଠାରୁ ଜାନୁୟାରୀ ତା ୩୧ ରିଖ ପର୍ଯ୍ୟନ୍ତ କାଏମ ରହିବ । ଯାତ୍ରିମାନଙ୍କ ସମ୍ବନ୍ଧରେ ଏହି ଅନୁଗ୍ରହ ଦେଖା ହୋଇଅଛି ଯେ ଗନ୍ତାସ୍ଥାନ ଟିକଟ ସକାଶେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଯାତ୍ରୀ ସକାଶେ ଗୋଟିଏ ଟିକଟରେ ଇଣ୍ଟରମିଡିୟଟ ଯାତ୍ରି ସକାଶେ ଉକ୍ତ ଶ୍ରେଣୀର ଗୋଟିଏ ଓ ଅନ୍ୟ ଶ୍ରେଣୀର ଗୋଟିଏ ଟିକଟ ଲାଗି । ଓ ତୃତୀୟ ଶ୍ରେଣୀର ଯାତ୍ରି ସକାଶେ ଦେଢ଼ୋଣୀ ତୃତୀୟ ଶ୍ରେଣୀର ଟିକଟଖର୍ଚ୍ଚ ଦେବାକୁ ହେବ । ରେଲରେ ଏକପଥ ମାଇଲକୁ ବେଶି ଯିବାର ଲୋକଙ୍କୁ ଅନୁଗ୍ରହ ଟିକଟ ମିଳିବ । ଚଳିତ ଡିସେମ୍ବର ମାସ ତା ୫ ରିଖଠାରୁ ଆଗାମୀ ଜାନୁୟାରୀ ମାସ ତା ୧୫ ରିଖ ପର୍ଯ୍ୟନ୍ତ ଗନ୍ତାସ୍ଥାନ ଟିକଟ କାଏମ ରହିବ । ବଡ଼ଦିନ ସମୟରେ ଯେପରି ସବୁ ଯାତ୍ରିଙ୍କ ପ୍ରତି ଅନୁଗ୍ରହ ରେଟରେ ଟିକଟ ପ୍ରଚଳିତ ମିଳେ ତାହା ମଧ୍ୟ ଏ ବର୍ଷ ମିଳିବ ।

---

ଯୁବରାଜଙ୍କ ଶୁଭଜନ୍ମ ଉପଲକ୍ଷେ ଜୟପୁର ମହାରାଜା ଉଦୋର ଦୁର୍ଭିକ୍ଷ ଫଣ୍ଡରେ ଦୁଇଲକ୍ଷ ଟଙ୍କା ଦାନ କରିବେ ବୋଲି ପ୍ରତିଶ୍ରୁତ ହୋଇଅଛନ୍ତି । ଯୁବରାଜ ଜୟପୁରରେ ଗତ ତା ୨୬ ରି-

Digitized by srujanika@gmail.com

ଖରେ ବଦାସ୍ଥ କେଲେ, ବଦାସ୍ଥ କାଳରେ ଜୟପୁର ମହାରାଜା ଦୁର୍ଭିକ୍ଷ ସାହାଯ୍ୟ ସକାଶେ ଅନ୍ତର ଗ୍ୱାଲଣ୍ଟଙ୍କୁ ଦେବାର ଅଙ୍ଗୀକାର କରିଅଛନ୍ତି । ଏ ଦାନ ଅତି ପ୍ରଶସ୍ତ । ଯୁବରାଜ ଗତ ତା ୨୪ ରଖରେ ଜୟପୁରକୁ ଗମନ କରି ସେଠାରେ ତା ୨୭ ରଖ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ । ଜୟପୁର ମହାରାଜା ଯୁବରାଜଙ୍କ ଆଗମନ ଉପଲକ୍ଷରେ ଗୋଟିଏ ସ୍ତମ୍ଭ ହାଲସ୍ଥ ବାଲଦ୍ୱେଷ ସ୍ଥାପନ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି । ସେହି ଲାଇବ୍ରେରୀ ରାଜପୁତ୍ରଙ୍କ ନାମରେ ଅଭିହିତ ହେବ । ଯୁବରାଜ ସେଠାରୁ ଗତ ତା ୨୮ ରଖରେ ଲାହୋର ଯାତ୍ରା କଲେ । ସେଠାରେ ଗତ କାଲି ପର୍ଯ୍ୟନ୍ତ ଅବସ୍ଥାନ କରିବାର ସ୍ଥିର ହୋଇଥିଲା । ଯୁବରାଜଙ୍କ ଭାରତ ଭ୍ରମଣର ଅବଶିଷ୍ଟ ଅନୁଷ୍ଠାନ ପତ୍ର ନିମ୍ନଲିଖିତ ପ୍ରକାର ଅଟେ । ଯଥା :—

| | | | | | |
|---|---|---|---|---|---|
| ପେସୱାର ଡିସେମ୍ବର | ତା ୨ ରିଖଠାରୁ | | ତା ୪ ରିଖ ପର୍ଯ୍ୟନ୍ତ | | |
| ରାୱଲପିଣ୍ଡି | ,, | ୫ | ,, | ୮ | ,, |
| ଜମ୍ମୁ | ,, | ୯ | ,, | ୧୦ | ,, |
| ଅମୃତସର | ,, | ୧୧ | | | |
| ଦିଲ୍ଲୀ | ,, | ୧୨ | ,, | ୧୫ | ,, |
| ଆଗ୍ରା | ,, | ୧୬ | ,, | ୧୯ | ,, |
| ଗୋୟାଲିୟର | ,, | ୨୦ | ,, | ୨୫ | ,, |
| ଲକ୍ଷ୍ନୌ | ,, | ୨୬ | ,, | ୨୮ | ,, |
| କଲିକତା | ,, | ୨୯ | ଜାନୁୟାରୀ | ୬ | ,, |
| ,, | ଜାନୁୟାରୀ ୧୦ | | ,, | ୧୬ | ,, |
| ଦାର୍ଜିଲିଂ | ,, | ୭ | ,, | ୯ | ,, |
| ରେଙ୍ଗୁନ | ,, | ୧୯ | ,, | ୨୫ | ,, |
| ,, | | ୨୯ | | | |
| ମନ୍ଦାଲେ | ,, | ୧୬ | ,, | ୨୦ | ,, |
| ମାନ୍ଦ୍ରାଜ | ,, | ୨୪ | ,, | ୨୮ | ,, |
| ମହୀଶୂର ଜାନୁୟାରୀ | ୨୯ ଫେବୃୟାରୀ | | | ୪ | ,, |
| ବାଙ୍ଗାଲୋର ଫେବୃୟାରୀ | ୫ | ,, | | ୭ | ,, |
| ହାଇଦରାବାଦ | ,, | ୮ | ,, | ୧୦ | ,, |
| ଦୌଲତାବାଦ | ,, | ୧୨ | | | |
| ବରୋଦା | ,, | ୧୯ | ,, | ୨୦ | ,, |
| ବେନାରସ | ,, | ୨୧ ମାର୍ଚ୍ଚ | | ୫ | ,, |
| ଅଲିଗଡ଼ ମାର୍ଚ୍ଚ | | ୬ | | | |
| ହିମଲ | ,, | ୭ | ,, | ୧୦ | |
| କୋୟଟା | ,, | ୮ | | ୯ | |
| କରାଚି | ,, | ୧୬ | | ୧୯ | |

## ରାଜଦ୍ରୋହୀ ଶୁରବିଶଙ୍କର ମୋକଦ୍ଦମା ।

ବହୁଦଣ୍ଡ ପ୍ରବଳ ଓ ଲାଲ ୨୫୦ ଜଣ ଘାଟଗଡର ଖ୍ରୀଷ୍ଟାନ ଅଦ୍ଭକାଶିକଦ୍ୱାର ଅସାମ ସୁବଶିଶୁକୁ ଆଇଥିଲେ । ସେଠାରେ ସେମାନଙ୍କ ପ୍ରତି ଅଯଥା ଅତ୍ୟାଚାର ହେବାରୁ ଓ ସେମାନଙ୍କ ମଧ୍ୟରୁ କେତେକ ମରଯିବାରୁ ବାକି ୧୫ । ୨୦ ଜଣ କୌଶଳକ୍ରମେ ସେଠାରୁ ପଳାଇଆସିଥିଲେ । ଶୁରବିଶଙ୍କର ଦଳବସ୍ତ ଲକ-ଏଜେଣ୍ଟ ସେମାନଙ୍କ ବିରୁଦ୍ଧରେ ଚୁକ୍ତି ଅନୁକାର୍ଯ୍ୟସାଧ୍ୟ ଚୁକ୍ତି ଭଙ୍ଗ ଅପରାଧରେ ଲାଜପୁର ରାଜଦ୍ୱାରେ ସବଡିଭିଜନାଲ ଅଫିସରଙ୍କ ନିକଟରେ ଫୌଜଦାରୀ ଅଦାଲତରେ ନାଲିଶ ଦାଏର କରିଥିଲେ । ଆସାମୀମାନେ ହାକିମଙ୍କ ନିକଟରେ ହାଜର ହୋଇ ନିମ୍ନଲିଖିତ ପ୍ରକାରରେ ଜବାବ ଦେଇଅଛନ୍ତି । ଅଡ଼କାଟି ସେମାନଙ୍କୁ ଲାଇବାର ବେଳେ ୯ । ୮ ଟଙ୍କାରୁ ୬ ଟଙ୍କା ପର୍ଯ୍ୟନ୍ତ ବେତନରେ କାର୍ଯ୍ୟ କରାଇ ଦେବେ ବୋଲି କହି ତାହାଙ୍କୁ ଏବଂ ସେମାନଙ୍କ ଆତ୍ମୀୟମାନଙ୍କୁ କିଛି ଅର୍ଥ ଦେଇ ବଶୀଭୂତ କରି ଆସାମକୁ ପଠାଇ ଦେଇଥିଲେ । ଶୁରବିଶରେ ପ୍ରତ୍ୟହ ଅତି ପ୍ରତ୍ୟୁଷରୁ ସନ୍ଧ୍ୟା ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ହୁଏ । କେବଳ ଘ ୧୧ ଟାଠାରୁ ଘ ୧୨ ଟା ପର୍ଯ୍ୟନ୍ତ ଭୋଜନ ଅର୍ଥ କାର୍ଯ୍ୟ ନିମନ୍ତେ ଅବକାଶ ମିଳେ । ଏହାପରେ ମଧ୍ୟରେ କୁଲିମାନେ ଗୁଣ୍ଡ ଖାଇ ନ ପାରନ୍ତି ସେମାନଙ୍କୁ ସେ ଦିନ ସକାଶେ ଉପବାସ କରିବାକୁ ହୁଏ । ପ୍ରତ୍ୟେକଙ୍କୁ ନିର୍ଦ୍ଦିଷ୍ଟ ପରିମାଣ ଜମିରେ ଚୋଷ କାଟିବାକୁ ଦିଆଯାଏ । କାର୍ଯ୍ୟ ଶେଷ ନ ହେଲେ ଅଥବା କାର୍ଯ୍ୟ ସମୟରେ ଅମନୋଯୋଗୀ ହେଲେ କର୍ମଚାରୀମାନେ ଯଥେଚ୍ଛା ବେତ୍ରାଘାତ କରନ୍ତି । ସେମାନଙ୍କୁ ପ୍ରତ୍ୟହ ଯେଉଁ କାର୍ଯ୍ୟ ନିର୍ଦ୍ଦିଷ୍ଟ କରିଦିଆଯାଏ, ତାହା ଏକଦେଶୀୟ ମନୁଷ୍ୟମାନଙ୍କର କାର୍ଯ୍ୟ ଅପେକ୍ଷା ଅଧିକ ବେଶୀ । ଶୁରବିଶର ମୂଳଅଶମାନେ ବସିଲେ ଉଠିବାର ବେତର ପ୍ରହାର ପାଆନ୍ତି । ମାତ୍ର ଖାଇ ସନ୍ଧ୍ୟା ହେଲେ ଯେ ସେମାନେ ଅବ୍ୟାହତି ପାଇବେ ତାହା ମଧ୍ୟ ନୁହେ । ସନ୍ଧ୍ୟା ଉତ୍ତାରେ ସ୍ୱାସ୍ଥ୍ୟ ଏବଂ ରକ୍ଷା ନିମନ୍ତେ ସମସ୍ତ ଦିଆଯାଏ । ରାତ୍ରିରେ ସେମାନେ ଘ ୭ ଟାଠାରୁ ଘ ୧୧ ଟା ପର୍ଯ୍ୟନ୍ତ ଗୃହୋଦ୍ୟାନରେ ଅର୍ଥାତ୍ ସେଉଁଠାରେ ଶୁ ପରିଶ୍ରମ ଜନ୍ମିଥାଏ ସେଠାରେ କାର୍ଯ୍ୟ କରିବାକୁ ହୁଏ । ରାତ୍ରିରେ ଅବ୍ୟାହତି ମିଳେ । ମାତ୍ର ଅନସ୍ତମିତ ପରିଶ୍ରମ ଓ ଅଯଥା ଅତ୍ୟାଚାରଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟଭଙ୍ଗ ହୋଇଅଛି ଓ ସେମାନଙ୍କ ମଧ୍ୟରୁ କେତେକ ମରଯାଇଅଛନ୍ତି । ସେମାନେ ପଳାଇ ଆସିବାରୁ ପ୍ରାଣ ରକ୍ଷା କରିପାରିଲେ । ସେମାନେ ଆସାମକୁ ଯିବା ସକାଶେ ଚୁକ୍ତି ଲେଖିଦେଇ ନାହାନ୍ତି । ସେମାନେ ହାକିମଙ୍କ ନିକଟରେ କାଗଜପତ୍ର ପାଇବାର ସୁଯୋଗ ହେଲେ ତାହା ବରଂ ଶୀଘ୍ର ମାତ୍ର, ଆସାମକୁ ଯିବାକୁ କୌଣସିପ୍ରକାରରେ ସେମାନେ ପ୍ରସ୍ତୁତ ନାହାନ୍ତି । ଆସାମିମାନେ ଶୁରବିଶକୁ ଯିବା ନିମନ୍ତେ ଯେଉଁ ଚୁକ୍ତି ଲେଖି ଦେଇଥିଲେ ସେହି ଚୁକ୍ତିର ପ୍ରମାଣ ଦେବା ନିମନ୍ତେ ମୁହଲତ ମହଲତ ନେଇଅଛନ୍ତି ସୁତରାଂ ମୋକଦ୍ଦମାର ଶୁଣାଣି ତାରିଖ ଧାର୍ଯ୍ୟ ହୋଇଅଛି ଶେଷ ଫଳ ଆମ୍ଭେମାନେ ଯଥାସମୟରେ ପ୍ରକାଶ କରିବୁ ।

---

## କୃଷିଶିକ୍ଷା ।

ବଙ୍ଗ ପ୍ରଦେଶରେ କୃଷିଶିକ୍ଷା ଦାନ ନିମନ୍ତେ ଗବର୍ଣ୍ଣମେଣ୍ଟ ଯେ ଆୟୋଜନ କରୁଅଛନ୍ତି ତହିଁର ବିସ୍ତାରିତ ବିବରଣ ବଙ୍ଗୀୟ କୃଷି ବିଭାଗର ସନ ୧୯୦୪।୦୫ ସାଲ ବାର୍ଷିକ ବିବରଣୀ ସମ୍ବନ୍ଧୀୟ କାର୍ଯ୍ୟବିବରଣରେ ପ୍ରକାଶିତ ହୋଇଅଛି । ଆମ୍ଭେମାନେ ତହିଁରୁ ନିମ୍ନଲିଖିତ ବିଷୟମାନ ଜନସାଧାରଣଙ୍କ ଜାଣିବା କାରଣ ପ୍ରକାଶ କଲୁ ଯଥା;—

କୃଷିର ଉନ୍ନତି ନିମନ୍ତେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ୫୧୨୦୦୦୯ ଟଙ୍କା ସାହାଯ୍ୟ ଦେଇଥିବାରୁ ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣର ସ୍ଥିର କରିଅଛନ୍ତି ଯେ ବୈଜ୍ଞାନିକ ପ୍ରଣାଳୀରେ ଅଳ୍ପ ସ୍ୱରୂପ ଲୋକ ନିଯୋଗ ପ୍ରତିପାଳନରେ ଏବଂ ବର୍ତ୍ତମାନର ଅବସ୍ଥା ଶୋଧନର ନେତେନେତ ବର୍ଷ ପରୀକ୍ଷାଦ୍ୱାରା ସର୍ବାପେକ୍ଷା ଅଧିକ ଫଳପ୍ରଦ ଧାନର ସାର ଉଦ୍ଭାବନରେ ବ୍ୟୟିତ ହେବ । ସେହି ସାର ଅଳ୍ପ ମୂଲ୍ୟରେ ବିତରିତ ହେବ । ମାତ୍ର ସେହି ସାର କେଉଁଠାରୁ କୃଷକମାନେ କ ଉପାୟରେ ପାଇବେ ଲେଖା ନାହିଁ । ଆଶାକରୁ ଅନତିକାଳ ଏଣ୍ଟିକ ବିଜ୍ଞାପନ ବାହାରିବ ।

କୃଷି ବିଭାଗର ନୂତନ ବନ୍ଦୋବସ୍ତ ସକାଶେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବଙ୍ଗ ପ୍ରଦେଶକୁ ୭୫ଲକ୍ଷ ଟଙ୍କା ଦାନ କରିଅଛନ୍ତି । ଏ ଦାନ ଚିରସ୍ଥାୟୀ ମାତ୍ର ବଙ୍ଗକୁ ଯେଉଁ ଜିଲ୍ଲାମାନ ନୂତନ ଗଠିତ ପୂର୍ବବଙ୍ଗ ଓ ଆସାମକୁ ବାହାରି ଗଲା ସେ ସମସ୍ତ ଜିଲ୍ଲାର ଅଂଶ ସେ ପ୍ରଦେଶକୁ ବାହାରି ଯାଇ ଅବଶିଷ୍ଟ ବଙ୍ଗ ପ୍ରଦେଶରେ ଖରଚ ହେବ । ଏଥିରେ କୃଷି ବିଭାଗ ନିମନ୍ତେ ଜଣେ ସ୍ୱତନ୍ତ୍ର ଡାଇରେକ୍ଟର ଏବଂ ତାହାଙ୍କର ସହକାରୀମାନେ ନିଯୁକ୍ତ ହେବେ । ଗୋଟିଏ ପ୍ରାଦେଶିକ କୃଷିକଲେଜ ସ୍ଥାପିତ ହେବ ଏବଂ ଇଉରୋପୀୟ ଓ ଦେଶୀୟ ଅଧ୍ୟାପକଙ୍କଦ୍ୱାରା ତାହା ଗଠିତ ହେବ । ଏହି କଲେଜରେ ଅଳ୍ପ ସଂଖ୍ୟକ ଜମିଦାର ସନ୍ତାନ ଏବଂ ଅନ୍ୟ ଶ୍ରେଣୀର ଅନେକ ଲୋକ ପଢ଼ିବେ । ଅନ୍ୟ ଶ୍ରେଣୀର ଲୋକମାନେ ଯୋଗ୍ୟତା ଲାଭ କଲେ କୃଷିକୁ ନାନା ସ୍ଥାନରେ ସ୍ଥାପିତ ହେବା ଆଦର୍ଶ କୃଷିକ୍ଷେତ୍ର ସମୂହକୁ କର୍ମଚାରୀ ସ୍ୱରୂପ ନିଯୁକ୍ତ ହୋଇ-

Split by PDF Splitter

Digitized by srujanika@gmail.com

ଅଛି । ପ୍ରଜାବର୍ଗ ମଧ୍ୟରେ ବାହାର ନ ପଡ଼ି ସ୍ଥିର ଅବର୍ଷଣରେ ଗୋଟିଏ ସ୍ମରଣୀୟ ଭକ୍ତିମନ୍ତ କର୍ମ୍ମ କମିଶନ ହୋଇଅଛି । ସେହିପରି ସୁନ୍ଦରଟି ହୃଦୟ ସାଧୁମାନଙ୍କର ମନ ହରଣ କରୁଅଛି ।

କଲିକତାଠାରେ ଗୋଟିଏ ଚିତ୍ରର ମାଠା ଗ୍ରବିବର୍ଣ୍ଣ ଦଳେ ମଦଳାଇଥିଲା । ତାହାର ପିତା ପ୍ରଜାର ବିବାହ କରିବାକୁ ସେ ସୁଲଭ ନ ପାଇ ଲୋକଙ୍କୁ ପଢ଼ିବା ଯୋଗୁଁ ପିତା ତାହାକୁ ସବୁ ଧନ ଦେଇଥିଲା । ଅଲ୍ପଦିନ ହେଲା ଧନଙ୍କରେ ସେ ଦିନରୁ କହୁ ସବୁ ଶୋଚନୀୟ ଅନୁମତ ନେଇ ଅର୍ଦ୍ଧ- ରାତ୍ର ସମୟରେ ଅଗ୍ନିମ ଗାଡ଼ିଲା । ଏ ବିଷୟ ଜଣା ପଡ଼ିବାରୁ ସେ ଦିନରୁ ହସ୍ପିଟାଲକୁ ନେଇଗଲେ, ମାତ୍ର ଦିନେଟି ରହି ଅବଶେଷ ମରିଗଲା ।—ନ ଦୁର୍ବ୍ବିଁ ।

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ବିଦ୍ୟାଧର ଭଟ୍ଟନାୟକ, ନରସିଂହପୁର—ବାର୍ଦ୍ଧକ୍ୟ ଶେଷ ପାଞ୍ଚଦିନ ପଞ୍ଚକ ଉତ୍ସବ ଯାହା ଦେଖ ପ୍ରଭାତହାରି ଅତି ସମାରୋହରେ ସମାପ୍ତ ହୋଇଥିଲା ।

ଶ୍ରୀ କାଶୀନାଥ ପଣ୍ଡା—ବର୍ତ୍ତମାନ ଡେପୁଟି ଇନ୍‌ସପେକ୍‌ଟର ବାବୁ ନାରାୟଣପ୍ରସାଦ ମହାନ୍ତି ସୁଶ୍ୟାତି ସହିତ କାର୍ଯ୍ୟ କରିଅଛନ୍ତି ବୋଲି ଲେଖିଅଛନ୍ତି । ଅନ୍ୟ କୌଣସି ବିଶେଷ କଥା ନ ଥିବାରୁ ପତ୍ରଟି ଉପେକ୍ଷିତ ହେଲା ।

ଶ୍ରୀମତୀ ଅନ୍ନପୂର୍ଣ୍ଣା—ସାହିତ୍ୟ, ଧର୍ମ୍ମ, ଜାତୀୟ ସଙ୍ଗୀତ ରଚନା ପ୍ରକାଶ ହେବାର ଉପଯୁକ୍ତ ସ୍ଥଳେ ପଦ୍ୟ ପ୍ରବନ୍ଧମାନ ପ୍ରେରଣ କରିବାକୁ ଲେଖିଅଛନ୍ତି । ମାତ୍ର ଅସ୍ମାନଙ୍କ ପତ୍ରିକାର ସ୍ଥାନ ସେପରି ନ ଥିବାରୁ ଆପଣଙ୍କ ପ୍ରାର୍ଥନା ପୂର୍ଣ୍ଣ କରି ପାରିଲୁ ନାହିଁ ସେଥିପାଇଁ ଦୁଃଖିତ ହେଲୁଁ ।

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ସମ୍ପାଦକ ମହାଶୟ !

ନିମ୍ନଲିଖିତ ବିଷୟଟି ଆପଣଙ୍କ ପତ୍ରିକାସ୍ଥ କରି ବାଧିତ କରିବେ ।

ଗତ ଅକ୍ଟୋବର ତା ୨୬ ରଖ ବୁଧବାର ଦିନ ଅସ୍ମାନଙ୍କର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ପିଃ ସିଃ ମିତ୍ର ଦେଉଳର ମାନେଜର ରାଜକିଶୋର ବାବୁଙ୍କର ଅନୁମତିରେ ହିନ୍ଦୁ ଦେବାଳୟରେ ପ୍ରବେଶ କଲେ ; ଏହାକି ରାଜକିଶୋର ବାବୁଙ୍କର କିପରି ବିଶ୍ୱସ୍ତ କହେ ? ମିତ୍ର ମହାଶୟ ମାଜିଷ୍ଟ୍ରେଟ ବୋଲି ଅସ୍ମାନଙ୍କରତ ଜନ୍ମ ଜାତି ପଚାଇବେ ନାହିଁ । ତାହାହେଲେ ଏବେ ଉପାୟ ନାହିଁକି ?

* * *

ମାଜିଷ୍ଟ୍ରେଟ ମହୋଦୟ ଦେଉଳରେ ପ୍ରବେଶ କରିବାରୁ ସେବକ ମହାପ୍ରଭୁଙ୍କର ମାପସନ ହୋଇଥିଲା । ଆଶା କରୁଁ ମାନେଜର ଓ ସ୍ୱଦେଶ ପ୍ରେମିକ ମହାଶୟମାନେ ସ୍ୱ ଧର୍ମ୍ମ ରକ୍ଷାପାଇଁ ଏପରି କାର୍ଯ୍ୟ ଆଉ କରିବେ ନାହିଁ ।

ଆପଣଙ୍କର
ଶ୍ରୀମ—

ପ୍ରଶ୍ନ

☞ ଶ୍ରୀଯୁକ୍ତ ମିତ୍ର ମହୋଦୟ କେଉଁ ଧର୍ମ୍ମାବଲମ୍ବୀ ତାହା ପତ୍ର ପ୍ରେରକ ଲେଖିବାର ଉଚିତ ଥିଲା । ସଂ—

ମହାଶୟ !

ପୌଷ ମାସରେ ମଧ୍ୟ ବିବାହ ହୋଇପାରେ ବୋଲି ଅସ୍ମେ ତହିଁର ଶାସ୍ତ୍ରୀୟ ପ୍ରମାଣ ଦେବା ନିମନ୍ତେ ସମ୍ପାଦକ ମହାଶୟ ୪ ଠା ଖଣ୍ଡ କାର୍ତ୍ତିକରେ ପ୍ରକାଶ କରିଥିବାରୁ ତହିଁର ପ୍ରକୃତ ଉତ୍ତର ନିମ୍ନେ ପ୍ରଦାନ କଲୁଁ ପତ୍ରିକାସ୍ଥ କରି ବାଧିତ କରିବେ ।

ସ ୪୭ ସଂଖ୍ୟା ବାହିନୀରେ ବିବାହ ସମ୍ବନ୍ଧୀୟ ଅସ୍ମ ପ୍ରେରିତପତ୍ର ପ୍ରକାଶ ଦେଖି ଉପରୁ ତତ୍ସଙ୍ଗେ ପୁନଃ ପୌଷ ମାସରେ ବିବାହ ନ ହେବାର ତହିଁର କାରଣ ଉଲ୍ଲେଖ କରି ବାହିନୀରେ ପ୍ରକାଶ କରିବା ନିମିତ୍ତ ଦେଇଥିଲୁଁ ତାହା ନ କରି ବିଷୟକୁ ସମ୍ପାଦକ ପତ୍ରିକାରେ ନ କରି ଦିଶ୍ଚପେଷଣ ମାତ୍ର ବୋଲି ଗତ ସପ୍ତାହ ବାହିନୀରେ ବ୍ୟକ୍ତ କରି ଅସ୍ମଙ୍କୁ ପ୍ରମାଣ ଯାଚିଅଛନ୍ତି, ଯଦି ପତ୍ରିକାରେ ପ୍ରକାଶ ହୋଇଥାନ୍ତା ତାହା ହେଲେ ପୌଷ ମାସ ଦଣ୍ଡ ବିବାହ ହୋଇ ପାରିବ ତାହା ପ୍ରକାଶ ପାଇ ଥାନ୍ତା । ଏଥିରେ ପୁନଶ୍ଚ ଅନ୍ୟ ପ୍ରମାଣ ଦର୍ଶାଇ- ଅଛୁ । ମାତ୍ର ସମ୍ପାଦକ ଅସ୍ମ ପ୍ରବନ୍ଧକୁ ପତ୍ରିକାରେ ସ୍ଥାନ ଦେବାକୁ ଯେଉଁ ଦେଇଛନ୍ତି କୁଣ୍ଠିତ ତାହା ଅସ୍ମେ ସ୍ପଷ୍ଟରୂପେ ଜାଣି ପାଇଲୁଁ । ଏଣୁ ଗଡ଼ଜାତ ବାହିନୀର ସମ୍ପାଦକ ମହାଶୟଙ୍କୁ ପୁନଃ ପୁନଃ ଅନୁରୋଧ କରେଁ ସେ ମୋର ପଞ୍ଚାଙ୍ଗୀୟ ପ୍ରେରିତ ପତ୍ର ପତ୍ରିକାସ୍ଥ କଲେ ବିବାହ ସମ୍ବନ୍ଧେ ଅବଶ୍ୟ ସାଧାରଣଙ୍କର ସନ୍ଦେହ ଭଞ୍ଜନ ହୋଇ ପାରେ । ମଧ୍ୟ ସମ୍ପାଦକ ମହାଶୟଙ୍କ ହୃଦୟର ଭାବ ନିଶ୍ଚୟ ଅନ୍ତର୍ହିତ ହୋଇଯିବ ।

ଶ୍ରୀ ମୃତ୍ୟୁଞ୍ଜୟ ମିଶ୍ର ଜ୍ୟୋତିର୍ବ୍ବିତ୍
ନଜଦୁର୍ଗ
ଜାଇ ସ୍ୱମଗଡ଼, ପୁର ଶାସନ
। ଡା । ତାଲଚେର ।

ମହାଶୟ !

କଟକ ନୟାବଜାରରେ ନବ ପ୍ରତିଷ୍ଠିତ ଗୋଶାଳା ସମ୍ବନ୍ଧରେ ଆପଣଙ୍କର ସହାନୁଭୂତି- ସୂଚକ ଓ ଉତ୍ସାହପ୍ରଦ ମନ୍ତବ୍ୟ ପତ୍ରିକାରେ ପାଠ କରି ଗୋରକ୍ଷିଣୀ ସଭାର ସଦସ୍ୟଗଣଙ୍କ ପକ୍ଷରୁ ଅସ୍ମେ ଆପଣଙ୍କର ହାର୍ଦ୍ଦିକ ସାଧୁବାଦ କରୁଅଛୁଁ । ଭବାଦୃଶ ଅଭିଜ୍ଞ ଓ ସର୍ବ୍ବସାଧାରଣ ହିତୈଷୀ ବ୍ୟକ୍ତିମାନଙ୍କର ସହାୟତା ବିନା ଏମନ୍ତ କାର୍ଯ୍ୟରେ କୃତକାର୍ଯ୍ୟ ଲାଭ ହେବା ଅସମ୍ଭବ ।

ଅସ୍ମାନଙ୍କର ମାନନୀୟ ଓ ଉତ୍କଳର ପୂର୍ବ୍ବ ପରିଚିତ ମହାନୁଭବ ଅଫିସିଏଟିଂ କମିଶନର ମିଃ ଡ୍ୟୁକ ମହୋଦୟ, ଅସ୍ମାନଙ୍କ ଅନୁରୋଧ- ରେ ନଭେମ୍ବର ମାସ ତା ୧୧ ରଖ ଦିନ ନୟାବଜାର ଗୋଶାଳା ପରିଦର୍ଶନ କରି ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତାହା ନିମ୍ନରେ ଅନୁବାଦ ସହିତ ପ୍ରଦାନ କଲୁଁ । ଅନୁଗ୍ରହପୂର୍ବ୍ବକ ଆପଣଙ୍କ ବହୁଳ ପତ୍ରିକାରେ ଏଥିର ସ୍ଥାନ ପ୍ରଦାନ କଲେ ଚିରବାଧିତ ହେବୁଁ ।

ବଶମ୍ବଦ

୨୬।୧୧।୦୪ } ଶ୍ରୀ ଅଭିରାମ ଭଞ୍ଜ
ସେକ୍ରେଟରୀ, ନିର୍ବ୍ବାହକ ସଭା
ଗୋରକ୍ଷିଣୀ ସଭା, କଟକ ।

"I visited the Gosala of the Gorakshini Sabha on the evening of the 11th November and was shown over by the Secretary Babu Abhiram Bhanj and a number of the members. I was much pleased with the care and interest that are taken and the organisation that is shown in the management of so many animals, there being more than one 100 in the institution at this time. The object is one which naturally appeals to Hindoos and it is worthily supported.

*Sd* F W Duke
offg Commissioner

"ଅମ୍ଭେ ନଭେମ୍ବର ତା ୧୧ ରଖ ଅପରାହ୍ଣରେ ଗୋରକ୍ଷିଣୀ ସଭାର ଗୋଶାଳା ପରିଦର୍ଶନ କଲୁଁ । ସେକ୍ରେଟରୀ ବାବୁ ଅଭିରାମ ଭଞ୍ଜ ଓ କେତେଜଣ ସଭ୍ୟ ଅମ୍ଭଙ୍କୁ ସମସ୍ତ ଦେଖାଇ- ଥିଲେ । କାର୍ଯ୍ୟ ପ୍ରତି ଯେମନ୍ତ ଯତ୍ନ ଓ ଶ୍ରଦ୍ଧା ପ୍ରଦର୍ଶିତ ହେଉଅଛି ଏବଂ ବର୍ତ୍ତମାନ ଶହେ ଅଧିକ ପ୍ରାଣୀଙ୍କର ଆହାର ବିହାରର ଯେମନ୍ତ ଶୃଙ୍ଖଳା ଅଛି ତାହା ଦେଖି ବିଶେଷ ସନ୍ତୋଷ ଲାଭ କରିଅଛୁଁ । ହିନ୍ଦୁମାନଙ୍କର ଏହି ଉଦ୍ଦେଶ୍ୟ ପ୍ରତି ସ୍ୱାଭାବିକ ସହାନୁଭୂତି ଥିବ ଏବଂ ଏହାର ଉପଯୁକ୍ତ ସହାୟତା ମିଳୁଅଛନ୍ତି ।"

( ଦସ୍ତଖତ ) ଏଫ୍, ଡବଲିଉ, ଡ୍ୟୁକ
ଅଫିସିଏଟିଂ କମିଶନର

ମହାଶୟ !

ମୁସଲମାନମାନେ ଭାରତବର୍ଷରେ ବହୁକାଳରୁ ଅବସ୍ଥାନ କରୁଅଛନ୍ତି । ଭାରତର ପ୍ରକୃତ ଉନ୍ନତି ହିନ୍ଦୁ ଓ ମୁସଲମାନମାନଙ୍କ ଏକତା ଉପରେ ବହୁ ପରିମାଣରେ ନିର୍ଭର କରୁଅଛି । ପ୍ରଥମେ ସମସ୍ତ ଭାରତୀୟ ମୁସଲମାନମାନଙ୍କ ମଧ୍ୟରେ ଏକତା ଜାତ ନ ହେଲେ, ହିନ୍ଦୁ ଓ ମୁସଲମାନ ମଧ୍ୟରେ ଏକତାର ପ୍ରତ୍ୟାଶା ସୁଦୂର ପରାହତ ।

ଅମ୍ଭେମାନେ ସମସ୍ତେ ମୁସଲମାନ ଏ କଥା ଶୁଣିବାକୁ ବଡ଼ ମଧୁର, କିନ୍ତୁ କାର୍ଯ୍ୟତଃ ତାହା କେତେଦୂର ସତ୍ୟ ତାହା ନିର୍ଣ୍ଣୟ କରିବା ପାଇଁ କେହି ଚେଷ୍ଟା କରୁଛନ୍ତି କି ? ଯେଉଁମାନଙ୍କ ପଦଭରେ ଅଟଳାଣ୍ଟିକରୁ ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ପ୍ରକମ୍ପିତ ହେଉଥିଲା, ଯେଉଁମାନଙ୍କ

Digitized by srujanika@gmail.com

Split by PDF Splitter



...ତ ସୂର୍ଯ୍ୟରେ ଏକ ସମୟରେ ପୂର୍ବ-ପଶ୍ଚିମ ସ୍ପଷ୍ଟ ହେଉଥିଲା, ଅମ୍ଭେମାନେ କଣ ତାହାର ବଶୀଭୂତ ? ଅମ୍ଭମାନଙ୍କ ମଧ୍ୟରେ ସେହି ସାର୍ବଭୌମ ଭ୍ରାତୃଭାବ କି ଅକ୍ଷୁଣ୍ଣ ରହିଅଛି ? ହାୟ ! ଅମ୍ଭମାନଙ୍କର ଦୁର୍ଦ୍ଦଶା ହୋଇଅଛି ! ମୁସଲମାନମାନେ ଶିଯ୍ୟା, ସୁନି, ମାଲେକୀ ଓ ଓହାବିୟା ପ୍ରଭୃତି ବିଭିନ୍ନ ଶାଖାରେ ବିଭକ୍ତ ହୋଇ ପ୍ରତ୍ୟେକେ ସ୍ୱ ମତର ଉତ୍କର୍ଷତାର ବିବାଦରେ ପ୍ରବୃତ୍ତ ହୋଇଅଛନ୍ତି । ଧର୍ମମତର ଭିନ୍ନତା ଯେଉଁ ଅନେକ ସ୍ଥଳରେ ସାଧ ମଣ୍ଡଳେ ଗୁଳ ଯଷ୍ଟି ପ୍ରୟୋଗରେ ଅନ୍ତସ୍ତର । ଅମ୍ଭେମାନେ ଇସଲାମ ଧର୍ମାବଲମ୍ବୀ "ଇସଲାମ" ଅର୍ଥ ଶାନ୍ତି । କିନ୍ତୁ କାର୍ଯ୍ୟରେ ଏହା ପ୍ରମାଣିତ ହେଉଅଛି କି ? କୌଣସି ଏକମତର ପ୍ରାଧାନ୍ୟ ପ୍ରମାଣ ପୂର୍ବକ ସେମାନଙ୍କୁ ଏକମତାବଲମ୍ବୀ କରିବା ଅସମ୍ଭବ । ଖ୍ରୀଷ୍ଟାନଜାତିର ଧର୍ମମତ ମଧ୍ୟ ଭିନ୍ନ । ଏହିରୂପ ବୌଦ୍ଧ ଓ ହିନ୍ଦୁ ଜାତି ମଧ୍ୟରେ ଅନେକ ଧର୍ମମତ ପ୍ରଚଳିତ ଅଛି । ମୁସଲମାନମାନେ ଭିନ୍ନ ମତାବଲମ୍ବୀ ହେଲେହେଁ ପ୍ରତ୍ୟେକେ "ପରମେଶ୍ୱର ଏକ ଓ ଅଦ୍ୱିତୀୟ ଏବଂ ମହମ୍ମଦ ତାଙ୍କର ପ୍ରେରିତ ମହାପୁରୁଷ" ଏହି ବାକ୍ୟାବଳୀରେ ବିଶ୍ୱାସ କରନ୍ତି ମହମ୍ମଦ ତାହା ମଣ୍ଡଳୀର ସମସ୍ତେ ଏକ ସୂତ୍ରରେ ବନ୍ଧାପଡ଼ନ୍ତର ହୋଇ ସମସ୍ତେ ଧର୍ମ କର୍ମ ସମ୍ପାଦନ କରନ୍ତି । ଏତଦ୍‌ଭାବ ଧର୍ମ କ୍ଷେତ୍ରରେ ଏକ ମତାବଲମ୍ବୀ ହେବାର କୌଣସି ପ୍ରୟୋଜନ ନାହିଁ ; କିନ୍ତୁ ଅନୁଦାରତା, ଦ୍ୱେଷ, ହିଂସା ସମ୍ୟକ୍‌ରୂପେ ବିସର୍ଜିତ ହେବା ଉଚିତ ।

ହିନ୍ଦୁସ୍ଥାନର ଦେଖା ଦେଖି ଅନେକଙ୍କ ନମାଜ [ ଦୈନିକ ପ୍ରାର୍ଥନା ], ରୋଜା [ ଉପବାସ ] ପ୍ରତି ଅସ୍ଥା ଜନ୍ମଥାଏ ; କିନ୍ତୁ ନମାଜ ପଢ଼ିବା ହିନ୍ଦୁର କର୍ତ୍ତବ୍ୟ ନୁହେଁ ଏହା କେବେ ସେମାନେ ମନେ କରନ୍ତି କି ? କଟକବାସୀ ନବାବ ମୀର ସଦରୁଦ୍ଦୀନ ହୋସେନ ସାହେବ ଏ ଅଞ୍ଚଳର ମୁସଲମାନମାନଙ୍କ ମଧ୍ୟରେ ଏକତା ସ୍ଥାପନ ଓ ଧର୍ମଶିକ୍ଷା ବିତରଣ ତାହା ପ୍ରସ୍ତୁତ ପ୍ରଣୟନ କରନ୍ତି । ତନ୍ମଧ୍ୟରେ 'କୁଲବସ୍ତ ଏ-ନୂରାଣାଅ' ଓ 'ନଗମଏ—ସରଦ' ପୁସ୍ତକ ଦ୍ୱୟ ପ୍ରତ୍ୟେକ ଅଞ୍ଚଳର ମୁସଲମାନଜାତିର ଅଧିତବ୍ୟ । ଏହି ପୁସ୍ତକରେ ଶାସ୍ତ୍ରଦଣ୍ଡ ସିନ୍ଧୁ ଭାବ ଓ ଧର୍ମନିର୍ଦେଶ ପଥରେ ଅବିବାଦରେ ଚଳିବାର ତାହା ବିଷୟ ଲେଖିତ ଅଛି ।

ଶୁଣି ଆନନ୍ଦିତ ହେଲୁଁ, ବଙ୍ଗ ଭୂମିରେ ହିନ୍ଦୁ ଓ ମୁସଲମାନମାନେ ପରସ୍ପର ଭ୍ରାତୃସ୍ନେହରେ ଅବଦ୍ଧ ହୋଇ ଦେଶର ଉନ୍ନତିପାଇଁ ଚେଷ୍ଟା କରୁଅଛନ୍ତି । ସ୍ୱରକର ଅଧ୍ୟକ୍ଷ... ଅଞ୍ଚଳରେ ହିନ୍ଦୁ ଓ ମୁସଲମାନ ମଧ୍ୟରେ ଏହିପରି ଏକତା ସ୍ଥାପିତ ହେଉ 'ଅଲ୍ଲାତାଲା' ଙ୍କ ପାଖରେ ଏତକ ମାତ୍ର ଲୁହୁଗତ ପ୍ରାର୍ଥନା ।

| | |
|---|---|
| ଗଞ୍ଜିତସ୍ପୁର<br>ହରଖାଁଟି ପୋଃ ଅଃ<br>କଟକ | ବଶମ୍ବଦ<br>ଜଣେ ମୁସଲମାନ |

### ମୂଲ୍ୟପ୍ରାପ୍ତି ।

| | |
|---|---|
| ଶ୍ରୀବାବୁ ଲଲବାନ ବେହେରା ଇଣ୍ଡିଆ ସିବିଲ ସର୍ଭିସ | ଟ ୧୦ |
| ଉପୋନ୍ଦ୍ର ସ୍ୱଶକରିରି ଗୋସାଇ ଲକ୍ଷାପଡ଼ା | ଟ ୨ |
| ଶ୍ରୀ ବାବୁ ସଦାନନ୍ଦ ଉପାଧ୍ୟାୟ ଚନ୍ଦ୍ରଶେଖର ଗ୍ରାମ ବେଲାପଡ଼ା | ଟ ୬ |
| „ ରଘୁନାଥ ତ୍ରିପାଠୀ ଖାଜୁରୀ କୋଟରେଶ | ଟ ୧ |
| „ କାଲାସ୍ୱଣପତ । ହି । ଅଦ୍ୱିଷ୍ଣା ଝରିଲେ | ଟ ୧ |
| „ ବିଶ୍ୱନାଥ ସିଂହ ଷ୍ଟେସନ ଜମିଦାର ପାଟକୋଷ | |
| ସମ୍ବଲପୁର | ଟ ୩ |
| „ ଗୋପାଳଦାସ ଦାସ ଗୁଜ୍ଜୁରୀ ଦୁଅଁ | ଟ ୧ |
| „ ଜଗଧର ଗାଉଡ଼ା ନସୁବନ୍ଦ | ଟ ୩ |
| „ ମଧୁସୂଦନ ପଣ୍ଡା ମଧୁବନ | ଟ ୧ |

## ନୂତନ ପୁସ୍ତକ ।

ନିମ୍ନଲିଖିତ ପୁସ୍ତକମାନ ନୂତନ ଛପାହୋଇ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

| | |
|---|---|
| କାର୍ତ୍ତିକମହାତ୍ମ୍ୟ ନୂତନସଂସ୍କରଣ | ଟ ୦ ୵ |
| ଉଦାହରଣ ଶ୍ଳୋକ ( ଅର୍ଥସହିତ ) | ଟ ୦ ୵୨ |
| ଭାଗବତ ଦଶମ ଗୋପଲୀଳା ନୂତନ ସଂ: | ଟ ୦ ୵ |
| ବାଲ୍ମୀକିରାମାୟଣ ନୂତନ ସଂସ୍କରଣ | ଟ ୧ ୧ |
| କୃଷ୍ଣ ଲୀଳା | ଟ ୦ ୵ |
| ବୈଶାଖମହାତ୍ମ୍ୟ ନୂତନସଂସ୍କରଣ | ଟ ୦ ।୵ |
| ବଦ୍ରୀଚନ୍ଦ୍ରାମଣି „ | ଟ ୧୪ |
| ଚୌତିଶାସ୍ମାନୁଏଲ „ | ଟ ୦ ୪ |
| ଲାବଣ୍ୟବତୀ | ଟ ୧ ୧ |
| ବୈଦ୍ୟଜୀବନ ଶ୍ଳୋକ ଓ ଅର୍ଥ | ଟ ୦ ।୵ |

## ବିଜ୍ଞାପନ ।

ଅଂଶ ଅଫିସ ସକାଶ ଏକଜଣ ହେଡ଼ ମୋହରିର ଆବଶ୍ୟକ । କାର୍ଯ୍ୟ ପ୍ରାର୍ଥୀଙ୍କ ଓଡ଼ିଆ ଓ ଇଂରାଜୀ ଭାଷାରେ ଲିଖିବା ପଢ଼ିବା ଉଚିତ ମତରେ ଜମା ନିକାଶ ଜାଣିବା ଆବଶ୍ୟକ । କାର୍ଯ୍ୟଦକ୍ଷତା ଅନୁସାରେ ମାସିକ ବେତନ ଟ ୧୦ ଙ୍କା ଠାରୁ ଟ ୧୫ ଙ୍କା ପର୍ଯ୍ୟନ୍ତ ହୋଇପାରେ । ପ୍ରାର୍ଥୀ ନିମ୍ନ ଠିକଣାରେ ସାର୍ଟିଫିକେଟ ସହ ଦରଖାସ୍ତ ଡିସେମ୍ବର ୧୯୦୫ ସାଲ ପର୍ଯ୍ୟନ୍ତ ପଠାଇ ପାରିବେ ।

ଶ୍ରୀ ବଳ୍ପୀସଇ ଲଣ୍ଡଣ
ବୃନ୍ଦାବନବୌଲି, କଟକ ।
୨୨।୧୧।୦୫

ଅମର ଜମିଦାରୀ ସକାଶେ ଏକଜଣ ମ୍ୟାନେଜର ଆବଶ୍ୟକ । ମାସିକ ବେତନ ଟ ୪୦ ଙ୍କା ଓ ସମୁଦାୟ । ଟ ୧୦ଙ୍କା, ଏକ୍ସଟ୍ରା ଉଅସିତ । ତାହାଙ୍କ ଜଲତ ବୃଦ୍ଧିକାର ଟଙ୍କା ଜମା, ସୁଶିକ୍ଷିତ ହେବା ଆବଶ୍ୟକ । ଓଡ଼ିଆ, ଇଂରାଜୀ ଓ ଜମିଦାରୀ କାର୍ଯ୍ୟରେ ଭଲ ଦକ୍ଷ ଏବ ଅଭିଜ୍ଞତା ଥିବା ଲୋକମାନଙ୍କର ବହୁପ୍ରସ୍ତ ଦରଖାସ୍ତ ଅବଶ୍ୟକ । କାର୍ଯ୍ୟାର୍ଥୀମାନେ ଉକ୍ତ ଠିକଣାରେ ତା ୩୦ ଘଣ ଡିସେମ୍ବର ମଧ୍ୟରେ ଆବେଦନ ପଠାଇବେ ।

ଶ୍ରୀ ବନ୍ଧୁସିଂହଲ ପଣ୍ଡିତ
ବୃନ୍ଦାବନବୌଲି, କଟକ ।
୨୨।୧୧।୦୫

ଅମ୍ଭ ଦୋକାନରେ ନିମ୍ନଲିଖିତ ଜିନିଷ ବିକ୍ରୟ ହେଉଅଛି ।

| | | |
|---|---|---|
| ମଚିହ୍ନିସେଇ | ମ ୧ ଟ ୪୫ ଟ ୧ ଜାର୍ | ସେ ୦ ୵୧୦ |
| ଲୁଥ ସେଇ | ମ ୧ ଟ ୫୨ ଟ ୧। ଜାର୍ | ସେ ୧ |
| ଲୁଦ୍ଧିକାସେଇ | ମ ୧ ଟ ୪୦ ଟ ୧ ଜାର୍ | ସେ ୧ |
| ନ ୧ ସୂର ଲଇବା | ଟ ୧ ଜାର୍ | ସେ ୫ । |
| ଏଜନ | ଟ ୬୪ ଜାର୍ | ମ ୧ |
| ନ ୨ ସୂର ମଇବା | ଟ ୧ ଜାର୍ | ସେ ୫।୵ |
| ଏଜନ | ଟ ୭ ଜାର୍ | ମ ୧ |
| ନ ୧ ସୂର ଅଟା | ଟ ୧ ଜାର୍ | ସେ ୫¾ |
| ଏଜନ | ଟ ୬୪ | ମ ୧ |
| ନ ୨ ସୂର ଅଟା | ଟ ୧ ଜାର୍ | ସେ ୭।୵ |
| ଏଜନ | ଟ ୭ ଜାର୍ | ମ ୧ |
| କାଶୀ ଚିନି | ଟ ୧ ଜାର୍ | ସେ ୬ |
| ଏଜନ | ଟ ୧୭ ରୂ | ମ ୧ |
| ଗୁଡ଼ | ଟ ୧ ଜାର୍ | ସେ ୩।୵ |
| ଏଜନ | ଟ ୫୧ | ମ ୧ |
| କଇବଗା ସୋରିଷ ତେଲ | ଟ ୦ ୵ ରୂ | ସେ ୧ |
| ଏଜନ | ଟ ୨୨ ରୂ | ମ ୧ |
| ଜାଳିସୁଇ ସୋରିଷ ତେଲ | ଟ ୦ ୵ | ରୂ ସେ ୧ |
| ଏଜନ | ଟ ୨୪ ରୂ | ମ ୧ |
| ମିସି ସିଧବଣ | ଟ ୧ ରୂ | ସେ ୨୵ |
| ଏଜନ | ଟ ୧୪ ଜାର୍ | ମ ୧ |
| ମହି ବହିଣୀ | ଟ ୧ | ସେ ୧୩।୧୦ |
| ଏଜନ | ଟ ୨୨ | ମ ୧ |
| ଧୂଆ ଖସାତେଲ | ଟ ୦ ୵ | ସେ ୧ |
| ଏଜନ | ଟ ୨୪ | ମ ୧ |
| ନଡ଼ିଆତେଲ | ଟ ୦ ୵ | ସେ ୧ |
| „ | ଟ ୨୨ | ମ ୧ |
| ନଡ଼ିଆ ଦାଗମାର୍କା | ଟ ୧୩୵ | ଡ ୧ ଟି |
| „ ଗୋଲ ଘୋଡ଼ା ମାର୍କା | ଟ ୧୩୵୨ | ଡ ୧ ଟି |
| „ ବାଁମାର୍କା | ଟ ୧୩୨ | ଡ ୧ ଟି |
| ଘଇତେଲ | ଟ ୧ | ସେ ୨।୵ |
| ଏଜନ | ଟ ୧୬। | ମ ୧ |
| ଘିଅ | ଟ ୦ । | ସେ ୧ |
| ଏଜନ | ଟ ୯ | ମ ୧ |
| ସୁଜିବନ | ଟ ୧ | ସେ ୨୩ |
| ଏଜନ | ଟ ୧୩୪ | ମ ୧ |
| ଚଣାବଢ଼ି | ଟ ୧ | ସେ ୨୵ |
| ଏଜନ | ଟ ୧୮ | ମ ୧ |
| ବିରଡ଼ି ଡାଲି | ଟ ୦ ୵ | ସେ ୧ |
| ଏଜନ | ଟ ୫ | ମ ୧ |
| ମୁଗ ଡାଲି | ଟ ୦ ୵୧ | ସେ ୧ |
| ଏଜନ | ଟ ୩ | ମ ୧ |
| ମସୁର ଡାଲି | ଟ ୦ ୵୨ | ସେ ୧ |
| ଏଜନ | ଟ ୭ | ମ ୧ |
| ଲୁହା | ଟ ୦ ୵ | ଗା ୧ ଓଜ |

ଶୀଟୁଆବଜାର } ଶ୍ରୀ ବନ୍ଧୁଲ କଲେଜ
କଟକ

Digitized by srujanika@gmail.com

Split by PDF Splitter




# ବିଜ୍ଞାପନ ।

ଆୟୁର୍ବେଦ ପ୍ରବେଶିକା ପୁସ୍ତକର କପିଗୁଡ଼ିକ ପ୍ରାୟ ଶେଷ ହୋଇଅଛି । ମାତ୍ର ଏ ପୁସ୍ତକ ପାଠକମାନଙ୍କ ଅନେକଙ୍କର ଆଗ୍ରହ ଥିବାର ଦେଖି ଏ ଥର ଦ୍ୱିତୀୟ ସଂସ୍କରଣ ମୁଦ୍ରିତ କରିବାର ସଂକଳ୍ପ କରିଅଛୁଁ । ପ୍ରାର୍ଥନା ଏହି ଯେ ଦେଶର କୃତବିଦ୍ୟ ଓ ଚିକିତ୍ସା ମହାଶୟମାନେ ଏହି ଦ୍ୱିତୀୟ ସଂସ୍କରଣରେ ସନ୍ନିବେଶିତ ହେବା ଯୋଗ୍ୟ ଯେ କୌଣସି ବିଷୟ ଦେଖନ୍ତୁ ମଙ୍ଗଳାକାଂକ୍ଷୀ ମହାଶୟମାନେ ଅନୁଗ୍ରହପୂର୍ବକ ଆମ୍ଭ ନିକଟକୁ ଲେଖି ପଠାଇଲେ ସେ ସବୁ ମନୋନୀତ ହେଲେ ଦ୍ୱିତୀୟ ସଂସ୍କରଣରେ ସନ୍ନିବେଶିତ କରି ଦେବି ବୋଲି । ଅଭିଜ୍ଞ ବୈଦ୍ୟମାନଙ୍କର ନିଜ ପରୀକ୍ଷିତ ମୁଷ୍ଟିଯୋଗ ଔଷଧ ଥାଏ— ସେ ସମସ୍ତର ବ୍ୟବହାର ବିଧି ଓ ଗୁଣସବୁ କେଉଁ ୨ ରୋଗରେ ପ୍ରଯୁଜ୍ୟ ଏ ସମସ୍ତ ବିଷୟ ସହ ଆମ୍ଭ ନିକଟକୁ ଲେଖି ପଠାଇଲେ ଏହି ଦ୍ୱିତୀୟ ସଂସ୍କରଣରେ ସେ ସମସ୍ତ ଉଲ୍ଲେଖ କରିବି ଓ ଏହାଦ୍ୱାରା ଆମ୍ଭେ ବାଧିତ ହେବୁଁ ଓ ଦେଶର ମଙ୍ଗଳ ହେବ । ଆଗାମୀ ଜାନୁୟାରିମାସରେ ଛପା ଆରମ୍ଭ ହେବ । ଅତଏବ ସେମାନେ କୌଣସି ବିଷୟରେ ସାହାଯ୍ୟ କରିବାକୁ ଇଚ୍ଛା ଥିବା ହେଲେ ସେ ଶୀଘ୍ର ପଠାଇବେ ।

ଶ୍ରୀ ବହ୍ମାନନ୍ଦ ପଣ୍ଡିତ ।
ବୃନ୍ଦାଚୌକ ।
କଟକ ।
୨୨।୧୧।୦୫

B, L. Pandit



ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ବଙ୍ଗଳ "ସତ୍ୟାର୍ଥ ପ୍ରକାଶ" ନାମକ ପ୍ରକାଣ୍ଡ ଗ୍ରନ୍ଥ ଆମ୍ଭ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଏହା ପଢ଼ିଲେ ବେଦ ଏବଂ ଧର୍ମ ସମ୍ବନ୍ଧରେ ବିଶଦ ଜ୍ଞାନ ଲାଭ ହେବ । ପ୍ରତିଖଣ୍ଡର ମୂଲ୍ୟ ଟ ୧୮ ଓ ମଫସଲକୁ ଡାକ ମାସୁଲ ଟ ୦। ଲାଗିବ ।

ଶ୍ରୀ ରାମଶଙ୍କର ରାୟ କଟକ



## FOR SALE.

For the year 1905-06 about 10 to 12 thousand maunds Sabai or Ponasi grass of good quality in the Angul Reserved Forests, Orissa, within easy distance of the river Mahanady. Offers invited.

Address:—Forest Officer, Angul,

9-11-05. Orissa.



## IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good emedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilions Fevers, and mild form of Plague, Surgeon, Major Jayakar says:—That it is asafe and reliable remedy.

Batliwalla & Co's Cholerol, specific for cholera and Batliwalla's Ague Mixture or Pills, may be had of DR H. L. BATLIVALLA's, Worli—Dadar Bombay and everywhere.

At Re. 1 per bottle Discount to the Trade.






ଡାକ୍ତର ମେଜର ସାହେବଙ୍କ **ଇଲେକଟ୍ରୋ ସାଲସା** ଅଦ୍ଭୁତ, ଚମତ୍କାର ଔଷଧ ଅଦ ଓ ଅଦ୍ଭୁତ ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ

ଜଗତରେ ସୁଖ୍ୟାତି ଅର୍ଜିଅଛି । ଏହା ରକ୍ତଦୁଷ୍ଟି ବୃଦ୍ଧି, ପାରଦୋଷ ନାଶ କରିବାକୁ ଅମୋଘ, ବାତରକ୍ତ ସେହିପରି ଚର୍ମ, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ । କ୍ଷୁଧା ବୃଦ୍ଧି କରିବାକୁ, କୋଷ୍ଠ ପରିଷ୍କାର ରଖିବାକୁ, ଦେହ ହୃଷ୍ଟ ପୁଷ୍ଟ କରିବାକୁ ଶକ୍ତି ସମ୍ପନ୍ନ । ସ୍ୱପ୍ନଦୋଷ ନାଶ ହୁଏ, ଦୁର୍ବଳ ଇନ୍ଦ୍ରିୟ ସବଳ ହୁଏ, ଉତ୍ପଶକ୍ତିର ପୂର୍ଣ୍ଣବିକାଶ ହୁଏ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତା, ଅଲୌକିକତା ଅଦ୍ଭୁତମତାର ଜ୍ୱଳନ୍ତ ପ୍ରମାଣ ଜ୍ୱଳନ୍ତ ସାକ୍ଷୀ ଦେଉଅଛି ତାହାର ୨।୩ ଖଣ୍ଡ ନିମ୍ନ ପ୍ରକାଶିତ ହେଲା ।

୧ । ମହାମାନ୍ୟ ମହାରାଜା ସାର ସୂର୍ଯ୍ୟଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"✳✳✳ମ ଛାଁସ ନେବରୂପେ କହୁଅଛି ଯେ "ଇଲେକ୍ଟ୍ରୋ ସାଲସା" ଦୂଷିତରକ୍ତ ପରିଷ୍କାର କରିବା ଓ ରକ୍ତ, ହୃଷ୍ଟ ଦେଇ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା-ରାଉରତନ୍ଦ ଦେଓ ବେଡ଼ାଗୋଲରୁ ଲେଖିଅଛନ୍ତି—"✳✳✳ ବିଜ୍ଞାପନର ମୋହରେ ପଡ଼ି ଡ୍ୟାନଟ ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅପକାର ହେଲା ସେଥିରେ ପାରା ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍ଟ୍ରୋ-ସାଲସାର ଗୁଣ ମୁଁ ଭୁଲି ପାରିବି ନାହିଁ । ମୋତେ ଆହୁରି "ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା-ଦରବାର ମର୍ଦ୍ଦସିଂ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ" ।

ମୂଲ୍ୟ ପ୍ରତି ଶିଶି ଟ ୨। ୩।୬।୧୨ ଶିଶିକୁ ଯଥାକ୍ରମେ ଟ ୬ ଟ ୧୦ ଟ ୨୦ ଡାକମାସୁଲ ସ୍ୱତନ୍ତ୍ର

ପ୍ରାପ୍ତିସ୍ଥାନ,—ଡବଲିଉ, ମେଜର ଏଣ୍ଡ କୋମ୍ପାନୀ, କଲିକତା


Digitized by srujanika@gmail.com

ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ

## ମହିଳାମାନଙ୍କର ହେୟାର-ଲାଇନ ସୋହାଗର ସାମଗ୍ରୀ

... ଏହା ସଦ୍ୟପୋଷଣ ସମ୍ବର୍ଦ୍ଧନ ଓ ଶ୍ରୀସମ୍ପନ୍ନ ରମଣୀଙ୍କ ମନୋହର କେଶ ତୈଳ । କେତୋଟି ଭେଷଜଗୁଣ ଓ ସର୍ବ ପ୍ରସ୍ଫୁଟିତ ସୁଗନ୍ଧଯୁକ୍ତ, ଅନ୍ୟଦ୍ରାଣ ସ୍ୱଚ୍ଛର ସାର, ବୈଜ୍ଞାନିକ ପ୍ରଣାଳୀରେ ଏକତ୍ରିତ କରି କେଶର କେଶ ପୋଷକ ତୈଳ ସଂଯୋଗରେ ଏହି ହେୟାର-ଲାଇନ ପ୍ରସ୍ତୁତ ହୋଇଅଛି । ଅପଣ ଏ । ଲଗାଇବାକୁ ଅଭ୍ୟସ୍ତ କରନ୍ତୁ, ଅଚିରେ ଶରୀରରେ ଗୁଣ ଅଣ୍ତ ମହତ ପାଇବ । ମସ୍ତିଷ୍କ ସୁଶୀତଳ ହେବ । ନିଜ ଓଷ୍ଠ ଯେବେ ମନୋହର ସୁଗନ୍ଧରେ ମତ୍ତ ହେବେ । ଅପଣଙ୍କ ମନେ ହେବ ଯେପରି ପ୍ରସ୍ଫୁଟିତ ପୁଷ୍ପ ଉଦ୍ୟାନରେ ଅଛନ୍ତି ।

"ହେୟାର-ଲାଇନ" ଲଗାଇ କେଶ ବନ୍ଧନ କଲେ ୨୪ ଘଣ୍ଟାକାଳ ଗନ୍ଧ ମସ୍ତକରେ ଥାଏ । ଏହା ପରେ ବେଣୀରେ ସେଠେ ପଡ଼ଇ ନାହିଁ, ହେୟାର-ଲାଇନ ଗନ୍ଧ ଯେତେ କାହାକୁ ଥାଏ, ସେପରି ସୌରଭର ଜଣାଇ ଦେଉଅଛି । ଅତି ମୂଲ୍ୟବାନ ଅତର ଓ ବିଦେଶୀୟ ମନ୍ଦେଶ୍ୱର ତୈଳ ପ୍ରଭୃତି ଏହାର ସୌରଭ ଓ ଗୁଣ ନିକଟରେ ପରାଜିତ ।

"ହେୟାର-ଲାଇନ" ରଙ୍ଗ ଅତି ମନୋହର, ସ୍ୱଭାବତଃ ତରଳ ଓ ସ୍ୱଚ୍ଛ । ଏହା ଲଗାଇଲେ କେଶରେ ଅଠା ଧରେ ନାହିଁ, ଜଟା ଧରେ ନାହିଁ, ଦୁର୍ଗନ୍ଧ ହୁଏ ନାହିଁ ।

"ହେୟାର-ଲାଇନ" କେବଳ ସୌଖିନ ଜିନିଷ ନୁହେ ମସ୍ତିଷ୍କ-ପୀଡ଼ା, ମସ୍ତକ ଭ୍ରମ, ଚକ୍ଷୁରୋଗ ପ୍ରଭୃତି ଶିର ରୋଗର ମହୌଷଧ ଚକ୍ଷୁ, ପଡ଼ିଲେ କାଳା, ଶୀଘ୍ର ପାକିବା, ଉଠି ଯିବା ଗଲ ଚେହେରା, ଗ୍ରୀଷ୍ମର ଅଧିକ ଜଳ, ସ୍ୱପ୍ନଦୋଷ ଦୌର୍ବଲ୍ୟ ... ପଢ଼ିବା ଶ୍ରାନ୍ତି ଦୋଷ ଦେବା, ଅନିଦ୍ରା, ଜ୍ୱର ସମ୍ଭୂତ ପ୍ରଭୃତି ଉପସର୍ଗ ଲୁପ୍ତକରଣରେ ଏହା ତୁଲ୍ୟ କ୍ଷମତାପନ୍ନ ଔଷଧ ଅଉ ନାହିଁ । ଏହା ସ୍ୱଭାବ—ଅଙ୍ଗର ଭୂଷଣ ।

"ହେୟାର-ଲାଇନ" ବ୍ୟବହାରଦ୍ୱାରା କେଶ ଉତ୍କୃଷ୍ଟ ବଳ ହୁଏ, କେଶର ମୂଳ ଶକ୍ତ ହୁଏ, କେଶ ଚିକ୍କଣ ପରିମାଣରେ ବଢ଼େ ଏବଂ କଳା ଓ ଚିକ୍କଣ ହୁଏ, ମସ୍ତିଷ୍କ ଥଣ୍ଡା ରହେ । ଅନେକଦିନ ବ୍ୟବହାର କଲେ ଅକାଳ କେଶ ନଷ୍ଟ ହୁଏ, ମସ୍ତକ ଜ୍ୱାଳା ପ୍ରଭୃତି ନଷ୍ଟ ହୁଏ; କେଶ ଘନ ... ହୁଏ, ଚର୍ମ କୋମଳ ଓ ସ୍ୱାସ୍ଥ୍ୟଯୁକ୍ତ ହୁଏ, ମନର ସୌନ୍ଦର୍ଯ୍ୟ ଧୈର୍ଯ୍ୟ ବଢ଼େ ... ବ୍ୟବହାର କରନ୍ତୁ । ଏହା ପ୍ରେମିକ ପ୍ରେମିକାର ଅଦର ସାମଗ୍ରୀ ।

... ଇମାନୁଏଲ ... ୧୦, ୧୦୧, ୧୨୦ ପ୍ୟାକ୍ ଓ ଡାକମାସୁଲ ସ୍ୱତନ୍ତ୍ର

ପ୍ରାପ୍ତି ସ୍ଥାନ ଡବଲ୍ୟୁ ମେଜର ଏଣ୍ଡ କୋମ୍ପାନୀ—କଲିକତା






## ସୁଧାକର ଚୂର୍ଣ୍ଣ ।

ଏହା ସେବନରେ ପୁଞ୍ଜ ରକ୍ତ ପଡ଼ିବା, ପ୍ରସ୍ରାବର ଜ୍ୱାଳା ଯନ୍ତ୍ରଣା, ମୂତ୍ର ସହ ଜାଳିବା ସର,ଅଣ୍ଡ ବୃଦ୍ଧି— ଉପଦ୍ରବ ଆଳମାନଙ୍କର ବାଧା ଓ ଜ୍ୱର ଅଦ ଗୁପ୍ତ ସ୍ତ୍ରୀ ଓ ପୁରୁଷମାନଙ୍କର ପ୍ରମେହ ବା, ସ୍ୱପ୍ନ ମେହ (ଧାତୁର ଗଣ୍ଡା) ଏତେ ଶୀଘ୍ର ଆରୋଗ୍ୟ ହୁଏ ଯେ ଉପଦେଷ୍ଟ ରୋଗୀ ଚମତ୍କୃତ ଓ ବିସ୍ମିତ ହୋଇଥାନ୍ତି । ଅନ୍ତରେ ସୁବିଧା ସେ ପିଚକାରି ଦେବାକୁ ହେବ ନାହିଁ । ଏହା ମାନବ ଚିକିତ୍ସା ଶାସ୍ତ୍ର ସ୍ୱଦେଶୀୟ ଡାକ୍ତରମାନଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ବହୁ-ପରୀକ୍ଷିତ ଉତ୍କୃଷ୍ଟ ଜାଣିବ, ଏହାର ଅଦ୍ଭୁତ ଗୁଣରେ ଆପଣଙ୍କୁ ମୁଗ୍ଧ ହେବାକୁ ହେବ !!! ଭି: ପି: ମାସୁଲ ସହ ୫୦ । ଏକ ପାକେଟର ମୂଲ୍ୟ ୧ଃ୦/ ଏକଟଙ୍କା ଚାରିଅଣା—

## କାମକଳ୍ପତରୁ

## ରସାୟନ ।

ଏହା ସେବନରେ ନାନାରୋଗ ଉତ୍ପନ୍ନ ହୁଏ ନାହିଁ, ସୁବର୍ଣ୍ଣ ମେହ ଶାନ୍ତି, ସ୍ମୃତିର ଗାଢ଼ତା ଓ ଧାରଣା ଶକ୍ତି ବୃଦ୍ଧି ହୁଏ ଦୃଷ୍ଟି ଉଜ୍ଜ୍ୱଳ ଶରୀର ସ୍ଥୂଳ (ମୋଟା) ଓ ବଳିଷ୍ଠ ହୁଏ । ସାମ୍ପ୍ରତିକକାଳର ସେବନ କଲେ ଅଲୌକିକ ଶକ୍ତି ଓ ବଳାଧିକ୍ୟ ଆଣି ଦୁର୍ବଳତା ଦୂର ଅନ୍ତେ କଦଳ କ୍ରିୟା ଔଷଧପୂର୍ଣ୍ଣ ଏକ ବଟିକାର ମୂଲ୍ୟ ଭି: ପି: ମାସୁଲ ସମେତ ୧ଃ୦/ ଏଥିରେ ଭଙ୍ଗ ଅବା ଅଫିମ ନାହିଁ ।

ଶ୍ରୀ ଭବାନୀପ୍ରସାଦ ଉପାଧ୍ୟାୟ
ବୈଦ୍ୟ, ବୈଦ୍ୟନାଥ ଧାମ

## ସାବିତ୍ରୀ ବାଳା ।

ଗୃହଲକ୍ଷ୍ମୀ ସାବିତ୍ରୀ ସ୍ୱରୂପା ସ୍ତ୍ରୀ, କନ୍ୟା, ପୁତ୍ରବଧୂ ପ୍ରଭୃତିଙ୍କ ହାତେ ଏହି ଏକ ଯୋଡ଼ା ଏହି ସାବିତ୍ରୀ ବାଳା ଦିଅନ୍ତୁ । ଏହା ଦେଖିବାକୁ ଠିକ୍ ଗିନି ସୁନାପରି, ଗଠନ ପ୍ରଣାଳୀ ଅତି ସୁନ୍ଦର ଓ ଉଜ୍ଜ୍ୱଳ, ଉହା ପୋଷାକର ସର୍ବକାଳସ୍ଥାୟୀ ଓ ମଜବୁତ । ରଙ୍ଗ କେବେହେଁ ଖରାପ ହେବ ନାହିଁ । ବିବାହ, ଉପନୟନ, ଅନ୍ନପ୍ରାଶନ, ... ପ୍ରଭୃତି ସମାବେଶ କାର୍ଯ୍ୟରେ ... ହସ୍ତରେ ଦେଇ ଗଲେ ... ଏହାର ସୌନ୍ଦର୍ଯ୍ୟ ଓ ଗଠନପ୍ରଣାଳୀର ମୁଗ୍ଧ ହୋଇ ସେମାନଙ୍କର ମନୋହର ଅଳଙ୍କାର ବୁଝି କରି ଅନ୍ତଃକରଣ ଏହି ବାଳା ଦେଖିବେ ଏବଂ ଏହାର ଏକ ଏକ ଯୋଡ଼ା ସର୍ବଦା ପିନ୍ଧିବାକୁ ଇଚ୍ଛା କରିବେ । ମୂଲ୍ୟ ପ୍ରମାଣ ୧ ଯୋଡ଼ା ୫ ୨। ସେହିପରି ଗାଳ ... ମାନଙ୍କର ୫ ୧। ଅଣା ।

ମାସୁଲ ସ୍ୱତନ୍ତ୍ର । ହସ୍ତର ମାପ ପଠାଇବା କର୍ତ୍ତବ୍ୟ ।

## ଉପହାର !! ଉପହାର !!!

ଯେ ଏକତ୍ରରେ ... ଯୋଡ଼ା ସାବିତ୍ରୀ ବାଳା ନେବେ ତାହାଙ୍କୁ ପଚିଶିଟି ଉଦକମୀର "ରଖା" ନାମକ ସୁନ୍ଦର ହାର ଏକଗଣ୍ଡି, ଏବଂ ତିନି "ଦଇବୋଷ" ଏବଂ ତିନି ବୁଲବୁଲାଇ ହେଲି, ପଞ୍ଚିଏ "ଲେଡ଼ି ଗୋଟ" ୨ ଯୋଡ଼ା ନେଲେ ... ଏକଗଣ୍ଡି ଓ ସେହି ଚେନ ଏକଟି ଉପହାର ଦିଆଯିବ ।

ପ୍ରାପ୍ତିସ୍ଥାନ
ମେସାର୍ସ, ମଲ୍ଲିକ, ଏଣ୍ଡ କମ୍ପାନି
୪୭।୪ ମିର୍ଜାପୁର ଷ୍ଟ୍ରିଟ
କଲିକତା

## ହାଇଡ୍ରୋସିଲ-ଚିକିତ୍ସାର

ବା

## କୋଷ ବୃଦ୍ଧିର ଅମୋଘ ଔଷଧ ।

ଏଇ ବର୍ଷ ୪ କୋଟିରୁ ଅଧିକ ରୋଗୀ ଆରୋଗ୍ୟ ଲାଭ କରିଅଛନ୍ତି । ଅମ୍ଭେମାନେ ଦୃଢ଼ତା ସହିତ କହୁଅଛୁଁ, ଏହି ପ୍ରଲେପ ଚର୍ମପିଡ଼ାରୁ ଦେଇ କିଛିଦିନ ନିୟମିତ ବ୍ୟବହାର କଲେ ଏକଣିଆ ବା କୋଷଣ ଯେତେ ବଡ଼ ହେଉ, ଯେତେ ପୁରାତନ ହେଉ ନିଶ୍ଚୟ ଆରୋଗ୍ୟ ହେବ । ଯେଉଁମାନେ ଏହି ଦୁଷ୍ଟ ରୋଗ ଓ ତାହାର ଅସହ୍ୟ ଯନ୍ତ୍ରଣାଦାୟକ ଉପସର୍ଗଗୁଡ଼ିକରୁ ନିର୍ବିଘ୍ନରେ ଓ ବିନା ଯନ୍ତ୍ରଣାରେ ଅଥଚ ନୀରୋଗ ହେବାକୁ ଇଚ୍ଛା କରନ୍ତି, ସେମାନେ ଏହି ପ୍ରଲେପ ବ୍ୟବହାର କରି ଦେଖନ୍ତୁ । ପ୍ରଥମ ଥର ବ୍ୟବହାରରେ ଏହାର ଅଦ୍ଭୁତ ଉପକାରିତା ଜଣାଯାଏ ଅର୍ଥାତ୍ କେବଳ ରାତ୍ରି କାଳରେ ଔଷଧ ଲେପନ କରି ଶୋଇଲେ ପ୍ରାତଃ ... କୋଷ ମଧ୍ୟସ୍ଥ ଜଳ, ମାଂସ ତରଳ ହୋଇ ଲୋମକୂପ ବାଟେ ସମସ୍ତ ଜଳ କ୍ରମେ ବାହାରିଯାଏ, ଚାମଡ଼ା ... ହୋଇଯାଏ ଏବଂ କ୍ରମେ ଆକାର ଓ ସୁସ୍ଥ କରାଏ । ଯେଉଁମାନେ ଆରୋଗ୍ୟ ହେବା ଆଶାରେ ... ହୋଇଅଛନ୍ତି, ସେମାନେ ଏହି ମହୌଷଧ ପ୍ରଲେପ ପରୀକ୍ଷା କରନ୍ତୁ । ବ୍ୟବହାରରେ କୌଣସି ଯନ୍ତ୍ରଣା ବା ବିପଦର ସମ୍ଭାବନା ନାହିଁ, ଆହାର ବିହାର ସ୍ୱାଭାବିକରୂପ ।

ମୂଲ୍ୟ ପ୍ରତିଶିଶି ୫ ୧ ଏକ ଶିଶି ଏକତ୍ରରେ ୫ ୪। ୬ ଶିଶି ୫ ୫ ଟଙ୍କା ଡାକମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ—ଡବଲ୍ୟୁ ମେଜର ଏଣ୍ଡ କୋମ୍ପାନୀ
କଲିକତା





ଡାକ୍ତର ମେଜର ସାହେବଙ୍କର
ନୂତନ ଅବିଷ୍କାର !
ଉଷ୍ଣ ଜଗତରେ—ସୁଗନ୍ଧିତ !!
ଅସାଧ୍ୟ ରୋଗର—ସାଧ୍ୟ ଔଷଧ !!!


Digitized by srujanika@gmail.com

Split by PDF Splitter



ଗଭର୍ଣ୍ଣମେଣ୍ଟ ମେଡ଼ିକେଲ ଡିପ୍ଲୋମା ପ୍ରାପ୍ତ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, କବିରାଜୀ ଓ ଶାସ୍ତ୍ରୀୟ ଔଷଧର ସଂକ୍ଷିପ୍ତ ବିବରଣ

# କେଶରଞ୍ଜନ ତୈଳ ।

ଏହି ତୈଳ ବ୍ୟବହାର କଲେ କେଶ ବୃଦ୍ଧି, ପରିଷ୍କାର ଏବଂ ସତେଜ ହୁଏ, କେଶ ବହୁଳ ପରିମାଣରେ ଜନ୍ମେ କେଶ ପତନ ହୁଏ, ମସ୍ତକର ରୁକ୍ଷ ଦୂର ହୁଏ, ଓ କେଶ, ସଘନ ଓ କାଳ ହୁଏ । ଟାକ, ମସ୍ତିଷ୍କ ଦୌର୍ବଲ୍ୟ ଶିରଃଶୂଳ ଚକ୍ଷୁ ଜଳନ ମୁଣ୍ଡ ଘୂର, ଚକ୍ଷୁଶୂଳ, ବୃଦ୍ଧ ଦୌର୍ବଲ୍ୟ ଓ ସ୍ନାୟୁର ବେଦନା ଆରୋଗ୍ୟ ହୁଏ

ମୂଲ୍ୟ ପ୍ରତିବୋତଲ ଟ ୧ ପାକିଂ ଓ ଡାକମାସୁଲ ଟ ୦।/

# ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିୟାର ମହୌଷଧ ଜନନେନ୍ଦ୍ରିୟ, ମଳ ଯନ୍ତ୍ର ସମ୍ବନ୍ଧୀୟ ସବୁ ରୋଗ ମେହ, ମୂତ୍ରକୃଚ୍ଛ୍ର ମେହ, ସ୍ୱର୍ଣ୍ଣପ୍ରମେହ ପୂୟ ଏବଂ ରକ୍ତ ସ୍ରାବର ପ୍ରଧାନ ଔଷଧ । ରୋଗୀ ଘରେ ବସି ଶଙ୍କାହୀନ ଭାବେ ଆରୋଗ୍ୟ ଲାଭ କରିବ । ରୋଗର ସବିଶେଷ ବିବରଣ ଲେଖିଲେ ପରୀକ୍ଷା ପୂର୍ବକ ଉପଯୁକ୍ତ ଔଷଧ ପଠାଯିବ ।

ପ୍ରତିଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧।।

ଡାକମାସୁଲ ଟ ୦ ।/

# ଅଶୋକାରିଷ୍ଟ ।

ସର୍ବପ୍ରକାର ସ୍ତ୍ରୀ ରୋଗର ମହୌଷଧ । ଋତୁ ଅନିୟମ ରକ୍ତସ୍ରାବ ବେଦନା, ଶିରଃପୀଡ଼ାର ଅକ୍ଷମତା, ପ୍ରସବାନ୍ତରରେ ଦୁର୍ବଳତା ହୋଇଥିଲେ ଅତ୍ୟନ୍ତ ଉପକାର କରେ ।

ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧।।

ଡାକ ମାସୁଲ ଟ ୦ ।/

## ଅମୃତ ବଲ୍ଲୀ କଷାୟ ।

ପାରଦକ୍ଷତ, ନାଶକ ଓ ଉପଦଂଶର ପକ୍ଷରେ ମହୌଷଧ ପ୍ରତି ଶିଶିର ମୂଲ୍ୟ ଟ ୧।। ଡାକମାସୁଲ ଟ ୦ ।/

## ଶୋଣିତ ଶୋଧକ ।

ବାତ ରକ୍ତ ଓ ଚର୍ମ ରୋଗର ଏକ ପ୍ରକାରର ଅବ୍ୟର୍ଥ ମହୌଷଧ । ଶୁଦ୍ଧ ସପ୍ତାହ ବ୍ୟବହାରୋପଯୋଗୀ ଔଷଧର ମୂଲ୍ୟ ଟ ୪

ଡାକମାସୁଲ ଟ ୧

# ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅତ୍ୟଧିକ ଇନ୍ଦ୍ରିୟସେବାରେ ଶୁକ୍ରକ୍ଷୟ, ଯୌବନ ସୁଲଭ ସ୍ଥୈର୍ଯ୍ୟ ବଶତଃ ସ୍ୱଭାବ ଅପରିମିତ ସହବାସ ହେତୁ ସ୍ୱପ୍ନ ସ୍ଖଳନ ପ୍ରଭୃତି ପ୍ରକ୍ରିୟାର ଦେହର ଶକ୍ତି, ଶୋଣିତର ସ୍ଥିତି ଶୁକ୍ରର ଅପବ୍ୟୟ ପୁନଃ ପ୍ରଦାନ କରେ ।

ଏକ ବୋତଲ ତୈଳ ଓ ଏକ କୌଟା ବଟିକା ଟ ୪

ଡାକମାସୁଲ ପ୍ରଭୃତି ଟ ୦।

# ପୁନର୍ନବାସବ ।

ଶୋଥ ଓ ଉଦରୀର ମହୌଷଧ ଏକ ବୋତଲ ମୂଲ୍ୟ ଟ ୧ ଡାକମାସୁଲ ଟ ୦।/

ପ୍ରାପ୍ତି ସ୍ଥାନ

ଉଦରକ ଶାରଦା ପ୍ରସାଦ ଦାସ ସ୍ମୃତି କଟକର ଏକମାତ୍ର ଏଜେଣ୍ଟ

ଚାନ୍ଦିନୀଚୌକ, ତାଳଚେର ରୋଡ଼, କଟକ

ଅଥବା ନଗେନ୍ଦ୍ରନାଥ ସେନ କବିରାଜ

୧୮।୧ ଓ ୧୯ ଲୋୟରଚିତପୁର ରୋଡ଼

କଲିକତା

# ହରିବଂଶ

# ମହାଭାରତାନ୍ତର୍ଗତ

# ଖିଲ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ମୂଲ୍ୟ ପ୍ରତିଖଣ୍ଡ ୧ ଟଙ୍କା

# ଉପନିଷଦ୍‌ସଂଗ୍ରହ ।

ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ଫକୀରମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦ ୫

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁ ଅମ୍ଭ କଟକରେ ନିମ୍ନଲିଖିତ ସବାର ଓ ଦାମ ଯାନମାନ ବିକ୍ରୀ ନିମିତ୍ତ ପ୍ରସ୍ତୁତ ଅଛି । ଯଥା:—

ବଡ଼ସବାରି ଦୀ ୬।।× ଓ, ଦୋହର ଦରଜା ମଗର ଓ ଝଲଡ଼ାଗୋଡ଼ିଆ ଲଣ୍ଡନ, ଗଦି ଓ ଝାଲର ସହିତ ଏହା ରଙ୍ଗର ଓ ଗଠନରେ

ଶ୍ରେଷ୍ଠ ଲୁଗା ମଡ଼ା ଟ ୨୦୦୧

ଜଗ ଛିଟ ଲୁଗା ମଡ଼ା ଟ ୧୦୦୧

ସାଧାରଣ ସବାର ଗମ୍ଭୀର ଡାଠର ସବାରି

| | | |
|---|---|---|
| ଲମ୍ବ ଦୀ | ୫-୧୦ × ପ୍ରସ୍ଥ ୨ ୯ଲ | ଟ ୨୫୧ |
| ,, | ୫-୭ × ୨-୭ | ଟ ୨୦ ୧ |
| ,, | ୫ × ୨-୭ | ଟ ୧୬ ୧ |

ଏହା ଛଡ଼ା ଅନ୍ୟ ବାଟନ ଡାଠର ତିଆର ଏହି ମାପର ନେଲେ ଟ ୨୫୧ ସ୍ଥଳେ ଟ ୨୧ ଟ ୨୦୧ ସ୍ଥଳେ ଟ ୧୭୧ ଏବଂ ଟ ୧୬୧ ସ୍ଥଳେ ୧୩୧ କାରେ ମିଳିବ । ଅଧିକନ୍ତୁ ମଧ୍ୟ ଯାହାଙ୍କର ଯେଉଁ ପ୍ରକାର ସବାର ଓ ଡାମଜାନ ଫରମାସ ହେବ ସେପରି ଶୀଘ୍ର ତିଆର କରି ଦେବୁ । ନିମ୍ନଲିଖିତ ଠିକଣାରେ ଲେଖିବାକୁ ହେବ ।

୩୧।୧୦୪ — ଶ୍ରୀ ମାଗୁଣି ମହାରଣା, କଟକ ପ୍ରିଣ୍ଟିଂକମ୍ପାନୀ ଅଫିସ ନିକଟ ଦରଘାବଜାର

## ଦେଖନ୍ତୁ ! ଦେଖନ୍ତୁ !! ଦେଖନ୍ତୁ !!!

ଉତ୍ତର ଓ ଶ୍ୱେତ ଅନାବୃତ ମୂଲ; ଶ୍ୱେତବସ୍ତ୍ର; ଟ ୩ ଟଙ୍କା ଉତ୍ତମଳିନ ଓ ଶ୍ୱେତ ଟ ୩।; ଲେଲର୍ଡ଼ସେ ଲେଜୁଲେଥାର ଓ ଶ୍ୱେତ ଟ ୪; କୋଲଉରସାର କୋ ଓ ଶ୍ୱେତ ଟ ୧।। ରୁ ଟ ୪୦ ଟଙ୍କା ପର୍ଯ୍ୟନ୍ତ; କାଳା ଥାଇମନିସ (ଘଣ୍ଟା ଓ ଘଣ୍ଟା ବାଜେ) ଟ ୪ ଟଙ୍କା । ପ୍ରତ୍ୟେକ ସଙ୍ଗରେ ଗ୍ୟାରେଣ୍ଟି ଲେଖାଯିବ ଓ ମାସୁଲ ସ୍ୱତନ୍ତ୍ର ଲାଗେ ।

ଅତି ଆପଣଙ୍କର ପ୍ରୟୋଜନ; — ସମ୍ପୂର୍ଣ୍ଣ ଗନ୍ଧଦ୍ରବ୍ୟ (ଡୋବା) ନୂଆ ଅବସ୍ଥାରେ ୨ଟି ଟ ୧।; ୧୨ଟି ଟ ୨।;

ବେଲଜିୟମ ଗ୍ଲାସର ଆଇନା ଗୋଟିକୁ ଟ ୦ ।/, ଡଜନ ଟ ୧ ଟଙ୍କା, ଜାଲଗ୍ଲାସର ଦୁର୍ବୀକ୍ଷଣ ଯନ୍ତ୍ର ଗୋଟିଏ ଟ ୨। ହାରମୋନିୟମ (ପାଦ ଚଳେ ନାହିଁ) ଟ ୩।; ପକେଟ ବହି ଟ ୨।୦; ଛଳହୁଦ (ଏକଶେ ୧୦ × ୨

ଟ ୦।/ ; ସୁନ୍ଦର ସୁନ୍ଦର ଛେଲେମାନ ଟ ୦ । ଏଣ୍ଡ ଠାରୁ ଟ ୧୦ ଟଙ୍କା ପର୍ଯ୍ୟନ୍ତ; ମ୍ୟାଜିକ ଲଣ୍ଠନ ଟ ୧।। ଠାରୁ ଟ ୧୦ ଟଙ୍କା ପର୍ଯ୍ୟନ୍ତ ଜାତୀୟର ସ୍ୱତନ୍ତ୍ର । ଏତଦ୍ବ୍ୟତୀତ ଅନେକ ପ୍ରକାରର ଘଣ୍ଟା ଓ ଅନ୍ୟାନ୍ୟ ଦ୍ରବ୍ୟାଦି ମିଳେ । ଚିଠି ପତ୍ର ଇଂରାଜୀ, ବଙ୍ଗଳା ବା ଓଡ଼ିଆ ଭାଷାରେ ଜାମାନ ଲେଖି ମୂଲ୍ୟ ଜାଣନ୍ତୁ ।

ମେଲ ସପ୍ଲାଇ କୋଂ, ନ ୧୯ ବଲରାମ ଘୋଷ ଷ୍ଟ୍ରୀଟ ଶ୍ୟାମବଜାର କଲିକତା ।

# Mitra Sarsa.

# ମିତ୍ର ସାଲସା ।

ରକ୍ତ ପରିଷ୍କାର କରିବାର ଏକମାତ୍ର ଅଦ୍ୱିତୀୟ ଔଷଧ ।

ଏହା ପାରଦବର୍ଜିତ ଏବଂ ଉତ୍କୃଷ୍ଟ ଜେମାଇକା ସାଲସାରୁ ପ୍ରସ୍ତୁତ ।

କୌଣସିପ୍ରକାର ବାତ, ପାରଦଦୋଷ ଓ ଉପଦଂଶ ଦୂର କରିବାକୁ ଏହା ଅଦ୍ୱିତୀୟ ।

ମୂଲ୍ୟ ପ୍ରତି ଶିଶି ସାଲିସା ଟ ୧ ୧

# ମିତ୍ର ବଟିକା ।

## ମ୍ୟାଲେରିଆ ଜ୍ୱରର ମହୌଷଧ ।

ପରୀକ୍ଷାଦ୍ୱାରା ପ୍ରମାଣିତ ହୋଇଅଛି, ମ୍ୟାଲେରିଆ ଜନିତ ସର୍ବପ୍ରକାର ପୁରାତନ ପ୍ଲୀହା ଯକୃତ ଜ୍ୱରନାଶକ ଏମନ୍ତ ଉତ୍କୃଷ୍ଟ ମହୌଷଧ ଆଉ ଦ୍ୱିତୀୟ ନାହିଁ ।

ଏହା ନିୟମିତରୂପେ ବ୍ୟବହାର କରି ଶତଶତ ନୂଆ ଓ ଦୀର୍ଘସ୍ଥାୟୀ ଜ୍ୱରକାନ୍ତ ରୋଗୀ ଏହାଦ୍ୱାରା ଅତ୍ୟଳ୍ପ ସମୟରେ ଆରୋଗ୍ୟ ଲାଭ କରିଅଛନ୍ତି ।

ମ୍ୟାଲେରିଆ ପ୍ରପୀଡ଼ିତ ଦେଶ ପକ୍ଷରେ ଏହି 'ମିତ୍ର ବଟିକା' ସଦୃଶ ଉପକାରୀ ଦ୍ୱିତୀୟ ଔଷଧ ନାହିଁ

ଏକଥର ବ୍ୟବହାର କରି ସମସ୍ତେ ଏହି ବଟିକାର ଗୁଣରେ ମୁଗ୍ଧ ହୋଇଅଛନ୍ତି ।

ଏହାର ଗୋଟିଏ ମହତ୍ତ୍ୱଗୁଣ ଏହି ଯେ ଏହା ସେବନ କରିବାରେ ମଧ୍ୟ ସେବନ କରାଯାଏ । ଏପରି କୁଇନାଇନର ଉପକ୍ରମ, ଚକ୍ଷୁ ଓ ହସ୍ତ ପଦ ଜ୍ୱାଳା, ଶିରଃ, ହସ୍ତ, ପଦ କମ୍ପନ ହେବା, ଝାଇଁମାରିବା ଓ କୋଷ୍ଠବଦ୍ଧ, ଏହିପରି ଅବସ୍ଥାରେ ଏହା ପୂର୍ବରୁ ବ୍ୟବହାର କରିବାକୁ ଆରମ୍ଭ କଲେ ମ୍ୟାଲେରିଆରୁ ନିସ୍ତାର ଲାଭ ହୁଏ ।

## ମୂଲ୍ୟ ।

| | |
|---|---|
| ୧ କୌଟା ୨୫ ବଟିକା | ଟ ୦ ୩ |
| ୧ ,, ୫୦ ,, | ଟ ୧ ୧ |

ଡାକଯୋଗରେ ପଠାଇଲେ ଟ ୦ ।/ ଡାକମାସୁଲ ଲାଗିବ ଏବଂ ଭି, ପି, ରେ ପଠାଇଲେ ଅତିରିକ୍ତ ଟ ୦ ।/ କମିଶନ ଲାଗିବ ।

N. N. Mitras Ringworm ointment.

## ଏନ୍ ଏନ୍ ମିତ୍ରଙ୍କର ଦାଦୁର ମଲମ ।

ଏଥିରେ ପାରଦ ସଂଯୁକ୍ତ କୌଣସି ଦ୍ରବ୍ୟାଦି ନାହିଁ । ଏହା ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ନାହିଁ ।

ଯେ କୌଣସିପ୍ରକାର ପୁରୁଣା ଦାଦୁ ହେଉନା କାହିଁକି, ଏହି ଔଷଧ ଦ୍ୱାରା ତିନିଦିନ ବ୍ୟବହାର କଲା ମାତ୍ରେ ତାହା ଆରାମ ହେବ । ଅନେକ ବ୍ୟକ୍ତି ୮।୧୦ ବର୍ଷର ପୁରାତନ ରୋଗ ଆମମାନଙ୍କର ଏହି ଔଷଧ ଏକ କୌଟା ବ୍ୟବହାର କରି ଏକବାରକେ ଆରୋଗ୍ୟ ଲାଭ କରିଅଛନ୍ତି ।

| | |
|---|---|
| ମୂଲ୍ୟ ଏକ କୌଟାକୁ | ଟ ୦। |
| ଡାକଖର୍ଚ୍ଚ | ଟ ୦ ।/ |
| ଭି, ପି | ଟ ୦ /. |
| ଏକ ଡଜନକୁ | ଟ ୨।।/ |

ଡାକଖର୍ଚ୍ଚ ସ୍ୱତନ୍ତ୍ର

Digitized by srujanika@gmail.com

Split by PDF Splitter

REGISTERED No. G 83.



ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

ଖଣ୍ଡ ୪୦ ଭାଗ
ସଂ ୪୭ ସଂଖ୍ୟା

CUTTACK, SATURDAY THE 9th December 1905.
ତା ୨୫ ଓ ମାର୍ଗଶିର ସନ ୧୩୧୩ ସାଲ ଶନିବାର
ସହର କଟକ ଚଉଧୁରୀ ବଜାର ପ୍ରିଣ୍ଟିଙ୍ଗ କମ୍ପାନି ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଅଗ୍ରୀମ ଟ ୩୧
ପଶ୍ଚାଦ୍ଦେୟ ଟ ୬୧

ବିଜ୍ଞାପନଦାତାମାନଙ୍କ ଦୃଷ୍ଟି ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା,—
ପ୍ରଥମବାର ସଂଖ୍ୟାରେ ଧାଡ଼ିପ୍ରତି ଟ ୦ ।୵ ଓ ଅର୍ଦ୍ଧସ୍ତମ୍ଭକୁ ଟ ୬୧ ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୧ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ସର୍ବନିମ୍ନ ଟ ୦ ୮ ଆଠ ଅଣା ହେବ ତାହା ଦ୍ଵିତୀୟ ଓ ତୃତୀୟଥର ସଂଖ୍ୟାରେ ଦର ପ୍ରଥମ ଥରର ଅର୍ଦ୍ଧେକ ଓ ସିକିଗୁଣ ଯଥାକ୍ରମେ ହେବ । ଅଧିକ ଦିନ ସଂଖ୍ୟାରେ ସ୍ଵତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

## NOTICE.

WANTED for the Baripada High English School a competent Drill master and clerk on a salary of Rs. 15 per month, rising to Rs. 20, by biennial increment of Re. 1. One having a fair knowledge of English and holding a certificate for competency in teaching Drill and Gymnastics will be preferred.

Applications should be sent in to the undersigned before the 20th December, 1905.

5-12-1905 } S. N. Chakarberty
*Superintendent of Education*, Mourbhanj State

Wanted a Head Master for the Kalyanpur Middle English School on a salary of Rs. 20 per mensem. Preference will be given to one who has passed the F. A. Examination of the Calcutta University or the Departmental Examination in English idiom and pronounciation after passing the Entrance Examination.

Applications will be received by the undersigned till the 21st December 1905.

Cuttack Dt Board's office 4-12-1905 } J. C. Chander
*Vice- Chairman.*

## NOTICE.

Is hereby given that a public meeting will be held at the premises of the Cuttack Printing Company, Limited, on Monday the 11th instant at 6-30 P. M. to consider what should be done to commemorate the names of E. F. Growse Esqr. late Commissioner of the Orissa Division and Rai Hurry Bulhubh Bose Bahadur late Zemindar and Pleader, Cuttack.

Cuttack 8-12-05 } M. S. Das
Ram Sunkar Roy

WANTED by the District Board of Puri a Sub-Inspector of schools on Rs. 50 a month besides travelling allowance under the Civil Service Regulations.

No one need apply who does not possess the qualifications required by Bengal Government Notifications Nos. 486 T. G. and 658 dated 2nd September 1903 and 8th February 1903 respectively.

Candidates must file certificates of health, age, moral character and success as teachers.

Applications will be received by the undersigned up to 18th December 1905.

4-12-1905. ) P. C. Mittra
*Chairman.*
District Board, Puri.

ବିଜ୍ଞାପନ ।

ଆମ୍ଭ ବଙ୍ଗଳାରେ ଗୋଟିଏ ବଗିଗାଡ଼ି ଜର୍ମାନ ଟମ୍‌ଟମ୍ ଗାଡ଼ି ବିକ୍ରୟ ନିମନ୍ତେ ରହିଅଛି । ମୂଲ୍ୟ ଟ ୧୫୦ ଙ୍କା ଗ୍ରାହକମାନେ ନିମ୍ନଲିଖିତ ଠିକଣାରେ ଉପସ୍ଥିତ ହେଲେ ଦେଖି ପାରିବେ ।
ବେପାର୍ଡ ସାହେବ
ବାପ୍ଟିଷ୍ଟ ମିଶନରଙ୍କ ନିକଟ
୫।୧୨।୦୫

# ଆୟୁର୍ବେଦୀୟ ଔଷଧାଳୟ କବିରାଜ ସାରଦାପ୍ରସାଦ କବିରଞ୍ଜନ
## ପ୍ରୋଃ ଅଃ, ଗୃହଦନୀ-ଗୌକ ବାଲୁବଜାର କଟକ

ଏହି ଔଷଧାଳୟରେ ସର୍ବପ୍ରକାର ଆୟୁର୍ବେଦୀୟ ତୈଲ, ଘୃତ, ମୋଦକ, ବଟିକା, ସ୍ଵର୍ଣ୍ଣ, ରୂପା, ଲୁହା ପ୍ରଭୃତି ଭସ୍ମ, ଅସଲ ମକରଧ୍ଵଜ ଓ କସ୍ତୁରୀ ସୁଲଭ ମୂଲ୍ୟରେ ବିକ୍ରୟ ହୁଏ । ରୋଗୀର ଅବସ୍ଥା ସବିଶେଷ ପତ୍ର ଲେଖିଲେ ଯତ୍ନ ପୂର୍ବକ ଶୀଘ୍ର ଔଷଧ ପଠାଯାଏ ।

**ଜ୍ୱର ଶାନ୍ତି** ମେଲେରିୟା ଜ୍ୱର ଓ ବାତଜ୍ୱରର ଏକମାତ୍ର ମହୌଷଧ ନୂତନ, ପୁରାତନ, କମ୍ପ, ଦାହ, ପାଳି, ମେହ, ଶୋଥ, ବାତ, ପିତ୍ତ, କଫଜନିତ ବହୁଦିନର ଜ୍ୱର ୨।୨ ଦିନରେ ଆରୋଗ୍ୟ ହୁଏ ଏକ ସପ୍ତାହରେ ପ୍ଲୀହା ଯକୃତ ଭଲ ହୁଏ । ଛୋଟ ଡବା ଟ ୦ ।୵ ବଡ଼ ଡବା ଟ ୦ ୳। ଡାକ ମାସୁଲ ଓ ପ୍ୟାକିଂ ଟ ୦ । ଚାରିଅଣା ।

**ଯାଦୁରମଲମ** ୨୪ ଘଣ୍ଟାରେ ଆରୋଗ୍ୟ ବନ୍ଧୁ । ଦାଦ ଚର୍ମରୋଗ ଦଶ ଦିନରେ ଆରୋଗ୍ୟ ହୁଏ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରତ ଦେଉଁ । ୧ ଡବା ଟ ୦। ଡଜନ ଟ ୨। ଡାକଖର୍ଚ୍ଚ ଓଗେର ଟ ୦। ଜ୍ୱରଶାନ୍ତି ଓ ଯାଦୁର ମଲମ

Digitized by srujanika@gmail.com

ବସ୍ତୁର ଉପର ଦେଉଅଛୁ । କିଣିବାବେଳେ ଔଷଧ ଉପରେ "ଅର, ଜି, ଏଣ୍ଡକୋଂ" ବଙ୍ଗଳା ଅକ୍ଷରରେ ଲେଖା ଥିବା ଦେଖି କିଣିବେ ।

## ପ୍ରମେହ ସୁଧା!

ମେହ, ପ୍ରମେହ ଓ ଗନରିୟା ରୋଗର ଜ୍ୱାଳା, ଯନ୍ତ୍ରଣା ୨୪ ଘଣ୍ଟା ମଧ୍ୟରେ ଆରୋଗ୍ୟ ହୁଏ । ଧାତୁପଡ଼ା, ପୂଯ ରକ୍ତପଡ଼ା, ଲୁଗାରେ ସଫେଦ ବା ହଳଦୀ ବର୍ଣ୍ଣର ଦାଗଲଗା ଲାଳ୍‌ସ୍ରାବ ଅଳ୍ପ ପ୍ରସ୍ରାବ ଓ କଷ୍ଟ ଛୁଟକା ଜ୍ୱାଳା, ଫୋଡ଼ା ପ୍ରଭୃତି ଉପସର୍ଗ ପ୍ରମେହ ରୋଗର ପକ୍ଷେ ଶୀଘ୍ର ଆରୋଗ୍ୟ କରିବା ଏପରି ଔଷଧ ଆଉ ନାହିଁ । ଥରେ ମାତ୍ର ପରୀକ୍ଷାକଲେ ଆଶ୍ଚର୍ଯ୍ୟ ହେବେ । ପ୍ରତି ଶିଶି ଟ ୨ ଡାକ ଖର୍ଚ୍ଚ ଓ ପ୍ୟାକିଂ ଟ ୦ ।୵

## ବୃହଦଶ୍ୱଗନ୍ଧା ରସାୟନ

ଧାତୁଦୌର୍ବଲ୍ୟ, ଧ୍ୱଜଭଙ୍ଗର ମହୌଷଧ ଶୁକ୍ର ଜନକ, ପୁରୁଷତ୍ୱହାନି, ଶୁକ୍ରତାରଲ୍ୟ, ଶୁକ୍ରମେହ ପ୍ରଭୃତି ଅଳ୍ପସମୟରେ ଆରୋଗ୍ୟ କରି ଦେହର ରକ୍ତ ଓ ମାଂସ ବୃଦ୍ଧି କରାଇ ଶରୀର ସତେଜ ଓ ମନର ସ୍ଫୂର୍ତ୍ତି ଜାତ କରାଏ । ଛାତ୍ରମାନଙ୍କର ବିଶେଷ ଉପକାରୀ । ବୁଦ୍ଧି ଓ ସ୍ମରଣ ଶକ୍ତି ବର୍ଦ୍ଧିତ । ଅଧିକ ଅଧ୍ୟୟନ ଜନିତ ମାନସିକ ଦୁର୍ବଳତା ଆଶୁ ଆରୋଗ୍ୟ କରେ । ପ୍ରତି ଶିଶି ଟ ୨।। ଡାକଖର୍ଚ୍ଚ ଓ ପ୍ୟାକିଂ ଟ ।୵

ଏହି ସବୁ ଔଷଧ ଓ ଅନ୍ୟାନ୍ୟ ଔଷଧର ଅନେକ ପ୍ରଶଂସାପତ୍ର ଅଛି । ଆମ୍ଭର ଔଷଧର ତାଲିକା ପୁସ୍ତକରେ ଦେଖିବ ଚିଠିପତ୍ର ଟଙ୍କା ପଇସା ଆମ୍ଭମାନଙ୍କୁ ପଠାଇବେ ।

## କବିରାଜ ଶାରଦା ପ୍ରସାଦ କବିରଞ୍ଜନ ।

ପୋ: ଅ: ଗୁଦଡି ଗୋଲ
କାଲୁବଜାର, କଟକ

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଶ ବନ୍ଦୋବସ୍ତ ସମୟ । ଯା । ଥାଲଭୁଡ । ପ୍ର । ଅନ୍ତୁଆସ । ଜି । କଟକ ରେ ଜ ଆମ୍ଭ ପକ୍ଷରୁ ରକ୍ଷା କରିବା ଅନ୍ତର୍ଗତ ଯାଷ୍ଟମଲ୍ଲା ଇଲାକାରେ ହାକିମ୍‌ଙ୍କୁ ସମ୍ପତ୍ତିରେ ନିଯୁକ୍ତ ଥିଲେ ସେ ଉକ୍ତ ଇଲାକାରେ ଉକ୍ତ କାର୍ଯ୍ୟରେ ନିଯୁକ୍ତ ଥିବା ସମୟରେ ଆପଣାର କର୍ତ୍ତବ୍ୟ ଶିକାରକୁ ଭେଟେକ ପ୍ରଜାମାନଙ୍କଠାରୁ ଖଜଣା; ଓ ନଜରାଣା; ଓ ଋଣ ପରିଶୋଧ ଇତ୍ୟାଦି ବାବଦ ଟଙ୍କା ଉସୁଲ କରି ଦରଖାସ୍ତ ସବଡିଭିଜନ

ହାକିମଙ୍କୁ ଆମ୍ଭ ନାମର ଜାଲିନାମା ବାହାର ଟଙ୍କା ଗ୍ରହଣ କରି ତାହା ଇନ୍‌ସ୍ପେକ୍ଟରରେ ଦାଖଲ ନ କରି ଆତ୍ମସାତ୍ କରିଥିବାରୁ ତାହାଙ୍କ ନାମରେ ଆମ୍ଭ ତରଫରୁ ଦଣ୍ଡବିଧି ଆଇନର ଦ ୪୦୮ ଧାରା ମତାବକ ମୋକଦ୍ଦମା ଦାଏର ହୋଇଥିଲା । ଉକ୍ତ ମୋକଦ୍ଦମାରେ ସେ ଅଦାଲତରେ କାରାବାସ ଦଣ୍ଡରେ ଦଣ୍ଡିତ ହୋଇଥିଲେ ।

ଉକ୍ତ ବନ୍ଦୋବସ୍ତ ସମୟ ଏହି ପ୍ରକାର ଅସଙ୍ଗତ ଘଟଣା ଥିବାରୁ ଏତଦ୍ୱାରା ତାହାଙ୍କୁ ଉକ୍ତ କର୍ମରୁ ବରଖାସ୍ତ କରାଗଲା । ଓ ସନ ୧୯୦୨ ମସିହା ଏପ୍ରେଲମାସ ତା ୨୬ ରିଖ ଲିଖିତ ଜେନେରାଲ ପାୱାର ଅଫ୍ ଆଟର୍ଣ୍ଣି ଦ୍ୱାରା ତାହାଙ୍କ ପ୍ରତି ଯେଉଁ ସମସ୍ତ କ୍ଷମତା ଅର୍ପଣ କରାଯାଇଥିଲା ତାହା ସମୁଦାୟ ଏତଦ୍ୱାରା ରଦ ଇତ୍ୟାଦି କରାଗଲା । ୨୨।୧୧।୦୫ ।

R. N. Bhanja
*Raja of killah Kanika*

# NOTICE.

## District Board, Cuttack

Tenders are hereby invited for the execution of the undermentioned works and intending Contractors can obtain information respecting them from the office of the District Engineer. The tenders are for rates only without regard to quantity.

| No | Name of work. | |
|---|---|---|
| 1 | Sinking a Pucka well at Vyas Sorobar | Rs. 1165 |
| 2 | „ „ at Gorapur. | „ 100 |
| 3 | Collection of metal on the following metalled roads | |
| | (1) Taldanda Loop road | Rs. 195 |
| | (2) Jobra pilgrim road | Rs. 375 |
| | (3) Cuttack Taldanda road | Rs. 3856 |
| | (4) Kandalpur Machgam | Rs. 1155 |
| | (5) Cuttack Chandbally road | Rs. 1807 |
| | (6) Do. Sonepur road | Rs. 330 |
| | (7) Tanghi Haripur road | Rs. 402 |
| | (8) Kendrapara Indupur road | Rs. 150 |
| | (9) Dharmsalla Kaema road | Rs. 107 |
| | (10) Canttia Mahanga road | Rs. 160 |
| | (11) Jenapur Station road | Rs. 170 |
| | (12) Jajpur Station road | Rs. 193 |
| | (13) Cuttack main road | Rs. 65 |
| | (14) Cuttack Goods road | Rs. 181 |
| | (15) Taldanda cross road | Rs. 241 |
| | (16) Dhanmandal Station road | Rs. 150 |
| | (17) Barchanna Genguti road | Rs. 175 |
| | (18) Taldanda Canal bank road | Rs. 552 |

## RULES.

1 All tenders which must be on Form No. 1 obtainable at this office (price 0-8-0 each) for items 1 and 2 and rest in form No. 2 at 0-1-0 each must be enclosed in sealed covers and on the outside the name of the work legibly written.

2 All tenders must specify the rates at which the intending contractor will execute the work.

3 Tenders will be received up to 15th December 1905.

4 Tenders not in the proper Form above mentioned will be rejected.

5 The undersigned does not bind himself to accept the lowest or any tender.

CUTTACK } N. N. MITTRA
28-11-1905 } *District Engineer*
CUTTACK

WANTED three Foresters for sleeper and timber works at Gurjats. The men must be hard-working, faithful and of good character. Pay Rs. 20 to 25 according to qualification.

Apply personally to the undersigned. Preference will be given to those who know English, Bengali and Oriya.

CUTTACK } B. Boroosh & Co.
28—11—05 } Buxi Bazar, CUTTACK

## ବିଜ୍ଞାପନ ।

ଗଡ଼ଜାତମାନଙ୍କରେ କାଠ ଓ ସ୍ଲିପର କାର୍ଯ୍ୟ ନିମନ୍ତେ ୩ ଜଣ ଫରେଷ୍ଟର କର୍ମଚାରୀ ଆବଶ୍ୟକ । ଯେଉଁମାନେ ପରିଶ୍ରମୀ, ବିଶ୍ୱାସୀ ଓ ସଚ୍ଚରିତ୍ରଲୋକ ଥିବେ ଅଥଚ ଇଂରାଜୀ, ଓଡ଼ିଆ ଏବଂ ବଙ୍ଗଳା ଭାଷା ଜାଣିଥିବେ ସେମାନଙ୍କୁ ମନୋନୀତ କରାଯିବ ଯୋଗ୍ୟତାନୁସାରେ ମାସିକ ବେତନ ଟ ୨୦ ଙ୍କା ଠାରୁ ଟ ୨୫ ଙ୍କା ପର୍ଯ୍ୟନ୍ତ ଦରଖାସ୍ତକାରୀମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ସ୍ୱୟଂ ଉପସ୍ଥିତ ହୋଇ ଦରଖାସ୍ତ କରିବେ

କଟକ } ବି, ବେରୁଆ ଏଣ୍ଡ କୋମ୍ପାନୀ
୨୮।୧୧।୦୫ } ବକ୍ସିବଜାର କଟକ ।

## ସୁଧାକର, ଚୂର୍ଣ୍ଣ ।

ଏହା ସେବନରେ ପୁରୁଣା ରକ୍ତ ପଡ଼ିବା, ପ୍ରସ୍ରାବର ଜ୍ୱାଳା ଯନ୍ତ୍ରଣା, ମୂତ୍ର ସହିତ ନାନାପ୍ରକାର ଗ୍ରନ୍ଥି ଭଳି ଉଦ୍‌ଭବ ହେବାମାନଙ୍କର ବ୍ୟଥା ଓ ଦୂର ଅନୁ ସନ୍ଧି ଓ ସ୍ତ୍ରୀଲୋକମାନଙ୍କର ରକ୍ତସ୍ରାବ ବା, ପ୍ରଦର ମେହ (ଧାତୁର ରୋଗ) ଏତେ ଶୀଘ୍ର ଆରୋଗ୍ୟ ହୁଏ ଯେ ରୋଗୀ ଏଥରେ ଚମତ୍କୃତ ହୋଇଥାନ୍ତି । ସେହି ଦୁବଳ ସେ ପଡ଼ିବା ଦେବାରୁ ହେବ ନାହିଁ । ଏହା ମାତ୍ର ତ୍ରିବିଧ ଶୁକ୍ର ପ୍ରବେଶିତ ତାହିକଣ୍ଠରେ ପ୍ରସ୍ତୁତ ଏବଂ ବହୁ ପରୀକ୍ଷିତ ଜାଣିବ, ଏହାର ଅବ୍ୟର୍ଥ ଗୁଣରେ ଆପଣଙ୍କୁ ମୁଗ୍ଧ ହେବାକୁ ହେବ !!! ଦା ଟିଃ ମାଶୁଲ ସହ ୫ଂ । ଏକ ପାକେଟର ମୂଲ୍ୟ ୫ ୧୮ ଏକଟଙ୍କା ଚୌଦଅଣା—

## କାମକଳାତରୁ ରସାୟନ ।

ଏହା ସେବନରେ ଇନ୍ଦ୍ରିୟ ଉତ୍ତେଜନ, ସ୍ୱପ୍ନଦୋଷ ମେହ ଶାନ୍ତି, ଶୁକ୍ର ଗାଢ଼ତା ଓ ଧାରଣା ଶକ୍ତି ବୃଦ୍ଧି ହୁଏ ନୂଆ ସ୍ଥୂଳ ଶରୀର ସ୍ଥୂଳ (ମୋଟା) ଓ ବଳିଷ୍ଠ ହୁଏ ! ଯୁବକମାନଙ୍କର ସେବନ କଲେ ଅଲୌକିକ ଶକ୍ତି ଓ ବଳାଧିକାର ହୋଇ ସୁଖ ଅନୁଭବ କରିବ ଦ୍ୱିତୀୟ ଔଷଧପୂର୍ଣ୍ଣ ଏବ ଦୃଢ଼ତର ମୂଲ୍ୟ ଭିଃ ପିଃ ମାଶୁଲ ସମେତ ୧୫ ୨।୵ ଏଥିରେ ସନ୍ଦେହ ଅସାର ନାହିଁ ।

ଶ୍ରୀ ଦୀନାନାଥ ପ୍ରସାଦ କବିରାଜ
ଦିନେମ, ଶ୍ରୀକ୍ଷେତ୍ର ୪ କାଶୀଧାମ

Digitized by srujanika@gmail.com

Split by PDF Splitter



# ଉତ୍କଳଦୀପିକା ।

ବମ୍ବାଇର ମାରବାଡ଼ିମାନେ ଦେଶୀୟ ଦ୍ରବ୍ୟ ସଂଗ୍ରହ କରି ବିକ୍ରୟ କରିବା ନିମନ୍ତେ ଅର୍ଦ୍ଧଲକ୍ଷ ଟଙ୍କା ମୂଳଧନରେ ଗୋଟିଏ କମ୍ପାନୀ ଗଠନ କରିଅଛନ୍ତି । କାର୍ଯ୍ୟ ଭଲରୂପେ ଚଳିଲେ ଏମାନେ ମୂଳଧନକୁ ଦଶଲକ୍ଷ ଟଙ୍କା ପର୍ଯ୍ୟନ୍ତ ବଢ଼ାଇବାର କଳ୍ପନା କରୁଅଛନ୍ତି । ମାରବାଡ଼ିମାନେ ସ୍ୱଭାବତଃ ଦେଶୀୟ ଦ୍ରବ୍ୟ ସଂଗ୍ରହପୂର୍ବକ ବିକ୍ରୟ କରିବାରେ ମନୋଯୋଗୀ ହେଲେ ଦେଶର ଉନ୍ନତି ହେବା ସଙ୍ଗେ ସେମାନଙ୍କର ଯେ ଯଥେଷ୍ଟ ଲାଭ ହେବ ଏଥିରେ ସନ୍ଦେହ ନାହିଁ ।

---

ଲାହୋରଠାରେ ଅର୍ଦ୍ଧଲକ୍ଷ ଟଙ୍କା ମୂଳଧନରେ ଗୋଟିଏ ସ୍ୱଦେଶୀ କମ୍ପାନୀ ସ୍ଥାପିତ ହୋଇଅଛି । ସମସ୍ତ ଦେଶୀୟ ଲୋକ ଯୋଗ ଦେଇ ପାରିବେ ଏଥି ନିମନ୍ତେ ୫୦୦୦ ଅଂଶରେ ବିଭକ୍ତ ହୋଇଅଛି । ପ୍ରତ୍ୟେକ ଅଂଶର ମୂଲ୍ୟ ଦଶଟଙ୍କା । ସ୍ୱଦେଶୀ ଦ୍ରବ୍ୟର ଉନ୍ନତି ସାଧନ ନିମନ୍ତେ ଏପରି କମ୍ପାନୀ ଅତ୍ୟାବଶ୍ୟକୀୟ ଅଟେ । ଆମ୍ଭେମାନେ ଭରସା କରୁଁ ପ୍ରତ୍ୟେକ ସ୍ଥାନରେ ଏପରି କମ୍ପାନୀ ଗଠିତ ହୋଇ ଦେଶୀୟ ଦ୍ରବ୍ୟ ସଂଗ୍ରହ, ଏବଂ ବିକ୍ରୟ କରିବେ ଓ ଯଥାସମ୍ଭବ ଦେଶୀୟ ଦ୍ରବ୍ୟର ଉନ୍ନତି ପ୍ରତି ମନୋଯୋଗୀ ହେବାଦ୍ୱାରା ଦେଶୀୟ ଲୋକଙ୍କର ଯଥାର୍ଥ ଉପକାର ହେବ ।

---

ଅଲାହାବାଦଠାରେ ଜଣେ ଡାକ୍ତର ହରିତଣ ଛଅ ବାକ୍ସରୁ ଟିକିଟମାନ କାଢ଼ି ତହିଁରେ ଲଗାଯାଇଥିବା ଷ୍ଟାମ୍ପମାନ କାଢ଼ି ନେଇ ଅପ୍ରଯାଉ ହୋଇଥିବା ଅପରାଧରେ ଦୋଷସ୍ପର୍ଶ ହୋଇଥିଲା । ବିଚାରର ପର ଇତି ଶ୍ରୀ ରେ ଅନେକ ଗୁଡ଼ିଏ ଡାକଟିକଟ ବାହାରିଲା । ଏହି ଉପାୟରେ ଗଭର୍ଣ୍ଣମେଣ୍ଟର କ୍ଷତି ହେଉଥିବା ସମ୍ବନ୍ଧେ ସରକାରଙ୍କ ପକ୍ଷରୁ ଉଚିତ ଅଦେଶ ହୋଇଥିବାରୁ ବହୁଲୋକଙ୍କ, ସ୍ତବ୍ଧ ମନ ଅଛି ।—ଭବିଷ୍ୟତ ଏହା ନିବାରଣ କରିବା ଉଦ୍ଦେଶ୍ୟରେ କି ଉପାୟ ଅବଲମ୍ବିତ ହେବ ଜଣାଯିବ ।

---

ଏହି ମାସ ଶେଷ ସପ୍ତାହରେ ବନାରସଠାରେ ଜାତୀୟ ମହାସମିତି ଏବଂ ତତ୍ସଂଲଗ୍ନ ସମିତିମାନ ବସିବାର ନିମ୍ନଲିଖିତ ତାରିଖମାନ ସ୍ଥିର ହୋଇଅଛି । ଯଥା;— ମାନବ ବ୍ୟବହାର ସମ୍ବନ୍ଧୀୟ ସଂଘର ଅଧିବେଶନ ଚଳିତ ମାସ ତା ୨୨ ରିଖରେ ଏବଂ ଶିଳ୍ପ ବାଣିଜ୍ୟ ସମିତି ତା ୨୭ ରିଖରେ ହେବ । ଜାତୀୟ ମହାସମିତି ବା କଂଗ୍ରେସ ଅଧିବେଶନ ତା ୨୮, ୨୯ ଓ ୩୦ ରିଖ ଏହି ତିନିଦିନ ବସିବ । ମାନ୍ୟବର ଶ୍ରୀଯୁକ୍ତ ଗୋଖେଲ ମହାସମିତିର ଏବଂ ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତ ସିଂଥଇ, ଓ ବ୍ୟବସାୟ ସମିତିର ସଭାପତି ମନୋନୀତ ହୋଇଅଛନ୍ତି ।

---

ବମ୍ବଇର ଗବର୍ଣ୍ଣର ମହାମାନ୍ୟ ଲର୍ଡ ଲାମିଂଟନଙ୍କର ସ୍ତ୍ରୀ ହଠାତରେ ହୃତ୍ପୀଡ଼ାଗ୍ରସ୍ତ ହେବୁ ଡାକ୍ତରଙ୍କଦ୍ୱାରା ଉଠିନ ଅସ୍ତ୍ରଚିକିତ୍ସା ଦ୍ୱାରା ସଙ୍କଟାପନ୍ନ ଅବସ୍ଥାରେ ଥିବାର ହଠାତ୍ ସମ୍ବାଦ ପାଇ ଲାଟ୍ ମହୋଦୟ ଅତ୍ୟନ୍ତ ଉଦ୍‌ବେଗ ହୋଇ ସହସା ବିଲାତ ଯାତ୍ରା କରିବାର ଘୋଷଣା ସମ୍ବାଦପତ୍ରଦ୍ୱାରା ପ୍ରକାଶ କରିଥିଲେ । ଈଶ୍ୱରଙ୍କର ଅପାର କରୁଣାରେ ପତ୍ନୀଙ୍କର କଷ୍ଟ କିଛି ଉପଶମ ହୋଇଥିବାର ବିଲାତରୁ ସମ୍ବାଦ ଆସିଅଛି ଏବଂ ତଦନୁସାରେ ଲାଟ ମହୋଦୟ ବିଲାତ ଯାତ୍ରା କିଛି କାଳ ନିମନ୍ତେ ବନ୍ଦ କରିଅଛନ୍ତି । ଆମ୍ଭେମାନେ ଲାଟପତ୍ନୀ ମହୋଦୟାଙ୍କର ଶୀଘ୍ର ଆରୋଗ୍ୟ ଲାଭ ସକାଶେ ପ୍ରାର୍ଥନା କରୁଅଛୁଁ ।

---

ଗତ ମାସ ତା ୧୧ ରିଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗଦ୍ୱାରା ୨୨୨୦ ମୃତ୍ୟୁ ଘଟିଥିବା ଏବଂ ତାହା ତହିଁପୂର୍ବ ସପ୍ତାହରୁ କିଛି ଊଣା ଥିବାର ଲେଖିଥିଲୁଁ । ତହିଁଉତ୍ତାରୁ ଯେଉଁ ତାଲିକାମାନ ପ୍ରକାଶିତ ହୋଇଅଛି ତହିଁରେ ଦେଖିଲୁଁ ଯେ ଗତ ତା ୧୮ ରିଖରେ ଶେଷ ହେବା ସପ୍ତାହରେ ୬୯୨୨ ଏବଂ ଗତ ତା ୨୫ ରିଖରେ ଶେଷ ହେବା ସପ୍ତାହରେ ୨୮୩୭ ମୃତ୍ୟୁ ଘଟିଥିଲା । ଅତଏବ ପୁନର୍ବାର ରୋଗର ଉପଦ୍ରବ ବଢ଼ିବାର ଦେଖାଯାଏ । ଶେଷଲିଖିତ ୨୮୩୭ ମୃତ୍ୟୁ ମଧ୍ୟରୁ ଏହା ବମ୍ବେଇ ପ୍ରଦେଶରେ ୧୧୬୩, ବଙ୍ଗରେ ୨୨୩, ଯୁକ୍ତପ୍ରଦେଶରେ ୩୭୨ ପଞ୍ଜାବରେ ୩୩୭, ମଧ୍ୟପ୍ରଦେଶରେ ୧୯୭, ହାଇଦରାବାଦରେ ୧୧୭ ଏବଂ ମହୀଶୂରରେ ୧୭୧ ମୃତ୍ୟୁ ଘଟିଥିଲା ।

---

ରୁଷିୟା ରାଜ୍ୟରେ ଅଶାନ୍ତି ଅଦ୍ୟାପି ଲାଗିଅଛି । ବୃତ୍ତବଙ୍ଗଠାରୁ ସେଣ୍ଟପିଟର୍ସବର୍ଗ ପର୍ଯ୍ୟନ୍ତ ସମସ୍ତ ସ୍ଥାନର ସିପାହୀମାନେ ବିଦ୍ରୋହରେ ମାତିଅଛନ୍ତି । ସେଣ୍ଟପିଟର୍ସବର୍ଗର ନ ୨୦୦ ଶ ସିପାହୀ ଧୃତ ହୋଇ ବନ୍ଦୀଭୂତ ଅଛନ୍ତି । ସିବାଷ୍ଟୋପଲଠାରେ ଗୋଟି ୩ ଯୁଦ୍ଧ ଜାହାଜ ଦୁର୍ଗ ଆକ୍ରମଣ କରିଥିଲେ ମାତ୍ର ପରିଶେଷରେ ବୁଝି ଯାଇ ଅସ୍ତ୍ର ସମର୍ପଣ କରିଥଲେ । ଅନେକ ନଗର ଏକଦମ ଧ୍ୱଂସ ପ୍ରାପ୍ତ ହୋଇଅଛି । ସେଣ୍ଟପିଟର୍ସବର୍ଗଠାରେ ଲକ୍ଷେ ଦଶହଜାର ଲୋକ ଏବଂ ମସ୍କୋଠାରେ ୫୮୨୦୦ ଜଣ ଲୋକ ବିଦ୍ରୋହୀ ହୋଇଥିବାର କଥିତ ହୁଏ । ହୋଟାକ ସେନା ସେଣ୍ଟପିଟର୍ସବର୍ଗ ନଗରରେ ଦୃଷ୍ଟି ହୋଇ ରହିଅଛନ୍ତି ଏବଂ ଅନେକ ସମ୍ରାଟଙ୍କ ବିଦ୍ରୋହ ହେବୁ ପ୍ରତ୍ୟହ ଧୃତ ହେଉଅଛନ୍ତି । ପାଦ୍ରୀ ଗେପନ ସାହେବ ଧୃତ ହେବା ଭୟରେ ପଳାୟନ କରିଅଛନ୍ତି ।

---

ବିଗତ ମୁସଲମାନ ପର୍ବ 'ଇଦ' ଦିବସ କଲିକତା ମହମ୍ମଦ ଗଳିରେ ମୁସଲମାନ ଓ ହିନ୍ଦୁମାନଙ୍କର ଗୋଟିଏ ସମ୍ମିଳନ ହୋଇଥିଲା । ଅନେକ ହିନ୍ଦୁ ଓ ମୁସଲମାନ ଜମିଦାର ଓ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ । ବାରିଷ୍ଟର ଓକିଲ ବକ୍ତା ମଧ୍ୟ ଅନେକ ଥିଲେ । ସମିତିର ପ୍ରାର୍ଥନାନୁସାରେ ବାବୁ ସୁରେନ୍ଦ୍ରନାଥ ବାନର୍ଜୀ କହିଥିଲେ ଯେ ଦେଶର ଉନ୍ନତି ଏକତା ଉପରେ ନିର୍ଭର କରେ । ଅଲିଗଡ଼ କଲେଜର ଅଧ୍ୟକ୍ଷ ଏକଦା କହିଥିଲେ ଯେ ଭାରତବର୍ଷ ଗୋଟିଏ ସୁନ୍ଦର ପୁରୁଷ, ଦୁଇଚକ୍ଷୁ ଅଛି । ଏକ ଚକ୍ଷୁ ହିନ୍ଦୁ, ଓ ଅନ୍ୟ ଚକ୍ଷୁ ମୁସଲମାନ । ଏକ ଚକ୍ଷୁ ନଷ୍ଟ ହେଲେ ଅନ୍ୟ ଚକ୍ଷୁର ମଧ୍ୟ ନଷ୍ଟ ହେବ । ମାତ୍ର ପୂର୍ବ ବଙ୍ଗଦେଶର ଫୁଲରଗେଟ ମୁସଲମାନ ଓ ହିନ୍ଦୁଙ୍କ ମଧ୍ୟରେ କଳହ ଲଗାଇବାର ଚେଷ୍ଟାରେ ଅଛନ୍ତି । ସେହି ଅନ୍ୟାୟ ଚେଷ୍ଟା ଯେପରି ସଫଳ ନ ହୁଏ ସମସ୍ତଙ୍କ ଚେଷ୍ଟା କରିବା ଉଚିତ । ତହୁଁରେ ଅନେକଗୁଡ଼ିଏ ମୁସଲମାନ ବକ୍ତୃତା ପ୍ରଦାନ କରି ସଭା ଭଙ୍ଗ କରିଥିଲେ ।

---

ଚନ୍ଦ୍ର ଜମନ୍ତ୍ରେ ପୁରସ୍କାର ।

ବନାରସ ପ୍ରଦର୍ଶନୀ କମିଟି ଲୁଗା ବୁଣିବା ଚନ୍ଦ୍ରଜମନ୍ତ୍ରେ ନିମ୍ନଲିଖିତ ପୁରସ୍କାରମାନ ଦେବାକୁ ପ୍ରସ୍ତୁତ ଥିବାର ଘୋଷଣା ଦେଇଅଛନ୍ତି ଯଥା—

ଭାରତୀୟ ତନ୍ତୁକଳ ବ୍ୟବହାର ଯୋଗ୍ୟ ଉତ୍କୃଷ୍ଟ ତନ୍ତ୍ର ଜମନ୍ତ୍ରେ ଗୋଟିଏ ସ୍ୱର୍ଣ୍ଣପଦକ ପୁରସ୍କାର ଦିଆଯିବ । ଏହି ତନ୍ତର ନିମ୍ନୋକ୍ତ ଗୁଣ ଥିବ ଯଥା;୧—ମୋଫସଲର ତନ୍ତୀମାନେ କିଣି ପାରିବେ ଏପରି ଶସ୍ତା ହେବ । ୨—ତନ୍ତୁଟି ଏପରି ସରଳ ହେବ ଯେ ତନ୍ତୀ ନିଜେ ଅଥବା ଗ୍ରାମର ଶିଳ୍ପୀଦ୍ୱାରା ମରାମତି କରିଯାଇବ । ୩—ମୋଟା ଓ ସରୁ ସୂତାରେ ଅଧିକ ପରିମାଣ ଓ ଭଲ ଲୁଗା ବୁଣାଯିବ ।

Digitized by srujanika@gmail.com

Split by PDF Splitter



ହାତର ଲୁଗା ବୁଣା କାରଖାନାର ଯୋଗ୍ୟ ତତ୍ତ୍ୱାବଧାନକୁ ସହାଶେ ଗୋଟିଏ ସୁବର୍ଣ୍ଣପଦକ ପୁରସ୍କାର ଦିଆଯିବ । ଏ ତନ୍ତ୍ର ଏପରି ହେବ ଯେ ୧—ଏହା ଚଳାଇବା ଦେଶୀୟ ତନ୍ତ୍ରର ଖାଣ୍ଟିଗଣ୍ଡ ବଳରୁ ବଳାଇନ ନାହିଁ । ୨—ଏପରି ସରଳ ହେବ ଯେମନ୍ତ ଏ ଦେଶରେ ମରମତ ହୋଇ ପାରିବ । ୩—ଛତିଶି ସମସ୍ତ ମଧ୍ୟରେ ସରୁ ଓ ମୋଟ ସୂତାର ଅଧିକ ପରିମାଣ ଲଗାଇ ଲୁଗା ବୁଣାଯାଇ ପାରିବ ।

ଉତ୍କୃଷ୍ଟ ଗଜମଚୂନା ପ୍ରସ୍ତୁତକରିବାର ମଧ୍ୟ ତିନ ଦଳ ସହାଶେ ଗୋଟିଏ ସୁବର୍ଣ୍ଣ ପଦକ ଏବଂ ଦେଶୀୟ ମହିଳାଦ୍ୱାରା ପ୍ରସ୍ତୁତ ଉତ୍କୃଷ୍ଟ ଛୁଞ୍ଚିକାର୍ଯ୍ୟ ସହାଶେ ଗୋଟିଏ ରୂପାର ପଦକ । ଏହା ଛଡ଼ା ଆଉ ଗୋଟିଏ ନଗଦ ୫ ଟଙ୍କାର ପୁରସ୍କାର ଦେବାର କମିଟି ବନ୍ଦୋବସ୍ତ କରୁଅଛନ୍ତି । ଯନ୍ତ୍ରରେ ଘ ୧୨ ଘ ଦୈର୍ଘ୍ୟ ହେଲେ ଗ ୪୦ ଇ ଲମ୍ବା ଓ ୪୪ ଇଞ୍ଚ ଓସାର ବହଳ ଲୁଗା ଅଥବା ସେହି ଓସାରର ୨୦ ଗଜ ଲମ୍ବା ପାତଳ ଲୁଗା ବୁଣା ଯାଇ ପାରିବ ଏପରି ଗୋଟିଏ ହାତତନ୍ତ ଯେହୁ ଭାରତବାସୀ ନିର୍ମାଣ କରି ଦେଖାଇଲେ ଉକ୍ତ ପୁରସ୍କାର ତାହାକୁ ଦିଆଯିବ ।

ସ୍ୱଦେଶୀ ସକଳପ୍ରକାର ଦ୍ରବ୍ୟ ଓ ଯନ୍ତ୍ର ବିଶେଷତଃ ବିବିଧପ୍ରକାର ଲୁଗାବୁଣା କଳ ଓ ସୂତାକଟା ଯନ୍ତ୍ର ଏଥର ବଜାରର ପ୍ରଦର୍ଶନୀର ପ୍ରଧାନ ଅଙ୍ଗ ହେବ ଏବଂ ସ୍ୱଦେଶୀ ଅନୁରାଗିଙ୍କର ଏ ସମସ୍ତ ଅତ୍ୟନ୍ତ ମନୋନିବେଶପୂର୍ବକ ଦେଖିବା ଓ ପ୍ରଚାରର ସହାୟତା କରିବା ଏକାନ୍ତ କର୍ତ୍ତବ୍ୟ । ଅତଏବ ଏ ପ୍ରଦର୍ଶନୀ ଦେଖିବାକୁ ଆମ୍ଭେମାନେ ସର୍ବସାଧାରଣଙ୍କୁ ବିଶେଷ ଅନୁରୋଧ କରୁଅଛୁଁ ।

---

## ଏକ ସର୍ଦ୍ଦାର ଏବଂ କୃଷକ ।

ପଞ୍ଜାବଦେଶର ବିଖ୍ୟାତ ମହାରାଜା ରଣଜିତ ସିଂହଙ୍କ ସମ୍ବନ୍ଧରେ ଗୋଟିଏ ମନୋହର କଥା ପ୍ରଚଳିତ ଅଛି । ସେ କେବେ୨ ବେଶ ବଦଳାଇ ଗୋପନରେ ରାଜ୍ୟର ଅବସ୍ଥା ପରିଦର୍ଶନ କରୁଥିଲେ । ଏକ ସଉଦାଗର ବେଶ ଧରି ଭ୍ରମଣ କରୁ୨ ଗୋଟିଏ ଗ୍ରାମର କୂପ-ସନ୍ନିକଟରେ ପହୁଞ୍ଚିଲେ । ସେଠାରେ ଜଣେ କୃଷକ ଅଖୁ ପେଡ଼ି ବସାଇଥିଲେ । ଛଦ୍ମବେଶୀ ସର୍ଦ୍ଦାର ଭ୍ରମଣରେ କ୍ଳାନ୍ତ ହୋଇ ତୃଷାର୍ତ୍ତ ଥିଲେ, ଅଖୁରସ ଦେଖି ତାଙ୍କର ତୃଷ୍ଣା ବୃଦ୍ଧି ହେଲା । ସେ ଏକଜଣ କୃଷକଙ୍କୁ ଟିକିଏ ଅଖୁ-ରସ ପ୍ରାର୍ଥନା କଲେନ୍ତ କୃଷକ ଥନକ ଓ ଭଲତା ସହିତ ଗ ୬ ଛ ଅଖୁରୁ ଗୋଟିଏ ଗଣ୍ଡରେ ଏକଟେସର ରସ ବାହାର କରି ଦେଲା । ସର୍ଦ୍ଦାର ପରିତୃପ୍ତି ଲାଭ କରି କୃଷକଠାରୁ ବିଦାୟ ନେଇ ସ୍ୱରାଜଧାନୀକୁ ଗମନ ସମୟରେ ମନେ୨ ଚିନ୍ତା କଲେ ଯଦି ଛଅଗୋଟି ଗଣ୍ଡିରୁ ଏକଟେସର ରସ ନିର୍ଗତ ହେଲା ତେବେ ଏହି ଅନୁପାତରେ ରସ ନିର୍ଗତ ହେଲେ ଏମାନେ କେତେ ଧନ ଲାଭ କରୁ ନ ଥିବେ ! ଏମାନେ ନିଶ୍ଚୟ ମୋତେ ପ୍ରତାରଣା କରୁଅଛନ୍ତି । ଏମାନେ ଯେତେ ଖଜଣା ଦେଉଅଛନ୍ତି ତାହା ଏମାନଙ୍କ ସମ୍ପତ୍ତି ତୁଳନାରେ ଅକିଞ୍ଚିତ୍କର, ଅବଶ୍ୟ ଏମାନଙ୍କ ଜମିର ଖଜଣା ବୃଦ୍ଧି କରିବି । ଏହିପରି ନାନାବିଧ ଚିନ୍ତାରେ ମଗ୍ନ ହୋଇ ରାଜଧାନୀରେ ପ୍ରବେଶ କଲେ । ପୁନର୍ବାର ପଞ୍ଚଦଶ ଦିବସ ପରେ ସର୍ଦ୍ଦାର ସେହି କୂପ-ନିକଟରେ ଉପସ୍ଥିତ ହେଲେ । ପରିଚିତ କୃଷକକୁ ଦେଖି କହିଲେ ହେ ଭାଇ ! ସେଦିନ ବଡ଼ ତୃଷ୍ଣାତୁର ହୋଇଥିଲି ରସ ଦେଇ ତୃଷ୍ଣା ନିବାରଣ କରିଥିଲ ଆଜି ମଧ୍ୟ ତୃଷାର୍ତ୍ତ ଅଛି କିଛି ରସ ଦେବ କି ? କୃଷକ ବିନୀତ ଭାବରେ ତାଙ୍କର ପ୍ରାର୍ଥନା ପୂର୍ତ୍ତି କରିବାକୁ ସମ୍ମତ ହୋଇ ଛଅଗୋଟି ଅଖୁଗଛ ଆଣି ରସ ବାହାର କଲେନ୍ତ ଅଳ୍ପ ରସ ବାହାରିଲା ପୁଣି ଛଅଗଛ ଆଣି ରସ ବାହାର କଲା ମାତ୍ର ଗତଥର ପରି ଏକଟେସର ରସ ହେଲା ନାହିଁ । ସର୍ଦ୍ଦାର କୃଷକ ପ୍ରଦତ୍ତ ରସ ପାନ କରି କୃଷକକୁ ପଚାରିଲେ ଭାଇ ! ଗତଥର ମୋ ୬ ଖ ଗଛରୁ ଏକଟେସର ରସ ଦେଇଥିଲ, ଆଜି କାହିଁକି ବାରଗଛରେ ସୁଦ୍ଧା ସେତିକି ରସ ବାହାରିଲା ନାହିଁ ? କୃଷକ ଉତ୍ତର କଲା ଯେ କାହିଁକି ଏପରି ହେଲା ତାହାର ଉପଯୁକ୍ତ କାରଣ ଦର୍ଶାଇବାକୁ ମୁଁ ଅକ୍ଷମ, ମୋହର କାର୍ଯ୍ୟରେ କୌଣସି ହେଲା ନାହିଁ ଓ ଗଛରେ ଯେତେ ପାଣି ମଡ଼ାଇବାକୁ ହୁଏ ତାହା କରୁଅଛି । ମୁଁ ମନେ କରେ ମୋହର ମନ ଅଭିପ୍ରାୟ ହେତୁ ଅଥବା ରାଜାଙ୍କ ମନ ଅଭିପ୍ରାୟ ହେତୁ ଏପରି ଘଟିଅଛି ଏହା ବ୍ୟତୀତ ଅନ୍ୟ କୌଣସି କାରଣ ନିର୍ଦ୍ଦେଶ କରି ପାରୁ ନାହିଁ । କୃଷକର ଏପ୍ରକାର ଉକ୍ତିରେ ମର୍ମାହତ ହୋଇ ଆଉ କୌଣସି ପ୍ରଶ୍ନ ନ କରି ତୁଷ୍ଣୀଭାବ ସମୟରେ ସେ କୃଷକଙ୍କୁ ଗୋଟିଏ ସ୍ୱନାମାଙ୍କିତ ମୁଦ୍ରା ଦେଇ କହିଲେ ଯଦ୍ୟପି କୌଣସି ସମୟରେ ସହର ଭିତରକୁ ଯିବାର ଆବଶ୍ୟକ ହୁଏ ତେବେ ଏହି ମୁଦ୍ରା ଦେଖାଇ ଆମ୍ଭ ସହିତ ସାକ୍ଷାତ କରିବାକୁ ଯେପରି ଭୁଲିବ ନାହିଁ । କୃଷକର ସହର ମଧ୍ୟରେ କାର୍ଯ୍ୟ ନିମିତ୍ତ ଥାଏ ସୁତରାଂ ବନ୍ଧୁବତ୍ସଳଙ୍କର ସହର ମଧ୍ୟକୁ ଯିବାର ଆବଶ୍ୟକ ହେଲା । ସର୍ଦ୍ଦାର ସହିତ ସାକ୍ଷାତ କରିବା କଥା ମନେ ପଡ଼ିବାରୁ ମୁଦ୍ରାଟି ସଙ୍ଗରେ ନେଇ ଯାଇଥିଲା । ସହରରେ କାର୍ଯ୍ୟ କରି ସର୍ଦ୍ଦାର-ସହିତ ସାକ୍ଷାତ କରିବା ନିମନ୍ତେ ଚେଷ୍ଟା କଲା । ମୁଦ ଦେଖି ସ୍ୱଚ୍ଛା ନେଇ ସର୍ଦ୍ଦାରର ସନ୍ଧାନ କହି ପାରିଲେ ନାହିଁ । ବଡ଼ ବ୍ୟସ୍ତ ହୋଇ ଏତସ୍ଥାନରେ କେତେ ଲୋକଙ୍କୁ ମୁଦ ଦେଖାଇ ସର୍ଦ୍ଦାରଙ୍କ ଘରର ପରିଚୟ ପୃଚ୍ଛା କଲା ସେହି ସମୟରେ ଏକଜଣ ରାଜକର୍ମଚାରୀ ସେହିବାଟେ ଯାଉଥିଲେ । ଗୋଳମାଳ ଦେଖି କାରଣ ପଚାରନ୍ତେ ସର୍ଦ୍ଦାରଙ୍କୁ ଖୋଜିବା କଥା କୃଷକ କହିଲା ମଧ୍ୟ ମୁଦ୍ରାଟିକୁ ତାଙ୍କୁ ଦେଖାଇଲା । ରାଜକର୍ମଚାରୀ ମୁଦ୍ରାରୁ ଜାଣିପାରି କୃଷକକୁ ସଙ୍ଗରେ ତାଙ୍କର ପ୍ରଭୁଙ୍କ ନିକଟକୁ ନେଇଗଲେ । ରଣଜିତ ସିଂହ ତତ୍କ୍ଷଣାତ୍ କୃଷକକୁ ଚିହ୍ନି ପାରିଲେ; ଯେଉଁ ସର୍ଦ୍ଦାର କୂପ ନିକଟରେ ଅଖୁରସ ପାନ କରିଥିଲେ ସେ ରାଜସିଂହାସନରେ ରଣଜିତ ସିଂହ ରୂପରେ ଆସୀନ ହୋଇଥିବାର ଦେଖି କୃଷକ ମଧ୍ୟ ଆଶ୍ଚର୍ଯ୍ୟ ହେଲା । ପରିଶେଷରେ ରଣଜିତ କୃଷକକୁ ସର୍ଦ୍ଦାରପଦ ପ୍ରଦାନ ପୂର୍ବକ ଏକ ପ୍ରଶସ୍ତ ଭୂଖଣ୍ଡର ସ୍ୱତ୍ୱାଧିକାରୀ କରିଦେଲେ । ରାଜାଙ୍କର ଖରଦୃଷ୍ଟି ଫଳରେ ହାନିର ଗୋଟିଏ କାରଣ କୃଷକର ଏହି ଉକ୍ତିର ସତ୍ୟତା ନିଜ ଅନୁଭବଦ୍ୱାରା ପ୍ରତ୍ୟକ୍ଷ ହୃଦୟଙ୍ଗମ କରି ଗୁଣଗ୍ରାହୀ ରଣଜିତସିଂହ କୃଷକକୁ ପୁରସ୍କାର ପ୍ରଦାନ କରିବାଦ୍ୱାରା ତୃପ୍ତିଲାଭ କଲେ । ରାଜାର ଅଧର୍ମ ହିଁ ରାଜ୍ୟର ଅନେକ ଅମଙ୍ଗଳର ହେତୁ, ହିନ୍ଦୁଶାସ୍ତ୍ର ପଦେ୨ ଶିକ୍ଷା ଦେଉଅଛି । ପ୍ରଜାର ଅଧର୍ମ ମଧ୍ୟ ଅମଙ୍ଗଳର କାରଣ । ମାତ୍ର ପ୍ରଜାର ଧର୍ମରକ୍ଷା ସହାଶେ ରାଜା ଦାୟୀ ଅଟେ ସୁତରାଂ ରାଜାର ଅଧର୍ମ ଅତ୍ୟନ୍ତ ଗୁରୁତ୍ୱ ଅଟେ । ଅତିରିକ୍ତ କରବୃଦ୍ଧି ହେତୁ ପ୍ରଜାର ଦରିଦ୍ରତା ଓ ଅନାଭ ବଢ଼ୁଅଛି ଏହା ସାଧାରଣ ବିଶ୍ୱାସ ଏବଂ ତାହା ଅମୂଳକ ବୋଲି କହି ପାରୁ ନାହିଁ ।

---

## କେନ୍ଦୁଝରରେ ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟ ଓ ଉତ୍ସବ ।

କେନ୍ଦୁଝରର ମହାରାଜା ଧର୍ମଜ୍ଞ ଭାଗ୍ୟପୂର୍ଣ୍ଣ ଭଞ୍ଜଦେଓ ଗତ ଅଗ୍ରହାୟଣମାସ ତା ୨୭ ରିଖ-ରେ ମାଙ୍ଗଳିକ ସମ୍ପନ୍ନ କରିଥିବାରୁ ଯୁବରାଜ ଶ୍ରୀମାନ୍ ଗୋପୀନାଥ ଭଞ୍ଜ ଦେଓ ଉକ୍ତ ଦିନ ରାଜା ଶ୍ରୀ ଗୋପୀନାଥ ଭାଗ୍ୟପୂର୍ଣ୍ଣ ଭଞ୍ଜ ଦେଓ ନାମ ଧାରଣ ପୂର୍ବକ ସିଂହାସନାରୋହଣ କରିଥିଲେ । ତନ୍ନିମିତ୍ତ ଓଡ଼ିଶା ଗଡ଼ଜାତ ସୁପରି-ଣ୍ଟେଣ୍ଡେଣ୍ଟ ସାହେବଙ୍କ ରିପୋର୍ଟ ଅପେକ୍ଷାରେ ଷ୍ଟେଟରେ ଶାସକଙ୍କର ମହାଭିଷେକ ...

Digitized by srujanika@gmail.com

ଉତ୍ତର ଉକ୍ତ ଷ୍ଟେଟର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ଡ. ଏ. ମେକମିଲନ ସାହେବଙ୍କଠାରେ ନ୍ୟସ୍ତ ଥିଲା । ଗତ ଡିସେମ୍ବରମାସ ତା ୨୬ ରିଖରେ ଶ ଓ୍ଵାଲାର ମହାଲର ସୁପରିଣ୍ଟେଣ୍ଡେଣ୍ଟ ସାହେବ ମୟୂରଭଞ୍ଜବାଟେ ଆସି କେନ୍ଦୁଝର ଦୁର୍ଗର ମା ୧୦ ଠାରୁ ଦୂରବର୍ତ୍ତୀ ମରଡାହ ହେଲଠାରେ ଉପନୀତ ହେଲେ । ସେଠାରୁ ତାଙ୍କୁ ପାଛୋଟି ଆଣିବା କାରଣ ଉକ୍ତ ମହାରାଜା ନିଜ ଭ୍ରାତା ପ୍ରଭୃତିଙ୍କ ସହିତ ଗମନ କରି ତା ୨୭ ରିଖ ଦିବା ୨ ୧୦ ଘ ସମୟରେ ସାହେବ ମହୋଦୟଙ୍କୁ ଗଡ ମୁକାମକୁ ଘେନି ଆସିଲେ । ପତ୍ର, ପୁଷ୍ପ, ତୋରଣ ଓ ପତାକା ଆଦିରେ ରାଜମାର୍ଗ ସୁସଜ୍ଜିତ ହୋଇଥିଲା । ବମ୍ ଓ ତୋପ ଫାୟାରଦ୍ୱାରା ସାହେବଙ୍କର ଶୁଭାଗମନ ଘୋଷିତ ହେଲା । ମୋତିବାଗବଙ୍ଗଳା ନିକଟରେ ଗୋଟିଏ ଅଭ୍ୟର୍ଥନା ମଣ୍ଡପ ପ୍ରସ୍ତୁତ ହୋଇଥିଲା । ସେଠାରେ ସାହେବ ରାଜା ଓ ରାଜକର୍ମଚାରୀ ଭଦ୍ର ବ୍ୟକ୍ତିଗଣ ଆସନଗ୍ରହଣ କରନ୍ତେ କେନ୍ଦୁଝର ସ୍କୁଲର ହେଡପଣ୍ଡିତ ସଂସ୍କୃତଭାଷାରେ ଅଭିନନ୍ଦନପତ୍ର ପାଠକଲେ । ସାହେବ ଆନନ୍ଦ ପ୍ରକାଶପୂର୍ବକ ଧନ୍ୟବାଦ ଦେଲେ । ଅତର ଓ ଫୁଲ ପ୍ରଦାନ ଉତ୍ତାରୁ ସଭା ଭଙ୍ଗହେଲା । ଦିବା ୨ ୩ ଘ ସମୟରେ ସାହେବ ମହୋଦୟ ରାଜପ୍ରାସାଦକୁ ଆସି ଚିତ୍ରକଳା ପ୍ରଭୃତି ସନ୍ଦର୍ଶନ ଓ ପ୍ରତ୍ୟାଗମନ କାଳରେ ବାଟରେ ଜେଲ ଦେଖି କୋଠିରେ ବିଶ୍ରାମ କଲେ । ଭୂୟାଁମାନେ ପୂର୍ବରୁ ଦୁର୍ଗରେ ଉପସ୍ଥିତ ଥିଲେ ସେମାନଙ୍କର ପ୍ରଥା ଅନୁସାରେ ନୂତନ ରାଜାଙ୍କୁ ରାଜପଦରେ ଅଭିଷେକ କରିବା ପ୍ରକାଶ ସାହେବ ସେମାନଙ୍କୁ ଆଦେଶ ପ୍ରଦାନ କରିବାରୁ ତା ୨୮ ରିଖରେ ତାହା ସମ୍ପନ୍ନ ହେବାର ସ୍ଥିରୀକୃତ ହେଲା । ପାଠକମାନଙ୍କ କୌତୂହଳ ନିବାରଣାର୍ଥେ ଗୋଟିଏ ପ୍ରାଚୀନ ପ୍ରବାଦ ସଂକ୍ଷେପରେ ଏଠାରେ ଉଲ୍ଲେଖ କରିବା ଆବଶ୍ୟକ । ବହୁ ଶତାବ୍ଦି ପୂର୍ବେ ବର୍ତ୍ତମାନ କେନ୍ଦୁଝର ମୟୂରଭଞ୍ଜ ରାଜ୍ୟର ଅନ୍ତର୍ଗତ ଥିଲା । ମୟୂରଭଞ୍ଜର ତଦାନୀନ୍ତନ ମହାରାଜା ଏଠାର ଶାସନ କାର୍ଯ୍ୟ ଚଳାଉଥିଲେ କିନ୍ତୁ ରାଜଧାନୀର ଦୂରତ୍ୱ ହେତୁ ଲୋକେ ସୁବିଚାର ପାଉ ନ ଥିଲେ, ତହିଁରେ ଭୂୟାଁମାନେ କ୍ଷୁଣ୍ଣ ହୋଇ ମୟୂରଭଞ୍ଜ ରାଜପ୍ରାସାଦରୁ ଜଣେକ ରାଜକୁମାରଙ୍କୁ ଚୋରି କରି ଘେନି ଆସିଲେ । ସେମାନେ ଗୋଟିଏ ତେନ୍ତୁଳିଗଛ ମୂଳେ ଆସି ଉପସ୍ଥିତ ହେଲେ, ସେ ସ୍ଥାନଟି ଅତି ମନୋରମ ଥିଲା ଓ ସେଠାରେ ଗୋଟିଏ ଝରଣା ବୋହି ଯାଉଥିଲା; ତାହା ଦୁର୍ଗର ଉପଯୁକ୍ତ ସ୍ଥାନ ଥିବାର ମନେ କରି ସେହିଠାରେ ସେମାନେ ରାଜକୁମାରଙ୍କୁ ରାଜା କଲେ, ଦୁର୍ଗର ନାମ କେନ୍ଦୁଝର ହେଲା ଓ ସେହିଦିନଠାରୁ ପୁରୁଷପରମ୍ପରା ଭୂୟାଁମାନେ ଯୁବରାଜଙ୍କୁ ରାଜା କରି ଆସୁଅଛନ୍ତି । ସେମାନେ ସେମାନଙ୍କର ପ୍ରଥା ଅନୁସାରେ ରାଜା ନ କଲେ ରାଜାଙ୍କୁ ରାଜା ବୋଲି ସ୍ୱୀକାର କରନ୍ତି ନାହିଁ ।

ଉପରୋକ୍ତ ତା ୨୮ ରିଖ ଦିବା ୨ ୧୨ ଘ ସମୟରେ ସାହେବ ରାଜପ୍ରାସାଦରେ ଉପନୀତ ହେଲେ ଗଡ଼ଜାତ ମହାଲର ଆଃ ସୁପରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମଚନ୍ଦ୍ର ନାୟକ, କଟକର ବିଖ୍ୟାତ ଉକିଲ ବାବୁ ମଧୁସୂଦନ ଦାସ ସି, ଆଇ, ଇ, ରାଜକର୍ମଚାରୀଗଣ ଓ ବହୁସଂଖ୍ୟକ ଦର୍ଶକ ଜନମଣ୍ଡଳୀ ଉପସ୍ଥିତ ହେବାରୁ ସମସ୍ତେ ନୂତନ ମହାରାଜାଙ୍କର ଅଭିଷେକ କାର୍ଯ୍ୟ ଦେଖିବା କାରଣ ସିଂହାସନ ସମୀପବର୍ତ୍ତୀ ହେଲେ । ଚୌହାନ ପ୍ରଥାନୁସାରେ ଅଭିଷେକ କାର୍ଯ୍ୟ ନିର୍ବିଘ୍ନରେ ସମ୍ପନ୍ନ ହେଲା ତଦନନ୍ତର ଭୂୟାଁମାନଙ୍କ ମଧ୍ୟରୁ କେହି ହାତୀ ଓ କେହି ଘୋଡ଼ା ହେଲେ, ନୂତନ ମହାରାଜାଙ୍କୁ ହାତୀରେ ବସାଇ ସେମାନେ ଅନ୍ୟ ଗୋଟିଏ ମେଳାକୁ ଘେନିଗଲେ ସେଠାରେ ଗଦି ଝରଣା ହୋଇଥିଲା; ଉକ୍ତ ଝରଣାର ଚତୁଃପାର୍ଶ୍ୱ ତିନଥର ପ୍ରଦକ୍ଷିଣ କଲା ପରେ ଭୂୟାଁଙ୍କ ମଧ୍ୟରୁ ଜଣେ ଜାନୁପାତ କରି ଝରଣାରେ ବସିଲା; ଏଠାରେ ବୋଲି ରଖିଲା ଯେ ଜାନୁକୁ ଭୂୟାଁମାନେ ସିଂହାସନ ସ୍ୱରୂପ ମନେ କରନ୍ତି । ନୂତନ ମହାରାଜା ଉପରୋକ୍ତ ଭୂୟାଁ ଜାନୁ-ସିଂହାସନରେ ବସିବାରୁ ମଙ୍ଗଳାର୍ପଣ କାର୍ଯ୍ୟ ସମ୍ପନ୍ନ ହେଲା । ଜଣେ ଭୂୟାଁ ସିଆଳି-ପତ୍ରର ଛତ୍ର ରାଜାଙ୍କ ମସ୍ତକରେ ଧାରଣ କଲା, ଅନ୍ୟ ଜଣେ ଶିମଡାଳ ପାଗ ସଦୃଶ ମସ୍ତକରେ ବାନ୍ଧି ଦେଲା ଓ ଉକ୍ତ ଲତାର ଗୋଟିଏ ପଇତା ସ୍ୱର୍ଣ୍ଣ ପଇତା ସଦୃଶ ରାଜାଙ୍କ ଗଳାରେ ଲମ୍ବାଇ ଦେଲା, ଅତଃପର ରାଜାଙ୍କ ହସ୍ତରେ ଖଣ୍ଡେ ତରୁଆଲ ପ୍ରଦାନ କରି ବଳି ନିମନ୍ତେ ଗୋଟିଏ ଭୂୟାଁକୁ ଶୁଆଇ ଦେଲେ । ରାଜା ଉକ୍ତ ଭୂୟାଁ ଗଳାରେ ତରୁଆଲ ଛୁଆଇଁ ଦେବାରୁ ଅନ୍ୟ ଜଣେ ଭୂୟାଁ ରାଜାଙ୍କ ହସ୍ତରୁ ତରୁଆଲ ନେଇ ଅଦୃଶ୍ୟ ହୋଇଗଲା ଉକ୍ତ ଭୂୟାଁ ଗଳାରେ ଛୁଆଇଁ ଦେଲା ଏଥିର ମର୍ମ୍ମ ଏହି ଯେ ସେମାନେ ରାଜାଙ୍କୁ ରାଜାଙ୍କର ମୃତ୍ୟୁଦଣ୍ଡ କ୍ଷମତା ତାଙ୍କୁ ଅର୍ପଣକଲେ । ଏହି ଦୃଶ୍ୟଟି ଅତି କୌତୁହଳଜନକ ହୋଇଥିଲା । ସମସ୍ତେ ଏଥିରେ ମଗ୍ନ ହୋଇଥିଲେ । ରାଜା ରାଜଭବନରେ ଦେବ ଦର୍ଶନ ନିମନ୍ତେ ବହିର୍ଗତ ହେଲେ ଓ ରାଜପ୍ରାସାଦସ୍ଥ ଘୁମର ବାଜଣା ବଜାଇଲେ ଏହି ସମୟରେ ରାଜମାର୍ଗରେ ଅନେକ ପଇସା ବିଞ୍ଚା ହୋଇଥିଲା । ଏ ଦୃଶ୍ୟ ମଧ୍ୟ ମନୋମୁଗ୍ଧକର ହୋଇଥିଲା । ଭୂୟାଁମାନଙ୍କୁ ପ୍ରଚୁର ପରିମାଣରେ ଉପାଦେୟ ଖାଦ୍ୟ ସାମଗ୍ରୀ ଓ ନୂତନ ବସ୍ତ୍ର ମହାରାଜା ପ୍ରଦାନ କରି ବିଶେଷ ପ୍ରଶଂସାର୍ହ ହୋଇଅଛନ୍ତି ।

ତା ୨୯ ରିଖ ସକାଳ ଓଳି ସାହେବ ସ୍କୁଲ ଓ ଡିସ୍ପେନସରି ପରିଦର୍ଶନ କଲେ ଓ ସ୍କୁଲରେ କେତେକ ବାଳକଙ୍କୁ ପୁରସ୍କାର ବିତରଣ କଲେ । ତା ୨୯ ରିଖ ଓ ତା ୩୦ ରିଖ ସକାଳଓଳି ଅଫିସ କାର୍ଯ୍ୟ ପରିଦର୍ଶନ କଲା ପରେ ତା ୩୦ ରିଖ ଅପରଓଳି ସାହେବ ଗନ୍ଧମାଦନ ପର୍ବତ ଦେଖି ପାଲଲହଡ଼ା ଅଭିମୁଖେ ଗମନ କଲେ । ପ୍ରକୃତଃ ସାହେବ କେନ୍ଦୁଝରରେ ଅତିଶୟ ସନ୍ତୁଷ୍ଟ ହୋଇଅଛନ୍ତି ଓ ନରେଶ ଉପଯୁକ୍ତ ହେବାରୁ ସ୍ୱାଧୀନ ରାଜାଙ୍କୁ ଦେବା ନିମନ୍ତେ ପ୍ରତିଶ୍ରୁତ ହୋଇଅଛନ୍ତି । ଶୁଣିଲୁ ରାଜାଙ୍କ କ୍ଷମତା ସମ୍ବନ୍ଧେ ଗଭର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ ପଠା ଯାଇଅଛି ।

ଆଃ ସୁପରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମଚନ୍ଦ୍ର ନାୟକ ଆନନ୍ଦପୁରବାଟେ ପ୍ରତ୍ୟାଗମନ କରି ଆନନ୍ଦପୁର ସବ ଡିଭିଜନ ପରିଦର୍ଶନ କରୁଅଛନ୍ତି । ଏଠାରୁ କେନ୍ଦୁଝର ପୂର୍ବ ସୀମା ବିବାଦ ନିଷ୍ପତ୍ତି ନିମନ୍ତେ ଯୋଶିପୁର ମୁକାମକୁ ଯିବେ ଓ ସେଠାରୁ କଟକ ପ୍ରତ୍ୟାଗମନ କରିବେ ।

ବାବୁ ମଧୁସୂଦନ ଦାସ ସି, ଆଇ, ଇ, ଉକିଲ କଟକ ଫେରି ଆସିଅଛନ୍ତି ।

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ବାଲେଶ୍ୱରର ଅଫିସିଏଟିଂ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଜେ ବର୍ଣ୍ଣେସଙ୍କ ସମ୍ବଲପୁର ବଦଳିର ଆଦେଶ ରହିତ ହେଲା ।

ଡେଃ ମାଜିଷ୍ଟ୍ରେଟ ଓ ଡେପୁଃ କଲେକ୍ଟର ବାବୁ ବୈଦ୍ୟନାଥ ମିଶ୍ର ୮ ମ ଗ୍ରେଡରେ ବାହାଲ ହେଲେ ।

ପଦୁଆ ନଗର ଡେଃ କଲେକ୍ଟର ବାବୁ ଜ୍ଞାନେନ୍ଦ୍ରନାଥ ମିତ୍ର କଟକଜିଲାର ସଦର ମହକୁମାରେ ଅବସ୍ଥାପିତ ହେଲେ । ପୂର୍ବୋକ୍ତ ବଦଳି ଆଦେଶ ରହିତ ହେଲା ।

ଅସ୍ଥାୟୀପଦ ଖାଜଣାର ଦାରଗାର ଇନ୍‌ସପେକ୍ଟର ଇନ୍ଦ୍ରେଶ୍ୱର ବାବୁ ଶରତଚନ୍ଦ୍ରର ପାଲ ମା ୨ । ୨୮ ଦିନର ଛୁଟି ପାଇଲେ ଓ ତାଙ୍କ ସ୍ଥାନରେ ବାଙ୍ଗୀ ଦାରଗାର ସବ ସେକ୍ଷନ ଇନ୍‌ସପେକ୍ଟର ଇନ୍ଦ୍ରଜିତ୍, ବାବୁ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ନିଯୁକ୍ତ ହେଲେ ।

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଶୀତ ପ୍ରବଳ ହୋଇଅଛି । ଦିନ ଓ ରାତି ବିଷୟ କରି ନାହିଁ ଦେଖାଯାଏ ।

ଏଣିକି ଅମ୍ବଗଛରେ ବଉଳ ଦେଖାଯାଉଅଛି ।

ଅସ୍ମାକଙ୍କର ମାନନୀୟ କମିଶନର ସାହେବ ଏସ୍, ଜି, ଗ୍ରିଫିଥ ସାହେବ ବାମଣ୍ଡା ଗମନ କରିଅଛନ୍ତି । ସେଠାରୁ ସମ୍ବଲପୁର ଗମନ କରିବେ ଓ ସେଠାରେ ପ୍ରାୟ ଏକସପ୍ତାହ ଅବସ୍ଥାନ କରି ଆସନ୍ତା ତା ୨୧ ରିଖରେ ଏ ନଗରକୁ ପ୍ରତ୍ୟାଗମନ କରିବେ ।

Digitized by srujanika@gmail.com

Split by PDF Splitter



କଟକଜାତର ଅଣିଶ୍ୟାଣ ସ୍କୁଲର ଭାବୁ ସୁବାମଭଜ୍ ଜାସୁର ହେଡ଼ମାଷ୍ଟର ଗତରୁ ଅଜଗୁଲ ମୁକାମରୁ ଗତ ତା ୬ ରିଖରେ ଫେରି ଆସିଅଛନ୍ତି ।

ଶ୍ରୀଯୁକ୍ତ କଲେକ୍ଟର ସାହେବ ଉକ୍ତ ସ୍ଥାନଙ୍କଠାରୁ ବାଙ୍କୀ ଓ ଜମଡ଼ା ପରଗଣା ଭ୍ରମଣକୁ ଯାଇଅଛନ୍ତି । ଆଗାମୀ କାଲି ଏଠାକୁ ଫେରି ଆସିବେ ।

### ସାଧାରଣ ସମ୍ବାଦ ।

ମାନ୍ୟବର ଗୋଖେଲ ମହାଶୟ ବଙ୍ଗଳର କାର୍ଯ୍ୟ ଶେଷ କରି ଗତମାସ ତା ୨୨ ରିଖରେ ଭାରତ ଅଭିମୁଖେ ଯାତ୍ରା କରିଥିବାର ସମ୍ବାଦ ମିଳିଲା ।

ଉତ୍ତର ଲଣ୍ଡନ ନଗରରେ ଦଶସହସ୍ର କାର୍ଯ୍ୟଶୂନ୍ୟ ଲୋକ କେବଳ ଭାତ ସଡ଼କମାନଙ୍କରେ ବୁଲୁଅଛନ୍ତି ଏବଂ ନାନା ପ୍ରକାର କଷ୍ଟ ଭୋଗୁଅଛନ୍ତି । ଏମାନଙ୍କର ସାହାଯ୍ୟ ପାଇଁ ୨୫୦୦୦ ପାଉଣ୍ଡ ଜମା ହୋଇଥିବାର ସମ୍ବାଦ ମିଳିଲା ।

ରୁଷିଆ ଉତ୍ତର ଶୋଚନୀୟ ଅବସ୍ଥା ଲାଗିରହିଅଛି । ଯିହୁଦୀମାନଙ୍କୁ ମାରିପକାଉଥିବାରୁ ସେମାନଙ୍କର ପରିବାରବର୍ଗଙ୍କର ସାହାଯ୍ୟାର୍ଥ ଇଂଲଣ୍ଡରେ ୧,୭୦,୦୦୦ ପାଉଣ୍ଡ ଚାନ୍ଦା ଉଠିଅଛି ।

ସିହୁଦୀମାନଙ୍କର ସାହାଯ୍ୟାର୍ଥ ଆମେରିକାରେ ଯେଉଁ ଚାନ୍ଦା ସଂଗୃହୀତ ହୋଇଅଛି ତାହାର ପରିମାଣ ୭,୪୪,୦୦୦ ପାଉଣ୍ଡ ହୋଇଥିବାର ସମ୍ବାଦ ମିଳିଲା ।

ଅସ୍ମାକଙ୍କର ଯୁବରାଜ କଲିକତାରୁ ଶୁଭଗମନ କରିବା ଉପଲକ୍ଷରେ କଲିକତାର ମାରବାଡ଼ିମାନେ ଆଗାମୀ ଜାନୁଆରୀ ମାସ ତା ୩ ରିଖରେ ଅପରାହ୍ନ ୬ ଘଡ଼ି ସମୟରେ ତାଙ୍କର ଏବଂ ତାଙ୍କ ପତ୍ନୀଙ୍କ ସ୍ୱର୍ଣ୍ଣ ଗୁଜରାଟ ବାଗିଚାରେ ଉକ୍ତ ରାତି ସଭା ବଙ୍ଗଳାୟସ୍ତ ଦେବଙ୍କ ପୂଜା କରିବା କାରଣ ସେହି ଦେବତାଙ୍କ ମନ୍ଦିରକୁ ଗମନ କରିବାର ବ୍ୟବସ୍ଥା କରିଅଛନ୍ତି ।

କଲିକତାଠାରେ ଜଣେ ୧୮ ବର୍ଷୀୟ ଯୁବକର ଉଦର ମଳ ହୋଇ ଯିବାରୁ ତାହାର ଗୁରୁତର ପୀଡ଼ା ଅନେକ ଥର ସାଙ୍ଘାତିକ ହୋଇ ପଡ଼ିଲା । ଯୁବକ ଏଥିରେ ଭଲ ହୋଇ ବଡ଼ବଜାରେ ଅପଣା ମାମୁଁ ସଙ୍ଗେ ସେଠାରେ ରହୁଥିଲା କରୁ ନାହିଁ ବୋଲି ଯୁବକର ପିତା ତାକୁ ଅଟକାଇ କହିଲେ । ପୂର୍ବର ମଳ ଉଦ୍ଧତ କଥା ତାହାର ପୂର୍ବ ଜାଣ ଥିଲେ ଏବଂ ସେ ଅପଣା ସ୍ଥାନର ଘରବାଡ଼ିରେ ଯୁବକ ସଙ୍ଗେ ଯିବାକୁ ଉଦ୍ୟୋଗ କଲେ । ସୁତରାଂ ଯେ କଥା ନ ଶୁଣି ଯୁବକ ଓ ତାହାର ମାମୁଁ ଘରକୁ ଗଲେ । ପଥ ମଧ୍ୟରେ ଯୁବକ ଅପଣାଠାରେ ଲୁଚାଇ ରଖିଥିବା ଛୁରୀରେ ବାହାର କରି ଅପଣା ଗଳା କାଟିଦେଇ ତତକ୍ଷଣାତ୍ ପ୍ରାଣ ତ୍ୟାଗ କଲା । ଅଭିଯୋଗରେ ଥିବ ହୋଇ ତଦନ୍ତାଧୀନ ଅଛନ୍ତି ।

ଲକ୍ଷ୍ନୌଠାରେ ଜଣେ ସୁନାର ଯୁବକଙ୍କୁ ଏକ କନ୍ଷ୍ଟେବଲ ଚୁନା ଦାଗି ମାରି ପକାଇ ଥିବାର ସମ୍ବାଦ ମିଳିଲା । ସେହି କନ୍ଷ୍ଟେବଲ ତାହାରି କାର୍ଯ୍ୟର ଦୋଷ ହେତୁ ଗାର ଦେଇ ଥିଲା । କନ୍ଷ୍ଟେବଲ ତହିଁରେ କ୍ରୁଦ୍ଧ ହୋଇ ତାକୁ ମାରି ପକାଇଲା ।

ଅଫଗାନିସ୍ଥାନର ଆମୀର ଯୁବରାଜ-ଅଭିଷେକ ମହୋତ୍ସବ କରି ଉଠିବା କାରଣ ଅଧର୍ଣ୍ଣ ଚାନ୍ଦିର ଅନେକ ମୁଦ୍ରା କରିଅଛନ୍ତି ଏବଂ ଗ୍ରାଉଣ୍ଡସ ଶାସକ ବର୍ଦ୍ଧମାନଙ୍କ ଉକ୍ତ ମୁଦ୍ରା ଉପହାର ପଠାଇଅଛନ୍ତି ।

ଖ୍ରୀଷ୍ଟଦେଶର ରାଜା ବର୍ତ୍ତମାନ ଭାରତକୁ ଭ୍ରମଣାର୍ଥ ଆସିଥିବାରୁ ତାଙ୍କ ଶୋଭା ବଢ଼ାଇବାର ନାନାପ୍ରକାର ଆମୋଦ ପ୍ରମୋଦ ଓ ଭୋଜରେ ଅସ୍ମାକଙ୍କର ସମ୍ରାଟମହୋଦୟ ବ୍ୟସ୍ତ ଥିବାର ସମ୍ବାଦ ମିଳିଲା ।

ବର୍ତ୍ତମାନ ଗ୍ଲାସଗୋ ନଗରରେ ଗୋଟିଏ ଅଦର୍ଶ ବଜାରରେ ଲକ୍ଷ ଲଗିବାରୁ ୬ ୩୧ ଜଣ ଲୋକ ପୋଡ଼ି ମରିଅଛନ୍ତି । ସେ ଘରେ ଜଣ ଲୁଗିଲଗେଲେ ୬ ୩୮ ଜଣ ଲୋକ ହତ ହୋଇଥିଲେ ।

ବୋମ୍ବାଇଠାରୁ ତାର ଦେବା ପରେ ଅସ୍ମାକଙ୍କର ଯୁବରାଜ ମହୋଦୟଙ୍କ ସଙ୍ଗେ ବୋମ୍ବାଇର ଗବର୍ଣ୍ଣର ମହୋଦୟ ସେଠା ରେଲଷ୍ଟେସନ ମାଷ୍ଟର ତୋଷାଗାର ବାବାଗର ମହାଶୟଙ୍କ ସାକ୍ଷାତ କରାଇ ଦେଲେ । ଯୁବରାଜ ମହୋଦୟ ଷ୍ଟେସନ ମାଷ୍ଟରଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ଯୁବରାଜ ଚିହ୍ନିତ ରୌପ୍ୟନିର୍ମିତ ହାତର ବୋତାମ ଯୋଡ଼ାଏ ପୁରସ୍କାର ଦେଇଅଛନ୍ତି ।—ଏହା ପ୍ରକାର ଗୁଣ ଗ୍ରହଣ କରିବାଠାରୁ ସୁନ୍ଦର ବିଷୟ ଆଉ କଣ ନାହିଁ ।

ଉତ୍ତରର ତାଷିସମା ଭରତବର୍ଷରେ ଆସି ବୌଦ୍ଧଧର୍ମର ପ୍ରଧାନ ତୀର୍ଥମାନ ଭ୍ରମଣ କରୁଅଛନ୍ତି । କଲିକତାକୁ ଫେରି ଯିବେ ।

ପଞ୍ଜାବପ୍ରଦେଶରେ ବିଲାତୀ ଚିନି ଅମଦାନି ନ କରି ଦେଶୀ ଚିନି ବ୍ୟବହାର କରିବା ସକାଶେ ନାନା ସ୍ଥାନରେ ସଭାସମିତି ହୋଇଯାଇଥିବାର ସମ୍ବାଦ ମିଳିଲା । ଦେଶୀୟ ଦ୍ରବ୍ୟର ଆଦର କ୍ରମେ ବଢ଼େ ଏହିତ ଭଲ ।

ବାଲିଗଞ୍ଜ ଷ୍ଟେସନଠାରେ ଜଣେ ସାହେବ ଗୋଟିଏ ଦେଶୀୟ ପିଲାକୁ ଗୁଳି ଦାଗିଥିବାରୁ ସେଥିର ତଦନ୍ତ ଲାଗିଅଛି ।

### ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ଶ୍ରୀନିବାସ ବାନର୍ଜୀ—ବିଶେଷ କଥା ନଥିବାରୁ ପତ୍ରଟି ଉପେକ୍ଷିତ ହେଲା ।

ଶ୍ରୀ ଉପେନ୍ଦ୍ରଚରଣ ଦାସ—ମୟୂରଭଞ୍ଜ ମହାରାଜାଙ୍କର ପ୍ରଶଂସା ପଦ୍ୟରେ ବର୍ଣ୍ଣନା କରିଅଛନ୍ତି । ଏପରି ପଦ୍ୟ ପ୍ରକାଶ କରିବା ଆବଶ୍ୟକ ବୁଝୁ ନାହୁଁ ।

ଜଗନ୍ନାଥ ସମ୍ବାଦଦାତା—ସମ୍ବାଦପତ୍ର ଲୋକେ ବ୍ୟବସ୍ଥା ଲେଖିବା ସହଜ ଉପାୟ ନୁହେଁ । କୌଣସି ବ୍ୟବସ୍ଥାରେ ଆପତ୍ତି ଉପସ୍ଥିତ ହେଲେ ତହିଁର ଆଲୋଚନା ସମ୍ବାଦପତ୍ରରେ ହୋଇ ପାରେ ।

ଶ୍ରୀ—ଭୂଅଧିକାରୀମାନେ ସୁଖରେ ଜଳ ନିଷ୍କାଶ ବନ୍ଦ କରିବାରୁ ଏ ନଗରରେ ଜ୍ୱର ବୃଦ୍ଧି ହେବାର ଗୋଟିଏ ପ୍ରଧାନ କାରଣ ବୋଲି ଇଂରାଜୀରେ ଲେଖିଅଛନ୍ତି । ଏପରି ପ୍ରସ୍ତାବ ମ୍ୟୁନିସିପାଲିଟିରେ ଆବେଦନ କଲେ ଭଲ ହେବ ।

ଶ୍ରୀ ମୃତ୍ୟୁଞ୍ଜୟ ମିଶ୍ର କୋଠଦର୍ଶନ—ଜଗନ୍ନାଥ ବୃନ୍ଦାବନ ଚନ୍ଦ୍ର ହର୍ଷ ବିଷୟରେ ଅଧିକ ଆଲୋଚନାର ପ୍ରୟୋଜନ ଦେଖା ନ ଯିବାରୁ ଉପେକ୍ଷିତ ହେଲା ।

ସେକ୍ରେଟେରି ପ୍ରେସ ଅସୋସିଏସନ—ବର୍ତ୍ତମାନ ଉକ୍ତ ବେଲଗ୍ରାମରେ ହାଇକୋର୍ଟର ଗୋଟିଏ ଭାରତୀୟ ପ୍ରତିଷ୍ଠାନ ଉଦ୍ୟୋଗ କରିଥିବା ଏବଂ ତହିଁପାଇଁ ଉପଯୁକ୍ତ ହୋଇଥିବା ଭାରତର ବାଲେଶ୍ୱର ନିବାସୀ ବାବୁ ଜୟନାରାୟଣ ଦାସ ଗୁପ୍ତ ଯୁବକଙ୍କ ସାହାଯ୍ୟ ଅଭିନନ୍ଦନରେ ପ୍ରଶଂସା ଲଭିଥିବାର ଲେଖିଅଛନ୍ତି ।

### ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ନିମ୍ନଲିଖିତ ବିଷୟଟି ଆପଣଙ୍କ ପତ୍ରିକାରେ ଛପାଇ ବାଧିତ କରିବା ହେବେ ।

ମହାଶୟ !

ତା ୧୮ ରିଖ ଚନ୍ଦ୍ରିକା ତବାବଦୀରେ ସମ୍ପାଦକ ମହାଶୟ ଗଞ୍ଜାମବାସୀମାନଙ୍କ ପ୍ରତି ଯେଉଁ ସହାନୁଭୂତି ପ୍ରକାଶ କରିଅଛନ୍ତି ତାହା ସେମାନେ କଦାପି ବିସ୍ମରଣ ହେବେ ନାହିଁ ଉତ୍କଳସମ୍ମିଳନୀର ନେତାମାନେ ଗଞ୍ଜାମକୁ ଏହାଥରକେ ବିସ୍ମରଣ କରିଅଛନ୍ତି ଏହା କହିବା ବାହୁଲ୍ୟ ମାତ୍ର । ଗଞ୍ଜାମ ବର୍ତ୍ତମାନ ଅନାଥ ଗଛଳ । ଓଡ଼ିଶାର ଶିକ୍ଷକ, ଓଡ଼ିଶାର ଓକିଲ, ଓଡ଼ିଶାର କ୍ଲାର୍କ ନ ଆସିଲେ ଗଞ୍ଜାମର ଦୁର୍ଦ୍ଦଶା ପରିବର୍ତ୍ତନ ସୁଦୂର ପରାହତ । ଏଥିପାଇଁ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଏବେ ନଂ ଓ ନ $\frac{୮୭୨}{୨୪-୧୧-୦୪}$ ରେ ଏହି ଆଦେଶ ଜାରି କରିଥିଲେ ଯେ ଗଞ୍ଜାମ ଓ ଭିଶାଖାପଟଣା ଜିଲ୍ଲାରେ ଯେ କୌଣସି ସ୍ଥାନର ଓଡ଼ିଆ ଲୋକମାନେ କାର୍ଯ୍ୟ ପ୍ରାର୍ଥୀ ହେଲେ ସେମାନଙ୍କ ଦାବୀ ବିଷୟ ସର୍ବପ୍ରଥମେ ଆଲୋଚନା କରିବାକୁ ହେବ । ମାନ୍ଦ୍ରାଜ ହାଇକୋର୍ଟ ନିୟମାନୁସାରେ କଲିକତାରେ ବି, ଏଲ, ପାଶ କରିଥିବା ଯେ କୌଣସି ଓକିଲ ହାଇକୋର୍ଟଙ୍କୁ ଜଣାଇଲେ ଅନୁମତି ଲଭି ଗଞ୍ଜାମ ଜିଲ୍ଲାରେ ଓକାଲତି କରି ପାରନ୍ତି । ଗଞ୍ଜାମରୁ କୌଣସି ଓଡ଼ିଆ ଓକିଲ ଥିଲେ ଓଡ଼ିଶା ଅପେକ୍ଷା ଯେ ଅଧିକ ଲାଭବାନ ହେବେ ଏଥିରେ ସନ୍ଦେହ ନାହିଁ । ଏମନ୍ତ ଥିବା ସ୍ଥଳେ ଓଡ଼ିଶାର ଉକିଲମାନେ କାହିଁକି ନିଶ୍ଚେଷ୍ଟ ଅଛନ୍ତି ? ଏହା ଓଡ଼ିଆମାନଙ୍କର ପରସ୍ପର ସହାନୁଭୂତିର ଅଭାବ । ହୃଦୟଶୂନ୍ୟତା ଓ ସ୍ୱାର୍ଥପରତାର ପ୍ରଧାନ ପରିଚୟ । ମୁଁ ଉକ୍ତ ବିଷୟ ଅଛିଲର କଥା ଉତ୍ତମରୂପେ ଜାଣେ ଏଥିରୁ ଓଡ଼ିଶାର ଉକିଲ ଭାଇମାନଙ୍କୁ ବିଶେଷ ଅନୁରୋଧ ଏହି ଯେ ସେମାନେ ସାହସ ଓ ଧୈର୍ଯ୍ୟ ଅବଲମ୍ବନପୂର୍ବକ ଗଞ୍ଜାମକୁ ଅଗ୍ରସର ହେଲେ ସେମାନଙ୍କର ତଥା ଗଞ୍ଜାମବାସୀମାନଙ୍କର ଅଶେଷ କଲ୍ୟାଣ ସାଧିତ ହେବ ।

ଆପଣଙ୍କ

ଶ୍ରୀ ରଘୁନାଥ ମିଶ୍ର

ଓକିଲ, ଅସ୍କା ।

ମହାଶୟ !

ଗତସପ୍ତାହର ଦୀପିକାରେ ପ୍ରକାଶିତ "ଶ୍ରୀ-ମ, ପୁରୀ" ସ୍ୱାକ୍ଷରିତ ପତ୍ରଖଣ୍ଡି ପାଠ କରି ଅତ୍ୟନ୍ତ ଦୁଃଖିତ ହୋଇଅଛୁ । କେତେକ ଦିନ ପୂର୍ବେ ପ୍ରଜାବନ୍ଧୁରେ ମଧ୍ୟ ସେହି ଖବର କେତେକ କଥା ପ୍ରକାଶ ହୋଇଥିଲା । କିନ୍ତୁ କେଉଁ ବିଶେଷ କାରଣରୁ ଯେ ଏସମ୍ବନ୍ଧେ ଏତେ ଲେଖା ଲେଖି ହେଉଅଛି ତାହା କିଛି ବୁଝି ପାରୁନାହୁଁ । ପ୍ରଜାବନ୍ଧୁର ଲେଖକ "ବଙ୍ଗାଳ ଫେଲର" ଶବ୍ଦ ବ୍ୟବହାର କରି ଆପଣାର ଉକ୍ତିସ୍ଥିତିକୁ କେତେକ ପରିମାଣରେ ଯୁକ୍ତିସଙ୍ଗତ କରିବାର ଚେଷ୍ଟା କରିଅଛନ୍ତି । କିନ୍ତୁ "ଶ୍ରୀ ମ—"ଙ୍କର ଆପତ୍ତିର କାରଣ ତାହାଁ

Digitized by srujanika@gmail.com